ସଂଚାର
THE SANCHAR
Website: sanchar.live   mail Id: sancharodisha@gmail.com
RNI NO :ODIODI/2001/04811   Postal Regd No : BN/249/15-17

ମୁହଁ ଖୋଲିଲା ଶଙ୍କର ପୃଷ୍ଠି

ପୃଷ୍ଠା ୩

ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୁନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ

Mail :- sancharodisha@gmail.com
Whatsapp :- +91 8093008776

ନିବେଶକଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ୋକ୍ତି

ଓଡ଼ିଶା ହେବ ଭାରତର ଅଭିବୃଦ୍ଧି ଇଞ୍ଜିନ୍

- ୬୭ ହଜାର କୋଟି ନିବେଶ ପାଇଁ ଚୁକ୍ତି
- ନିଯୁକ୍ତି ପାଇବେ ୫୬ ହଜାର ଯୁବକଯୁବତୀ

ହାଇଦ୍ରାବାଦ,୧୯।୧୨: ଓଡ଼ିଶା ଭାରତର ଅଭିବୃଦ୍ଧି ଇଞ୍ଜିନ୍ ହେବାକୁ ଯାଉଛି। ନିବେଶକ ସମ୍ମିଳନୀ ହେଉଛି ଦୀର୍ଘକାଳୀନ ସହଭାଗୀତା ନିର୍ମାଣ କରିବା ସକାଶେ ଏକ ପ୍ଲାଟଫର୍ମ ଯାହା ନିବେଶ ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିଥାଏ। ଆଜି ହାଇଦ୍ରାବାଦରେ ଓଡ଼ିଶା ନିବେଶକ ସମ୍ମିଳନୀରେ ଶିଳ୍ପ ନେତାମାନଙ୍କୁ ସମ୍ବୋଧିତ କରି ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ନୀତି ସ୍ଥିରତା, ପ୍ରତିଯୋଗିତାମୂଳକ ମୂଲ୍ୟ ଓ ଏକ ସହଜ ଶାସନ ଢାଞ୍ଚା ମାଧ୍ୟମରେ ରାଜ୍ୟ ନିଜକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରି ପ୍ରମୁଖ ନିବେଶ ଲକ୍ଷ୍ୟସ୍ଥଳ ଭାବେ ସ୍ଥାନିତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦେଶର ପ୍ରମୁଖ ଶିଳ୍ପ ଟାଇକୁନମାନଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ, ରାଜ୍ୟର ବିବିଧ ଶିଳ୍ପ ଇକୋସିଷ୍ଟମକୁ ପ୍ରଦର୍ଶନ ସହ ସମ୍ଭାବ୍ୟ ଉଦୀୟମାନ କ୍ଷେତ୍ରଗୁଡ଼ିକରେ ନିବେଶ ନିଷ୍ପତ୍ତିକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ନିବେଶକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୂତନ ନିବେଶ ସୁଯୋଗର ଅନୁସନ୍ଧାନ, ସହଭାଗୀତାକୁ ସୁଦୃଢ଼ କରିବା ଓ ବଜାରଚାଳିତ, ମୂଲ୍ୟଯୁକ୍ତ ତଥା ନିଯୁକ୍ତି-ମୁଖୀ ଶିଳ୍ପ ଅର୍ଥନୀତିକୁ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧି ଯୋଗଦେଇଥିଲେ। ଭାରତର ଶିଳ୍ପ ଅଭିବୃଦ୍ଧିର ପରିବର୍ତ୍ତିତ ଭୌଗୋଳିକ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବୋଦୟର ଜାତୀୟ ଦୃଷ୍ଟିକୋଣ ଅଧୀନରେ ଓଡ଼ିଶା ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବେ ଉଭା ହେଉଛି। ଏହା ଦୃଢ଼ ଭିତ୍ତିଭୂମି, ଆର୍ଥିକ ଶୃଙ୍ଖଳା ଏବଂ ପ୍ରତିକ୍ରିୟାଶୀଳ ଶାସନ ଦ୍ୱାରା ସମ୍ଭବ ହୋଇଛି।

ମୁଖ୍ୟମନ୍ତ୍ରୀ ରାଜ୍ୟର ରଣନୈତିକ ସୁବିଧା, ଏହାର ବ୍ୟାପକ ଉପକୂଳ, ବନ୍ଦର-ଅଭିମୁଖୀ ବିକାଶ, ଶିଳ୍ପ କରିଡର ବିସ୍ତାର ଓ ବହୁମୁଖୀ ସଂଯୋଗୀକରଣ ଉପରେ ଆଲୋକପାତ କରିଛନ୍ତି। ରାଜ୍ୟରେ ଉପଲବ୍ଧ ଏହି ➪ପୃଷ୍ଠା-୬

ହସୀନା ବିରୋଧୀ ହଦିଙ୍କ ମୃତ୍ୟୁ, ତାତିଲେ ବାଂଲାଦେଶୀ

ବ୍ୟାପକ ପୋଡ଼ାଜଳା, ହିନ୍ଦୁ ଯୁବକଙ୍କୁ ହତ୍ୟା

ଢାକା,୧୯।୧୨: ପୁଣିଥରେ ଅଶାନ୍ତ ହୋଇଉଠିଛି ବାଂଲାଦେଶ। ଗତ ବର୍ଷ ଦେଶରେ ବ୍ୟାପକ ହିଂସାକାଣ୍ଡ ହୋଇଥିବା ବେଳେ ଆଜି ପୁଣିଥରେ ଦେଶରେ ସମାନ ଅବସ୍ଥା ଦେଖାଦେଇଛି। ଗତକାଲି ସିଙ୍ଗାପୁରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସୀନାଙ୍କ ପ୍ରମୁଖ ବିରୋଧୀ ଭାବେ ଜଣାଶୁଣା ନେତା ଶରିଫ୍ ଓମାନ୍ ହଦି ମୃତ୍ୟୁବରଣ କରିବା ପରେ ଏହା ବିରୋଧରେ ବାଂଲାଦେଶ ରାଜଧାନୀ ଢାକାରେ ସାଧାରଣ ଲୋକେ ବ୍ୟାପକ ହିଂସାକାଣ୍ଡ ଭିଆଇଛନ୍ତି। ସେମାନେ ବିଶେଷକରି ଗଣମାଧ୍ୟମ କାର୍ଯ୍ୟାଳୟକୁ ଟାର୍ଗେଟ୍ କରିଥିଲେ। ଢାକାସ୍ଥିତ ଦୁଇଟି ପ୍ରମୁଖ ଗଣମାଧ୍ୟମ ➪ପୃଷ୍ଠା-୬

ଜାଳିଦେଲେ ଦୁଇ ଗଣମାଧ୍ୟମ କାର୍ଯ୍ୟାଳୟ

● ଭୁବନେଶ୍ୱରରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର ପ୍ରତିଷ୍ଠା ପ୍ରସଙ୍ଗ

୯୩ କୋଟିର ଅନୁଦାନ ଦେବେ କେନ୍ଦ୍ର ସରକାର

କେନ୍ଦ୍ର ମନ୍ତ୍ରୀ ଜିତିନ ପ୍ରସାଦଙ୍କ ଘୋଷଣା

ଭୁବନେଶ୍ୱର,୧୯।୧୨(ସଂଚାର ବ୍ୟୁରୋ): ସଂଶୋଧିତ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱର ଇନଫୋଭ୍ୟାଲିଠାରେ ଏକ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର ନିର୍ମାଣକୁ ମଞ୍ଜୁରୀ ମିଳିଛି। ଆଜି ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ରାଷ୍ଟ୍ର ମନ୍ତ୍ରୀ ଜିତିନ ପ୍ରସାଦ। ସେ କହିଛନ୍ତି ଯେ ଏହି ପ୍ରକଳ୍ପରେ ୨୦୦.୭୬ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୩.୩୭ ଏକର ଜମିରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପରେ କେନ୍ଦ୍ର ସରକାର ୯୩.୦୯ କୋଟି ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇଦେବେ। ଏହି ପ୍ରକଳ୍ପରେ ୧୫୩୦ କୋଟି ଟଙ୍କାର ନିବେଶ ସହ ୩ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ଆଶା ରହିଛି। ଏହାଛଡ଼ା ସେମିକନ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ୪ ହଜାର ୩ କୋଟିରୁ ଅଧିକ ଟଙ୍କା ବ୍ୟୟରେ ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍‌କୁ ମଞ୍ଜୁରୀ ମିଳିଥିବା କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏସବୁ ➪ପୃଷ୍ଠା-୬

ପ୍ରିୟା ହୋଟେଲରେ ୬ରୁ ଚନ୍ଦକାରେ ୬୦

ଯୁଦ୍ଧଂଦେହି ଡାକରା ଦେଲେ ବିଜୁ ପରିବାର

ଭୁବନେଶ୍ୱର,୧୯।୧୨(ସଂଚାର ବ୍ୟୁରୋ): ୧୮ ମାସ ତଳେ ପ୍ରିୟା ହୋଟେଲରେ ଏକାଠି ହୋଇଥିଲେ ୬ ଜଣ ବିଜୁ ଅନୁଗତଙ୍କ ଉତ୍ତରାଧିକାରୀ। ଆଉ ୬ରୁ ଏହି ଶକ୍ତି ଆଜି ୬୦କୁ ବୃଦ୍ଧି ପାଇଛି। ଚନ୍ଦକା ଅଭୟାରଣ୍ୟର ଝୁମୁକାରେ ଭୋଜି ନାଁରେ ମେଳି ହୋଇଥିଲେ ୬୦ ଜଣ ବିଜେଡିର ବିଧାୟକ ପ୍ରାର୍ଥୀ। ସମସ୍ତେ ଗତ ନିର୍ବାଚନରେ ହାରିଯାଇଛନ୍ତି। ଆଗାମୀ ଦିନରେ ବିଜୁ ଲିଗାସୀ ହିଁ ବିଜେଡିର ମୂଳ ଶକ୍ତି ହେବ। ଏନେଇ ସମସ୍ତେ ଶ୍ରୀଜଗନ୍ନାଥଙ୍କ ନାଁରେ ଶପଥ ବି ନେଇଛନ୍ତି।

୨୦୨୪ରେ ବିଜେଡି ନିର୍ବାଚନ ହାରିଯିବା ପରେ ଦଳର ସଭାପତି ପ୍ରଥମ ଓ ଶେଷ ଥର ପାଇଁ ହାରିଯାଇଥିବା ନେତାମାନଙ୍କ ସହ ଆଲୋଚନା କରିଥିଲେ। ୧୮ ମାସ ଧରି ନବୀନ ଆଉ ହାରିଯାଇଥିବା ନେତାଙ୍କ ସହ ଆଲୋଚନା କରିନାହାଁନ୍ତି। ନିଜ ନିଜ ନିର୍ବାଚନମଣ୍ଡଳିରେ ବିଜେଡି କେମିତି ପୁଣି ଶକ୍ତିଶାଳୀ ହେବ, ଦଳ କେଉଁ ପ୍ରସଙ୍ଗ ଉଠାଇବ, କେମିତି ଲୋକଙ୍କୁ ନିଜ ସହ ବାନ୍ଧି ରଖିବ, ସେନେଇ ସଭାପତି କି ଅନ୍ୟ କେହି ସେମାନଙ୍କ ସହ ଆଲୋଚନା କରିନାହାଁନ୍ତି। ଯେଉଁଠି ପ୍ରତି ବିଧାନସଭା ଅଧିବେଶନ ପୂର୍ବରୁ ବିରୋଧୀ ଦଳ ନେତା ଭାବେ ନବୀନ ସବୁ ବିଧାୟକଙ୍କ ସହ ଆଲୋଚନା କରୁଛନ୍ତି, ସେଠି ହାରିଯାଇଥିବା ନେତାମାନେ ଏକପ୍ରକାର ଅଣଦେଖା ହୋଇ ରହିଯାଇଛନ୍ତି। ➪ପୃଷ୍ଠା-୬

KHIMJI TRUST SINCE 1936

90 YEARS OF KHIMJI LEGACY

KHIMJI®
JEWELLERS SINCE 1936

NOW AT JAJPUR ROAD

GRAND OPENING
TODAY, 12 PM ONWARDS

INAUGURAL OFFER
FLAT 50% OFF* ON GOLD JEWELLERY M/C
UP TO 20% OFF* ON DIAMONDS

*T&C Apply

BESIDE PANKAJ HOTEL, BANK STREET ROAD

11th SHOWROOM IN ODISHA | SPREAD ACROSS 6000 SQFT | JAJPUR ROAD'S ONLY ONE STOP JEWELLERY DESTINATION

90 YEARS TRUST IS TIMELESS | 100% BIS Hallmarked HUID Pure Gold Jewellery | 100% Exchange of Old Gold | Fair Price Policy | Free Insurance on Diamonds | Tested and Certified Diamonds | Safe Gold Purchase Scheme | Lifetime Buyback Guarantee

BHUBANESWAR: Janpath | Chandrasekharpur | Samantarapur | Soubhagya Nagar | ANGUL: Shankar Cinema Hall Road
BERHAMPUR: Venkatraju Arcade, Sano Bazar CUTTACK: 558/834, Cantonment Road JHARSUGUDA: Sarbahal Road, Marwari Para
PURI: Opp. Police Line, VIP Road ROURKELA: Kesar Bhawan, Main Road SAMBALPUR (Opening Shortly)

Follow us on: | 1800 3131 777 | Khimjijewellers.com

କଳଙ୍କିଯୁକ୍ତ ଲୁହାଛଡ଼ରେ ବିଜୁ ସେତୁ ନିର୍ମାଣ

ଜନଅସନ୍ତୋଷର ନିଆଁରେ ଘିଅ ଢ଼ାଳିଲେ କଟକ ଗ୍ରାମ୍ୟ ଉନ୍ନୟନ ଅଧୀକ୍ଷଣ ଯନ୍ତ୍ରୀ

ମାହାଙ୍ଗା,୧୯।୧୨ (ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଶ୍ରୀକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ଗୋବରୀ ନଦୀ ଉପରେ ପଶୁଲୁଣ୍ଡା ରାଉତ ସାହି ଠାରେ କଟକ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣାଧୀନ ସେତୁ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଥିଲା। ଅଭିଯୋଗରେ ଦର୍ଶାଯାଇଥିଲା କି, ଏହି ସେତୁ କାମରେ କଳଙ୍କି ଲାଗିଥିବା ଲୁହାଛଡ଼ ବ୍ୟବହାର କରାଯାଉଛି।

ଏହି ସମ୍ପର୍କରେ ପଶୁଲୁଣ୍ଡା ଓ ମାଳୀହତା ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ କଟକ ଗ୍ରାମ୍ୟ ଉନ୍ନୟନ ଅଧିକ୍ଷଣ ଯନ୍ତ୍ରୀ କାର୍ଯ୍ୟସ୍ଥଳକୁ ଆସି ସେତୁ କାର୍ଯ୍ୟ ଅନୁଧ୍ୟାନ କରି କଳଙ୍କି ଲୁହା ଛଡ଼ରେ କଳଙ୍କି ଛଡାଇ କାମ କରିହେବ ବୋଲି କହିବା କଥାଟି ସେତୁ କାର୍ଯ୍ୟକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଥିବା ଅସନ୍ତୋଷର ନିଆଁରେ ଘିଅ ଢାଳିବା ସଦୃଶ ହୋଇଛି। ଯେଉଁ ଛଡ ଗୁଡ଼ିକ ଅଳ୍ପ କଳଙ୍କି ଖାଇଚି ତାହା ସିନା ବ୍ୟବହାର କରିହେବ ମାତ୍ର ଯେଉଁ ଗୁଡ଼ିକ ଦୀର୍ଘଦିନ ହେବ ନଈପାଣିରେ ବୁଡ଼ିକି ଖଣ୍ଡ ଖଣ୍ଡ ହୋଇ କଳଙ୍କି ଛାଡ଼ିକି ଅତ୍ୟନ୍ତ ଦୁର୍ବଳ ହୋଇଯାଇଛି ତାହା କିପରି ବ୍ୟବହାର କରିହେବ ବୋଲି ଗ୍ରାମବାସୀମାନେ ତାଙ୍କୁ ପ୍ରଶ୍ନ କରିବାରୁ ଏବେ ଆଉ କଣ କରିବା ବୋଲି ସେ ଗ୍ରାମବାସୀଙ୍କୁ ପାଲଟା ପ୍ରଶ୍ନ ପଚାରିଥିଲେ ବୋଲି ଅଭିଯୋଗ ହୋଇଛି। ଆପଣ ଠିକାଦାରଙ୍କୁ ସୁହାଇଲା ଭଳି କଥା କହୁଛନ୍ତି କିନ୍ତୁ ସେତୁର ସ୍ଥାୟୀତ୍ୱକୁ ଅଣଦେଖା କରୁଛନ୍ତି ବୋଲି ଗ୍ରାମବାସୀମାନେ ଅଧିକ୍ଷଣ ଯନ୍ତ୍ରୀଙ୍କୁ ସାମନା ସାମନି କଡ଼ା ଭାଷାରେ ଶୁଣାଇଥିଲେ। କାମବେଳେ ଯନ୍ତ୍ରୀ ରହୁନାହାନ୍ତି, ବିନା ସୂଚନା ଫଳକରେ କାମ ହେଉଛି, ବାହାରୁ ଆସୁଥିବା ଗୋଡିମିସା ଢ଼ଳେଇ ଅତି ନିମ୍ନମାନର, ରାତିରେ ଢ଼ଳେଇ ପଡୁଛି ଆଦି ଅନେକ ପ୍ରଶ୍ନରେ ବ୍ୟତିବ୍ୟସ୍ତ ହୋଇ 'ଆମର ଯନ୍ତ୍ରୀ କମ୍ ଅଛନ୍ତି, ଷ୍ଟାଫ୍ କମିଗଲେଣି, ପିଅନ ନାହାନ୍ତି ଆଦି ସଫେଇ ଦେଇଥିଲେ।

ଦୀର୍ଘ ୪ରୁ ୫ ମାସ ଧରି ନଦୀ ବଢ଼ି ପାଣିରେ ବୁଡିକି ରହିବା ପରେ ଛଡଗୁଡ଼ିକର ମୂଳ ଖାଇକି ଲୁହା ଖଣ୍ଡ ଖଣ୍ଡ ଛାଡ଼ିଲାଣି, ତାହାକୁ ବ୍ୟବହାର କଲେ ସେତୁର ଆୟୁଷ ଖୁବ୍ କମ୍ ଦିନ ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। କୌଣସି ରାସାୟନିକ ପ୍ରଲେପ ଅବା ସିମେଣ୍ଟ ରସର ଘୋଳା ଦିଆନଯାଇ ଦୀର୍ଘଦିନ ନଦୀ ପାଣିରେ ବୁଡି ରହିଥିବା ଛଡ଼ ଗୁଡ଼ିକର ମୂଳ ଅଂଶ ସବୁ କିପରି କଳଙ୍କି ଖାଇକି ପରସ୍ତ ପରସ୍ତ ଲୁହା ଉଠିଗଲାଣି ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

କୁନି ଚିତ୍ରଶିଳ୍ପୀ ରୁଦ୍ରାଂଶ ପୁରସ୍କୃତ

କେନ୍ଦ୍ରାପଡା,୧୯।୧୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ପୌରାଂଚଳ ର କାକଟ ଗ୍ରାମରେ ଥିବା ମା' କାକଟ ମଙ୍ଗଳା କ୍ଲବର ୮୨ତମ ବାର୍ଷିକ ଉତ୍ସବରେ କୁନି ଚିତ୍ରଶିଳ୍ପୀ ରୁଦ୍ରାଂଶ ମହାନ୍ତିଙ୍କୁ ପୁରସ୍କୃତ କରାଯାଇଛି । ବିଧାୟକ ଗଣେଶ୍ୱର ବେହେରା ଓ ପୌରାଧ୍ୟକ୍ଷା ସରିତା ସାହୁ କାର୍ଯ୍ୟକ୍ରମ ରେ ଅତିଥି ଭାବେ ଯୋଗ ଦେଇଥିଲେ । କ୍ଲବ ପକ୍ଷରୁ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତା ରେ ୟୁକେଜି ଶ୍ରେଣୀରେ ପଢୁଥିବା ରୁଦ୍ରାଂଶ କୃତକାର୍ଯ୍ୟ ହୋଇ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ସେ ପୌରସଂସ୍ଥା ର କର୍ମଚାରୀ ମାନସ ରଂଜନ ମହାନ୍ତି ଓ ମାତା ଗୋପଲକ୍ଷ୍ମୀ ଲେଙ୍କାଙ୍କ ପୁତ୍ର ଅଟନ୍ତି । କାର୍ଯ୍ୟକ୍ରମ ରେ କ୍ଲବ ର ସଭାପତି ତଥା କାଉନସିଲର ଉମେଶ ଚନ୍ଦ୍ର ନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

କୋଟିଆ ବସ୍ତ୍ର ବାଣ୍ଟିଲା ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ

କେନ୍ଦ୍ରାପଡ଼ା,୧୯।୧୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ତରଫରୁ କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମରେ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ କରିଛନ୍ତି। ସଭାପତି ଦମନ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସମସ୍ତ ଜନସାଧାରଣଙ୍କ ପାଇଁ ବେଶ୍ ଗ୍ରହଣୀୟ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତିଙ୍କ ସମେତ କଟକ ଜିଲ୍ଲା ପ୍ରତିନିଧି ମକର ବେହେରା, ସାମାଜିକ ଗଣ ମାଧ୍ୟମ ପ୍ରତିନିଧି ଗୌରାଙ୍ଗ ନାୟକ, ଅଭୟ ବେହେରା, ତପନ ସେନାପତି, ଦେବେନ୍ଦ୍ର ନାୟକ, ବିକାଶ ପାତ୍ର ଓ ଦିଲ୍ଲୀପ କୁମାର ନାଥ ପ୍ରମୁଖ ସାମିଲ ଥିଲେ।

ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ମାଗଣା ଲାପଟପ ବଣ୍ଟନ

କେନ୍ଦ୍ରାପଡ଼ା,୧୯।୧୨(ସଂଚାର ବ୍ୟୁରୋ): ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୨ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ମାଗଣା ଲାପଟପ ବଣ୍ଟନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ଜିଲ୍ଲାପାଳ ରଘୁରାମ ଆର. ଆୟର ୨ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ଭୀଷ୍ମ କୁମାର ଦାସ ଓ ଅନିତା ରାଉତଙ୍କୁ ମାଗଣା ଲାପଟପ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକିର ମୋହନ ମାଝି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେହୁରା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ବେଉରା ପରିଚାଳନା କରିଥିଲେ । ପ୍ରକାଶ ଥାଉ କି, ସରକାରଙ୍କ ନିୟମାନୁଯାୟୀ ଯୁକ୍ତ ୩ ରୁ ଅଧିକ ଶିକ୍ଷା ଗ୍ରହଣ କରିଥିବା ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ ବା କ୍ଷଣଶକ୍ତି ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ମାନେ ମାଗଣା ଲାପଟପ ପାଇବା ପାଇଁ ବିଭାଗର ଅନ୍‌ଲାଇନ୍ ପୋର୍ଟାଲରେ ଆବଶ୍ୟକୀୟ ଦସ୍ତାବିଜ ସହ ସଂପୃକ୍ତ ଶିକ୍ଷାନୁଷ୍ଠାନରୁ ଏହାକୁ ପ୍ରମାଣିତ କରାଇ ଆବେଦନ କରିବାକୁ ପଡିଥାଏ ।

ରିଜୋନାନ୍ସ ଶିକ୍ଷାନୁଷ୍ଠାନରେ ବିଦାୟକାଳୀନ ସମ୍ବର୍ଦ୍ଧନା

ମାର୍ଶାଘାଇ,୧୯।୧୨(ସଂଚାର ବ୍ୟୁରୋ): ମାର୍ଶାଘାଇ ମହାବିଦ୍ୟାଳୟ ସନ୍ନିକଟ ଯୁକ୍ତ-୨ ବିଜ୍ଞାନ ଆବାସିକ ଶିକ୍ଷା ପ୍ରତିଷ୍ଠାନ ରିଜୋନାନ୍ସ କ୍ଲାସେସ ପକ୍ଷରୁ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଦ୍ୱାରା ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ପରିଚାଳନା ନିର୍ଦ୍ଦେଶିକା ଅଧାପିକା ସୁଚିତ୍ରା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧାପକ କିରଣ କୁମାର ଚୌଧୁରୀ, ଅଧାପକ ସୁକାନ୍ତ କୁମାର ପ୍ରଧାନ, ପ୍ରାଧାପକ ଡ଼ଃ ପ୍ରଭାତ ରଞ୍ଜନ ଲେଙ୍କା,ବିପିନ ବିହାରୀ ନାଥ, ଅଧାପକ ଲକ୍ଷ୍ମୀଧର ଲେଙ୍କା,ସୁଜିତ ମଣ୍ଡଳ, ତୁଷାର କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ପରିଚାଳକ ଅରବିନ୍ଦ ବେଉରା ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦନ ରଥ, ଶୁଭଶ୍ରୀ ବେହେରା, ଦେବିସ୍ମିତା ସ୍ୱାଇଁ, ଜ୍ୟୋତିର୍ମୟୀ ଲେଙ୍କା, କଳ୍ପିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରତିନିଧିଙ୍କୁ କାର୍ଯ୍ୟାଳୟରେ ତାଲା

ମଦ୍ୟପାନ କରୁଥିବା ଅଭିଯୋଗ

ଉଦ୍ଧାର କଲା ପୁଲିସ

ମାର୍ଶାଘାଇ,୧୯।୧୨(ସଂଚାର ବ୍ୟୁରୋ): ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ଅଧ୍ୟକ୍ଷା ମଧୁସ୍ମିତା ସାମଲଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଶୈଳେନ୍ଦ୍ର ସାମଲ ଏବଂ କିଛି ସହଯୋଗୀ ବସିଥିବା ବେଳେ କାର୍ଯ୍ୟାଳୟ ଭିତରେ ମଦ୍ୟ ପାନ କରାଯାଉଥିବା ଅଭିଯୋଗ କରି ସ୍ଥାନୀୟ ଯୁବକମାନେ କାର୍ଯ୍ୟାଳୟରେ ବାହାରୁ ତାଲା ପକେଇ ଦେଇଥିଲେ। ଶୁକ୍ରବାର ମଧ୍ୟାହ୍ନ ସମୟରେ ଏହି ଘଟଣା ଘଟିଥିବା ବେଳେ ଖବର ପାଇ ମାର୍ଶାଘାଇ ପୋଲିସ ଅପରାହ୍ନ ପ୍ରାୟ ସାଢ଼େ ୨ଟା ବେଳେ ମୁକୁଳାଇଥିବା ଜଣାପଡିଛି ।

ଅଧିକାଂଶ ସମୟ ଅଧ୍ୟକ୍ଷା ଅନୁପସ୍ଥିତ ରହୁଥିବା ବେଳେ ତାଙ୍କ ପ୍ରତିନିଧି କାର୍ଯ୍ୟାଳୟ ଖୋଲି ନିଜ ସହଯୋଗୀମାନଙ୍କ ସହିତ ବସିବା ସହିତ ଫାଇଲ ପତ୍ରରେ ନିଜେ ଦସ୍ତଖତ କରିଦିଅନ୍ତି ବୋଲି ସେହି ଯୁବକମାନେ ଗଣମାଧ୍ୟମଙ୍କ ପ୍ରତିନିଧିମାନଙ୍କୁ କହିଥିଲେ । ଫାଇଲ ଗୁଡ଼ିକ ଜାଣି ଶୁଣି ଅଟକାଇବା ସହିତ ଅଧିକ ପରିମାଣର ପିସି ଡିମାଣ୍ଡ କରନ୍ତି, ଏପରିକି କାମର ସିକ୍ୟୁରିଟି ପାଇଁ ଆବେଦନ ହୋଇଥିବା ଫାଇଲ ପାସ ପାଇଁ ମଧ୍ୟ ପିସି ଦାବୀ କରୁଥିବା ନେଇ କହିଥିଲେ। ଦୀର୍ଘଦିନର ପୁଞ୍ଜିଭୂତ ଅସନ୍ତୋଷ ଥିବା ବେଳେ ଅଧ୍ୟକ୍ଷାଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟ ଖୋଲି ବସିବା ସହିତ ସହଯୋଗୀମାନେ ମଦ ପିଉଥିବା ନେଇ ଖବରପାଇ ସ୍ଥାନୀୟ ଯୁବକମାନେ କାର୍ଯ୍ୟାଳୟକୁ ଦୀର୍ଘ ସମୟ ଘେରି ରହିଥିଲେ ଏବଂ ତାଲା ପକେଇ ଦେଇଥିଲେ।

ଏ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ପାଇ ମାର୍ଶାଘାଇ ଥାନା ଏସଆଇ ଧରିତ୍ରୀ ଜେନାଙ୍କ ନେତୃତ୍ୱରେ ପୋଲିସ ଟିମ ଘଟଣା ସ୍ଥଳରେ ପହଞ୍ଚି ତାଲା ଖୋଲିବା ସହିତ ଅଧ୍ୟକ୍ଷାଙ୍କ ପ୍ରତିନିଧିଙ୍କୁ ଉଦ୍ଧାର କରିଥିଲେ । ପୋଲିସ ଉପସ୍ଥିତିରେ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରୁ ବାହାରିବା ପରେ ସେଠାରେ ଉପସ୍ଥିତ ଥିବା ମାର୍ଶାଘାଇ ସରପଞ୍ଚ ଭାଗବତ ବେହେରାଙ୍କୁ ଦୁର୍ବ୍ୟବାହାର କରିବା ସହିତ ଉଭୟଙ୍କ ମଧ୍ୟରେ ଠେଲା ପେଲା ହୋଇଥିଲା । ଏହି ସମୟରେ ସରପଞ୍ଚ ପିନ୍ଧିଥିବା ସୁନାଚେନଟି ଛିଡ଼ି ଯାଇ କେଉଁଠାରେ ପଡିଯାଇଥିବାରୁ ତାଙ୍କ ସୁନା ଚେନକୁ ଅଧ୍ୟକ୍ଷାଙ୍କ ପ୍ରତିନିଧି ଛିଡାଇ ନେଇ ଯାଇଥିବା ସନ୍ଦେହ କରିଥିଲେ । ଫଳରେ ତାଙ୍କ ପକେଟକୁ ଯାଞ୍ଚ କରିବାକୁ ପଡିଥିଲା ।

ନ୍ୟାସନାଲ ହେରାଲ୍ଡ ଆର୍ଥିକ ଅନିୟମିତତା ଖାରଜ ମାମଲା

ବିଜେପିର ମିଥ୍ୟା ଆରୋପ ବିରୋଧରେ କେନ୍ଦ୍ରାପଡା କଂଗ୍ରେସର ପ୍ରତିବାଦ

କେନ୍ଦ୍ରାପଡ଼ା,୧୯।୧୨(ସଂଚାର ବ୍ୟୁରୋ): ନ୍ୟାସନାଲ ହେରାଲ୍ଡ ଓ ମନିଲଣ୍ଡରିଂ ଭଳି ଅର୍ଥ ଆତ୍ମସାତ ଘଟଣାରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ସଂପୃକ୍ତି ସମ୍ପର୍କରେ ବିଜେପି ପକ୍ଷରୁ ଆଗତ ହୋଇଥିବା ମୋକଦ୍ଦମାକୁ ନ୍ୟାୟାଳୟ ଖାରଜ କରିଦେବା ଫଳରେ ବିଜେପି, ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କର ମିଥ୍ୟା ଆରୋପ ଲଗାଇ କଂଗ୍ରେସ ଦଳର ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ଅପ ପ୍ରଚାରର ପର୍ଦ୍ଦା ଫାସ ହୋଇଛି । କଂଗ୍ରେସ ଦଳ, ମହାତ୍ମା ଗାନ୍ଧୀ ଓ ଜବାହରଲାଲ ନେହେରୁଙ୍କ ପରିବାର ବିରୋଧରେ ବାରମ୍ବାର ମିଛ କଥା କହି ବଦନାମ କରିବା ବ୍ୟତିତ ବିଜେପି ସରକାର ପାଖରେ ଅନ୍ୟ କୌଣସି ଯୋଜନା ନାହିଁ । ସଂବିଧାନର ଉଲ୍ଲଙ୍ଘନ କରି ଗଣତନ୍ତ୍ରକୁ ହତ୍ୟା କରି ଜନ ବିରୋଧୀ କାର୍ଯ୍ୟ କରୁଥିବା ବିଜେପି ସରକାର ନିଜର ଦୋଷ ଗୁଣକୁ ଲୁଚାଇବା ପାଇଁ ମିଥ୍ୟାର ଆଶ୍ରୟ ନେଇ କଂଗ୍ରେସ ସରକାରଙ୍କ ଦ୍ୱାରା ନାମିତ ଯୋଜନାର ନାମ ପରିର୍ବନ କରି ଜନମାନସକୁ ବିଭ୍ରାନ୍ତ କରିବା ପାଇଁ ଷଡଯନ୍ତ୍ର କରୁଛି । ଗୁରୁବାର ପୁରୁଣା ବସଷ୍ଟାଣ୍ଡରେ ଜିଲ୍ଲା କଂଗ୍ରେସ ସଭାପତି ଡା. ଦେବଶ୍ମୀତା ଶର୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏକ ପଥପ୍ରାନ୍ତ ସଭାରେ ବକ୍ତାମାନେ ବିଜେପି ସରକାରର ଇସ୍ତଫା ଦାବି କରିଥିଲେ । ଏହି ସଭାରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଡ. ସିପ୍ରା ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ଅଶୋକ କୁମାର ପ୍ରତିହାରୀ, ପ୍ରଫୁଲ୍ଲ ଦାସ, ରତିକାନ୍ତ କାନୁନଗୋ, ଆକବର ଅଲ୍ଲୀ, ବସନ୍ତ ସେଠୀ, ବିଭ୍ରାଂଶୁ ଲେଙ୍କା, ବାବୁରାମ ଜେନା, ବିଧୁଭୂଷଣ ମହାପାତ୍ର, ରବିନାରାୟଣ ବେହେରାଙ୍କ ସମେତ ଶତାଧିକ କଂଗ୍ରେସ ଦଳର ନେତା ଓ କର୍ମୀମାନେ ସାମିଲ ହୋଇ ବିଜେପିର ଏଭଳି ମିଥ୍ୟା ଆରୋପର ଦୃଢ଼ ପ୍ରତିବାଦ କରିବା ସହ କୋର୍ଟଙ୍କ ନିର୍ଦ୍ଦେଶକୁ ସ୍ୱାଗତ କରିଥିଲେ ।

ବରିଷ୍ଠ ନାଗରିକଙ୍କ ଭରଣପୋଷଣ କଲ୍ୟାଣ ଅଧିନିୟମ ସଚେତନତା କର୍ମଶାଳା

କେନ୍ଦ୍ରାପଡ଼ା,୧୯।୧୨ (ସଂଚାର ବ୍ୟୁରୋ): ଜନସେବା ଦିବସ ଅବସରରେ କେନ୍ଦ୍ରାପଡା ବ୍ଲକ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକରଣ ବିଭାଗ ଆନୁକୂଲ୍ୟରେ ମାତାପିତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଅଧିନିୟମ- ୨୦୦୭ ସମ୍ପର୍କରେ ଏକ ସଚେତନତା ସଭା ଓସ୍ତପୁର ଗ୍ରାମପାୟତରେ ଅନୁଷ୍ଠିତ ହୋଇଯାଇଛି ।

ଏହି ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ଅଭିଷେକ ସ୍ୱାଇଁ, ସହକାରୀ ଏଲଏଡିସିଓ ଦେବାଶିଷ ସାହୁ, ଓସ୍ତପୁର ସରପ ପ୍ରସନ୍ନ ରାଉତ ପ୍ରମୁଖ ଯୋଗଦେଇ ମାତାପିତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଅଧିନିୟମ- ୨୦୦୭ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହେରା ଅଧ୍ୟକ୍ଷତା କରିଥିଲେ। ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସୁଦୀପ୍ତା ମହାପାତ୍ର ସଭା ସଂଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । କନିଷ୍ଠ ସହାୟକ ସହସ୍ରାଂଶୁ କୁଣ୍ଡୁ ଓ କାର୍ଯ୍ୟକ୍ରମ ସହକାରୀ କ୍ରୀଷ୍ଟା ଜ୍ୟୋତିପ୍ରକାଶ ଦାସ, ଓସ୍ତପୁର ପିଇଓ ସୂର୍ଯ୍ୟମଣୀ ଟୁଡୁ ଓ ଜିଆରଏସ ସ୍ୱପ୍ନା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ନାବାଳିକା ବଳାତ୍କାରୀକୁ ୨୦ବର୍ଷ ସଶ୍ରମକାରାଦଣ୍ଡ

ସାଲେପୁର,୧୯।୧୨ (ସଂଚାର ବ୍ୟୁରୋ): ଜଣେ ୭ବର୍ଷର ନାବାଳିକାକୁ ବଳାତ୍କାର କରିବା ଘଟଣାର ବିଚାର କରି କଟକର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ସମ୍ପୃକ୍ତ ଅଭିଯୁକ୍ତକୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦ ହଜାର ଟଙ୍କା ଜରିମାନା ଆଦାୟ ଓ ଜରିମାନା ଅନାଦେୟ ଅଧିକ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୀଡିତା ପରିବାରକୁ ଜିଲ୍ଲା ନ୍ୟାୟାଳୟ ଆଇନ୍ ପ୍ରାଧିକରଣ ପକ୍ଷରୁ ୪ଲକ୍ଷ ଟଙ୍କା ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ ଗତ ୨୦୨୪ମସିହା ଅଗଷ୍ଟ ୪ତାରିଖ ଦିନ ସାଲେପୁର ଥାନା ଅନ୍ତର୍ଗତ ସାଇଁପଡ଼ା ଗ୍ରାମର ଜଣେ ୭ବର୍ଷର ନାବାଳିକା ଅପରାହ୍ଣ ସମୟରେ ନିଜ ଘର ଠାରୁ ଅଳ୍ପ ଦୂରକୁ କ୍ଷୀର ଆଣିବାକୁ ଯାଇଥିବାବେଳେ ଝିପି ଝିପି ବର୍ଷାରେ ଏକୁଟିଆ ଥିବାର ସୁଯୋଗ ନେଇ ମାମୁ ଘରେ ରହୁଥିବା ଗୁଆଳିପୁର ଗ୍ରାମର ଅବଦୁଲ ସଲିମଙ୍କ ପୁତ୍ର ଅବଦୁଲ ମୋତିନ୍ ତାକୁ ନିକଟସ୍ଥ ସ୍କୁଲ ପଛକୁ ଡାକିନେଇ ବଳାତ୍କାର କରିଥିଲା। ଏହାନେଇ ସାଲେପୁର ଥାନାରେ ୩୩୦/୨୦୨୪ରେ ଏକ ମାମଲା ରୁଜୁ ହୋଇଥିଲା। ତତ୍କାଳୀନ ଥାନା ଅଧିକାରୀ ମନୋଜ ସ୍ୱାଇଁଙ୍କ ନେତୃତ୍ୱରେ ମହିଳା ସବ୍‌ଇନିସ୍ପେକ୍ଟର ଶ୍ରଦ୍ଧାଞ୍ଜଳି ସେନାପତି ଏହି ଘଟଣାର ତଦନ୍ତ କରିବା ସହ ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

ଏସ୍‌ଡିପିଓ କାର୍ଯ୍ୟାଳୟ ପରିସରରୁ ଜବରଦଖଲ ଉଚ୍ଛେଦ

ସାଲେପୁର,୧୯।୧୨ (ସଂଚାର ବ୍ୟୁରୋ): ଆଜି ସାଲେପୁର ତହସିଲ ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ସାଲେପୁର ଏସ୍. ଡି.ପି.ଓ.ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ସାଲେପୁର ଏସ୍. ଡି.ପି.ଓ.ଙ୍କ କାର୍ଯ୍ୟାଳୟ ଆଗରେ ଥିବା ସରକାରୀ ଜାଗାରେ ବର୍ଷ ବର୍ଷ ଧରି ବହୁ ଭୂମିହୀନ ଗରିବ ପରିବାର ଘର କରି ରହି ନିଜର ପରିବାର ବହୁ କଷ୍ଟରେ ପ୍ରତିପୋଷଣ କରିଆସୁଥିଲେ। ଏହି ସ୍ଥାନରୁ ଜବରଦଖଲ ଉଚ୍ଛେଦ ପାଇଁ ତହସିଲ ପ୍ରଶାସନପକ୍ଷରୁ ତାଙ୍କୁ ଏକାଧିକବାର ନୋଟିସ୍ କରାଯାଇଥିବା ବେଳେ ଆଜି ପୁଲିସ ଉପସ୍ଥିତିରେ ଜେସିବି ମାଧ୍ୟମରେ ଜବରଦଖଲରେ ଥିବା ଘର ଓ ବ୍ୟବସାୟ ପ୍ରତିଷ୍ଠାନକୁ ଭାଙ୍ଗି ଉଚ୍ଛେଦ କରାଯାଇଥିଲା।

ଉଚ୍ଛେଦ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିବାବେଳେ କେତେକ ଜବରଦଖଲକାରୀ ଉଚ୍ଛେଦ ସମୟରେ ଆମ ଘର ଭାଙ୍ଗିଦେଲେ ଆମେ କେଉଁଠି ରହିବୁ, ଆମକୁ ରହିବା ପାଇଁ ସ୍ଥାନ ଦିଆଯାଉ ବୋଲି ପ୍ରଶାସନ ନିକଟରେ ଆକୁଳ ନିବେଦନ କରୁଥିବାର ଚିତ୍ର ଦେଖିବାକୁ ମିଳିଥିଲା।

ଅପର ପକ୍ଷରେ ତହସିଲ ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଯେଉଁ ସବୁ ଜବରଦଖଲ ସ୍ଥାନକୁ ଉଚ୍ଛେଦ ପାଇଁ ନୋଟିସ୍ କରାଗଲା ସେଥି ମଧ୍ୟରୁ ବହୁ ସ୍ଥାନକୁ ଉଚ୍ଛେଦ କରାଯାଇନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସେଠାରେ ଥିବା କେତେକ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନକୁ ଆଜି ଉଚ୍ଛେଦ ନକରିବା ପଛରେ ରାଜନୈତିକ ଚାପ ଥିବା ଶୁଣାଯାଉଛି।

ଭିବି ଜି ରାମ ଜି ପ୍ରତ୍ୟାହାର ପାଇଁ ଆହ୍ୱାନ

କେନ୍ଦ୍ରାପଡା,୧୯।୧୨(ସଂଚାର ବ୍ୟୁରୋ): ନିଯୁକ୍ତି, ଦରବୃଦ୍ଧି,ଆର୍ଥିକ ପରିଚାଳନା, ଆଭ୍ୟନ୍ତରୀଣ ସୁରକ୍ଷା, ବୈଦେଶିକ ନୀତି ଆଦି ସମସ୍ତ କ୍ଷେତ୍ରରେ ଅସଫଳ ହୋଇଥିବା ଏଗାର ବର୍ଷର କେନ୍ଦ୍ର ସରକାର ନିଜର ବିଫଳତା ଲୁଚାଇବା ପାଇଁ ଗ୍ରାମୀଣ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ସୃଷ୍ଟି କରିଥିବା ମନରେଗା ଭଳି ଐତିହାସିକ ଆଇନର ନାମ ପରିବର୍ତ୍ତନ କରି ତାହାକୁ ଭିବି ଜୀ ରାମ ଜୀ କରିବା ପାଇଁ ସଂସଦରେ ବିଲ୍ ପାସ୍ କରିବାକୁ ବାମପନ୍ଥୀ ଦଳ ମାନଙ୍କର ମିଳିତ ବୈଠକରେ ଦୃଢ଼ ନିନ୍ଦା କରାଯାଇଛି। ସିପିଆଇ ରାଜ୍ୟ ନେତା ରମଣୀ ରଞ୍ଜନ ରାଉତରାୟଙ୍କ ସଭାପତିତ୍ୱରେ ପବ୍ଲିକ ରିଡିଙ୍ଗ୍ ରୁମ୍ ପରିସରରେ ଅନୁଷ୍ଠିତ ଆଜିର ମିଳିତ ବୈଠକରେ କେନ୍ଦ୍ର ସରକାରଙ୍କ ଏହି ଆଇନ କେନ୍ଦ୍ର ସରକାରଙ୍କ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ହୋଇଥିବାରୁ ଓ ନାମ ପରିବର୍ତ୍ତନ କରି ସରକାର ରାଷ୍ଟ୍ରପିତା ଗାନ୍ଧିଜୀଙ୍କ ପ୍ରତି ଅବମାନନା କରୁଥିବାରୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରିନେବା ପାଇଁ ଆହ୍ୱାନ ଜଣାଇଥିଲେ। ଅନ୍ୟଥା ଆସନ୍ତା ୨୨ ତାରିଖ ସୋମବାର ଦିନ ଜିଲ୍ଲାପାଳଙ୍କ ଅଫିସରେ ବିକ୍ଷୋଭ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

ଜମରା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ

ନିଶ୍ଚିନ୍ତକୋଇଲି,୧୯।୧୨ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ଖଣ୍ଡାୟତ ପଟକିରା ଆଞ୍ଚଳିକ ସାଧନ କେନ୍ଦ୍ର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଜମରାର ବାର୍ଷିକ କ୍ରୀଡ଼ା ପ୍ରତିଯୋଗୀତା ଆଜି ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତା ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଜମରା ଗ୍ରାମପଞ୍ଚାୟତର ସରପଞ୍ଚ ବନ୍ଦନମୟୀ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମାଜସେବୀ ତଥା ତରୁଣ ରାଜନୀତିଜ୍ଞ ଆଶୁତୋଷ ତ୍ରିପାଠୀ ସମ୍ମାନିତ ଅତିଥି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନରହରି ସାହୁ ମୁଖ୍ୟ ବକ୍ତାଭାବେ ଯୋଗଦାନ କରିଥିଲେ। ଏହିକ୍ରୀଡା ପ୍ରତିଯୋଗିତା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଅବିନାଶ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଥିଲା।

ଭାଗବତପୁର ପଞ୍ଚାୟତରେ ମଶା ନିବାରଣ ସଚେତନତା କର୍ମଶାଳା

କେନ୍ଦ୍ରାପଡା,୧୯।୧୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପଂଚାୟତରେ ମଶା ନିବାରଣ ୩ ଦିନିଆ କର୍ମଶାଳା ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏନଆଇଆର ଡିପିଆର ଅନୁଷ୍ଠାନ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉମେଶ ଚନ୍ଦ୍ର ମଲିକ, ଜିଲ୍ଲା ପରିଷଦ ସଭ୍ୟ ନିର୍ମଳା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମଶାଙ୍କ ଉପଦ୍ରବ ଯୋଗୁଁ ଡେଙ୍ଗୁ, ମ୍ୟାଲେରିଆ ପ୍ରଭୃତି ମଶା ଦ୍ୱାରା ହେଉଥିବାରୁ ଏହାକୁ ନିବାରଣ କରିବା ପାଇଁ ପଞ୍ଚାୟତରେ ସ୍ୱଚ୍ଛତା, ଅଳିଆ, ଆବର୍ଜନା ଇତ୍ୟାଦିକୁ ସଫା କରିବା ଉପରେ ଉଦୟ ମେନାନ ଏବଂ ଡ଼ଃ ଆଶିଷ ଡୋକରା ପ୍ରମୁଖ କର୍ମଶାଳାରେ ଉପସ୍ଥିତ ଥିବା ପଂଚାୟତ ୱାର୍ଡର ମହିଳା, ସିଆରପି, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରା ଯାଇଥିଲା ।

ଓଡ଼ିଶା ଟିମ ହ୍ୟୁମାନିଟିର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ

ରାଜକନିକା,୧୯।୧୨(ସଂଚାର ବ୍ୟୁରୋ): ଓଡିଶା ଟିମ ହ୍ୟୁମାନିଟି ପରିବାରର ପଞ୍ଚମ ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରାଜକନିକା ଅଶୋକ ବଜାର ସ୍ଥିତ ନୟନା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି।ଅନୁଷ୍ଠାନ ର ସଭାପତି ଅଜିତ କୁମାର ବେହୁରିଆଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କନିକା ତହସିଲଦାର ଭାନୁମତୀ ମାଝୀ,ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, ସମ୍ମାନିତ ଅତିଥି ଭାବେ ରାଜକନିକା ଥାନାଧିକାରୀ ସଞ୍ଜୟ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇ ଟିମ ହ୍ୟୁମାନଟିର ଜନହିତକର କାର୍ଯ୍ୟ ଓ ସମାଜ ପ୍ରତି ଥିବା ଅବଦାନକୁ ଭୁରି ଭୁରି ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା।

ଫ୍ରିଡମ୍ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ସାଲେପୁର,୧୯।୧୨ (ସଂଚାର ବ୍ୟୁରୋ): ଫ୍ରିଡମ୍ ଇଣ୍ଟରନ୍ୟାସନାଲ ସ୍କୁଲର ତ୍ରୟୋଦଶ ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଅନୁଷ୍ଠିତ ଏହି କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ ଭାରତର ଦ୍ରୁତ ଧାବିକା ଶ୍ରାବଣୀ ନନ୍ଦ, ସମ୍ମାନିତ ଅତିଥି ରୂପେ ରଣଜିତ ଟ୍ରଫି କ୍ରିକେଟ୍ ଖେଳାଳୀ ମଳୟ କୁମାର ଜେନା ଯୋଗଦେଇ ଏହି କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିବା ସହ ପ୍ରତିଯୋଗିତା ମୂଳକ ମନୋଭାବ ରଖି କାର୍ଯ୍ୟକଲେ ସଫଳତାର ଶୀର୍ଷରେ ପହଞ୍ଚି ହେବ ବୋଲି ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସେକ୍ ଅଜଗର ଅଲ୍ଲୀ, ବିଦ୍ୟାଳୟର ଚେୟାରମ୍ୟାନ୍ ଇଂ. ସେକ୍ ଜାହାଙ୍ଗୀର ଅଲ୍ଲି, ବିଦ୍ୟାଳୟର ସମ୍ପାଦକ ଡଃ ରିୟାଜୁର ରହେମାନ୍ ଯୋଗଦେଇଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

'ଆହାର' ପାଇଁ ଏସ୍‌ଏଚ୍‌ଜିକୁ ମନ୍ତ୍ରୀଙ୍କ ପାହାର

ଡାଲମାରେ ପରିବା ନ ଥିବାରୁ ଗ୍ରୁପ୍ ନିଲମ୍ବିତ

କୋରାପୁଟ,୧୯।୧୨(ସଂଚାର ବ୍ୟୁରୋ): କୋରାପୁଟ ସୁନାବେଡ଼ା ଗସ୍ତରେ ଯାଇ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଆହାର କେନ୍ଦ୍ରରେ ଭୋଜନ କରିଥିଲେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ତେବେ ଉକ୍ତ ଆହାର କେନ୍ଦ୍ରରେ ପ୍ରସ୍ତୁତ ହେଉଥିବା ଖାଦ୍ୟର ମାନ ନେଇ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ମନ୍ତ୍ରୀ। ତୁରନ୍ତ ଉକ୍ତ ଆହାର କେନ୍ଦ୍ରରେ ଖାଦ୍ୟ ପ୍ରସ୍ତୁତି ଦାୟିତ୍ୱରେ ଥିବା ସୁନାବେଡ଼ାର ଏସ୍‌ଏଚ୍‌ଜିକୁ ନିଲମ୍ବିତ କରାଯାଇଛି।

ମିଳିଥିବା ସୂଚନାନୁସାରେ, ମନ୍ତ୍ରୀ ଆହାର କେନ୍ଦ୍ରରେ ଖାଇବା ସମୟରେ ଡାଲ୍‌ମାରେ ନା ଡାଲି ଥିଲା ନା କୌଣସି ପନିପରିବା ପଡ଼ିଥିଲା। ଏଥିରେ ମନ୍ତ୍ରୀ ରାଗିଯାଇ ଉକ୍ତ ଏସ୍‌ଏଚ୍‌ଜିର ସଦସ୍ୟାମାନଙ୍କୁ କାହିଁକି ଡାଲମାରେ କୌଣସି ପନିପରିବା ପଡ଼ିନାହିଁ ବୋଲି ପଚାରିଥିଲେ। କିନ୍ତୁ ଏହାକୁ ଆହାର କେନ୍ଦ୍ରରେ ଉପସ୍ଥିତ ଥିବା ଏସ୍‌ଏଚ୍‌ଜି ସଦସ୍ୟାମାନେ ମାନିନଥିଲେ, ବରଂ ପରିବା ଥିବା କହିଥିଲେ। ତେଣୁ ସେ ପରିବା କେଉଁଠୁ ଆଣୁଛ ବୋଲି ମନ୍ତ୍ରୀ ପଚାରିବା ସହ ରୋଷେଇ ପାଇଁ କେଉଁଠି ପରିବା ଅଛି ବୋଲି ପଚାରି ଦେଖାଇବାକୁ କହିଥିଲେ। ଶେଷରେ ମନ୍ତ୍ରୀ ଆଜି ସମ୍ପୃକ୍ତ ଏସ୍‌ଏଚ୍‌ଜିକୁ ଆହାର ପରିଚାଳନା ଦାୟିତ୍ୱରୁ ହଟାଇବା ସହ ଏହି ଦାୟିତ୍ୱ ଅନ୍ୟ କାହାକୁ ଦେବା ସକାଶେ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

ମୋବାଇଲ ଚାଟ ଡିଲିଟ୍ କଲା କିଏ ?

ମୁହଁ ଖୋଲିଲା ଶଙ୍କର ପୃଷ୍ଟି

ଭୁବନେଶ୍ୱର,୧୯।୧୨ (ସଂଚାର ବ୍ୟୁରୋ) : ହଜାରେ କୋଟିର ଚାକିରି ଡିଲ୍। ପଛରେ ଅଛି ବଡ଼ବଡ଼ିଆଙ୍କ ସମ୍ପୃକ୍ତି। ଗିରଫ ପରେ ଏମିତି କିଛି ବୟାନ ଦେଇଥିଲା ଶଙ୍କର ପୃଷ୍ଟି। ଆଉ ଶୁକ୍ରବାରଠାରୁ ଶଙ୍କର ପୃଷ୍ଟିର ରିମାଣ୍ଡ ଆରମ୍ଭ ପରେ ସନ୍ଦେହ ଘେରରେ ଥିବା ଲୋକଙ୍କୁ ଖୁବଶୀଘ୍ର ହୋଇପାରେ ସମନ। ପ୍ରଶ୍ନପତ୍ର ଛପା ଓ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ଦାୟିତ୍ୱ ସିଲିକନ୍ ଟେକ ନେଇଥିବା ବେଳେ ଶୁକ୍ରବାରଠାରୁ ରିମାଣ୍ଡରେ ଅଛନ୍ତି ସଂସ୍ଥା ମୁଖ୍ୟ ସୁରେଶ ନାୟକ। ଏପରିକି ମୋଟା ଅଙ୍କର ଅର୍ଥ ହାତେଇବା ପରେ ଶଙ୍କରକୁ ଆଶ୍ରୟ ଦେବା ଆଳରେ ନେପାଳ ବର୍ଡରରୁ ଖସାଇବାକୁ ବସିଥିଲେ ସୁରେଶ। ଏଭଳି କିଛି ତଥ୍ୟ ସିବିଆଇ ହାତରେ ଲାଗିବା ପରେ ଆବଶ୍ୟକ ସ୍ଥଳେ ଦୁହିଁଙ୍କୁ ମୁହାଁମୁହିଁ ଜେରା କରାଯାଇପାରେ।

ସନ୍ଦେହରେ ୪ ପୋଲିସ ବାବୁ

ରିମାଣ୍ଡରେ ୩ ମାଷ୍ଟରମାଇଣ୍ଡ

ଅନ୍ୟତମ ଅଭିଯୁକ୍ତ ସାଗର ଗୌଡ଼ଙ୍କୁ ମଧ ରିମାଣ୍ଡରେ ନେଇଛି ସିବିଆଇ। ତେବେ ଏମାନଙ୍କୁ ତରବରିଆ ଭାବେ ରିମାଣ୍ଡରେ ନେବା କେବଳ ଆଇୱାସ୍ ପାଇଁ ଏକ ଉଦ୍ୟମ ବୋଲି କହିଛନ୍ତି ଅଭିଯୁକ୍ତଙ୍କ ଆଇନଜୀବୀ।

ପରୀକ୍ଷାର୍ଥୀ ଓ ଦଲାଲଙ୍କଠାରୁ ମିଳିଥିବା ୧୩୩ଟି ମୋବାଇଲ ଫୋନକୁ ମଧ ସିବିଆଇ ଜବତ କରିଛି। ସ୍ୱତନ୍ତ୍ର ସିବିଆଇ କୋର୍ଟଙ୍କ ଅନୁମତି କ୍ରମେ ଏସବୁକୁ ଫରେନସିକ ଟିମକୁ ହସ୍ତାନ୍ତର କରାଯାଇଛି। ସପ୍ତାହେ ଭିତରେ ଡିଲିଟ ହୋଇଥିବା ଚାଟ୍‌କୁ ରିକଭର କରାଯିବ। ସେମାନେ କାହା ସହ କଥା ହୋଇଥିଲେ? ୨୫ ଲକ୍ଷ ଟଙ୍କା ବିନିମୟରେ ପ୍ରକୃତରେ ମିଳୁଥିଲା କି ଚାକିରି? ଏସବୁର ସତ୍ୟାସତ୍ୟ ପଦାକୁ ଆସିପାରିବ। ଶଙ୍କର ପୃଷ୍ଟିର ସିଣ୍ଡିକେଟ ଚଳାଇବା ସହ ଦୀଘା ମଡ୍ୟୁଲ ସମ୍ଭାଳୁଥିବା ସାଗର ଗୌଡ଼ ମଧ ରିମାଣ୍ଡ ସମୟରେ ଓପିଆରବିର କାମ କରୁଥିବା କିଛି ପୁଲିସ ଅଧିକାରୀଙ୍କ ସମ୍ପର୍କରେ ସୂଚନା ଦେଇଥିବା ଜଣାପଡ଼ିଛି। ମିଳିଥିବା ତଥ୍ୟ ଆଧାରରେ ସେମାନଙ୍କୁ ମଧ ନୋଟିସ ଦେଇପାରେ ସିବିଆଇ। ସିବିଆଇ ଦ୍ୱାରା ପୂର୍ବରୁ ଗିରଫ ହୋଇ ଜେଲରେ ଥିବା ବିରଞ୍ଚି ନାୟକଙ୍କ ଜାମିନ ଆବେଦନର ଶୁଣାଣି ଘୁଞ୍ଚିଛି। କେସ ଡାଏରି ଦେବାରେ ବିଳମ୍ବ ଯୋଗୁଁ ଆସନ୍ତା ଜାନୁଆରୀ ୨ରେ ଶୁଣାଣି କରିବାକୁ କୋର୍ଟ ଧାର୍ଯ୍ୟ କରିଛନ୍ତି।

ବିଶ୍ୱ ବ୍ୟାଙ୍କ ମିଶନ କର୍ତ୍ତୃପକ୍ଷଙ୍କ ସହ ଉନ୍ନୟନ କମିଶନରଙ୍କ ବୈଠକ

ଓଡ଼ିଶା ରାଜ୍ୟ କ୍ଷମତା ଓ ନିରନ୍ତର ଅଭିବୃଦ୍ଧି ନୀତି କାର୍ଯ୍ୟକ୍ରମର ସମୀକ୍ଷା

ଭୁବନେଶ୍ୱର,୧୯।୧୨(ସଂଚାର ବ୍ୟୁରୋ): ଆଜି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବିଶ୍ୱ ବ୍ୟାଙ୍କ ମିଶନ ଟିମ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଓଡ଼ିଶା ରାଜ୍ୟ କ୍ଷମତା ଓ ନିରନ୍ତର ଅଭିବୃଦ୍ଧି ନୀତି କାର୍ଯ୍ୟକ୍ରମ (ଓଏସସିଆରଜିପି)ର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ଅର୍ଥ ବିଭାଗର ପଦାଧିକାରୀ, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓକାକ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ଅର୍ଥ ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା)ର ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ବିଶ୍ୱ ବ୍ୟାଙ୍କ ଓ ଭାରତ ସରକାରଙ୍କ ସହଯୋଗରେ ଓଡ଼ିଶା ସରକାର ରାଜ୍ୟ କ୍ଷମତା ଓ ନିରନ୍ତର ଅଭିବୃଦ୍ଧି ନୀତି କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ୨୦୨୩-୨୪ରୁ ଆରମ୍ଭ ହୋଇ ଆଗାମୀ ୨୦୨୮ ଏପ୍ରିଲ୍ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବା ପାଇଁ ପାଣ୍ଠି ବ୍ୟବସ୍ଥା ରହିଛି।

ଓଏସସିଆରଜିପି ପାଣ୍ଠି ମୁଖ୍ୟତଃ ରାଜ୍ୟର କ୍ଷମତା ବୃଦ୍ଧି ଓ ନିରନ୍ତରତାଭିତ୍ତିକ ବିକାଶକୁ ସୁଦୃଢ଼ କରିବା, ବିଶେଷକରି ବୈଷୟିକ ଜ୍ଞାନକୌଶଳ ଉପଯୋଗରେ ଏକୀକୃତ ବିତରଣ ପ୍ରଣାଳୀ ମାଧ୍ୟମରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ଯୋଜନାର ଲାଭ ପହଞ୍ଚାଇ ଆର୍ଥିକ ଓ ସାମାଜିକ ସୁରକ୍ଷା ପରିସର ବୃଦ୍ଧି କରିବା, ପ୍ରାକୃତିକ ଦୁର୍ବିପାକଜନିତ ଆର୍ଥିକ କ୍ଷୟକ୍ଷତି ଏଡ଼ାଇବା ପାଇଁ ପୂର୍ବାନୁମାନ ଓ ସତର୍କତା ପାଇଁ ସମାଜର ସବୁ ବର୍ଗକୁ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ସମୟୋଚିତ ଭାବେ ସୂଚନା ପ୍ରଦାନ କରିବା, ନିରନ୍ତର ବିକାଶ, ନୀତି ଓ ଯୋଜନା ରୂପାନ୍ତରଣରେ ପାରଦର୍ଶିତା ଆଣିବା, ଦାୟିତ୍ୱବୋଧ ଓ କାର୍ଯ୍ୟ କ୍ଷମତା ବଢ଼ାଇବା ପାଇଁ ସଂସ୍ଥାଗତ ସଂସ୍କାର ନିମନ୍ତେ ଖର୍ଚ୍ଚ କରାଯାଉଛି। ଏଥିସହ ସରକାରୀ ସ୍ତରରେ ଓ ସାମାଜିକ ଏବଂ ଅର୍ଥନୈତିକ ବିକାଶ ପାଇଁ ଆବଶ୍ୟକ ତଥ୍ୟ ସଂଗ୍ରହ, ବିଶ୍ଳେଷଣ ଓ ବିତରଣ ପ୍ରଣାଳୀକୁ ଆଧୁନିକୀକରଣ କରାଯାଇ ରାଜ୍ୟ ପରିସଂଖ୍ୟାନ ବ୍ୟବସ୍ଥାର ସୁଦୃଢ଼ୀକରଣ କରାଯାଉଛି, ଯଦ୍ୱାରା ରାଜ୍ୟର ଯୋଜନା, ନୀତି ପ୍ରଣୟନ ଓ କାର୍ଯ୍ୟକାରିତା ତଥ୍ୟଭିତ୍ତିକ ହେବ।

'ସୁରକ୍ଷା ସମିତିର ଭୂମିକା ଓ ଦାୟିତ୍ୱ' ସମ୍ବନ୍ଧୀୟ ପ୍ରଶିକ୍ଷଣ

ଭୁବନେଶ୍ୱର,୧୯।୧୨(ସଂଚାର ବ୍ୟୁରୋ): ରାଜ୍ୟରେ ବିଭିନ୍ନ କାରଖାନାର ସୁରକ୍ଷିତ କାର୍ଯ୍ୟସ୍ଥଳୀ ଓ ଶ୍ରମିକ ସୁରକ୍ଷାକୁ ସରକାର ପ୍ରାଥମିକତା ଦେଇଆସୁଥିବା ବେଳେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅନୁମୋଦନ କ୍ରମେ କାରଖାନା ଓ ବାଷ୍ପୀତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ସୁରକ୍ଷା ଅଧିକାରୀଙ୍କ ନିମନ୍ତେ ବିଭିନ୍ନ ସୁରକ୍ଷା ବିଷୟକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟ ଶ୍ରମ ପ୍ରତିଷ୍ଠାନର ସହଯୋଗରେ ସମ୍ମିଳନୀ କକ୍ଷରେ 'ସୁରକ୍ଷା ସମିତିର ଭୂମିକା ଓ ଦାୟିତ୍ୱ' ସମ୍ବନ୍ଧୀୟ ପ୍ରଶିକ୍ଷଣ, ଆଲୁମିନିୟମ୍ ୟୁନିଟ୍‌ର ସୁରକ୍ଷା ସମିତି ସଦସ୍ୟଙ୍କ ଉପସ୍ଥିତିରେ ଉକ୍ତ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା ସମାପ୍ତ ହୋଇଛି। ଏହି କର୍ମଶାଳାର ଦ୍ୱିତୀୟ ଦଫା ଗତକାଲି ଓ ତୃତୀୟ ଦଫା ଆଜି ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ୫୨ ଜଣ ନିରାପତ୍ତା ଅଧିକାରୀ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୁଖ୍ୟ

ଉଦ୍ଦେଶ୍ୟ ସୁରକ୍ଷା ସମିତିକୁ ଶକ୍ତିଶାଳୀ କରି ସଦସ୍ୟମାନଙ୍କର ସଚେତନତା, ଦାୟିତ୍ୱ ଓ ସଫଳ ପଦକ୍ଷେପ ଦ୍ୱାରା କାର୍ଯ୍ୟସ୍ଥଳରେ ସୁରକ୍ଷା ସୁନିଶ୍ଚିତ କରାଇବା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଯୋଗ ଦେଇ କହିଥିଲେ ଯେ ସୁରକ୍ଷା କେବଳ କିଛି ନିୟମ ଅନୁପାଳନରେ ସମାପ୍ତ ହୁଏ ନାହିଁ, ଏହା ପ୍ରତ୍ୟେକଙ୍କ ଦାୟିତ୍ୱ ଓ ପାରସ୍ପରିକ ସହଯୋଗର ପରିଣାମ। ସମିତିର ସକ୍ରିୟ ଭୂମିକା, ନିରନ୍ତର ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ ଓ ସୁସ୍ଥ କାର୍ଯ୍ୟ ପରିବେଶ ଗଢ଼ିପାରିବା। ସେହିପରି କାରଖାନା ଓ ବାଷ୍ପୀତ୍ର ନିର୍ଦ୍ଦେଶାଳୟର ସହନିର୍ଦ୍ଦେଶକ (ମୁଖ୍ୟାଳୟ) ପଙ୍କଜ ବିଶ୍ୱାଳ କହିଥିଲେ ଯେ କାର୍ଯ୍ୟସ୍ଥଳକୁ ସୁରକ୍ଷିତ କରିବାରେ ସମସ୍ତଙ୍କର ଭୂମିକା ମହତ୍ତ୍ୱପୂର୍ଣ୍ଣ। ପ୍ରତ୍ୟେକ କର୍ମଚାରୀଙ୍କର ସଚେତନତା, ସମିତିର ସକ୍ରିୟତା ଓ ନିୟମିତ ପ୍ରଶିକ୍ଷଣ ଆମକୁ ଦୁର୍ଘଟଣା ହ୍ରାସ କରି ସୁସ୍ଥ, ସୁରକ୍ଷିତ ଓ ଉତ୍ପାଦକ କାର୍ଯ୍ୟସ୍ଥଳ ଗଢ଼ିବାରେ ସାହାଯ୍ୟ କରେ। ସଭାରେ ଡା. କିରଣ ପଣ୍ଡା, ଇଏଚ୍‌ଏସ୍ କନସଲଟାଣ୍ଟ, ଏଚ୍‌ଏଏଲ୍ ପୂର୍ବତନ ମୁଖ୍ୟ ଓ ପରାମର୍ଶଦାତା, ଏଏମ୍–ଏନ୍‌ଏସ୍ ଇଣ୍ଡିଆ, ସୌମ୍ୟ ରଞ୍ଜନ ବିଶ୍ୱାଳ, ଏସିସିଏଓଏଲ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ସୁନ୍ଦରଗଡ଼, ଅଶୋକ ବିଶ୍ୱାଳ, ଜିଏମ୍–ସୁରକ୍ଷା ଓ ଅଗ୍ନି ସେବା, ଜେଏସ୍‌ଡବ୍ଲ୍ୟୁ–ବିପିସିଏଲ୍, ସମ୍ବଲପୁର୍, ମାନସ ରଞ୍ଜନ ସାହୁ, ମୁଖ୍ୟ ସୁରକ୍ଷା ଟାଟା ଷ୍ଟିଲ୍ ଲିମିଟେଡ୍, କେଏନ୍‌ଆଇସି ଯାଜପୁର୍ ସହ ବିଭିନ୍ନ ବିଭାଗର ସଦସ୍ୟମାନେ ଯୋଗଦେଇଥିଲେ।

୧୧ରେ ବିଜେବି ଫ୍ରେଣ୍ଡ୍ ଷ୍ଟିଅରିଂ କମିଟି ନିର୍ବାଚନ

ଭୁବନେଶ୍ୱର,୧୯।୧୨(ସଂଚାର ବ୍ୟୁରୋ): ଆଜି ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନେଇ ଗଠିତ ବିଜେବି ଫ୍ରେଣ୍ଡ୍ ଷ୍ଟିଅରିଂ କମିଟିର ସଦସ୍ୟ ଓ ସଂଗଠନର ଆଗାମୀ ନିର୍ବାଚନ ପାଇଁ ନିଯୁକ୍ତ ନିର୍ବାଚନ ଅଧିକାରୀମାନଙ୍କର ଏକ ମିଳିତ ଜରୁରୀକାଳୀନ ବୈଠକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଗତ ଅକ୍ଟୋବରରେ ଏକ ଜରୁରୀକାଳୀନ ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ୍) ଅୟୋଜିତ ହୋଇଥିଲା। ଏହି ବୈଠକ ମାଧ୍ୟମରେ ସଂଗଠନର ଏକ ଷ୍ଟିଅରିଂ କମିଟି ମଧ ମନୋନୀତ ହୋଇଥିଲା। ଏହି ଷ୍ଟିଅରିଂ କମିଟି ତିନି ଜଣ ନିର୍ବାଚନ ଅଧିକାରୀ ଚୟନ କରି ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଦାୟିତ୍ୱ ପାଇଥିଲା। ନବନିର୍ବାଚିତ ନିର୍ବାଚନ ଅଧିକାରୀମାନେ ବିଶଦ ଆଲୋଚନା କରି ନିର୍ବାଚନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣପୂର୍ବକ ନିର୍ବାଚନର ତାରିଖ ଧାର୍ଯ୍ୟ କରିଥିଲେ। ଏଥିସହ ଆସନ୍ତା ବର୍ଷ ଜାନୁଆରୀ ୧୧ ତାରିଖରେ ନିର୍ବାଚନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ବୈଧ ଭୋଟର (କେବଳ ଆଜୀବନ ସଭ୍ୟ) ତାଲିକା ଯାଞ୍ଚ କରିବା ପରେ ଆସନ୍ତା ବର୍ଷ ଜାନୁଆରୀ ୨ରୁ ୪ ତାରିଖ ମଧରେ ନାମାଙ୍କନ ପ୍ରକ୍ରିୟା ସମାପ୍ତ ହୋଇ ୧୧ରେ ନିର୍ବାଚନ ଓ ଫଳାଫଳ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି।

ପରବ-୨୦୨୫: ବେଦାନ୍ତ ଷ୍ଟଲ୍‌ରେ କୋରାପୁଟ ଐତିହ୍ୟ ଉପସ୍ଥାପିତ

ଭୁବନେଶ୍ୱର,୧୯।୧୨(ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ପଶ୍ଚିମ ଓଡ଼ିଶାର ପ୍ରମୁଖ ମହୋତ୍ସବ 'ପରବ-୨୦୨୫'ରେ ଯୋଗ ଦେଇଛି। ଏଥିରେ କୋରାପୁଟର ପ୍ରତୀକାତ୍ମକ ସାଂସ୍କୃତିକ ମହୋତ୍ସବର ୨୮ତମ ସଂସ୍କରଣ ଏହି ଅଞ୍ଚଳର ସ୍ପନ୍ଦନଶୀଳ

ପରମ୍ପରା, ଆଦିବାସୀ କଳା ଓ ସମୃଦ୍ଧ ଐତିହ୍ୟକୁ ସମ୍ମାନିତ କରିଆସିଛି। ପାଞ୍ଚଦିନିଆ ଆଦିବାସୀ ମହୋତ୍ସବ ଦକ୍ଷିଣ ଓଡ଼ିଶାର କାଳଜୟୀ ସାଂସ୍କୃତିକ ଐତିହ୍ୟକୁ ସମ୍ମାନ ଜଣାଇବା ପାଇଁ ସମ୍ପ୍ରଦାୟ, କଳାକାର ଓ ଶିଳ୍ପୀମାନଙ୍କୁ ଏକତ୍ରିତ କରିଆସୁଛି। ଉଦ୍‌ଘାଟନୀ ଦିବସରେ ବେଦାନ୍ତ ଆଲୁମିନିୟମ ଏହାର ଉତ୍ସର୍ଗୀକୃତ ଷ୍ଟଲକୁ ଉନ୍ମୋଚନ କରିଥିଲା। ଏହା କମ୍ପାନୀର ସାମୁଦାୟିକ ବିକାଶ ଓ ସାଂସ୍କୃତିକ ସଂରକ୍ଷଣ ପ୍ରତି ଗଭୀର ପ୍ରତିବଦ୍ଧତାକୁ ପ୍ରକାଶ କରିଛି। ଏହି ଷ୍ଟଲ୍‌କୁ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋଟପାଡ଼ ବିଧାୟକ ରୁପୁ ଭତ୍ରା, କୋରାପୁଟ ଜିଲ୍ଲା ପରିଷଦ ସଦସ୍ୟ ସସ୍ମିତା ମେଲେକା ଓ କୋରାପୁଟର କଲେକ୍ଟର ଓ ଜିଲ୍ଲା ମାଜିଷ୍ଟ୍ରେଟ ମନୋଜ ସତ୍ୟବାନ ମହାଜନଙ୍କ ସମ୍ମାନଜନକ ଉପସ୍ଥିତିରେ ଉଦଘାଟନ କରିଥିଲେ। ବେଦାନ୍ତର ଷ୍ଟଲ ପରିଦର୍ଶକମାନଙ୍କୁ ଏହାର ସମ୍ପ୍ରଦାୟ ବିକାଶ ଓ ସାଂସ୍କୃତିକ ସଂରକ୍ଷଣ ପଦକ୍ଷେପର ଏକ ଅନନ୍ୟ ଝଲକ ପ୍ରଦାନ କରିଥିଲା। ଏଥିରେ ପ୍ରୋଜେକ୍ଟ ଆଦିକଳା, କମ୍ପାନୀର ଲାଞ୍ଜିଗଡ଼ ୟୁନିଟରେ ସଉରା ଚିତ୍ରକଳା ଓ ଧୋକ୍ରା ଧାତୁ ହସ୍ତଶିଳ୍ପ ଭଳି ପ୍ରାଚୀନ ଆଦିବାସୀ କଳା ଫର୍ମକୁ ପୁନରୁଦ୍ଧାର କରିବା ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟକ୍ରମ ପ୍ରମୁଖ ଆକର୍ଷଣ ଥିଲା। ପ୍ରୋଜେକ୍ଟ ଆଦିକଳା ମାଧ୍ୟମରେ କମ୍ପାନୀ ୨୦୦ରୁ ଅଧିକ ଗ୍ରାମୀଣ ପରିବାରକୁ ଶତାବ୍ଦୀ ପୁରୁଣା କଳା ପରମ୍ପରାକୁ ସଂରକ୍ଷଣ କରିବା ସହ ସ୍ଥାୟୀ ଜୀବିକା ହାସଲ କରିବାରେ ସକ୍ଷମ କରିଛି।

ଜାନୁଆରୀ ୨୦୨୬ ପାଇଁ 'ଇଗ୍ନୋ'ରେ ନାମଲେଖା ଆରମ୍ଭ

ଭୁବନେଶ୍ୱର,୧୯।୧୨(ସଂଚାର ବ୍ୟୁରୋ): ଇନ୍ଦିରା ଗାନ୍ଧି ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ପକ୍ଷରୁ ଜାନୁଆରୀ–୨୦୨୬ ଶିକ୍ଷା ସତ୍ର ପାଇଁ ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଆଗ୍ରହୀ ଛାତ୍ରଛାତ୍ରୀମାନେ ଆସନ୍ତା ୩୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ନାମ ଲେଖାଇପାରିବେ। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା କିମ୍ବା ଉଚ୍ଚଶିକ୍ଷାର ସୁଯୋଗରୁ ବଞ୍ଚିତ ଯେକୌଣସି ବୟସର ବ୍ୟକ୍ତିଙ୍କ ପାଇଁ ଇଗ୍ନୋ ଏହି ସୁଯୋଗ ପ୍ରଦାନ କରୁଛି। ଇଗ୍ନୋର ସମସ୍ତ ବିଭାଗରେ ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା ଓ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ସୁବିଧା ଉପଲବ୍ଧ ରହିଛି। ସେହିପରି ସ୍ନାତକ ପ୍ରୋଗ୍ରାମ ଅନ୍ତର୍ଗତ କଳା (ସାଧାରଣ), ବିଜ୍ଞାନ (ସାଧାରଣ) ଓ ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ଲେଖା ହେଉଥିବା ବେଳେ ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଓ ପୁନଃପଞ୍ଜୀକରଣ ଦେୟରେ ୫୦ ପ୍ରତିଶତ ରିହାତି ପ୍ରଦାନ କରାଯାଉଛି। ତେବେ ଅନ୍ୟ ସୂତ୍ରରୁ ରିହାତି ପାଉଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଇଗ୍ନୋର କୌଣସି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ। ଆଗ୍ରହୀ ଛାତ୍ରଛାତ୍ରୀମାନେ ୦୬୭୪–୨୯୬୧୦୬୧ କିମ୍ବା ୦୬୭୪–୨୩୦୧୩୪୮ରେ ଯୋଗାଯୋଗ କରି ସବିଶେଷ ବିବରଣୀ ପାଇପାରିବେ ବୋଲି ଇଗ୍ନୋ, ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

ରମାଦେବୀରେ ପ୍ର. ରାଧାକାନ୍ତ ମିଶ୍ର ସେମିନାର ହଲ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୯।୧୨(ସଂଚାର ବ୍ୟୁରୋ): ରମାଦେବୀ ମହିଳା

ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗରେ ପ୍ରଫେସର ରାଧାକାନ୍ତ ମିଶ୍ର (୧୦୦ ଆସନଯୁକ୍ତ) ସେମିନାର ହଲ୍ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ରମାଦେବୀର ପୁରାତନ ଛାତ୍ରୀ ଡ. ସ୍ନେହଲତା ଦାସଙ୍କ ଅବଦାନରେ ପ୍ରତିଷ୍ଠିତ ହୋଇଛି। କୁଳପତି ପ୍ର. ଚଣ୍ଡୀ ଚରଣ ରଥ ଓ ରେଜିଷ୍ଟ୍ରାର ମନସ୍ୱିନୀ ସାହୁଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ର. ମିଶ୍ରଙ୍କ ଜ୍ୟେଷ୍ଠ ପୁତ୍ର ପ୍ର. ଜୟନାରାୟଣ ମିଶ୍ର ଓ ପୁତ୍ରବଧୂ ସୁମିତା ନେପାକ ଏହି ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଥିଲେ। ହିନ୍ଦୀ ତଥା ଅନ୍ୟ ବିଭଗର ଛାତ୍ରୀ, ଗବେଷିକା ଓ ଅଧାପକ, ଅଧାପିକା ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିଲେ।

ଶିଶୁକୁ ରକ୍ତ ଦେଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ

ଭୁବନେଶ୍ୱର,୧୮।୧୨(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ୨ ବର୍ଷ ବୟସର ସାନଭି ମହାନ୍ତଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ଏକ ୟୁନିଟ୍ ରକ୍ତଦାନ କରିଛନ୍ତି ୧୦୮ ଆମ୍ବୁଲାନ୍ସ ଇଏମଟି ଯଶବନ୍ତ ମହନ୍ତ। ସୂଚନାନୁଯାୟୀ, ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ୍‌ର



ସାନଭି ସିକିଲସେଲ ରୋଗରେ ପୀଡ଼ିତ ହୋଇଥିବାରୁ ସେ ନିୟମିତ ବ୍ୟବଧାନରେ ରକ୍ତ ଆବଶ୍ୟକ କରନ୍ତି। ଏହି କ୍ରମରେ ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଅନ୍ୟ ଜଣେ ରୋଗୀଙ୍କୁ ନେଇ ଏକ ୧୦୮ ଆମ୍ବୁଲାନ୍ସ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇଥିବା ସମୟରେ ସେଠାରେ ସାନଭିଙ୍କ ବିଷୟରେ ଯଶବନ୍ତ ଜାଣିବାକୁ ପାଇଥିଲେ। ସୌଭାଗ୍ୟବଶତଃ ଯଶବନ୍ତଙ୍କ ବ୍ଲଡ଼ ଗ୍ରୁପ-ବି+ ରହିଥିଲା ଓ ଏହା ସାନଭିଙ୍କ ନମୁନା ସହ ମ୍ୟାଚ୍ ହୋଇଥିଲା। ତେଣୁ ଅବିଳମ୍ବେ ଯଶବନ୍ତ ରକ୍ତ ଦେବା ସକାଶେ ରାଜି ହୋଇଥିଲେ। ଡାକ୍ତରମାନେ ତାଙ୍କଠାରୁ ଗୋଟିଏ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ।

ନବୀନଙ୍କୁ ଭେଟିଲେ ହିଞ୍ଜିଳି ମ୍ୟୁନିସିପାଲିଟି ନେତା ଓ କର୍ମୀ

ଭୁବନେଶ୍ୱର,୧୯।୧୨(ସଂଚାର ବ୍ୟୁରୋ): ଗତକାଲି ଶେରଗଡ଼ ବ୍ଲକର ବିଜେଡି କର୍ମୀ ଓ ନେତା ସେମାନଙ୍କ ବିଧାୟକ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟି ସେମାନେ ସମ୍ମୁଖୀନ ହେଉଥିବା ସରକାରୀ ଉଦାସୀନତା ନେଇ ଅଭିଯୋଗ କରିଥିଲେ। ଏହି କ୍ରମରେ ଆଜି ହିଞ୍ଜିଳି ମ୍ୟୁନିସିପାଲଟିର ବିଜେଡି ନେତା ଓ କର୍ମୀ ନବୀନ ନିବାସରେ ପହଞ୍ଚି ଶ୍ରୀ ପଟ୍ଟନାୟକଙ୍କୁ ଭେଟିଛନ୍ତି। କ୍ଷମତାସୀନ ବିଜେପି ସରକାର ପକ୍ଷପାତ ନୀତି ଆପଣାଇ ଥିବାରୁ ମ୍ୟୁନିସିପାଲିଟି ଅଞ୍ଚଳରେ କୌଣସି ପ୍ରକାର ବିକାଶ କାମ ହେଉନାହିଁ। ଏଥିସହ ଆଇନଶୃଙ୍ଖଳା ପରିସ୍ଥିତିର ଅଧୋଗତି ଘଟିଥିବାରୁ ବିଭିନ୍ନ ସମୟରେ ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବଢ଼ିଚାଲିଛି ବୋଲି ସେମାନେ ନବୀନଙ୍କୁ ଅବଗତ କରାଇଛନ୍ତି। ଏହାଛଡ଼ା ହିଞ୍ଜିଳି ଉପଖଣ୍ଡ ଡାକ୍ତରଖାନାରେ ଉନ୍ନତ ଭିତ୍ତିଭୂମି ଥିଲେ ବି ସରକାରୀ ଉଦାସୀନତା ଯୋଗୁଁ ସେଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ ଷ୍ଟାଫ ନିଯୁକ୍ତି ହେଉନାହାନ୍ତି। ଫଳତଃ କର୍ମଚାରୀ ଅଭାବଜନିତ ସମସ୍ୟା ଯୋଗୁଁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଉତ୍ତମ ମାନର ଚିକିତ୍ସା ପାଇପାରୁନାହାନ୍ତି।

ନୂଆବର୍ଷକୁ ସ୍ୱାଗତ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଦି ଜିରୋନ'

ଭୁବନେଶ୍ୱର, ୧୯।୧୨ (ସଂଚାର ବ୍ୟୁରୋ): ୨୦୨୫ ଇଂରାଜୀ ବର୍ଷକୁ ବିଦାୟ ଜଣାଇ ନୂଆବର୍ଷ ୨୦୨୬କୁ ସ୍ୱାଗତ ଜଣାଇବା ସମସ୍ତଙ୍କ ମନରେ ଅନେକ ଆଗ୍ରହ। ଏହି ପରିପ୍ରେକ୍ଷୀରେ ଗୋଟିଏ ସ୍ଥାନରେ ଏକାଠି ହୋଇ ନୂଆ ବର୍ଷକୁ ସ୍ୱାଗତ ଜଣାଇବା ପାଇଁ କନଫରେନ୍ସ ମାଇଣ୍ଡ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମର ନାମ 'ଦି ଜିରୋନ' (ଜିରୋ ନାଇଟ ସେଲିବ୍ରେସନ) ରଖାଯାଇଛି ବୋଲି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ମଞ୍ଚେଶ୍ୱରସ୍ଥିତ ରେଲୱେ କଳିଙ୍ଗ ସଂଗ୍ରହାଳୟଠାରେ ଅନୁଷ୍ଠିତ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରୋମ୍ୟ ରଞ୍ଜନ ପଣ୍ଡା, ନିର୍ଦ୍ଦେଶକ ତିମିର୍ତ୍ରଣ ସାହୁ, ପରିଚାଳକ ଅନୂଜ ସୁବୁଦ୍ଧି, ଆଲୋକ ଦାଶ, ସଚିନ, ସନ୍ତୋଷ, ଅମର, ବାପି, ମୁକେଶ, ତନ୍ମୟ, ଲୋକନାଥ, ସୋନୁ ଭାଇ, ସୁଜିତ, ପ୍ରଚାର ଓ ପ୍ରସାର ମୁଖ୍ୟ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ମଜା ନେବା ସକାଶେ ଇଚ୍ଛୁକ ଦର୍ଶକମାନେ ବୁକ୍ ମାଇଁ ଶୋ' ଓ ହ୍ୱାଟ୍ସଅପ୍ ନମ୍ବର ୯୧୭୮୪୯୬୩୨୯ରେ ଟିକେଟ ବୁକ୍ କରିପାରିବେ।

ନୂଆବର୍ଷରେ ବିଜେଡିକୁ ନୂଆ ଝଟକା

ଭୁବନେଶ୍ୱର,୧୯।୧୨(ସଂଚାର ବ୍ୟୁରୋ): କିଛି ଦିନର ନିରବତା ପରେ ପୁଣି ଥରେ ନୂଆବର୍ଷରୁ ଆରମ୍ଭ ବିଜେଡିରେ ହଲଚଲ। ବିଜେଡିର କିଛି ରାଜ୍ୟସଭା ସାଂସଦ,

- ଚର୍ଚ୍ଚାରେ ମୁନା ଖାଁ, ନିରଞ୍ଜନ ଓ ରବୀନ୍ଦ୍ର
- କିଛି ପୂର୍ବତନ ବିଧାୟକ ବି ହଲଚଲ ହେବା ସମ୍ଭାବନା

ପୂର୍ବତନ ସାଂସଦ ଓ ପୂର୍ବତନ ବିଧାୟକ ବିଜେପି ଶିବିରକୁ ଡେଇଁ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ଗତକାଲି ରାତିରେ ବିଜେପି ସାଂସଦ ମମତା ମହନ୍ତ ଡାକିଥିବା ଭୋଜିରେ ବିଜେଡିର ଦୁଇ ଜଣ ସାଂସଦଙ୍କ ଉପସ୍ଥିତି ପରେ ଏହି ଚର୍ଚ୍ଚା ଜୋର ଧରିଛି।

ମମତା ମହନ୍ତ ଅବଶ୍ୟ ସବୁ ଦଳର ସାଂସଦ ଓ ନେତାଙ୍କୁ ତାଙ୍କ ଭୋଜିକୁ ଡାକିଥିଲେ। କିନ୍ତୁ ଅନ୍ୟ ଦଳ ଅପେକ୍ଷା ବିଜେପିର ସଂଖ୍ୟାଧିକ ସାଂସଦ ଓ ନେତା ଯୋଗଦେଇଥିଲେ। ଆଉ ଏଥିରେ ବିଜେଡିର ଦୁଇ ଜଣ ସାଂସଦଙ୍କୁ ବି ଦେଖିବାକୁ ମିଳିଥିଲା। ସେମାନେ ହେଲେ ବିଜେଡି ସାଂସଦ ମୁନା ଖାଁ ଓ ନିରଞ୍ଜନ ବିଶି। ୱାକଫ ବିଲ୍ ବିବାଦରେ ମୁନା ଖାଁ ଦଳରେ ଏକଘରିକିଆ ହୋଇଯାଇଛନ୍ତି। ସେହିଭଳି ନିରଞ୍ଜନ ବିଶି ଗତ ୬ ମାସ ହେବ ବିଜେଡି ଛାଡ଼ିବେ ବୋଲି ଆଲୋଚନା ହେଉଥିଲା। ଏହି ଦୁଇ ସାଂସଦ ନୈଶ୍ୟଭୋଜିକୁ ଯାଇ ବିଜେପିର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅନ୍ୟ ସବୁ ବିଜେପି ସାଂସଦ ଓ ନେତାଙ୍କ ଗହଣରେ ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡ଼ିବା ଘଟଣା ଏବେ ରାଜନୈତିକ ମହଲରେ ହଇଚଇ ସୃଷ୍ଟି କରିଛି।

ଦିଲ୍ଲୀରେ ମୟୂରଭଞ୍ଜ ମୁଢ଼ିମାଂସ ଖାଇ ଦୁଇ ଚର୍ଚ୍ଚିତ ରାଜ୍ୟସଭା ସାଂସଦ ମୁନା ଖାଁ ଓ ନିରଞ୍ଜନ ବିଶି ଦଳ ଛାଡ଼ିବା ନେଇ ସଙ୍କେତ ଦେଇଥିବା ଆଲୋଚନା ହେଉଛି। ଆସନ୍ତା ଏପ୍ରିଲରେ ଉଭୟଙ୍କ କାର୍ଯ୍ୟକାଳ ଶେଷ ହେଉଛି। ତାକୁ ଦୃଷ୍ଟିରେ ରଖି ଏହି ଦୁଇ ସାଂସଦ ବିଜେପି ସହ ହାତ ମିଳାଉଥିବା କୁହାଯାଉଛି। ତେବେ ଏନେଇ ଦୁଇ ସାଂସଦଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ସେପଟେ ପୂର୍ବତନ ବିଜେଡି ସାଂସଦ ରବୀନ୍ଦ୍ର ଜେନାଙ୍କ ନାଁ ବି ବିଜେପି କାର୍ଯ୍ୟାଳୟରେ ଇକୋ ହେଉଛି। ଶୁଣିବାକୁ ମିଳୁଛି, ସେ ମଧ ନୂଆ ବର୍ଷରେ ନିଜର ନୂଆ ରାଜନୈତିକ ଅଭିଯାନ ଆରମ୍ଭ କରିବେ। ତାଙ୍କ ସହ ଉତ୍ତର ଓ ପୂର୍ବ ଓଡ଼ିଶାର କିଛି ପୂର୍ବତନ ବିଧାୟକ ବି ବିଜେପିର କେନ୍ଦ୍ରୀୟ ନେତୃତ୍ୱ ଓ ରାଜ୍ୟ ସଭାପତିଙ୍କ ସହ ଯୋଗାଯୋଗରେ ଥିବା କୁହାଯାଉଛି। ପୂର୍ବରୁ ବିଜେଡିର ଦୁଇ ଜଣ ସାଂସଦ ସୁଜିତ୍ କୁମାର ଓ ମମତା ମହନ୍ତ ଏହିପରି ବିଜେଡି ଛାଡ଼ି ବିଜେପିରେ ଯୋଗଦେଇ ରାଜ୍ୟସଭା ଯାଇଛନ୍ତି।

ରାଜ୍ୟ ବିଜେଡିରେ ଧିରେ ଧିରେ ନେତୃତ୍ୱ ପ୍ରତି ନେତାମାନେ ଭରସା ହରାଉ ଥିବାରୁ ଦଳରେ ଏବେ ଅସନ୍ତୁଷ୍ଟ ବିଧାୟକ ଓ ନେତାଙ୍କ ତାଲିକା ବେଶ୍ ଲମ୍ବା। ଅବଶ୍ୟ କେହି ଖୋଲାଖୋଲି ବିରୋଧ କରୁନାହାନ୍ତି, କିନ୍ତୁ ସେମାନେ ଅନ୍ତରରେ ବିକଳ୍ପ ସନ୍ଧାନରେ ଅଛନ୍ତି। ଏମିତି ବି ଜନଗଣନା ପରେ ବିଧାନସଭା ଓ ଲୋକସଭା ଆସନ ବଢ଼ିବ ବୋଲି ଚର୍ଚ୍ଚା ହେଉଥିବାରୁ ବହୁ ନେତା ବିଜେପିରେ ନିଜ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଉଦ୍ୟମ କରୁଛନ୍ତି।

ପଶୁଙ୍କ ପ୍ରତି ଅନନ୍ୟ ପ୍ରେମ

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର
୪
ଶନିବାର ୨୦ ଡିସେମ୍ବର ୨୦୨୫, ଭୁବନେଶ୍ୱର
Saturday 20 December 2025, Bhubaneswar

ଆଜିର ଦୁନିଆରେ ଯେତେବେଳେ ମଣିଷ ପ୍ରକୃତିକୁ ନିଜ ସ୍ୱାର୍ଥରେ ନଷ୍ଟ କରୁଛି, ସେତେବେଳେ କିଛି ବ୍ୟକ୍ତି ଓ ସଂସ୍ଥା ପଶୁପକ୍ଷୀଙ୍କ ପ୍ରତି ଅପାର ପ୍ରେମ ଓ ଯତ୍ନ ଦେଖାଇ ଉଦାହରଣ ସୃଷ୍ଟି କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଗୁଜରାଟର ଜାମନଗରରେ ଅବସ୍ଥିତ ବନତାରା ଏକ ଅନନ୍ୟ ଉଦାହରଣ। ରିଲାଏନ୍ସ ଫାଉଣ୍ଡେସନର ଏହି ଉଦ୍ୟୋଗ ଅନନ୍ତ ଅମ୍ବାନୀଙ୍କ ନେତୃତ୍ୱରେ ଗଢ଼ି ଉଠିଛି, ଯାହା ପଶୁ ଉଦ୍ଧାର, ଚିକିତ୍ସା, ପୁନର୍ବାସନ ଓ ସଂରକ୍ଷଣର ଏକ ବିଶ୍ୱସ୍ତରୀୟ କେନ୍ଦ୍ର। ବନତାରାର ଅର୍ଥ ହେଉଛି 'ଜଙ୍ଗଲର ତାରକା', ଯାହା ପଶୁମାନଙ୍କ ପାଇଁ ଏକ ନୂଆ ଆଶ୍ରୟ ଭାବେ ଗଢି ଉଠିଛି।

ବନତାରା ପ୍ରକଳ୍ପ ରିଲାଏନ୍ସର ଜାମନଗର ରିଫାଇନରି କମ୍ପ୍ଲେକ୍ସର ସବୁଜ ବେଲ୍ଟରେ ପ୍ରାୟ ୩୫୦୦ ଏକର ଜାଗାରେ ବିସ୍ତୀର୍ଣ୍ଣ। ଏହା ଏକ ସାଧାରଣ ଚିଡ଼ିଆଖାନା ନୁହେଁ, ବରଂ ଆହତ, ନିର୍ଯାତିତ ଓ ବିପଦଗ୍ରସ୍ତ ପଶୁମାନଙ୍କ ପାଇଁ ଏକ ପୁନର୍ବାସନ କେନ୍ଦ୍ର। ଅନନ୍ତ ଅମ୍ବାନୀଙ୍କ ବାଲ୍ୟକାଳର ଏକ ଘଟଣା ଏହାର ପ୍ରେରଣା। ଏକ ଆହତ ହାତୀକୁ ଉଦ୍ଧାର କରିବାର ଅଭିଜ୍ଞତା ତାଙ୍କୁ ପଶୁ କଲ୍ୟାଣ ପ୍ରତି ଆକୃଷ୍ଟ କରିଥିଲା। ଏହି ପ୍ରକଳ୍ପରେ ଅତ୍ୟାଧୁନିକ ହସ୍ପିଟାଲ, ଆଇସିୟୁ, ଏମଆରଆଇ, ହାଇଡ୍ରୋଥେରାପି ପୁଲ ଓ ଅନ୍ୟାନ୍ୟ ସୁବିଧା ରହିଛି। ହାତୀମାନଙ୍କ ପାଇଁ ବିଶେଷ ଜାକୁଜି ଓ ଆୟୁର୍ବେଦିକ ତେଲ ମାଲିସ ଭଳି ଯତ୍ନ ଏହାକୁ ଅନନ୍ୟ କରିଛି।

ବନତାରାରେ ହଜାର ହଜାର ପଶୁ ଆଶ୍ରୟ ପାଇଛନ୍ତି-ହାତୀ, ବାଘ, ସିଂହ, ଚିତାବାଘ, କୁମ୍ଭୀର ଆଦି ବିପଦଗ୍ରସ୍ତ ପ୍ରଜାତି। ଭାରତ ଓ ବିଦେଶରୁ ଉଦ୍ଧାର ହୋଇଥିବା ପଶୁମାନଙ୍କୁ ଏଠାରେ ପ୍ରାକୃତିକ ପରିବେଶ ଅନୁକରଣ କରି ରଖାଯାଇଛି। ଏହା ଆନ୍ତର୍ଜାତିକ ସଂଗଠନ ଯେମିତି ଆଇୟୁସିଏନ ଓ ଡବ୍ଲ୍ୟୁଡବ୍ଲ୍ୟୁଏଫ ସହ ସହଯୋଗ କରୁଛି। ୨୦୨୫ ସୁଦ୍ଧା ଏହା ପ୍ରାଣୀ ମିତ୍ର ପୁରସ୍କାର ପାଇଛି ଏବଂ ବିଭିନ୍ନ ଅନୁସନ୍ଧାନରେ ନିରୀହ ବୋଲି ପ୍ରମାଣିତ ହୋଇଛି। ଏହି ପ୍ରକଳ୍ପ କେବଳ ଉଦ୍ଧାର ନୁହେଁ, ପ୍ରଜାତି ସଂରକ୍ଷଣ ଓ ପରିବେଶ ଶିକ୍ଷାକୁ ପ୍ରୋତ୍ସାହିତ କରୁଛି।

ବନତାରା ପଶୁପ୍ରତି ଏକ ଅନନ୍ୟ ପ୍ରେମର ପ୍ରତୀକ। ଅନନ୍ତ ଅମ୍ବାନୀ କହିଛନ୍ତି, "ପଶୁମାନଙ୍କରେ ମୁଁ ଈଶ୍ୱରଙ୍କୁ ଦେଖୁଛି ଏବଂ ବନତାରା ମୋର ମନ୍ଦିର।" ଏହି ଉଦ୍ୟୋଗ ଆମକୁ ଶିଖାଉଛି ଯେ ମଣିଷ ଓ ପଶୁ ମଧ୍ୟରେ ସହବଳ ସମ୍ଭବ। ଯଦି ଆମେ ସମସ୍ତେ ଏହି ଭଳି ପ୍ରେମ ଓ ଦାୟିତ୍ୱ ନେଇପାରିବା, ତେବେ ପୃଥିବୀ ଅଧିକ ସୁନ୍ଦର ହେବ। ବନତାରା କେବଳ ଏକ ପ୍ରକଳ୍ପ ନୁହେଁ, ଏହା ମାନବତାର ଏକ ଉଜ୍ଜ୍ୱଳ ଅଧ୍ୟାୟ। ଏହା ଆମକୁ ପ୍ରେରଣା ଦେଉଛି ଯେ ପଶୁମାନଙ୍କ ପ୍ରତି ପ୍ରେମ ହିଁ ପ୍ରକୃତ ଧର୍ମ।

୧୯୪୭ରୁ ଭାରତ ସାଂସ୍କୃତିକ, ଧର୍ମନିରପେକ୍ଷ ହିନ୍ଦୁ ରାଷ୍ଟ୍ର

ଗୋପାଳ ମହାପାତ୍ର

ଏ କଥା ସମସ୍ତେ ଜାଣନ୍ତି ଯେ ୨୦୧୪ରୁ ଆମ ଦେଶ ଇଣ୍ଡିଆରୁ ଭାରତ ହୋଇଯାଇଛି ଯାହାର ବିଚାରଧାରା, ଗୋଟିଏ ସଂସ୍କୃତି, ଗୋଟିଏ ଭାଷା ଅନେକ କିଛି ଏକ ହୋଇଯାଛି। ଦେଶ ଏବେ ଗାନ୍ଧୀ, ନେହେରୁ ଏବଂ ଆଜାଦ୍‌ଙ୍କର ନୁହେଁ ବରଂ ହେଡ଼ଗେୱାର, ଗୋଲବାଲକର, ସାବରକର, ଶ୍ୟାମ ପ୍ରସାଦ ମୁଖାର୍ଜୀ ଏବଂ ଦୀନ ଦୟାଲ ଉପଖ୍ୟାନଙ୍କ ଦେଶରେ ପରିଣତ ହେବାରେ ଲାଗିଛି। ଏହାର କାରଣ ହେଉଛି ଭାରତରେ ହିନ୍ଦୁଙ୍କ ସଂଖ୍ୟା ଅଧିକ ଏବଂ ଦେଶ ଧର୍ମରେ ନୁହେଁ ବରଂ ସଂସ୍କୃତିରେ ଧର୍ମନିରେପେକ୍ଷ। ବିଗତ ସରକାରମାନଙ୍କ ତୁଳନାରେ ଧର୍ମ ନିରପେକ୍ଷତାର ପ୍ରକୃତ ତଥ୍ୟ ଏହି ସରକାରରେ ରହିଛି। ଏହାର ମଧ କାରଣ ହେଉଛି ହିନ୍ଦୁତ୍ୱ। ବିଶେଷ କଥା ହେଉଛି ଏଥିରେ ସବୁ ଆସ୍ଥା (ଧର୍ମ) ମାନଙ୍କ ପାଇଁ ସଂରକ୍ଷଣ ଏବଂ ନେତୃତ୍ୱ ରହିଛି। ସ୍ୱାଧୀନତା ପରଠାରୁ ଭାରତ ସାଂସ୍କୃତିକ, ଧର୍ମନିରପେକ୍ଷ ରାଷ୍ଟ୍ରରେ ପରିଣତ ହୋଇଯାଇଛି। ଆଜିର ଭାରତରେ ସମସ୍ତ ଭାରତୀୟ ହିନ୍ଦୁ ଅଟନ୍ତି, ଧାର୍ମିକ ଅଥବା ସାମାଜିକ ରୂପରେ ନୁହେଁ ବରଂ ସାଂସ୍କୃତିକ ରୂପରେ। କାରଣ ସମସ୍ତ ଙ୍କ ଡ଼ିଏନ୍ଏ ଏକ ଯଦିଓ ଧର୍ମ ଯାହା ବି ହେଉ। ଏଥିରେ ଧର୍ମନିରପେକ୍ଷତାର ଅର୍ଥ ତୁଷ୍ଟିକରଣ ନୁହେଁ ବରଂ ସନ୍ତୁଷ୍ଟି କରଣ ଅଟେ। ନିକଟରେ ବିହାର ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ଜଣାପଡ଼ିଛି ଯେ ବିଜେପି ବା ଏନ୍‌ଡ଼ିଏ ଭୋଟରଙ୍କ ମନ ମସ୍ତିଷ୍କରେ ବିଜେପି ସପକ୍ଷରେ ଏକ ସକରାତ୍ମକ ମାନସିକତା ସୃଷ୍ଟି କରିବାରେ ସଫଳ ହୋଇଛି। ୯୦ଦଶକରେ ଯେଉଁ ମଣ୍ଡଳ, ମନ୍ଦିରର ରାଜନୀତି ଚାଲିଥିଲା ତା'ର ପ୍ରଭାବରେ କଂଗ୍ରେସ ଧରାଶାୟୀ ହୋଇଥିଲା ଏବଂ ଧର୍ମନିରପେକ୍ଷ ରାଜନୀତି ଦୂରେଇ ଯାଇଥିଲା। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ ଏବଂ ଗୁଜୁରାଟପରେ ବିଜେପି ବିହାରରେ ତାର ସ୍ଥିତି ସୁଦୃଢ଼ କରିପାରିଛି। ଏହା ନିଶ୍ଚିତଭାବେ ବିଜେପି ଏବଂ ସଂଘର ମନୋବଳ ବଢ଼ାଇ ପାରିଛି।

ନେହେରୁ, ଇନ୍ଦିରାଙ୍କ ସମୟର ଭୋଟ ବିଭାଜିତ ହୋଇଥିଲା ଓ ମୁସ୍‌ଲିମ ଭୋଟ ବ୍ୟାଙ୍କ, ଦଳିତ, ପଛୁଆ ଭୋଟ ଧର୍ମନିରପେକ୍ଷ ସରକାରଠାରୁ ଦୂରେଇ ଯାଇଥିଲା। ଏସବୁର ଫାଇଦା ଉଠାଇ ବିଜେପି ଏବଂ ସଂଘ ହିନ୍ଦୁତ୍ୱର ଧ୍ୱଜା ଉଡ଼ାଇବାରେ ସକ୍ଷମ ହୋଇଥିଲେ। ଏବେ ବିହାର ପରେ ପଶ୍ଚିମବଙ୍ଗ ରେ ବିଜେପି ତାର ରଣନୀତିର ପରୀକ୍ଷା କରିବାକୁ ଉଦ୍ୟମ କରୁଛି। ଏବେ ଯଦି କୁହାଯିବ ବିଜେପିର ଯାଦୁ ଭାରତୀୟମାନଙ୍କ ଉପରେ ପଡ଼ିଛି ତେବେ ଏହା ଅତିସୟୋକ୍ତି ନୁହେଁ। ବିଗତ କିଛିବର୍ଷ ହେବ ବିରୋଧିଦଳମାନେ ଗୋଟିଏ ମଞ୍ଚରେ ମଧ ଠିଆ ହୋଇ ପାରୁନାହାନ୍ତି। ବିଜେପି ଆଉ ସଂଘ ବିହାରର ନିର୍ବାଚନରେ ଏଭଳି ଖେଳ କଲେ ଯେ, କଂଗ୍ରେସ ସମତେ ସବୁ ବିରୋଧି ଦଳ ଏପରିକି ବାମପନ୍ଥୀମାନଙ୍କ ସ୍ଥିତି ବିଗିଡ଼ି ଯାଇଠିଥିଲା। ଏଣୁ ଯଦି କଂଗ୍ରେସର ବା କେହି ତୃତୀୟ ମୋର୍ଚ୍ଚା ନିଜକୁ ରାଜନୀରେ ବଞ୍ଚାଇ ରଖିପାରିବ ତେବେ ସେମାନଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ।

ପ୍ରଧାନମନ୍ତ୍ରୀ ଭାରତୀୟ ଜନତାଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇପାରିଛନ୍ତି ଶତାବ୍ଦୀ ଶତାବ୍ଦୀ ଧରି ଚାପି ହୋଇଥିବା ହିନ୍ଦୁ ଏବେ ଜାଗି ଉଠିଛନ୍ତି। ଏଣୁ ସମସ୍ତେ ଭାବୁଛନ୍ତି ଯେ ହିନ୍ଦୁଙ୍କ ପାଇଁ ଏବେ ଭଲ ସମୟ ଆସିଯାଇଛି। ହିନ୍ଦୁ ଭୋଟରମାନଙ୍କୁ ଏକାଠି କରିବା ପାଇଁ ମୋଦୀ ଅନେକ ପରିଶ୍ରମ କରିଛନ୍ତି ଏପରିକି ଲୋକଙ୍କ ମନରେ ଏକଥା ପୁରାଇ ପାରିଛନ୍ତି ଯେ, କଂଗ୍ରେସ ହିନ୍ଦୁ ବିଚାରଧାରାକୁ ଚପାଇ ରଖିଥିଲା। ହିନ୍ଦୁଙ୍କ ମନରେ ଏବେ ଆତ୍ମ ବିଶ୍ୱାସ ସୃଷ୍ଟି ହୋଇଛି ଯେ ଛଅ ଦଶନ୍ଧିରୁ ଅଧିକ ସମୟ ସରକାରରେ ରହିଥିବା ଦଳମାନେ ଯାହା କରିପାରିନଥିଲେ ବିଜେପି ଏବେ ତାହା କରିପାରିଛି। ଏଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ ଯେ ବିଜେପି ପଶ୍ଚିମବଙ୍ଗରେ ତାର ସ୍ଥିତି ସୁଧାରି ପାରିବ। କଂଗ୍ରେସର ସ୍ଥିତି ଦୂର୍ବଳ ଓ ବାମପନ୍ଥୀଙ୍କ ଅସ୍ପଷ୍ଟ ହେବାର ଲାଗିଛି। ଅନ୍ୟପକ୍ଷରେ ଦେଶବାସୀ ଦେଖୁଛନ୍ତି ମୋଦୀଙ୍କୁ ଟ୍ରମ୍ପ, ପୁଟିନ୍ ଓ ଅନ୍ୟମାନେ ଗୁରୁତ୍ୱ ଦେଉଛନ୍ତି। ଦେଶରେ ମୋଦୀ ଓ ଅମୀତ ଶାହଙ୍କ ଭଳି ବ୍ୟକ୍ତି ବିଶେଷଙ୍କୁ ରାଜନୀତରେ ଚାଲେଞ୍ଜ କରିବା ପାଇଁ ସେଭଳି ନେତା ନାହାନ୍ତି। ରାହୁଲ ଗାନ୍ଧୀ, ଅଖିଳେଶ ଯାଦବ, ତେଜସ୍ୱୀ ଯାଦବ, କେଜରୀୱାଲ, ମମତା ଓ ମାୟାବତୀ ସମସ୍ତେ ମୋଦୀଙ୍କ ଆଗରେ ଫିକା ପଡ଼ିଯାଇଛନ୍ତି। ସବୁ ନିର୍ବାଚରେ ବିଜେପ ବାଜିମାତ୍ କରୁଛି। ସବୁ ବିରୋଧିମାନେ ମୋଦୀଙ୍କୁ ହଟାଇବାପାଇଁ ଉଦ୍ୟମ କରୁଛନ୍ତି କିନ୍ତୁ ବିଫଳ ହେଉଛନ୍ତି। ଉତ୍ତରପ୍ରଦେଶର ପାଖାପାଖି ୨୦ପ୍ରତିଶତ, ଆସାମର ୩୦% ଏବଂ ବିହାରର ୨୮% ମୁସ୍‌ଲିମ ବିଜେପିର ବିଜୟପଥକୁ ରୋକିପାରୁନାହାନ୍ତି। ପଶ୍ଚମବଙ୍ଗର ଅନେକ ହିନ୍ଦୁ ଏବଂ କିଛି ମୁସଲିମ ଭୋଟର ମମତାଙ୍କ ଠାରୁ ଦୂରେଇ ଗଲେଣି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମୋହନ ଭାଗବତ କହୁଛନ୍ତି ଯେ, ଭାରତ ହିନ୍ଦୁ ସଂସ୍କୃତି, ଅସ୍ମିତା ଏବଂ ହିନ୍ଦୁତ୍ୱର ରାଷ୍ଟ୍ର ଅଟେ। ଏଠି ସବୁ ଧର୍ମକୁ ସମ୍ମାନ ଦିଆଯାଏ ଏବଂ ସବୁ ପୂଜା ପଦ୍ଧତି ମଧ ସମ୍ମାନୀୟ ଅଟେ। ଧର୍ମ ଗୋଟିଏ କିନ୍ତୁ ତାର ଅନେକ ନାମ ରହିଛି। ହିନ୍ଦୁତ୍ୱ ଏକ ସଂସ୍କୃତି ଏହା ଧର୍ମନୁହେଁ। ଏହା ସଂସ୍କୃତିର ଆଧାର ଅଟେ। ଦେଶରେ ହିନ୍ଦୁ, ମୁସଲିମ୍ ସଂଘର୍ଷ ବଦଳରେ ସମସ୍ତେ ମିଳିମିଶି ଶାନ୍ତିରେ ସହାବସ୍ଥାନ କରିବା ଆବଶ୍ୟକ।

ରାଚନ୍ଦ୍ରପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪

ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ...

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଉଦାର ଚିତ୍ତ ବ୍ୟକ୍ତି ନିମିତ୍ତ ଏ ସମ୍ପୂର୍ଣ୍ଣ ପୃଥିବୀ ଗୋଟିଏ କୁଟୁମ୍ବ ସଦୃଶ। ଉଦାର ବ୍ୟକ୍ତି ମୋର, ତୋର ବୋଲି କହି ନଥାନ୍ତି। ତାଙ୍କର ଜୀବନ ପର ସେବାରେ ନିୟୋଜିତ ରହେ। ଯେପରି ବୃକ୍ଷରେ ଫଳ ଆସିଲେ ନଇଁ ପଡ଼େ ତାହା ଅନ୍ୟର ସ୍ୱାର୍ଥରେ ଲାଗିଥାଏ, ଉଦାରବ୍ୟକ୍ତି କେବଳ ଅନ୍ୟର କଲ୍ୟାଣ ନିମିତ୍ତ ଚେଷ୍ଟାକରନ୍ତି। ସାଧୁ ମହାମାନବ ଏବଂ ସଜ୍ଜନ ଗଣ ବୃକ୍ଷ ସଦୃଶ। ବୃକ୍ଷ ନିଜେ ବହୁ କଷ୍ଟ ସ୍ୱୀକାରକରି ଫଳ ଧରେ ସେହି ଫଳକୁ ନିଜେ ଖାଏନା, ଅନ୍ୟକୁ ଦିଏ। ସେମିତି ଉଦାର ବ୍ୟକ୍ତିମାନେ ନିଜେ କଷ୍ଟ ସହି ଅନ୍ୟର ଉପକାର କରିଥାନ୍ତି। ଯେପରି ଫଳିଥିବା ବୃକ୍ଷକୁ ପଥର ଫିଙ୍ଗିଲେ ସେ ପଥର ମାଡ ସହି ମଧ ଫଳଦାନ କରିଥାଏ, ହିଂସାର ଉତ୍ତର ହିଂସା ନୁହେଁ କ୍ଷମା। ପରାର୍ଥେ ପ୍ରାଜ୍ଞ ପ୍ରାଣ ଉତ୍ସୃଜେତ୍। କ୍ଷମା ହେଉଛି ମହତ୍ ଲୋକର ଲକ୍ଷଣ। କ୍ଷମା ଅର୍ଥ ଦୁର୍ବଳତା ବା ଭୀରୁତା ନୁହେଁ, କ୍ଷମାର ଅର୍ଥ ଉଦାରତା ଏବଂ ସହିଷ୍ଣୁତା। ଉଦାର ମନୁଷ୍ୟ ନିମିତ୍ତ ଧନ, ବୀର ପୁରୁଷଙ୍କ ନିମିତ୍ତ ମୃତ୍ୟୁ, ବିରକ୍ତଙ୍କ ନିମିତ୍ତ ସ୍ତ୍ରୀ ଓ ନିଷ୍ପୃହଙ୍କ ନିମିତ୍ତ ସଂସାର ତୃଣ ସମାନ ବୋଧ ହୁଏ। ଅର୍ଥାତ୍ ଅତି ତୁଚ୍ଛ ଅଟେ। ଉଦାର ବ୍ୟକ୍ତି ପରର ନିନ୍ଦାକୁ ମୂକ, ପରଦୋଷ ଦେଖିବାରେ ଅନ୍ଧ, ଚୁଗୁଲି କରିବାରେ ବଧିର ଭଳି ହୋଇଥାଆନ୍ତି। ଚନ୍ଦନ ବୃକ୍ଷକୁ କୁରାଢ଼ିରେ କାଟିଲେ ଯେପରି କାଟିବା ଯନ୍ତ୍ରକୁ ସେ ବାସ ବିତରଣ କରେ ବରଂ ବାରଣ କରେ ନାହିଁ ଯେ ମୋତେ କାଟିଛି ୟାକୁ ବାସ୍ନା ଦେବି ନାହିଁ, ସେହିପରି ଉଦାର ବ୍ୟକ୍ତିର ଅହିତ କରୁଥିବା ଲୋକକୁ କ୍ଷମାପ୍ରଦାନ କରନ୍ତି ଏବଂ ଭଲ ପାଇଥାଆନ୍ତି। ଯେପରି ଦାନବୀର କର୍ଣ୍ଣ ଜାଣିଥିଲେ କୁଣ୍ଡଳଟି ଚାଲିଗଲେ ମୃତ୍ୟୁ ସୁନିଶ୍ଚିତ ତଥାପି ନିଜର କୁଣ୍ଡଳକୁ, ଦାନ କରିଛନ୍ତି। ସେହିପରି ଶିବିରାଜା ଗୋଟିଏ ପକ୍ଷୀକୁ ବଞ୍ଚାଇବାକୁ ଯାଇ ନିଜର ମାଂସକୁ ମଧ ପ୍ରଦାନ କରିଥିଲେ। ଦେବତାମାନଙ୍କ ଦୁର୍ଦ୍ଦଶାକୁ ଦୂର କରିବାକୁ ଦଧିଚୀ ଋଷି ନିଜର ଶରୀରକୁ ତିଳ ତିଳ କରି କ୍ଷୟ କରିଥିଲେ ଏବଂ ନିଜର ଅସ୍ଥିକୁ ସମଗ୍ର ଜଗତ ପାଇଁ ଦାନ କରିଥିଲେ। ଯେଉଁ ଅସ୍ଥିରୁ ଜୀମୂତ ବାହନ ଇନ୍ଦ୍ରଙ୍କ ବଜ୍ରନିର୍ମିତ ହୋଇଥିଲା। ସାରା ସଂସାରରେ ମହାତ୍ମାଙ୍କ ନିକଟରେ କିଛି ଅଦେୟ ନଥାଏ।

ଲୋଭୀ ଲୋକ ଧନଲୋଭରେ ପଡ଼ି ସମସ୍ତ ଧନ ସମ୍ପତ୍ତିକୁ ମାଟିରେ ପୋତି ଦେଇଥାଏ। ସେହି ଧନ ତା ନିଜ କାର୍ଯ୍ୟରେ ଲାଗେ ନାହିଁ କିମ୍ବା ଅନ୍ୟର ଉପକାରରେ ମଧ ଲାଗେନାହିଁ। କିନ୍ତୁ ଯିଏ ଦାତା, ଜୀବନରେ ଅନ୍ୟର ଉପକାର କରି ନିଃସ୍ୱ ହୋଇଯାଇଥାଏ। ତଥାପି ତା'ର ମନ ଅତି ଆନନ୍ଦିତ। କାରଣ ତାର ଧନ ଅନ୍ୟର ଉପକାରରେ ଲାଗିଲା। ସେ ଭାବେ ଦାତା ଏକ ରାମ ଔର ଭିକାରୀ ସାରେ ଦୁନିଆଁ। ସବକୋ ଦେତା ହୈ ଏକହି ଦାତା। ତେଣୁ ସେ ତା'ର ଧନକୁ ଦାନକରି ଆନନ୍ଦ ପାଇଥାଏ। ଆଜି ମନୁଷ୍ୟ ମଧ୍ୟରେ ସ୍ୱାର୍ଥପର ଶୈତାନ୍ ବସିଥିବାରୁ ସେ ହିଂସା, ଈର୍ଷା ଏବଂ ଅନ୍ୟର କ୍ଷତିକରିବାକୁ ପଶ୍ଚାତ୍‌ପଦ ହେଉନାହିଁ। ତା'ର ଯେତିକି ଆବଶ୍ୟକ ତା'ଠାରୁ ବହୁଗୁଣ ଅଧିକ ସମ୍ପତ୍ତି ଠୁଳ କରୁଛି। ପାପ ଅର୍ଜିତ ସେହି ସମ୍ପତ୍ତିକୁ ସୁରକ୍ଷା କରିବାକୁ ଯାଇ ସରକାର ହାତରେ ଧରାପଡ଼ୁଛି। କେତେ ନିନ୍ଦା, କେତେ କଳଙ୍କର ଟୀକା ତାକୁ ବହନ କରିବାକୁ ପଡ଼ୁଛି। ମଣିଷ ଭାବେ ସମ୍ପତ୍ତି ନେଇ ସେ ସୁଖି ହେବ କିନ୍ତୁ ଯେଉଁ ସମ୍ପତ୍ତିକୁ ସେ ସୁଖର କାରଣ ଭାବେ ତାହା ଦିନେ ଦୁଃଖର କାରଣ ହୋଇ ଠିଆହୁଏ। ସମ୍ପତ୍ତିକୁ ଠୁଳକରିଥିବା ମଣିଷଟି ନା ଶାନ୍ତିରେ ଶୋଇପାରେ ନା ଶାନ୍ତିରେ ଭୋଜନ କରିପାରେ। ମନଟି ତାର ସର୍ବଦା ଥାଏ ସମ୍ପତ୍ତି ପାଖରେ। ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଉଲ୍ଲେଖ କରିଛନ୍ତି ଯେ, ଯେତେବେଳେ ମନ ଈଶ୍ୱର ବା ସତ୍ ଚିନ୍ତନରୁ ଓହରିଯାଇ ବିଷୟରେ ଲାଗିଯାଏ ସେତେବେଳେ ଯାବତୀୟ ଅଶାନ୍ତି ଆସିଥାଏ। ମଣିଷର ଲୋଭ ପ୍ରବୃତ୍ତି ହିଁ ତା'ଅଶାନ୍ତିର ମୂଳକାରଣ ହୋଇଥାଏ। ଗୋଟାଏ ବଖରା ଘରକୁ ମଣିଷର ଆୟୁଷ ନାହିଁ ତଥାପି ସେ ଅନେକ ଘରତୋଳୁଛି। ସେତିକିରେ ଶାନ୍ତି ନରହି ଅଶାନ୍ତ ହୋଇ ଉଠୁଛି ଆହୁରି କିଛି ଜମି, ଜାଗା କିଣିବା ପାଇଁ। ବାସ୍ତବରେ ମଣିଷ ଭିତରେ ଉଦାର ପଣିଆଟିକକ ଲୋପ ପାଇଗଲେ ଏପରି ଅବସ୍ଥା ସୃଷ୍ଟି ହୋଇଥାଏ। ଜୀବନରେ ଯେତିକି ଆବଶ୍ୟକ ସେତିକିକୁ ନେଇ ଚଳିପାରିଲେ ଶାନ୍ତି ମିଳିବ। ଆମେ ଭାବନ୍ତି ବହୁ ସମ୍ପତ୍ତି ହେଲେ ଉପଭୋଗ କରିବାର ସୁବିଧା ମିଳିଯିବ। ଏହା କିନ୍ତୁ ପରମେଶ୍ୱର ସହନ୍ତିନାହିଁ। ଯେଉଁଲୋକ ଯେତିକି ସମ୍ପତ୍ତି ଠୁଳକରେ ସେ ସେତିକି ଦୁଃଖି ହୋଇଥାଏ। ଯେ ଯେତିକି ସ୍ୱାର୍ଥପର ହୋଇଥାଏ ସେ ସେତିକି ଯନ୍ତ୍ରଣା ଜର୍ଜରିତ ହୋଇଥାଏ। ସଂସାରରେ କାହାର ଦୁଃଖର କାରଣ ନହେଲେ କେହି ତୁମ ଦୁଃଖର କାରଣ ହେବନାହିଁ। ସେଥିପାଇଁ ଜିସସ୍ କହିଥିଲେ ସ୍ୱାର୍ଥପର ଶୈତାନ୍‌କୁ ତଡ଼ି, ପ୍ରେମମୟ ଭଗବାନଙ୍କୁ ହୃଦୟରେ ବସାଇବା ଉଚିତ। ସେହିପରି ଗୌରାଙ୍ଗ ଦେବ ନିଜେ ମାଡ଼ ଖାଇ ମଧ ଜଗାଇମାଧାଇଙ୍କୁ ପ୍ରେମମୟ ପ୍ରଭୁଙ୍କୁ ଦର୍ଶନ କରି ନିଜ ଜୀବନକୁ ପରାର୍ଥେ ଉତ୍ସର୍ଗୀକୃତ କରି ସମଗ୍ର ବିଶ୍ୱ ବାସୀଙ୍କୁ ନିଜର କୁଟୁମ୍ବ ବୋଲି ଭାବିଥାଆନ୍ତି। ଆମେ ସେହି ଏକ ପରମପିତାଙ୍କର ସନ୍ତାନ ସନ୍ତତି ହୋଇ ଚଳିବା ଉଚିତ୍।

ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋବାଇଲ୍: ୯୪୩୭୦୫୧୯୫୭

ଆଜି ଅନ୍ତର୍ଜାତୀୟ ମାନବ ଏକତା ଦିବସ

ପ୍ରତିବର୍ଷ ଡିସେମ୍ବର ୨୦ରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଅନ୍ତର୍ଜାତୀୟ ମାନବ ଏକତା ଦିବସ। ଏକତାକୁ ଏକ ମୌଳିକ ଓ ବିଶ୍ୱ ମୂଲ୍ୟବୋଧ ଭାବେ ୨୦୦୫ରେ ଜାତିସଂଘ ଘୋଷଣା କରିଥିଲା। ବିଶ୍ୱସ୍ତରୀୟ ବିଷୟ ଓ ସମସ୍ୟା ଗୁଡ଼ିକୁ ମିଳିତ ଭାବେ ସାମ୍ନା କରିବା କେତେ ଗୁରୁତ୍ୱପୂର୍ଣ୍ଣ, ଏହି ଦିବସ ତାହା ଆମକୁ ମନେପକାଇଦିଏ। ବିଶ୍ୱରେ ବିକାଶ ଲକ୍ଷ୍ୟ ପୂରଣରେ ଏକତା ହିଁ ଏକମାତ୍ର ରାସ୍ତା। ବିଶ୍ୱର ସମସ୍ତ ସମସ୍ୟା ସମାଧାନର ଏକମାତ୍ର ପନ୍ଥା ଏକତା ବୋଲି ଜାତିସଂଘର ସାଧାରଣ ସଚିବ ଗୁରୁତ୍ୱାରୋପ କରିଛନ୍ତି। ବିଶ୍ୱବାସୀ ଗୋଟିଏ ପରିବାରର ସଦସ୍ୟ ଭାବେ କାର୍ଯ୍ୟ କରିବା ଉଚିତ, ଫଳରେ ବୃହତ୍ ଲକ୍ଷ୍ୟ ସାଧନ ସହଜ ହେବ। ତେଣୁ ପ୍ରତ୍ୟେକ ବ୍ୟକ୍ତି ପରସ୍ପରକୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବା ସହିତ ସମସ୍ତେ ଗୋଟିଏ ସମୁଦାୟର ବୋଲି ମନେକରିବା ଉଚିତ। ଦାରିଦ୍ର୍ୟ ଦୂରୀକରଣରେ ଏକତାର ମୂଲ୍ୟବୋଧ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ମଧ ଏହି ଦିବସର ଅନ୍ୟତମ ମୁଖ୍ୟ ଲକ୍ଷ୍ୟ। ଏ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ମେଳନ ମାଧ୍ୟମରେ ଦାରିଦ୍ର୍ୟ ଦୂରୀକରଣ ନୂଆ ପନ୍ଥା ବାହାର କରିବାକୁ ଲୋକଙ୍କୁ ଉତ୍ସାହିତ କରାଯାଏ। ଲ୍ୟାଣ୍ଡମାଇନ୍‌ଗୁଡ଼ିକୁ ନିଷିଦ୍ଧ କରିବା, ଲୋକଙ୍କୁ ସ୍ୱାସ୍ଥ୍ୟ ଓ ଚିକିତ୍ସା ଯୋଗାଇଦେବା, ପ୍ରାକୃତିକ କିମ୍ବା ମାନବକୃତ ବିପର୍ଯ୍ୟୟରେ ପୀଡ଼ିତ ବ୍ୟକ୍ତିଙ୍କୁ ଉପଶମ ବ୍ୟବସ୍ଥା, ଶିକ୍ଷା, ଆତଙ୍କବାଦ, ଦୁର୍ନୀତି ଓ ଦାରିଦ୍ର୍ୟ ବିରୋଧରେ ଲଢ଼େଇ ଆଦି ପ୍ରମୁଖ ବିଷୟଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ଅଭିଯାନ ମାଧ୍ୟମରେ ପ୍ରୋତ୍ସାହିତ କରାଯାଏ।

ଦାକ୍ଷିଣାତ୍ୟର ଦ୍ୱାରକା-ଗୁରୁବାୟୁର

ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

ତୀର୍ଥାଟନ ମନରେ ଆଧାତ୍ମିକଭାବ ଉଦ୍ରେକ କରିବା ସହିତ ଅବସର ବିନୋଦନର ମଧ ସୁଯୋଗ ଦେଇଥାଏ। ଏହି ଭାବନେଇ ମୁଁ ଏବଂ ମୋର ସ୍ୱାମୀ ଶ୍ରୀ କୁଞ୍ଜବିହାରୀ ଜେନା ଦକ୍ଷିଣ ଭାରତର ଦ୍ୱାରକା ଭାବରେ ପରିଚିତ ଗୁରୁବାୟୁର ଯାତ୍ରା କରିଥିଲୁ। ଏହି ସହରଟି କେରଳ ରାଜ୍ୟର ତ୍ରିଚୁର ଜିଲ୍ଲାରେ ଏବଂ କୋଚି ଠାରୁ ୨୫ କିମି ଦୂରରେ ଅବସ୍ଥିତ ଏକ ରମଣୀୟ ତଥା ପବିତ୍ର ସ୍ଥାନ। ଏହି ସ୍ଥାନର ନାମ ଗୁରୁବାୟୁର ହେବାର କାରଣ ଏଠାରେ ଭଗବାନ ମହାବିଷ୍ଣୁଙ୍କ ଆରାଧ ମୂର୍ତ୍ତି 'ଗୁରୁବାୟୁରାପ୍‌ପନ' ପୂଜା ପାଆନ୍ତି। ସୁନ୍ଦର, ସୁବାସିତ ତୁଳସୀ ଗଜରା ଓ ମୋତି ମାଳୀରେ ସୁସଜ୍ଜିତ ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ବିଷ୍ଣୁଙ୍କୁ ମନ୍ଦିର ମଧ୍ୟରେ ଦର୍ଶନ କଲେ ଜନ୍ମଜନ୍ମାନ୍ତରର ପାପକ୍ଷୟ ହୁଏ ବୋଲି କଥିତ ଅଛି। ଗୁରୁବାୟୁରାପ୍‌ପନ ଏଠାକୁ କିପରି ଆସିଲେ ସେ ବିଷୟରେ ଏକ ସୁନ୍ଦର କିମ୍ବଦନ୍ତୀ ଅଛି। ଗୁରୁବାୟୁରାପ୍‌ପନଙ୍କ ମର୍ତ୍ତିଟି ସ୍ୱୟଂ ନାରାୟଣଙ୍କ ଦ୍ୱାରା ପ୍ରଥମେ ପୂଜିତ ହୋଇଥିଲା। ପରେ ସେ ଏହି ମୂର୍ତ୍ତିକୁ ବ୍ରହ୍ମାଙ୍କୁ ପ୍ରଦାନ କରିଥିଲେ। କଥିତ ଅଛି ଯେ ଏହି ଦେବତାଙ୍କ କରୁଣାରୁ ବ୍ରହ୍ମା ସୃଷ୍ଟି ପ୍ରକ୍ରିୟା ଆରମ୍ଭ କରିପାରିଥିଲେ। ପୁରାଣ ଯୁଗରେ ନିଃସନ୍ତାନ ଦମ୍ପତି ସୁତପା ଓ ପ୍ରିଷ୍ଣା ଏକ ପୁତ୍ର ପ୍ରାପ୍ତି ଉଦ୍ଦେଶ୍ୟରେ ବ୍ରହ୍ମାଙ୍କୁ ଆରାଧନା କରିଥିଲେ। ବ୍ରହ୍ମା ତାଙ୍କ ଉପରେ ସନ୍ତୁଷ୍ଟ ହୋଇ ନାରାୟଣଙ୍କର ଏହି ମୂର୍ତ୍ତିଟି ଦେଇଥିଲେ ଏବଂ ଭକ୍ତିର ସହିତ ପୂଜାକଲେ ତାଙ୍କର ମନୋବାଞ୍ଛା ପୂର୍ଣ୍ଣ ହେବ ବୋଲି କହିଥିଲେ। ତାଙ୍କ ପୂଜାରେ ସନ୍ତୁଷ୍ଟ ହୋଇ ମହାବିଷ୍ଣୁ ଆଶୀର୍ବାଦ ପ୍ରଦାନ କରିଥିଲେ ଯେ ସେ ନିଜେ ସେମାନଙ୍କର ପୁତ୍ର ହୋଇ ତିନିଥର ଜନ୍ମ ନେବେ ଏବଂ ସେମାନେ ଏହି ପବିତ୍ର ମୂର୍ତ୍ତିକୁ ଆଗାମୀ ତିନି ଜନ୍ମପାଇଁ ପୂଜା କରିବାର ସୁଯୋଗ ପାଇବେ। ପ୍ରଥମେ ସୁତପା ଓ ପ୍ରିଷ୍ଣାଙ୍କ ଠାରୁ ପ୍ରିସିଗର୍ଭା ରୂପରେ ଦ୍ୱିତୀୟରେ କାଶ୍ୟପ ଓ ଅଦିତୀଙ୍କ ଠାରୁ ବାମନ ରୂପରେ ଓ ଶେଷରେ ଦେବକୀ ଓ ବସୁ ଦେବଙ୍କ ଠାରୁ ଶ୍ରୀକୃଷ୍ଣ ରୂପରେ ଜନ୍ମ ଗ୍ରହଣ କରିଥିଲେ। କଂସର ନିଧନ ପରେ ଶ୍ରୀକୃଷ୍ଣ ଦ୍ୱାରକା ନଗରୀ ପ୍ରତିଷ୍ଠା କଲାପରେ ସେଠାରେ ଏକ ମନ୍ଦିର ନିର୍ମାଣ କରାଇ ମୂର୍ତ୍ତିଟିକୁ ସ୍ଥାପନ କରିଥିଲେ। ସେହି ମୂର୍ତ୍ତିକୁ ବସୁଦେବ ଓ ଦେବକୀ ଆରାଧନା କରୁଥିଲେ। ଦ୍ୱାପରଯୁଗର ଶେଷରେ ଭଗବାନ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଡାକି କହିଲେ ଯେ, କୃଷ୍ଣ ଅବତାରର ସମସ୍ତ ଉଦ୍ଦେଶ୍ୟ ବା ସଂକଳ୍ପ ପୂର୍ଣ୍ଣ ହୋଇଛି। ତେଣୁ ସେ ଶୀଘ୍ର ବୈକୁଣ୍ଠକୁ ଚାଲିଯିବେ। ଏହା ଶୁଣି ଉଦ୍ଧବ ଅତି ଶୋକାତୁର ହୋଇ ପଡ଼ିଲେ। କାରଣ କଳିଯୁଗରେ ଭଗବାନଙ୍କ ଅବତାରକୁ ଛାଡ଼ି ଏ ସୃଷ୍ଟି କିପରି ତିଷ୍ଠିବ। ସେହି ବିଷୟରେ ସେ ଚିନ୍ତିତ ହୋଇ ପଡ଼ିଲେ। ଉଦ୍ଧବଙ୍କୁ ଭଗବାନ ଶ୍ରୀକୃଷ୍ଣ ସାନ୍ତ୍ୱନା ଦେଇ କହିଥିଲେ ଯେ ଏହି ଗୁରୁବାୟୁର ମୂର୍ତ୍ତିରେ ସେ ଆତ୍ମପ୍ରକାଶ କରିବେ ଓ ତାଙ୍କର ଭକ୍ତମାନଙ୍କୁ ଆଶୀର୍ବାଦ ଦେବେ। ସେ ଉଦ୍ଧବଙ୍କୁ କହିଲେ ଯେ, ଅଦୂର ଭବିଷ୍ୟତରେ ପ୍ରଳୟ ହେବ ଏବଂ ଉକ୍ତ ସମୟରେ ସେ ପବିତ୍ର ବିଗ୍ରହକୁ ଯେପରି ରକ୍ଷାକରିବେ ଏବଂ ଦେବତା ମାନଙ୍କ ଗୁରୁ ବୃହସ୍ପତିଙ୍କ ସହାୟତାରେ ଏକ ପବିତ୍ରସ୍ଥାନ ନିରୂପଣ କରି ବିଗ୍ରହଙ୍କ ପ୍ରତିଷ୍ଠା କରିବେ। ଭଗବାନଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରଳୟ କାଳରେ ବୃହସ୍ପତି ବାୟୁଦେବତାଙ୍କ ସହ ଦ୍ୱାରକା ଯାଇ ସମୁଦ୍ର ଢେ଼ଉରେ ଭାସମାନ ଅବସ୍ଥାରେ ଏହି ମୂର୍ତ୍ତିକୁ ଉଦ୍ଧାର କରି ଏକ ପବିତ୍ର ସ୍ଥାନର ଅନ୍ୱେଷଣରେ ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ଦାକ୍ଷିଣାତ୍ୟରେ ଏକ ପଦ୍ମଭରା ହ୍ରଦ ପାଖରେ ଯାଇ ପହଞ୍ଚିଲେ। ସେଠାରେ ଶିବ-ପାର୍ବତୀ ଉପସ୍ଥିତ ଥିଲେ। ଶିବ କହିଲେ, ସେହି ସ୍ଥାନଟି ବହୁଦିନରୁ ନାରାୟଣଙ୍କୁ ସ୍ଥାପନ କରିବା ଲାଗି ନିରୂପିତ ହୋଇ ରହିଛି। ତେଣୁ ବୃହସ୍ପତି ଓ ବାୟୁ ଭକ୍ତ ସ୍ଥାନରେ ମନ୍ଦିର ନିର୍ମାଣ ଏବଂ ବିଗ୍ରହ ପ୍ରତିଷ୍ଠା ପାଇଁ ବିଶ୍ୱକର୍ମାଙ୍କୁ ନିର୍ଦ୍ଦେଶ ଦେଲେ। ଏହିପରି ଭାବେ ବିଶ୍ୱକର୍ମାଙ୍କ ଦ୍ୱାରା ଭଗବାନଙ୍କ ଇଛା ପୂରଣ ହେଲା। ଗୁରୁ ବୃହସ୍ପତି ଓ ବାୟୁ ଦେବତାଙ୍କ ନାମ ଅନୁସାରେ ଉକ୍ତ ସ୍ଥାନର ନାମ ଗୁରୁବାୟୁରପୁର ହୋଇଥିଲା, ଯାହା ପରେ ସଂକ୍ଷେପରେ ଗୁରୁବାୟୁର ହୋଇଅଛି ଏବଂ ଉକ୍ତ ଦିବ୍ୟ ମୂର୍ତ୍ତି ଗୁରୁବାୟୁରପ୍‌ପନ ନାମରେ ପରିଚିତ ଅଟନ୍ତି। ଏହାପରେ ଶିବପାର୍ବତୀ ହ୍ରଦର ଆରପାର୍ଶ୍ୱକୁ ଚାଲିଗଲେ। ସେହି ସ୍ଥାନ ମାମିୟୁର ନାମରେ ପରିଚିତ। ଗୁରୁବାୟୁର ମନ୍ଦିର ଠାରୁ ୧ କିଲୋମିଟର ଦୂରରେ ଶିବପାର୍ବତୀ ମନ୍ଦିର ଅବସ୍ଥିତ। କଥିତ ଅଛି ଯେ, ମାମିୟୁର ଯାଇ ଶିବପାର୍ବତୀଙ୍କୁ ଦର୍ଶନ ନକଲେ ଗୁରୁବାୟୁର ଦର୍ଶନପୂର୍ଣ୍ଣ ହୁଏ ନାହିଁ।

ନାରଦ ପୁରାଣରେ ମଧ ଗୁରୁବାୟୁଙ୍କ ମାହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ନାଗରାଜା ତକ୍ଷକଙ୍କ ଦର୍ଶନରେ ମହାରାଜା ପରୀକ୍ଷିତଙ୍କର ମୃତ୍ୟୁ ହେବାପରେ ତାଙ୍କ ପୁତ୍ର ଜନ୍ମେଜୟ ସର୍ପଯଜ୍ଞର ଅନୁଷ୍ଠାନ କରିଥିଲେ। ଏଥିରେ ହଜାର ହଜାର ନିରୀହସର୍ପ ମୃତ୍ୟୁବରଣ କରିଥିଲେ। ସେମାନଙ୍କର ଅଭିଶାପ ଫଳରେ ଜନ୍ମେଜୟ କୁଷ୍ଠରୋଗରେ ପୀଡ଼ିତ ହେଲେ। ତାଙ୍କର କଷ୍ଟ ଦେଖି ଋଷି ଦତ୍ତାତ୍ରେୟ ଗୁରୁବାୟୁର ଯାଇ ଶ୍ରୀକୃଷ୍ଣଙ୍କୁ ଆରାଧନା କରିବାକୁ ନିର୍ଦ୍ଦେଶ ଦେଲେ। ଜନ୍ମେଜୟ ଋଷିଙ୍କ ଆଦେଶ ଅନୁସାରେ ଚାରିମାସ ଧରି କଠୋର ତପସ୍ୟା କଲେ। ପ୍ରତିଦିନ ରାତିରେ ମାମିୟୁର ଏବଂ ଦିନରେ ଗୁରୁବାୟୁର ଯାଇ ପ୍ରଭୁଙ୍କୁ ଦର୍ଶନ କଲେ। ଦିନେ ରାତିରେ ଶୋଇଥିବା ଅବସ୍ଥାରେ ପ୍ରଭୁଙ୍କ ସ୍ପର୍ଶ ଅନୁଭବ କଲେ ଏବଂ ତାପରେ କୋଷ୍ଠ ରୋଗର ଯନ୍ତ୍ରଣାରୁ ମୁକ୍ତି ପାଇଲେ। ପୁରାଣ ଅନୁସାରେ ଗୁରୁବାୟୁରପ୍‌ପାନଙ୍କ ମୂର୍ତ୍ତି ୫୦୦୦ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ଏବଂ ବହୁ ଶାସ୍ତ୍ରପୁରାଣରେ ଏହା ବର୍ଣ୍ଣିତ। କିନ୍ତୁ ଇତିହାସ ପୃଷ୍ଠାରେ ୧୬୩୮ ମସିହାରେ ଡଚ୍‌ମାନେ ମନ୍ଦିରର ସୁନାରୂପା ଚୋରି କରିନେଇ ମନ୍ଦିରରେ ନିଆଁ ଲଗାଇ ଦେଇଥିଲେ। ୧୭୪୭ ଖ୍ରୀଷ୍ଟାବ୍ଦରେ ଏହାକୁ ପୁନଃ ନିର୍ମାଣ କରାଯାଇଥିଲା। ୧୭୬୬ ମସିହାରେ ହାଇଦର ଅଲ୍ଲୀ ଏହାକୁ ଆକ୍ରମଣ କରିଥିଲେ ମଧ ୧୦, ୦୦୦ ସ୍ୱର୍ଣ୍ଣ ମୁଦ୍ରା ନେଇ ମନ୍ଦିରର କୌଣସି କ୍ଷତି କରିନଥିଲେ। କିନ୍ତୁ ୧୭୮୯ରେ ତାଙ୍କ ପୁଅ ଟିପୁସୁଲତାନଙ୍କ କୋପଦୃଷ୍ଟି ପଡ଼ିଥିଲା। ଏହା ଜଣାପଡ଼ିବା ପରେ ମୂଳ ବିଗ୍ରହକୁ ଲୁଚାଇ ଦିଆଯାଇଥିଲା ଏବଂ ସେହି ସ୍ଥାନରେ ଅନ୍ୟ ଏକ ପ୍ରତିମା ରଖା ଯାଇଥିଲା। ଟିପୁ ସୁଲତାନ ଆକ୍ରମଣ କରି ମନ୍ଦିରର ସମସ୍ତ ମୂଲ୍ୟବାନ ପଦାର୍ଥ ନେଇ ଯାଇଥିଲେ। ଈଶ୍ୱରଙ୍କ ଅପାର କୃପାରୁ ସେହି ସମୟରେ ଅଦିନିଆ ବର୍ଷା ହୋଇ ତାହା ଧ୍ୱଂସ ମୁଖରୁ ରକ୍ଷା ପାଇ ଯାଇଥିଲା। ପରବର୍ତ୍ତୀ ସମୟରେ କେରଳର ବହୁ ଧନୀକ ଭକ୍ତଙ୍କ ଅକୁଣ୍ଠିତ ଦାନରେ ଏହାର ପୁନଃ ନିର୍ମାଣ କରାଇ ମୂଳବିଗ୍ରହଙ୍କର ପୁନଃ ପ୍ରତିଷ୍ଠା କରାଯାଇଥିଲା। ବିଂଶ ଶତାବ୍ଦୀ ଆରମ୍ଭ ବେଳକୁ ମନ୍ଦିରର ସର୍ବାଙ୍ଗୀନ ଉନ୍ନତି ହୋଇ ଏହା ଏକ ସୁସଜ୍ଜିତ ସୁନ୍ଦର ଆଧାତ୍ମିକ ପୀଠରେ ପରିଣତ ହୋଇଥିଲା। ୧୯୭୦ ମସିହା ନଭେମ୍ବର ମାସ ୩୦ ତାରିଖରେ ଏହି ମନ୍ଦିରରେ ଆକସ୍ମିକ ଅଗ୍ନିକାଣ୍ଡ ହୋଇଥିଲା। ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ବହୁ ଲୋକଙ୍କ ସମ୍ମିଳିତ ଉଦ୍ୟମରେ ନିଆଁକୁ ଆୟତ୍ତ କରାଯାଇପାରିଥିଲା। ଦୀର୍ଘ ୫ଘଣ୍ଟା ଧରି ପ୍ରବଳ ଅଗ୍ନିଦ୍ୱାରା ଉତ୍ପୀଡ଼ିତ ହୋଇ ମଧ ମନ୍ଦିରରେ ଥିବା ଗୁରୁବାୟୁରାପ୍‌ପାନ, ଶ୍ରୀଗଣେଶ, ଆୟାପ୍‌ପା ଏବଂ ଦେବୀ ମାନଙ୍କ ବିଗ୍ରହ ଓ ମନ୍ଦିରର ଧ୍ୱଜାର କୌଣସି କ୍ଷତି ହୋଇନଥିଲା। ଏଥିରୁ ପ୍ରଭୁଙ୍କ ମହିମାର ପରିଚୟ ମିଳେ।

କେରଳର ବାସ୍ତୁଶାସ୍ତ୍ର ଅନୁଯାୟୀ ଏହା ଏକ କାଷ୍ଠନିର୍ମିତ ସୁଦୃଶ୍ୟ ମନ୍ଦିର। ଏହା ପୂର୍ବମୁଖୀ ଏବଂ ଏହାର ଦୁଇପାର୍ଶ୍ୱରେ ଦୁଇଟି ଗୋପୁରମ୍ ଅବସ୍ଥିତ। ପୂର୍ବ ଗୋପୁରମ୍ ଭୂଲୋକ ଓ ପଶ୍ଚିମ ଗୋପୁରମ୍ ବୈକୁଣ୍ଠ ନାମରେ ପରିଚିତ। ମନ୍ଦିରର ଚାରୁକଳା ଅତୀବ ମନୋରମ। ଏଥିରେ ଦକ୍ଷିଣ ଭାରତର କଳାଚାତୁରୀ ପ୍ରତିଟି ସ୍ଥାନରେ ପରିସ୍ଫୁଟ। ଗର୍ଭଗୃହ ମଧ୍ୟରେ ବିଗ୍ରହ ବିରାଜିତ। ଗର୍ଭଗୃହ ସମ୍ମୁଖରେ ୨୪ଫୁଟ ଉଚ୍ଚତା ବିଶିଷ୍ଟ ଏକ ବିରାଟ ଦୀପସ୍ତମ୍ଭ ଅଛି।

ସିଡ଼ିଏ, କଟକ, ଦୂରଭାଷ : ୯୮୬୧୩୫୫୬୨୮

ଚରମ ସ୍ଥିତିରେ ଦିଲ୍ଲୀ ପ୍ରଦୂଷଣ

ନୂଆଦିଲ୍ଲୀ,୧୯।୧୨ : ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ କମ୍ ହେବାରେ ନାଁ ଧରୁନି। ଦିଲ୍ଲୀରେ ଆଜି ଏକ୍ୟୁଆଇ ୪୦୦ ପାର୍ କରିଛି। ଯାହା ବହୁତ ଗମ୍ଭୀର। ପ୍ରଦୂଷଣ ରୋକିବାକୁ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ଚେଷ୍ଟା କରାଯାଉଛି, ହେଲେ ସଫଳ ହେଉନାହିଁ। ଘନ କୁହୁଡ଼ି ଓ ଥଣ୍ଡାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଦେଶର ଉତ୍ତରାଞ୍ଚଳର ଅଧିକାଂଶ ଅଞ୍ଚଳ ବର୍ତ୍ତମାନ କୁହୁଡ଼ିରେ ଆଚ୍ଛାଦିତ ରହିଛି। ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳର ପରିସ୍ଥିତି ଭୟଙ୍କର ଘନ କୁହୁଡ଼ି ଏବଂ ପ୍ରଦୂଷଣ ଯୋଗୁଁ ୟେଲୋ ଆଲର୍ଟ ଜାରି କରାଯାଇଛି।



ଏକ୍ୟୁଆଇ ୪୦୦ ପାର୍

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଯାୟୀ, ଡିସେମ୍ବର ୧୯ ତାରିଖରେ ରାଜଧାନୀର ଏକ୍ୟୁଆର ୩୪୬ ରେକର୍ଡ କରାଯାଇଥିଲା। ଦିଲ୍ଲୀର ୧୪ଟି ଅଞ୍ଚଳରେ ଏକ୍ୟୁଆର ୪୦୦ ଉପରେ ପହଞ୍ଚିଛି, ଯାହା ବାୟୁ ଗୁଣବତ୍ତାକୁ ଅତ୍ୟନ୍ତ ଖରାପ ବର୍ଗରେ ରହିଛି। ପାଟପରଗଞ୍ଜରେ ଏକ୍ୟୁଆର ୪୭୦ ରେକର୍ଡ କରାଯାଇଛି। ଦିଲ୍ଲୀରେ ଧୀର ପବନ ଏବଂ ଘନ କୁହୁଡ଼ି ପ୍ରଦୂଷଣକୁ ଆହୁରି ଖରାପ କରୁଛି।

ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ଆଗାମୀ ତିନି ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ଲାଗି ରହିବ। ଅନେକ ସ୍ଥାନରେ ଦୃଶ୍ୟମାନତା ୧୦୦ ମିଟରରୁ କମ୍ ରହିବ। ଏହା ସିଧାସଳଖ ସଡ଼କ, ରେଳ ଏବଂ ବିମାନ ଚଳାଚଳ ସହିତ ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରୁଛି। ଡିସେମ୍ବର ୧୮ ତାରିଖରେ ଦିଲ୍ଲୀରେ ସବୁଠାରୁ ଥଣ୍ଡା ଦିନ ରେକର୍ଡ କରାଯାଇଥିଲା। ସର୍ବାଧିକ ତାପମାତ୍ରା ୨୦.୧ ଡିଗ୍ରୀ ସେଲସିୟସ୍ ଥିଲା, ଯାହା ସ୍ୱାଭାବିକ ଠାରୁ ୨.୧ ଡିଗ୍ରୀ କମ୍ ଥିଲା, ଯେତେବେଳେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ୍ ଥିଲା।

ପାଣିପାଗ ବିଭାଗ ଅନୁଯାୟୀ, ପଞ୍ଜାବରୁ ହରିୟାଣା, ଦିଲ୍ଲୀ, ଉତ୍ତର ପ୍ରଦେଶ ଏବଂ ବିହାର ପର୍ଯ୍ୟନ୍ତ ଘନ କୁହୁଡ଼ିର ଆସ୍ତରଣ ଜମିଛି। ଦିଲ୍ଲୀ ଏବଂ ଆଖପାଖ ଅଞ୍ଚଳରେ ପ୍ରଦୂଷଣ ସ୍ତର ବର୍ତ୍ତମାନ ପାଇଁ ଅଧିକ ରହିବ। ଆଗାମୀ ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ପ୍ରଦୂଷଣରୁ ମୁକ୍ତି ପାଇବାର କୌଣସି ଆଶା ନାହିଁ। ଦିଲ୍ଲୀ ସରକାର ଜାତୀୟ ରାଜଧାନୀରେ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଏକ ନୂତନ ପଦକ୍ଷେପ ଘୋଷଣା କରିଛନ୍ତି। ସେଥିମଧ୍ୟରୁ ପ୍ରମୁଖ ହେଉଛି ନୋ ପିୟୁସି, ନୋ ଇନ୍ଧନ ନିୟମ ଲାଗୁ କରାଯାଇଛି।

ଏସ୍‌ଆଇଆର୍ ପରେ ଡ୍ରାଫ୍ଟ ଭୋଟର ତାଲିକା ଜାରି

ତାମିଲନାଡୁରେ କଟିଲେ କୋଟିଏ ଭୋଟର

ଚେନ୍ନାଇ,୧୯।୧୨: ନିର୍ବାଚନ କମିଶନ ତାମିଲନାଡୁରେ ଏସ୍‌ଆଇଆର୍ ପରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ କରିଛନ୍ତି। ଏସଆଇଆର ସମୟରେ ରାଜ୍ୟର ୯୭ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ବାଦ ଦିଆଯାଇଛି। ତାମିଲନାଡୁର ମୁଖ୍ୟ ନିର୍ବାଚନ ଅଧିକାରୀ ଅର୍ଚ୍ଚନା ପଟ୍ଟନାୟକ କହିଛନ୍ତି, ଡ୍ରାଫ୍ଟ ଭୋଟର ତାଲିକାରେ ୫ କୋଟି ୪୩ ଲକ୍ଷ ୭୬ ହଜାର ୭୫୫ ଭୋଟର ଅଛନ୍ତି। ଏଥିରେ ୨.୬୬ କୋଟି ମହିଳା ଏବଂ ୨.୭୭ କୋଟି ପୁରୁଷ ସାମିଲ ଅଛନ୍ତି। ତାମିଲନାଡୁର ମୁଖ୍ୟ ନିର୍ବାଚନ

ଅଧିକାରୀଙ୍କ ଅନୁଯାୟୀ, ଏସ୍‌ଆଇଆର୍ ପୂର୍ବରୁ ରାଜ୍ୟରେ ପ୍ରାୟ ୬ କୋଟି ୪୧ ଲକ୍ଷ ଭୋଟର ପଞ୍ଜୀକୃତ ହୋଇଥିଲେ। ଏହି ପ୍ରକ୍ରିୟା ପରେ, ୯୭ ଲକ୍ଷ ୩୭ ହଜାର ୮୩୨ ମତଦାତାଙ୍କ ନାମ ହଟାଇ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୨୬.୯୪ ଲକ୍ଷ ଭୋଟରଙ୍କ ମୃତ୍ୟୁ ହୋଇସାରିଛି। ଏହା ସହିତ, ୬୬.୪୪ ଲକ୍ଷ ଲୋକ ତାମିଲନାଡୁ ଛାଡି ଅନ୍ୟତ୍ର ଚାଲିଯାଇଛନ୍ତି ଏବଂ ୩, ୩୯,୨୭୮ ଜଣ ନକଲି ଭୋଟର ଥିଲେ ବୋଲି ଜଣାପଡ଼ିଛି।

ନିର୍ବାଚନ ଅଧିକାରୀ କହିଛନ୍ତି ଯେ, ତାମିଲନାଡୁରୁ ସ୍ଥାନାନ୍ତରିତ ହୋଇଥିବା ଭୋଟରଙ୍କ ସଂଖ୍ୟା ୬୬ ଲକ୍ଷ ୪୪ ହଜାର ୮୮୧। ଘର ଘର ବୁଲି ଯାଞ୍ଚ ପରେ ମଧ ସେମାନେ ପଞ୍ଜିକୃତ ଠିକଣାରେ ମିଳିନଥିଲେ। ୨୦୨୬ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ତାମିଲନାଡୁରେ ରାଜନୈତିକ କାର୍ଯ୍ୟକଳାପ ତୀବ୍ର ହୋଇଛି। ଶାସକ ଡିଏମକେ 'ମୋ ବୁଥ୍, ବିଜୟୀ ବୁଥ୍' ଅଭିଯାନ ଆରମ୍ଭ କରିଛି।

ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୬୮,୪୬୩ ମତଦାନ କେନ୍ଦ୍ରରେ ବୁଥ୍ କମିଟିଗୁଡ଼ିକୁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୬୮,୪୬୩ ମତଦାନ କେନ୍ଦ୍ରରେ ନିୟୋଜିତ ପ୍ରାୟ ୬.୮ ଲକ୍ଷ ବୁଥ୍ କମିଟି ସଦସ୍ୟଙ୍କୁ ସକ୍ରିୟ କରିବା ଏବଂ ବୁଥ୍-ସ୍ତରୀୟ ଶକ୍ତି ସୁନିଶ୍ଚିତ କରିବା ଏହି ଅଭିଯାନର ଲକ୍ଷ୍ୟ ଥିଲା।

ବେଟିଂ ଆପ୍ ମାମଲାରେ ଇଡିର ବଡ଼ କାର୍ଯ୍ୟାନୁଷ୍ଠାନ

ଯୁବରାଜ, ଉଥାପ୍ପା ଓ ସୋନୁଙ୍କ ସମ୍ପତ୍ତି ବାଜ୍ୟାପ୍ତି

ମୁମ୍ବାଇ, ୧୯।୧୨: ବେଟିଂ ଆପ୍ ମାମଲାରେ ଇଡିର ବଡ଼ କାର୍ଯ୍ୟାନୁଷ୍ଠାନ। ଭାରତରେ ବେଟିଂ ଏବଂ ଗେମିଂ ଆପ୍ ଜରିଆରେ ହେଉଥିବା ବ୍ୟାପକ ଆର୍ଥିକ ଅନିୟମିତତା ଏବଂ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଶେଷ କରି ମହାଦେବ ବେଟିଂ ଆପ୍ ଏବଂ ଏହା ସହିତ ଜଡ଼ିତ ଅନ୍ୟାନ୍ୟ ସହଯୋଗୀ ଆପ୍‌ଗୁଡ଼ିକର ଯାଞ୍ଚ ସମୟରେ ଅନେକ ବଡ଼ ବଡ଼ ନାମ ସାମ୍ନାକୁ ଆସିଛି। ଏହି

କ୍ରମରେ ଭାରତୀୟ କ୍ରିକେଟର ଯୁବରାଜ ସିଂ, ରୋବିନ ଉଥାପ୍ପା ଏବଂ ବଲିଉଡ ଅଭିନେତା ସୋନୁ ସୁଦଙ୍କ ସମେତ ଅନେକ ସେଲିବ୍ରିଟିଙ୍କ ସମ୍ପତ୍ତି ଇଡି ଦ୍ୱାରା ବ୍ୟାଜ୍ୟାପ୍ତି କରାଯାଇଥିବା ଖବର ଚର୍ଚ୍ଚାର ବିଷୟ ପାଲଟିଛି। ଏଥିସହିତ ଉର୍ବଶୀ ରାଉତେଲା, ମିମି ଚକ୍ରବର୍ତ୍ତୀ, ଅଙ୍କୁଶ ହଜାରା ଏବଂ ନେହା ଶର୍ମାଙ୍କ ଭଳି ପ୍ରମୁଖ ନାମ ମଧ ଅନ୍ତର୍ଭୁକ୍ତ। ଆଜିର ଇଡି କାର୍ଯ୍ୟାନୁଷ୍ଠାନରେ ୭.୯୩ କୋଟି ମୂଲ୍ୟର ସମ୍ପତ୍ତି ଜବତ କରାଯାଇଛି। ପୂର୍ବରୁ, ସମାନ ମାମଲାରେ, ଇଡି ଶିଖର ଧାୱନଙ୍କର ୪.୫୫ କୋଟି ଏବଂ ସୁରେଶ ରାଇନାଙ୍କର ୬.୬୪ କୋଟି ମୂଲ୍ୟର ସମ୍ପତ୍ତି ଜବତ କରିଥିଲା। ଏପର୍ଯ୍ୟନ୍ତ ୧୯.୦୭ କୋଟି ମୂଲ୍ୟର ସମ୍ପତ୍ତି କରିଛି ଇଡି। ଏହି ମାମଲାରେ ତଦନ୍ତ ଜାରି ରହିଛି।

ସରିଳା ସଂସଦର ଶୀତକାଳୀନ ଅଧିବେଶନ

ପ୍ରଧାନମନ୍ତ୍ରୀଙ୍କ ଟି-ପାର୍ଟିରେ ପ୍ରିୟଙ୍କା

ନୂଆଦିଲ୍ଲୀ,୧୯।୧୨: ବିରୋଧୀଙ୍କ ପ୍ରବଳ ହଙ୍ଗାମା ଭିତରେ ସରିଲା ସଂସଦର ଶୀତକାଳୀନ ଅଧିବେଶନ। ୧୮ ତମ ଲୋକସଭାର ୬ଷ୍ଠ ଅଧିବେଶନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଛନ୍ତି ଲୋକସଭା ଅଧକ୍ଷ। ଗତକାଲିଠୁ ମନରେଗା ଯୋଜନାର ନାମ ବଦଳାଇ ଭିବି-ଜି ରାମ ଜି ପରିବର୍ତ୍ତନକୁ ବିରୋଧୀ ସାଂସଦ ବିରୋଧ କରି ଆସୁଛନ୍ତି। ବିଲ୍ ବିରୋଧରେ ବିରୋଧୀ ସଦସ୍ୟ ରାତିସାରା ଗୃହ ବାହାରେ ୧୨ ଘଣ୍ଟା ଧାରଣା ଦେଇଥିଲେ। ଅଧିବେଶନରେ ମୋଟ ୧୫ଟି ବୈଠକ ହୋଇଥିବା ବେଳେ ଉତ୍ପାଦତା ୧୧୧ ପ୍ରତିଶତ ରହିଥିଲା। ଅଧିବେଶନ ସମାପନ ଅବସରରେ ସବୁ ଦଳର ସାଂସଦଙ୍କ ସହ ଆଲୋଚନା କରିଛନ୍ତି ବାଚସ୍ପତି ଓମ ବିର୍ଲା। ଏ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ତଥା ଅନ୍ୟାନ୍ୟ ବରିଷ୍ଠ ସାଂସଦ ଉପସ୍ଥିତ ଥିଲେ। ଚା ପାନ ଆସର ସହ ସାଂସଦମାନେ କିଛି ସମୟ ମଜା ମାରିଥିଲେ।

ରାଜ୍ୟସଭାରେ ପାସ୍ ହେଲା 'ଭିବି-ଜି ରାମ ଜି'

ଏବେ ରାଷ୍ଟ୍ରପତିଙ୍କ ମଞ୍ଜୁରୀକୁ ଅପେକ୍ଷା

ନୂଆଦିଲ୍ଲୀ,୧୯।୧୨: ଲୋକସଭା ପରେ ଆଜି ରାଜ୍ୟସଭାରେ ପାସ୍ ହେଲା ଭିବି-ଜି ରାମ ଜି ବିଲ୍। ପ୍ରବଳ ହଟ୍ଟଗୋଳ ମଧ୍ୟରେ ଗୃହୀତ ହୋଇଛି ମନରେଗାର ନାଁ ପରିବର୍ତ୍ତନ କରିଥିବା ଗୁରୁତ୍ୱପୂର୍ଣ୍ଣ ବିଧେୟକ। ଏହି ବିଧେୟକ ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଓ ଆଜୀବିକ ମିଶନ ବିଧେୟକ, ୨୦୨୫ (ଭିବି-ଜି ରାମ ଜି) ମନରେଗାର ସ୍ଥାନ ନେବ। ଏହା ପୂର୍ବରୁ ଗୁରୁବାର ଅପରାହ୍ନରେ ପ୍ରବଳ ହଟ୍ଟଗୋଳ ଓ ବିରୋଧୀଙ୍କ କକ୍ଷତ୍ୟାଗ ସତ୍ତ୍ୱେ ଲୋକସଭାରେ ଏହି ବିଧେୟକ ଗୃହୀତ ହୋଇଥିଲା। ରାଜ୍ୟସଭାରେ ବିତର୍କ ଗୁରୁବାର ମଧ ରାତ୍ର ପର୍ଯ୍ୟନ୍ତ ଚାଲିଥିଲା। ଏହା ପରେ ରାତି ୧୨ଟା ୧୫ରେ ମତଦାନ ଆରମ୍ଭ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ନାମ ହଟାଇ ନୂଆ ନାଁ ରଖିବାକୁ ନେଇ କଂଗ୍ରେସର ପ୍ରବଳ ବିରୋଧ ସତ୍ତ୍ୱେ ଏହି ବିଧେୟକ ପାରିତ ହୋଇଛି। ଏହା ପୂର୍ବରୁ ବିରୋଧୀ ଏହି ବିଧେୟକକୁ ସ୍ଥାୟୀ କମିଟି ପାଖକୁ ପଠାଇବାକୁ ଦାବି କରିଥିଲା। ପୁଣି ଏହି ବିଧେୟକ ସଂପୂର୍ଣ୍ଣ ପ୍ରତ୍ୟାହାର କରିବାକୁ ଦାବି କରିଥିଲା। ଶେଷରେ କକ୍ଷ ତ୍ୟାଗ କରିଥିଲେ। କ୍ଷମତାସୀନ ଏନଡିଏର ସାଂସଦଙ୍କ ଉପସ୍ଥିତିରେ ଏହି ବିଧେୟକ ପ୍ରଥମେ ଲୋକସଭାରେ ଏବଂ ପରେ ଗୃହର ଉଚ୍ଚସଦନ ରାଜ୍ୟସଭାରୁ ଗୃହୀତ ହୋଇଛି। ଏବେ ଏହି ବିଧେୟକ ରାଷ୍ଟ୍ରପତିଙ୍କ ନିକଟକୁ ମଞ୍ଜୁରୀ ପାଇଁ ପଠାଯିବ। ରାଷ୍ଟ୍ରପତିଙ୍କ ମଞ୍ଜୁରୀ ମିଳିବା ପରେ ଏହା ଆଇନରେ ପରିଣତ ହେବ। ରାଜ୍ୟସଭାରେ ଏହି ବିଧେୟକ ଉପରେ ବିତର୍କ ସମୟରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ, ଏହି ବିଧେୟକ ଗରିବଙ୍କୁ ବରବାଦ କରିଦେବ। ସରକାରଙ୍କୁ ଏହି ଆଇନ ପ୍ରତ୍ୟାହାର କରିବାକୁ ଅନୁରୋଧ କରୁଛି। ଏବେ ବି ସମୟ ଅଛି। ସରକାର ଏହାକୁ ପ୍ରତ୍ୟାହାର କରି ନିଅନ୍ତୁ।

ଇଡ଼ିକୁ ବଡ଼ ସଫଳତା

ଟ୍ରାଭେଲ ଏଜେଣ୍ଟଠାରୁ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା, ୬ କେଜି ସୁନା ଜବତ

ନୂଆଦିଲ୍ଲୀ,୧୯।୧୨ : ଇଡିକୁ ମିଳିଛି ବଡ଼ ସଫଳତା। ଦିଲ୍ଲୀର ଟ୍ରାଭେଲ ଏଜେଣ୍ଟ ଠାରୁ ଜବତ ହେଲା ନଗଦ ୪ କୋଟି ୬୨ ଲକ୍ଷ ଟଙ୍କା। ଡଙ୍କି ରୁଟ୍ ଦ୍ୱାରା ବେଆଇନ ଟଙ୍କା ଓ ସୁନା ତସ୍କରୀର ଯାଞ୍ଚ ବେଳେ ଇଡିକୁ ଏହି ସଫଳତା ମିଳିଛି। ନଗଦ ଟଙ୍କା ସହ ୩୧୩ କେଜି ରୁପା ଓ ୬ କେଜି ସୁନା ଜବତ କରାଯାଇଛି। ଏଥିସହ ବେଆଇନ କାରବାର ସଂପର୍କରେ ବହୁ ତଥ୍ୟ ବି ଇଡିର ହସ୍ତଗତ ହୋଇଛି। ଅଭିଯୁକ୍ତମାନେ ମେକ୍ସିକୋ ଦେଇ ଆମେରିକା ପଠାଇବାର ଯୋଜନା ଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇ ଇଡି। ଗତକାଲି ପଞ୍ଜାବ, ହରିୟାଣା ଏବଂ ଦିଲ୍ଲୀର ୧୩ଟି ସ୍ଥାନରେ ଇଡି ରେଡ୍ କରିଥିଲା। ଘଟଣାରେ ଆଉ କାହାର ସଂପୃକ୍ତି ଅଛି ତା'ର ଖୋଳତାଡ କରୁଛି ପୁଲିସ। 'ଡଙ୍କି ରୁଟ୍' ଲୋକଙ୍କ ଜୀବନକୁ ବାଜି ଲଗାଇ ଅବୈଧ ଭାବେ ଦେଶ ପାର୍ କରିବାର କୌଶଳ। ଏଥିରେ ଦକ୍ଷିଣ ଆମେରିକା ଦେଶରୁ ମେକ୍ସିକୋ ହୋଇ ଆମେରିକାର ସୀମା ପାର କରାଯାଏ।

ଦିଲ୍ଲୀରେ ବ୍ୟବସାୟୀଙ୍କୁ ଆଖିବୁଜା ଗୁଳିମାଡ଼ ଘଟଣା

ମୃତକଙ୍କ ଶରୀରରୁ ବାହାରିଲା ୬୯ ଗୁଳି



ନୂଆଦିଲ୍ଲୀ,୧୯।୧୨: ପାରିବାରିକ କଳହରୁ ଗ୍ୟାଙ୍ଗ ୱାର, ପୁଣି କଣ୍ଟ୍ରାକ୍ଟ କିଲିଂ। ଦିଲ୍ଲୀର ଆୟା ନଗର ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ କରି ପୁଲିସ। ୫୨ ବର୍ଷୀୟ ବ୍ୟକ୍ତିଙ୍କୁ ଅପରାଧୀମାନେ ଏକ କାରରେ ଗୁଳିକରି ହତ୍ୟା କରିଥିଲେ। ପୋଷ୍ଟମର୍ଟମ ରିପୋର୍ଟ ଏବଂ ଘଟଣାସ୍ଥଳ ତଦନ୍ତରୁ ଜଣାପଡିଛି ଯେ, ଆକ୍ରମଣକାରୀମାନେ ମୋଟ ୭୨ ରାଉଣ୍ଡ ଗୁଳି ଚଳାଇଥିଲେ, ମୃତକଙ୍କ ଶରୀରରୁ ୬୯ଟି ଗୁଳି ମିଳିଛି। ତଦନ୍ତରୁ ଜଣାପଡ଼ିଛି ଯେ, ବିଦେଶରେ ରହୁଥିବା ଗ୍ୟାଙ୍ଗଷ୍ଟରମାନେ ଏହି ହତ୍ୟାକାଣ୍ଡ ପଛରେ ଥାଇପାରନ୍ତି। ଦିଲ୍ଲୀ ପୁଲିସ କ୍ରାଇମବ୍ରାଞ୍ଚ, ସ୍ପେଶାଲ ସେଲ୍ ଏବଂ ସ୍ଥାନୀୟ ପୁଲିସ ଷ୍ଟେସନର ଟିମ୍ ହତ୍ୟାକାରୀଙ୍କୁ ଖୋଜୁଛନ୍ତି। ଗତ ୩୦ ନଭେମ୍ବରରେ ଆୟା ନଗର ଫେଜ-୫ରେ ଗୁଳିକାଣ୍ଡ ଘଟିଥିଲା। ମୃତକଙ୍କ ଶରୀର ଉପରେ ଅନେକ ଖାଲି ଏବଂ ଜୀବନ୍ତ କାର୍ଟ୍ରିଜ୍ ବିଛାଡ଼ି ହୋଇପଡ଼ିଥିଲା। ମୃତକଙ୍କୁ ୫୨ ବର୍ଷୀୟ ରତନ ବୋଲି ଜଣାପଡିଥିଲା। ସେ ଆୟା ନଗରର ବାବା ମୋହଲ୍ଲାର ବାସିନ୍ଦା ଲେଖା ରାମଙ୍କ ପୁଅ। ରତନ ମେ ୨୦୨୫ରେ ଛତରପୁରର ସିଡିଆର ଚୌକରେ ଗୁଳିକାଣ୍ଡ ମାମଲାରେ ଗିରଫ ଅଭିଯୁକ୍ତ ଦୀପକ ଓରଫ ଦୀପୁର ବାପା ଥିଲେ। ପୁଲିସ ତଦନ୍ତରୁ ଜଣାପଡିଛି ଯେ, ୨୦୨୪ ମସିହାରୁ ଆୟା ନଗରରେ ଦୁଇଟି ପରିବାର ମଧ୍ୟରେ ବିବାଦ ଚାଲିଥିଲା। ଦୀପକ ଓରଫ ଦୀପୁଙ୍କୁ ଅଭିଯୁକ୍ତ ଅରୁଣ ତାଙ୍କ ସହଯୋଗୀମାନେ ଆକ୍ରମଣ କରିଥିଲେ। ଫତେହପୁର ବେରୀ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ଆକ୍ରମଣର ପ୍ରତିଶୋଧ ସ୍ୱରୂପ, ମେ ୨୦୨୫ରେ ଛତରପୁରର ସିଡିଆର ଚୌକ ନିକଟରେ ଦୀପକ ଅରୁଣଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏହି ମାମଲାରେ ଦୀପକ ଏବଂ ତାଙ୍କର ଅନ୍ୟ ଚାରି ସହଯୋଗୀ ବର୍ତ୍ତମାନ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ମୃତ ଅରୁଣଙ୍କ ମାମୁଁ କମଲ ମଧ ଗୁଳିକାଣ୍ଡରେ ସାମିଲ ହୋଇପାରନ୍ତି। ପୁଲିସ ତାଙ୍କ ଘରେ ପହଞ୍ଚିବା ପରେ ସେ ଏବଂ ତାଙ୍କ ପରିବାର ଫେରାର୍ ହୋଇଯାଇଥିଲେ। ଏହା ବ୍ୟତୀତ, ଅଭିଯୁକ୍ତ ଦୀପକଙ୍କ ଭାଇ ଅଙ୍କିତ ମଧ ଏହି ମାମଲାରେ ଜଣେ ସନ୍ଦିଗ୍ଧ। ଅଙ୍କିତ ଗତ କିଛି ଦିନ ଧରି ଘରୁ ନିଖୋଜ ଥିଲା ଏବଂ ତାଙ୍କ ମୋବାଇଲ୍ ଫୋନ୍ ଘରେ ଛାଡ଼ି ଆସିଥିଲା। ହତ୍ୟା ସମ୍ପର୍କରେ ମେହରୌଲି ଥାନାରେ ଏକ ମାମଲା ରୁଜୁ ହୋଇଛି।

୫ ହାଇକୋର୍ଟ ପାଇଁ ନୂତନ ମୁଖ୍ୟ ବିଚାରପତି

ନାମ ପଠାଇଲେ ସୁପ୍ରିମକୋର୍ଟ କଲେଜିୟମ

ନୂଆଦିଲ୍ଲୀ, ୧୯।୧୨: ସୁପ୍ରିମକୋର୍ଟଙ୍କ କଲେଜିୟମ ବିଭିନ୍ନ ହାଇକୋର୍ଟର ୫ ଜଣ ବିଚାରପତିଙ୍କୁ ମୁଖ୍ୟ ବିଚାରପତି ପଦ ପାଇଁ ନାମାଙ୍କିତ କରିଛନ୍ତି। ଦେଶର ବିଭିନ୍ନ ଉଚ୍ଚ ନ୍ୟାୟାଳୟରେ ଖାଲିଥିବା ପଦକୁ ପୂରଣ ପାଇଁ କଲେଜିୟମ ଏହି ପଦକ୍ଷେପ ନେଇଛନ୍ତି। କାରଣ ଅନେକ ଉଚ୍ଚ ନ୍ୟାୟାଳୟରେ ବଦଳି ଏବଂ ଅବସର କାରଣରୁ ବିଚାରପତି ପଦବୀ ଖାଲି ରହିଛି।

ଡିସେମ୍ବର ୧୮ ତାରିଖରେ କଲେଜିୟମର ବୈଠକ ବସିଥିଲା। ୫ ଜଣ ବରିଷ୍ଠ ବିଚାରପତି କେନ୍ଦ୍ର ସରକାରଙ୍କୁ ନୂତନ ନିଯୁକ୍ତି ପାଇଁ ବିଚାରପତିଙ୍କ ନାଁ ପଠାଇଛନ୍ତି। କେନ୍ଦ୍ର ସରକାର ଏହାକୁ ମଞ୍ଜୁରୀ ଦେବା ପରେ ରାଷ୍ଟ୍ରପତି ମୋହର ଲଗାଇବେ। ଜଷ୍ଟିସ ମନୋଜ କୁମାର ଗୁପ୍ତାଙ୍କ କହିବାନୁସାରେ, ଆଲହାବାଦ ହାଇକୋର୍ଟର ଜଣେ ବିଚାରପତିଙ୍କ ନାଁ ଉତ୍ତରଖଣ୍ଡର ମୁଖ୍ୟ ବିଚାରପତି ହେବା ପାଇଁ ପ୍ରସ୍ତାବ ଦିଆଯାଇଛି। ୨୦୨୬ ଜାନୁଆରୀ ୯ରେ ଉତ୍ତରାଖଣ୍ଡ ହାଇକୋର୍ଟର ବର୍ତ୍ତମାନ ମୁଖ୍ୟ ବିଚାରପତି ଥିବା ଗୁହାନାଥନ ନରେନ୍ଦ୍ର ଅବସର ଗ୍ରହଣ କରିବେ। ସେହିପରି ବମ୍ବେ ହାଇକୋର୍ଟର ଜଷ୍ଟିସ ରେବତୀ ପି ବୋହିତେ ଡେରେଙ୍କୁ ମେଘାଳୟ ହାଇକୋର୍ଟର ମୁଖ୍ୟ ବିଚାରପତି କରିବାକୁ ପ୍ରସ୍ତାବ ରହିଛି। ବମ୍ବେ ହାଇକୋର୍ଟର ଜଷ୍ଟିସ ଏମଏସ ସୋନକଙ୍କୁ ଝାଡଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ବର୍ତ୍ତମାନ ଝାଡଖଣ୍ଡର ମୁଖ୍ୟ ବିଚାରପତି ଥିବା ଜଷ୍ଟିସ ତାରଲୋକ ସିଂ ଚୌହାନ ଆସନ୍ତା ଜାନୁଆରୀ ୮ରେ ଅବସର ନେବେ। ଅନ୍ୟ ଦିଗରେ କଲେଜିୟମ କେରଳ ହାଇକୋର୍ଟର ଜଷ୍ଟିସ ମହମ୍ମଦ ମୁସ୍ତାକଙ୍କୁ ସିକିମ ହାଇକୋର୍ଟର ମୁଖ୍ୟ ବିଚାରପତି କରିବାକୁ ପ୍ରସ୍ତାବ ଦେଇଛନ୍ତି। ଓଡିଶା ହାଇକୋର୍ଟର ବିଚାରପତି ସଂଗ୍ରାମ କୁମାର ସାହୁଙ୍କୁ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ପାଇଁ ମଧ୍ୟ ପ୍ରସ୍ତାବ ରହିଛି। ସେହିଭଳି ସୁପ୍ରିମକୋର୍ଟ କଲେଜିୟମ ମେଘାଳୟ ହାଇକୋର୍ଟଙ୍କ ମୁଖ୍ୟ ବିଚାରପତି ସୌମେନ୍ ସେନଙ୍କୁ କେରଳ ହାଇକୋର୍ଟର ମୁଖ୍ୟ ବିଚାରପତି କରିବାକୁ ପ୍ରସ୍ତାବ ଦେଇଛନ୍ତି। ବର୍ତ୍ତମାନ କେରଳ ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ଜଷ୍ଟିସ ନିତିନ ଜାମଦାର ଜାନୁଆରୀ ୯ ତାରିଖରେ ଅବସର ଗ୍ରହଣ କରିବେ। ଜଷ୍ଟିସ ସେନ୍ ୨୦୨୫ ଅକ୍ଟୋବରରେ ମେଘାଳୟର ମୁଖ୍ୟ ବିଚାରପତି ଥିଲେ। ପୂର୍ବରୁ ସେ କୋଲକାତା ହାଇକୋର୍ଟର ଦାୟିତ୍ୱ ସମ୍ଭାଳୁଥିଲେ।

କ୍ୟାସ ଫର କ୍ୱେରୀ ମାମଲା

ମହୁଆ ମୋଇତ୍ରାଙ୍କୁ ଆଶ୍ୱସ୍ତି

● ଲୋକପାଳଙ୍କ ଆଦେଶ ଦିଲ୍ଲୀ ହାଇକୋର୍ଟରେ ଖାରଜ

ନୂଆଦିଲ୍ଲୀ ୧୯।୧୨: ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ଲୋକପାଳଙ୍କ ସେହି ଆଦେଶକୁ ଖାରଜ କରିଦେଇଛନ୍ତି ଯେଉଁଥିରେ ସିବିଆଇକୁ ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ରାଙ୍କ ବିରୋଧରେ କଥିତ କ୍ୟାସ୍-ଫର-କ୍ୱେରୀ ଦୁର୍ନୀତି ମାମଲାରେ ପଚରା ଉଚରା କରିବାକୁ ଅନୁମତି ଦିଆଯାଇଥିଲା। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଅନିଲ କ୍ଷେତରପାଲ ଓ ଜଷ୍ଟିସ୍ ହରିଶ ବୈଦ୍ୟନାଥନ ଶଙ୍କରଙ୍କ ପୀଠ ମୋଇତ୍ରାଙ୍କ ଆବେଦନ ଉପରେ ଶୁଣାଣି କରି ଏହି ଆଦେଶ ରଦ୍ଦ କରାଯାଉଥିବା କହିଛନ୍ତି। ଏହା ଛଡା କୋର୍ଟ ଲୋକପାଳଙ୍କୁ ଅନୁରୋଧ କରିଛନ୍ତି ଯେ, ସେ ସମ୍ପର୍କିତ ପ୍ରାବଧାନ ଅନୁସାରେ ମାସକ ମଧରେ ଲୋକପାଳ ଓ ଲୋକାୟୁକ୍ତ ଅଧିନିୟମର ଧାରା ୨୦ରେ ସ୍ୱୀକୃତି ପ୍ରଦାନ କରିବାକୁ ବିଚାର କରନ୍ତୁ। ସଂସଦରେ ପ୍ରଶ୍ନ କରିବା ବଦଳେ ପଇସା ନେବା ଦୁର୍ନୀତି ସହ ଏହା ସମ୍ପୃକ୍ତ। ମୋଇତ୍ରାଙ୍କ ଓକିଲ ତର୍କ ଦେଇଛନ୍ତି ଯେ, ଲୋକପାଳଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରକ୍ରିୟାରେ ସ୍ପଷ୍ଟ ସମସ୍ୟା ରହିଛି। ସେ ଲୋକପାଳ ଓ ଲୋକାୟୁକ୍ତ ଧାରା ୨୦(୭) ଉଦାହରଣ ଦେଇ କହିଛନ୍ତି ଯେ, ଏହା ଅନୁସାରେ ମଞ୍ଜୁରୀ ଦେବା ପୂର୍ବରୁ ଲୋକସେବକଙ୍କ ରାୟ ନେବା ଅନିବାର୍ଯ୍ୟ।

ନୀତୀଶଙ୍କ ହିଜାବ ହଟାଇବା ବିବାଦ ତେଜିଲା

ନୂଆଦିଲ୍ଲୀ, ୧୯।୧୨: ମଞ୍ଚରେ ମୁସଲିମ ମହିଳା ଡାକ୍ତରଙ୍କ ହିଜାବ ହଟାଇବା ନେଇ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବେ ବିବାଦରେ ପଡ଼ିଛନ୍ତି। ବିରୋଧୀ ଦଳ ନେତାମାନେ ଏହାକୁ ମହିଳାଙ୍କ ଅପମାନ ବୋଲି କହୁଛନ୍ତି ଓ ଏଥିପାଇଁ ନୀତିଶ କ୍ଷମା ମାଗନ୍ତୁ ବୋଲି ଦାବି କରୁଛନ୍ତି। ଅନ୍ୟପଟେ ଜେଡି(ୟୁ) ଓ ବିଜେପି ନୀତୀଶଙ୍କ ସପକ୍ଷରେ ଓହ୍ଲାଇଛନ୍ତି। ଏଥିରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ କହିଛନ୍ତି ତେଣିକି ମହିଳା ଡାକ୍ତର ସରକାରୀ ଚାକିରି କରନ୍ତୁ କି ନ କରନ୍ତୁ ଏଥିରେ ଯାଏ ଆସେନାହିଁ।

ତେବେ ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ଅସନ୍ତୋଷ ପ୍ରକାଶ କରିଛନ୍ତି। କହିଛନ୍ତି ନୀତୀଶ ଏବେ ଧୀରେ ଧୀରେ ତାଙ୍କର ରଙ୍ଗ ଦେଖାଇବା ଆରମ୍ଭ କଲେଣି। ଅବଦୁଲ୍ଲା କହିଛନ୍ତି ଯେ, ନୀତୀଶ ଜଣେ ଧର୍ମନିରପେକ୍ଷ ନେତା ଭାବେ ବେଶ୍ ଜଣାଶୁଣା। ହେଲେ ମଞ୍ଚରେ ମହିଳାଙ୍କ ହିଜାବ ହଟାଇବା ଅତ୍ୟନ୍ତ ଅଶାଳୀନ ଓ ଏହାକୁ କୌଣସି ମତେ ଉଚିତ ବୋଲି କୁହାଯାଇ ପାରିବନି। ଏଥିରେ ନୀତୀଶଙ୍କ ହିଜାବ ବିବାଦ ନେଇ ଯେବେ ସଞ୍ଜୟ ନିଷାଦଙ୍କୁ ପ୍ରଶ୍ନ କରାଗଲା ସେ ଯାହା କହିଛନ୍ତି ତାହା ନୂଆ ବିବାଦକୁ ଜନ୍ମ ଦେଇଛି। ସେ କହିଛନ୍ତି ଯେ ନୀତୀଶ ହିଜାବ ଛୁଇଁବା ଯୋଗୁ ଯଦି ଏତେ ବିବାଦ ଅନ୍ୟ କୌଣସି

ଏନ୍‌ସି ଓ ଏଆଇଏମଆଇଏମ୍‌ର ଆପତ୍ତି

ସପକ୍ଷରେ ବାହାରିଲେ ବିଜେପି ଓ ଜେଡିୟୁ

ସ୍ଥାନକୁ ଛୁଇଁଥିଲେ କଣ ହୋଇ ନଥାନ୍ତା? ହେଲେ ଏବେ ସଞ୍ଜୟ ତାଙ୍କ ବୟାନରୁ ଓହରି ଯାଇଛନ୍ତି।

ତେବେ ଏଆଇଏମଆଇଏମ ନେତା ତଥା ପୂର୍ବତନ ସାଂସଦ ଇମତିୟାଜ ଜଲିଲ ସଞ୍ଜୟ ନିଷାଦଙ୍କ ବୟାନକୁ ନେଇ କଡ଼ା ଆପତ୍ତି କରିଛନ୍ତି। ସେ କହିଛନ୍ତି ଯେ, ଯେଉଁ ଲୋକେ ଆମ ମହିଳାଙ୍କ ଗାରିମାକୁ ଅପମାନିତ କରୁଛନ୍ତି ଆମେ ତାଙ୍କ ହାତ ଭାଙ୍ଗିଦେବୁ। ତେବେ ଏପରି ବୟାନକୁ କୌଣସି ମୂଲ୍ୟରେ ସ୍ୱୀକାର କରାଯାଇ ନପାରେ।

ସେହିପରି କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ କହିଛନ୍ତି ଯେ, ନୀତୀଶ କିଛି ଭୁଲ କରିନାହାନ୍ତି। ଯଦି କେହି ନିଯୁକ୍ତି ପତ୍ର ନେବାକୁ ଯାଉଛନ୍ତି ସେ ତାଙ୍କ ମୁହଁ ଦେଖାଇବେ ନାହିଁ, ଏହା କ'ଣ ଇସଲାମିକ ଦେଶ? ନୀତୀଶ କୁମାର ଜଣେ ଅଭିଭାବକର ଭୂମିକା ନିର୍ବାହ କରିଛନ୍ତି। ଯଦି ଆପଣ ପାସପୋର୍ଟ କରିବାକୁ ଯାଉଛନ୍ତି କ'ଣ ହିଜାବ ପିନ୍ଧା ଫଟୋ ଦେଉଛନ୍ତି? ଏୟାରପୋର୍ଟରେ କ'ଣ ମୁହଁ ଘୋଡାଇ ଯାଉଛନ୍ତି? ଲୋକେ ପାକିସ୍ତାନ ଓ ଇଂଲିସ ଦେଶଙ୍କ କଥା କହୁଛନ୍ତି ହେଲେ ଭୁଲି ଯାଉଛନ୍ତି ଆମେ ଭାରତୀୟ। ଭାରତରେ ଆଇନର ଶାସନ ରହିଛି। ଅନ୍ୟପଟେ ବିଜେପିର ହରିଭୂଷଣ ଠାକୁର କହିଛନ୍ତି ନୀତୀଶ କିଛି ଭୁଲ କରିନାହାନ୍ତି। ହିଜାବ ଉପରେ ଭାରତରେ ବ୍ୟାନ ଲାଗିବା ଦରକାର। ସରକାରୀ ଚାକିରିରେ ତ ଏଥିପାଇଁ କଡ଼ା କଟକଣା ଲାଗିବା ଦରକାର। କାରଣ ହିଜାବ ଯୋଗୁ ଆତଙ୍କବାଦ ବଢୁଛି।

ପାକିସ୍ତାନରୁ ନୀତୀଶଙ୍କୁ ଧମକ

ପାଟନା, ୧୯।୧୨: ଶତ୍ରୁ ଦେଶ ପାକିସ୍ତାନରୁ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ଧମକ ମିଳିଛି। ହିଜାବ ମାମଲାରେ ବିହାର ସିଏମଙ୍କ ବୟାନକୁ ନେଇ ଏପରି ତେତାବନୀ ଆସିଥିବା କୁହାଯାଉଛି। ତେବେ ମାମଲାକୁ ଗୁରୁତର ସହ ନେଇଛି ପାଟନା ପୁଲିସ। ଏଫଆଇଆର ରୁଜୁ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଭିଡିଓରେ ନୀତିଶ କୁମାର ସାର୍ବଜନୀନ ମଞ୍ଚରେ ଜଣେ ମୁସଲିମ ମହିଳାଙ୍କୁ ନିଯୁକ୍ତି ପତ୍ର ଦେବା ସମୟରେ ତାଙ୍କ ମୁହଁରୁ ହିଜାବ ଟାଣି ନେଉଛନ୍ତି। ପାଟନା ଆଇଜି ଜିତେନ୍ଦ୍ର ରାଣା କହିଛନ୍ତି ଯେ, ଇନଷ୍ଟାଗ୍ରାମରେ ଜଣେ ପାକିସ୍ତାନୀ ୟୁଜର ନୀତିଶଙ୍କୁ ଧମକ ଦେଇଛନ୍ତି। ମେଟାକୁ ଇମେଲ୍ କରାଯାଇ ସେହି ବ୍ୟକ୍ତିଙ୍କ ଆକାଉଣ୍ଟ ବ୍ଲକ୍ ପାଇଁ କୁହାଯାଇଛି। ସାଇବର ଥାନାରେ ମାମଲା ରୁଜୁ ହୋଇଛି। ୟୁଜରଙ୍କ ତଥ୍ୟ ମଗାଯାଇଛି। ଧମକ ଦେଇଥିବା ୟୁଜର ହେଲେ ଶେହଜାଦ୍ ଭଟ୍ଟି। ସେ ପାକିସ୍ତାନର ଜଣେ ଗ୍ୟାଙ୍ଗଷ୍ଟର। ସେ ଭିଡିଓ ପୋଷ୍ଟ କରି ନୀତିଶଙ୍କୁ ଧମକ ଦେଇଥିଲା। ସେ କହିଥିଲା ଯେ, ବିହାରରେ କ'ଣ ହେବେ ତାହା ସମସ୍ତେ ଦେଖିବେ। ଏବେବି ନୀତିଶଙ୍କ ପାଖରେ ସମୟ ଅଛି। ସେ କ୍ଷମା ପ୍ରାର୍ଥନା କରନ୍ତୁ। ଧମକ ପରେ ରାଜ୍ୟର ଡିଜିପି ମଧ ମାମଲା ଉପରେ ସିଧାସଳଖ ନଜର ରଖିଛନ୍ତି।

ଥାନାରେ ଅଭିଯୋଗ କଲେ ପିଡିପି ନେତ୍ରୀ ଇଲତିଜା

ହିଜାବ ବିବାଦକୁ ନେଇ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ପାଟନାରୁ ଆରମ୍ଭ ହୋଇଥିବା ବିବାଦକୁ ନେଇ ଏବେ ଦେଶବ୍ୟାପୀ ଆକ୍ରୋଶ । ନିଯୁକ୍ତି ପତ୍ର ବାଣ୍ଟୁଥିବା ବେଳେ ନୀତୀଶ କୁମାର ଜଣେ ମୁସଲିମ ମହିଳା ଡାକ୍ତରଙ୍କ ମୁହଁରୁ ହିଜାବ ଟାଣି ଦେଇଥିଲେ। ଏନେଇ ଫଟୋ ଓ ଭିଡିଓ ଭାଇରାଲ୍ ହେବା ପରେ, ନୀତୀଶ କୁମାର ସମାଲୋଚିତ ହୋଇଛନ୍ତି। ଏପରିକି ତାଙ୍କ ବିରୋଧରେ ଜାମ୍ମୁକାଶ୍ମୀରରେ ଆକ୍ରୋଶ ବଢ଼ିଛି। ଜାମ୍ମୁକାଶ୍ମୀରର ବିରୋଧୀ ଦଳ ପିପୁଲ୍ସ ଡେମୋକ୍ରେଟିକ ପାର୍ଟି (ପିଡିପି) ନେତ୍ରୀ ଇଲତିଜା ମୁଫ୍ତି ବିହାର ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ନୀତୀଶଙ୍କ ବିରୋଧରେ ଅଭିଯୋଗ କରିଛନ୍ତି ମେହବୁବା ମୁଫ୍ତିଙ୍କ ଝିଅ ଇଲତିଜା।

ଆମେ ତାଙ୍କୁ ଉଚିତ ଶିକ୍ଷା ଦେବୁ, ଯେମିତି ଭବିଷ୍ୟତରେ ଏଭଳି କରିବାକୁ କେହି ସାହସ କରିବେ ନାହିଁ ବୋଲି ଇଲତିଜା କହିଛନ୍ତି। ଏପରିକି ଜାମ୍ମୁକାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କୁ ନୀରବତାକୁ ନେଇ ମଧ ସେ ପ୍ରଶ୍ନ କରିଛନ୍ତି। ପାଟନାରେ ଘଟିଥିବା ଘଟଣା ଅତ୍ୟନ୍ତ ଲଜ୍ଜାଜନକ। ଏହା ମହିଳାଙ୍କ ପ୍ରତି ଅସଦାଚରଣ ଏବଂ ଯୌନ ଶୋଷଣ ସହିତ ସମାନ ବୋଲି ପିଡିପି ନେତ୍ରୀ ଅଭିଯୋଗ କରିଛନ୍ତି। ଶ୍ରୀନଗରରେ ଥିବା ପିଡିପି ମୁଖ୍ୟାଳୟ ବାହାରେ ଇଲତିଜାଙ୍କ ନେତୃତ୍ୱରେ ମହିଳାମାନେ ବିରୋଧ ପ୍ରଦର୍ଶନ କରିଥିଲେ। ମହିଳାଙ୍କ ଧାର୍ମିକ ପୋଷାକ ଖୋଲିବାକୁ କୌଣସି ନେତାଙ୍କ ପାଖରେ ଅଧିକାର ନାହିଁ ବୋଲି ପ୍ରତିବାଦକାରୀ କହିଛନ୍ତି। ବିରୋଧ ପ୍ରଦର୍ଶନ କରିବା ସହ ମୁଫ୍ତି କୋଠିବାଗ ଥାନାରେ ନୀତୀଶ କୁମାରଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଲିଖିତ ଅଭିଯୋଗ କରିବା ସହ ଉପଯୁକ୍ତ ନୀତୀଶଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ସେ ପୁଲିସକୁ ଅପିଲ କରିଛନ୍ତି।

ଅନ୍ତିମ ଟି-୨୦ରେ ହାର୍ଦ୍ଦିକ ଓ ତିଲକଙ୍କ ଅର୍ଦ୍ଧଶତକ

ସହଜ ବିଜୟ ସହ ସିରିଜ୍ ଜିତିଲା ଭାରତ

ଅହମ୍ମଦାବାଦ,୧୯।୧୨: ଚଳିତ ଟି-୨୦ ସିରିଜ୍‌ରେ ବିଜୟୀ ହୋଇଛି ଘରୋଇ ଭାରତ। ପୂର୍ବରୁ ତୃତୀୟ ଟି-୨୦ ସୁଦ୍ଧା ଦଳ ୨-୧ରେ ଆଗୁଆ ରହିଥିବା ବେଳେ ଆଜି ଅନ୍ତିମ ମ୍ୟାଚ୍‌ରେ ଦଳ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ୩୦ ରନ୍‌ରେ ହରାଇ ସହଜ ବିଜୟ ହାସଲ କରିଛି। ଏଥିସହ ଦଳ ସିରିଜ୍‌କୁ ୩-୧ରେ ଜିତିନେଇଛି। ସିରିଜ୍‌ର ଚତୁର୍ଥ ମ୍ୟାଚ୍‌ଟି ଘନ କୁହୁଡ଼ି ଯୋଗୁଁ ଖେଳାଯାଇପାରିନଥିଲା।

ଟସ୍‌ରେ ହାରି ବ୍ୟାଟିଂ ପାଇବା ପରେ ଭାରତ ଦୁଇ ଓପନର ଅଭିଷେକ ଶର୍ମା ଓ ସଞ୍ଜୁ ସାମ୍‌ସନ୍‌ଙ୍କଠାରୁ ବିସ୍ଫୋରକ ଭାଗୀଦାରୀ ପାଇଥିଲା। ଉଭୟ ବ୍ୟାଟ୍ସମ୍ୟାନ୍ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଚାଲିଥିଲେ। ଉଭୟ ଓପନର ୬୩ ରନ୍ ଯୋଡ଼ିବା ପରେ ଅଭିଷେକ ଶର୍ମା ୬ଟି ଚୌକା ଓ ଗୋଟିଏ ଛକା ମାଧ୍ୟମରେ ୩୪ ରନ୍ କରି ଆଉଟ୍ ହୋଇଥିଲେ। ପରେ ଚଳିତ ସିରିଜ୍‌ରେ ପ୍ରଥମ ମ୍ୟାଚ୍ ଖେଳୁଥିବା ସଞ୍ଜୁ ସାମ୍‌ସନ୍ ୪ଟି ଚୌକା ଓ ୨ଟି ଛକା ଜରିଆରେ ୩୭ ରନ୍ କରି ବିଦାୟ ନେଇଥିଲେ। କିନ୍ତୁ ତିଲକ ବର୍ମା ତାଙ୍କ ବ୍ୟାଟିଂ ଜାରି ରଖି ଅର୍ଦ୍ଧଶତକ ପୂରଣ କରିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପୁଣିଥରେ ଫେଲ୍ ମାରିଥିଲେ ଓ ସେ ମାତ୍ର ୫ ରନ୍ କରିବାକୁ ସକ୍ଷମ ହୋଇଥିଲେ। କିନ୍ତୁ ତାଙ୍କ ସ୍ଥାନରେ ବ୍ୟାଟିଂ ପାଇଁ ଓହ୍ଲାଇଥିବା ହାର୍ଦ୍ଦିକ ପାଣ୍ଡ୍ୟା ଧୂଆଁଧାର ଇନିଂସ ଖେଳି ଭାରତ ପକ୍ଷରୁ ଦ୍ରୁତତମ ଅର୍ଦ୍ଧଶତକ ହାସଲରେ ଦ୍ୱିତୀୟ ଭାରତୀୟ ହୋଇଥିଲେ। ସେ ମାତ୍ର ୧୪ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ସହ ମୋଟ ୬୩ ରନ୍ କରିଥିଲେ, ଯେଉଁଥିରେ ୫ଟି ଲେଖାଏଁ ଚୌକା ଓ ଛକା ରହିଥିଲା। ଏଥିସହ ସେ ମାତ୍ର ୪୪ ବଲ୍‌ରେ ତିଲକଙ୍କ ସହ ଚତୁର୍ଥ ୱିକେଟ୍‌ରେ ୧୦୫ ରନ୍‌ର ବଳିଷ୍ଠ ଭାଗୀଦାରୀ କରିଥିଲେ। ତିଲକ ତାଙ୍କ ସ୍ୱଳ୍ପ ଦିନର ଅନ୍ତର୍ଜାତୀୟ କ୍ୟାରିଅର୍‌ରେ ଆଉଏକ ଅର୍ଦ୍ଧଶତକ ପୂରଣ କରିବା ସହ ୪୨ ବଲ୍‌ରେ ୭୩ ରନ୍ କରିଥିଲେ। ତାଙ୍କର ଏହି ଇନିଂସରେ ୧୦ଟି ଚୌକା ଓ ଗୋଟିଏ ଛକା ରହିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ କର୍ବିନ୍ ବୋସ୍କ ୨ଟି ଏବଂ ଓଟନିଲ୍ ବାର୍ଟମାନ୍ ଓ ଜର୍ଜ ଲିଣ୍ଡେ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ଦଳ ପାଇଁ ଯଦିଓ ଓପନର କ୍ୱିଣ୍ଟନ୍ ଡି'କକ୍ ଧୂଆଁଧାର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ, କିନ୍ତୁ ଭାରତୀୟ ବୋଲର୍‌ମାନେ ନିୟମିତ ବ୍ୟବଧାନରେ ୱିକେଟ୍ ନେଇଚାଲିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ୮ ୱିକେଟ୍‌ରେ ୨୦୧ ରନ୍ ହିଁ ସଂଗ୍ରହ କରିପାରିଥିଲା। ଦଳ ପକ୍ଷରୁ ଦୁଇ ଓପନର ଡି'କକ୍ ଓ ରିଜା ହେଣ୍ଡ୍ରିକ୍ସ ୬୯ ରନ୍ ଯୋଡ଼ିଥିଲେ। ଏଥିରେ ହେଣ୍ଡ୍ରିକ୍ସଙ୍କ ଅବଦାନ ମାତ୍ର ୧୩ ରନ୍ ଥିଲା। ଡି'କକ୍‌ଙ୍କ ୬୫ ରନ୍‌ର ଇନିଂସରେ ୯ଟି ଚୌକା ଓ ୩ଟି ଛକା ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ କେବଳ ଡେୱାଲ୍ଡ ବ୍ରେଭିସ୍ ୩ଟି ଚୌକା ଓ ୨ଟି ଛକା ମାଧ୍ୟମରେ ୩୧ ରନ୍ କରିଥିଲେ ହେଁ ଅନ୍ୟ କୌଣସି ବ୍ୟାଟସମ୍ୟାନ୍ ବେଶୀ ସମୟ ପିଚ୍‌ରେ ତିଷ୍ଠିପାରି ନଥିଲେ। ଭାରତ ପକ୍ଷରୁ ଚମତ୍କାର ବୋଲିଂ କରି ବରୁନ୍ ଚକ୍ରବର୍ତ୍ତୀ ୪ଟି, ଜସପ୍ରୀତ୍ ବୁମରା ୨ଟି ଓ ହାର୍ଦ୍ଦିକ ପାଣ୍ଡ୍ୟା ଓ ଅର୍ଶଦୀପ ସିଂହ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ବରୁନ୍‌ଙ୍କୁ ପ୍ଲେୟର୍ ଅଫ୍ ଦି ସିରିଜ୍ ଓ ହାର୍ଦ୍ଦିକ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ହାର୍ଦ୍ଦିକ ପ୍ଲେୟର୍ ଅଫ୍ ଦି ମ୍ୟାଚ୍, ବରୁନ୍ ସିରିଜ୍

ଗୁଜରାଟରେ କଟିଲା ୭୪ ଲକ୍ଷ ମତଦାତାଙ୍କ ନାଁ

ନୂଆଦିଲ୍ଲୀ,୧୯।୧୨: ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ ପ୍ରକ୍ରିୟା ସମାପ୍ତ ହେବା ପରେ ଗୁଜରାଟର ଡ୍ରାଫ୍ଟ ଭୋଟର ତାଲିକାରୁ ପ୍ରାୟ ୭୪ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି। ପ୍ରକାଶିତ ତଥ୍ୟ ଅନୁଯାୟୀ, ୫୧ ଲକ୍ଷରୁ ଅଧିକ ଭୋଟର ସ୍ଥାନାନ୍ତରିତ ହୋଇଛନ୍ତି କିମ୍ବା ସେମାନଙ୍କ ସହ ଯୋଗଯୋଗ ହୋଇପାରି ନାହିଁ। ଭୋଟର ତାଲିକା ସଂଶୋଧନ ୪ ନଭେମ୍ବରରୁ ୧୪ ଡିସେମ୍ବର ମଧ୍ୟରେ କରାଯାଇଥିଲା । ଡ୍ରାଫ୍ଟ ତାଲିକା ଅନୁସାରେ, ଗୁଜରାଟରେ ୫.୦୮ କୋଟି ଭୋଟରଙ୍କ ମଧ୍ୟରୁ ଏବେ ୪.୩୪ କୋଟି ଅଛନ୍ତି। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ହରିତ ଶୁକ୍ଳା କହିଛନ୍ତି, ଏସଆଇଆର ପ୍ରକ୍ରିୟାରେ ମୋଟ ୭୩.୭୩ ଲକ୍ଷ ନାମ ବାଦ ଦିଆଯାଇଛି। ଏସଆଇ ପୂର୍ବରୁ ଭୋଟର ତାଲିକାରେ ୫,୦୮, ୪୩,୪୩୬ ନାଁ ଥିଲା। ଏବେ ଡ୍ରାଫ୍ଟ ତାଲିକାରେ ୪,୩୪,୭୦,୧୦୯ ଭୋଟରଙ୍କ ନାଁ ରହିଛି ବୋଲି ସେ କହିଛନ୍ତି। ଏସଆଇ ପ୍ରକ୍ରିୟାରେ, ମୃତ ଭୋଟର, ସ୍ଥାନାନ୍ତରି ଭୋଟର ଏବଂ ନକଲି ଭୋଟରଙ୍କ ନାଁ ତାଲିକାରୁ ହଟାଇ ଦିଆଯାଇଛି।ନିର୍ବାଚନ କମିଶନ ଡ୍ରାଫ୍ଟ ତାଲିକା ପ୍ରକାଶ କରିଥିଲେ ସୁଦ୍ଧା, ଆପତ୍ତି ଥିଲେ ଭୋଟର ପୁନଃ ଆବେଦନ କରିପାରିବେ। ଜାନୁଆରୀ ୧୮ ପର୍ଯ୍ୟନ୍ତ ଆବେଦନ କରିବାକୁ ସମୟ ସୀମା ଦିଆଯାଇଛି।

ଅଣ୍ଡର-୧୯ ପୁରୁଷ ଏସିଆ କପ୍ ୨୦୨୫

୨୧ରେ ଭାରତ-ପାକ୍ ଫାଇନାଲ



ଦୁବାଇ,୧୯।୧୨: ସିନିଅର୍ ଏସିଆ କପ୍ ୨୦୨୫ ପରେ ଏବେ ଅଣ୍ଡର-୧୯ ପୁରୁଷ ଏସିଆ କପ୍ ୨୦୨୫ରେ ମଧ୍ୟ ଭାରତ ପ୍ରବେଶ କରିଛି। ଦୁବାଇରେ ଚାଲିଥିବା ଅଣ୍ଡର-୧୯ ଏସିଆ କପ୍ ୨୦୨୫ରେ ଭାରତୀୟ ଦଳ ଫାଇନାଲ୍‌ରେ ସ୍ଥାନ ପାଇଛି। ଆୟୁଷ ମାହାତ୍ରେଙ୍କ ଅଧିନାୟକତ୍ୱରେ ଥିବା ଭାରତୀୟ ଦଳ ସେମିଫାଇନାଲରେ ଶ୍ରୀଲଙ୍କାକୁ ୮ ଉଇକେଟ୍‌ରେ ହରାଇ ଟାଇଟଲ୍ ମୁକାବିଲାରେ ପ୍ରବେଶ କରିଛି ଏବଂ ଫାଇନାଲ୍‌ରେ ଭାରତର ସାମ୍ନା ପାକିସ୍ତାନ ସହିତ ହେବ। ଅପରପକ୍ଷେ ପାକିସ୍ତାନ ଅନ୍ୟ ଏକ ସେମିଫାଇନାଲ୍‌ରେ ବାଂଲାଦେଶକୁ ହରାଇ ଫାଇନାଲରେ ସ୍ଥାନ ପାଇଛି। ବର୍ଷା କାରଣରୁ ଉଭୟ ସେମିଫାଇନାଲ ସମୟରେ ଆରମ୍ଭ ହୋଇପାରି ନ ଥିଲା। ଏହାଫଳରେ ୫୦-୫୦ ଓଭରର ମ୍ୟାଚ୍‌କୁ ସଂକ୍ଷିପ୍ତ କରାଯାଇଥିଲା। ଭାରତ ଓ ଶ୍ରୀଲଙ୍କାର ମୁକାବିଲା ଟି୨୦ ଫର୍ମାଟ୍‌ରେ ପରିଣତ ହୋଇଥିଲା, ଯେଉଁଥିରେ ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୩୮ ରନ କରିଥିଲା। ଶ୍ରୀଲଙ୍କା ପକ୍ଷରୁ ଅଧିନାୟକ ଭିମତ ଦିନସରା ୩୨ ରନ ଏବଂ ଚାମିକା ହୀନାତିଗାଲା ୪୨ ରନ କରିଥିଲେ। ଅନ୍ୟପକ୍ଷରେ, ଲୋୟର୍ ଅର୍ଡରରେ ସେତମିକା ସେନାଭିରତ୍ନେ ଦ୍ରୁତଗତିରେ ୩୦ ରନ କରି ଦଳକୁ ୧୩୮ ରନ ପର୍ଯ୍ୟନ୍ତ ପହଞ୍ଚାଇଥିଲେ। ଭାରତ ପାଇଁ ସ୍ପିନର କନିଷ୍କ ଚୌହାନ ଏବଂ ପେସର ହେନିଲ ପଟେଲ ୨-୨ ଉଇକେଟ ନେଇଥିଲେ।

କିନ୍ତୁ ଟିମ ଇଣ୍ଡିଆର ଜବାବୀ ଇନିଂସର ଆରମ୍ଭ ଭଲ ନ ଥିଲା ଏବଂ ଚତୁର୍ଥ ଓଭରରେ କେବଳ ୨୫ ରନ୍‌ରେ ଅଧିନାୟକ ଆୟୁଷ ମାହାତ୍ରେ ଏବଂ ବୈଭବ ସୂର୍ଯ୍ୟବଂଶୀ ପ୍ୟାଭିଲିଅନ ଫେରିଥିଲେ। ଏହି ସମୟରେ ଶ୍ରୀଲଙ୍କା ପାଖରେ ଫେରିବାର ସୁଯୋଗ ଥିଲା କିନ୍ତୁ ଏଠାରୁ ବିହାନ ମଲହୋତ୍ରା ଏବଂ ଆରନ ଜର୍ଜ କ୍ରିଜ୍‌ରେ ଜମି ଯାଇଥିଲେ। ଉଭୟେ ମିଶି ୧୧୪ ରନ୍‌ର ଅଜେୟ ଭାଗୀଦାରୀ କରି ଦଳକୁ ୧୮ ଓଭରରେ ଲକ୍ଷ୍ୟ ପାଖରେ ପହଞ୍ଚାଇ ଫାଇନାଲ୍ ଟିକଟ ଦେଇଥିଲେ।

ଏବେ ଭାରତ ଓ ପାକିସ୍ତାନ ମଧ୍ୟରେ ୨୧ ଡିସେମ୍ବରରେ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳାଯିବ। ଭାରତୀୟ ଦଳ ରେକର୍ଡ ଅଷ୍ଟମ ଥର ପାଇଁ ଏହି ଏସିଆ କପ୍‌ର ଫାଇନାଲ ଖେଳିବ। ଅନ୍ୟପକ୍ଷରେ, ପାକିସ୍ତାନକୁ ଚତୁର୍ଥ ଥର ପାଇଁ ଫାଇନାଲ୍‌ରେ ପ୍ରବେଶ କରିଛି।

● ନିଷ୍ଟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ

ସମାଜର ହିତ ପାଇଁ ଜ୍ଞାନର ବ୍ୟବହାର ଲାଗି ଆହ୍ୱାନ



ଭୁବନେଶ୍ୱର, ୧୯।୧୨(ସଂଚାର ବ୍ୟୁରୋ): ବିଭିନ୍ନ ପ୍ରକାରର ସମସ୍ୟାର ସମାଧାନ ଓ ପରିବେଶ ସୁରକ୍ଷା କରିବା ଦିଗରେ ଜ୍ଞାନକୁ ଉପଯୋଗ କରିବା ସହିତ ସାମାଜିକ ସଦଭାବନାକୁ ପ୍ରୋତ୍ସାହିତ କରି ମାନବ ସମାଜର ସେବା କରିବାକୁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ଶୁକ୍ରବାର ଦିନ ନିଷ୍ଟ ବିଶ୍ୱବିଦ୍ୟାଳୟ ବ୍ରହ୍ମପୁରର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ସ୍ନାତକ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ସ୍ନାତକମାନଙ୍କୁ ସମ୍ବୋଧିତ କରି ରାଜ୍ୟପାଳ କହିଛନ୍ତି ଯେ, ବର୍ତ୍ତମାନ ଯୁଗରେ ବିଭିନ୍ନ ସମସ୍ୟା ଯଥା ସ୍ଥାୟିତ୍ୱ, ଅନ୍ତର୍ଭୁକ୍ତି, ଜନସ୍ୱାସ୍ଥ୍ୟ, ସାଇବର ସୁରକ୍ଷାଠାରୁ ଆରମ୍ଭ କରି ସମାନ ଅଭିବୃଦ୍ଧି ପର୍ଯ୍ୟନ୍ତ ବିଭିନ୍ନ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଦକ୍ଷତା ସହିତ ସହାନୁଭୂତିଶୀଳତା ଥିବା ବୃତ୍ତିଧାରୀଙ୍କ ଆବଶ୍ୟକତା ରହିଛି। ପ୍ରକୃତ ନେତୃତ୍ୱ କେବଳ ବ୍ୟକ୍ତିଗତ ସଫଳତା ଦ୍ୱାରା ନୁହେଁ ବରଂ ସମାଜରେ ସୃଷ୍ଟି କରୁଥିବା ସକାରାତ୍ମକ ଏବଂ ସ୍ଥାୟୀ ପ୍ରଭାବ ଦ୍ୱାରା ପରିଭାଷିତ ହୁଏ ବୋଲି ରାଜ୍ୟପାଳ କହିଥିଲେ । ରାଜ୍ୟପାଳ ସମସ୍ତ ସ୍ନାତକ, ପଦକ ବିଜେତା ଏବଂ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଶିକ୍ଷକଙ୍କ ମାର୍ଗଦର୍ଶନ ଏବଂ ପିତାମାତା ଏବଂ ପରିବାରର ତ୍ୟାଗ ସମ୍ପର୍କରେ ସ୍ମରଣ କରାଇ ଦେଇଥିଲେ।

କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର,୧୯।୧୨(ସଂଚାର ବ୍ୟୁରୋ): ନ୍ୟାସନାଲ ହେରାଲଡ ମାମଲାରେ ମିଥ୍ୟା ଟଙ୍କା କାରବାର ମାମଲାରେ ଏଆଇସିସିର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧି ଓ ପୂର୍ବତନ ସଭାପତି ରାହୁଲ ଗାନ୍ଧିଙ୍କୁ ଫସାଇ କେନ୍ଦ୍ର ସରକାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବିଭାଗକୁ ହାତବାରେସୀ କରି ଯେଭଳି ହଇରାଣ କଲେ, ତାହା ଭାରତ ରାଜନୀତିରେ ଏକ ବିରଳ ଘଟଣା। ବିଜେପି ସରକାରଙ୍କ ପ୍ରତିହିଂସା ପରାୟଣ ରାଜନୀତି ବିରୁଦ୍ଧରେ ରାଜ୍ୟ ସାରା ପ୍ରତି ଜିଲ୍ଲାରେ ମଶାଲ ପ୍ରତିବାଦ ଯାତ୍ରା ଅନୁଷ୍ଠିତ ହେଉଛି। ଏହି କ୍ରମରେ ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନାଙ୍କ ନେତୃତ୍ୱ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ କଂଗ୍ରେସ ଭବନଠାରୁ ଏକ ମଶାଲ ପ୍ରତିବାଦ ଯାତ୍ରା ବାହାରି ବିଜେପି ଅଫିସ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଦଳୀୟ ନେତା ଓ କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ଶୋଭାଯାତ୍ରାରେ ସୁରେଶ ରାଉତରାୟ, ଶିବାନନ୍ଦ ରାୟ, ନବଜ୍ୟୋତି ପଟ୍ଟନାୟକ, ମନୋରଞ୍ଜନ ଦାଶ, ବିଶ୍ୱଜିତ ଦାଶ, ଶୁଭେନ୍ଦୁ ମହାନ୍ତି, ରଞ୍ଜିତ ପାତ୍ର, ମାନସ ଆଚାର୍ଯ୍ୟ, ଜାନକୀ ବଲ୍ଲଭ ପଟ୍ଟନାୟକ, ଆଲୋକ ମହାନ୍ତି, ପ୍ରକାଶ ମିଶ୍ର, ଅମୀୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଓଡ଼ିଶା...

ସୁବିଧା ଓଡ଼ିଶାକୁ ଘରୋଇ ଓ ବିଶ୍ୱ ବଜାରର ଏକ ପ୍ରାକୃତିକ ପ୍ରବେଶ ଦ୍ୱାର ଭାବେ ସ୍ଥାନିତ କରିଛି ବୋଲି ସେ କହିଛନ୍ତି। ଦେଶର ଅନ୍ୟାନ୍ୟ ସ୍ଥାନରେ ବ୍ୟବସାୟ ମହଙ୍ଗା ଓ ପ୍ରତିଯୋଗିତାମୂଳକ ହୋଇଥିବା ବେଳେ ଓଡ଼ିଶାରେ ଏହା ବେଶ୍ ସୁଗମ, ସ୍କେଲେବଲ୍ ଓ ସୁବିଧାଜନକ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ସେହିପରି ବିଜେପି ରାଜ୍ୟ ଅଭିବୃଦ୍ଧିକୁ ସକ୍ଷମ କରିବା, ସମୟୋଚିତ ଅନୁମୋଦନ ସୁନିଶ୍ଚିତ କରିବା ଓ ନୀତିଗତ ସ୍ଥିରତା ପ୍ରଦାନ କରିବାକୁ ଦୃଢ଼ ପରିକର। ଏହାଦ୍ୱାରା ନିବେଶକମାନେ ନିର୍ମାଣ ଓ ବିସ୍ତାର ଉପରେ ଧ୍ୟାନ ଦେଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ T ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଓଡ଼ିଶା ନିବେଶକ ସମ୍ମିଳନୀରେ ଶିଳ୍ପ ନେତା, ବ୍ୟାବସାୟିକ ସଂଗଠନ ଓ ପ୍ରମୁଖ କମ୍ପାନୀଗୁଡ଼ିକର ବରିଷ୍ଠ କାର୍ଯ୍ୟନିର୍ବାହୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଓଡ଼ିଶାର ବିକଶିତ ଶିଳ୍ପ ଇକୋସିଷ୍ଟମ ଏବଂ ପାରମ୍ପରିକ ଓ ନୂତନ ଯୁଗର କ୍ଷେତ୍ରଗୁଡ଼ିକରେ ଉଦୀୟମାନ ସୁଯୋଗ ଉପସ୍ଥାପନ କରିବା ପାଇଁ ଏକ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିଥିଲା। ଏଥିରେ ୧୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି, ଯାହା ୨୭,୬୫୦ କୋଟିର ମୋଟ ନିବେଶ ସମ୍ଭାବନାକୁ ପ୍ରତିନିଧିତ୍ୱ କରିଛି। ଏହି ନିବେଶରେ ୧୫,୯୦୫ ଜଣଙ୍କୁ ନିଯୁକ୍ତି ଦିଆଯାଇପାରିବ। ଏଥିସହ ୩୯,୧୩୧ କୋଟି ଟଙ୍କାର ନିବେଶ ଉଦ୍ଦେଶ୍ୟ (ଲେଟର୍ ଅଫ୍ ଇନ୍‌ଟେଣ୍ଟ୍) ଗ୍ରହଣ କରାଯାଇଛି, ଯାହା ୪୦ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ସମ୍ଭାବନା ରହିଛି।

କାର୍ଯ୍ୟକ୍ରମରେ ଔଷଧ, ଚିକିତ୍ସା ଉପକରଣ, ନବୀକରଣୀୟ ଶକ୍ତି ଉପକରଣ, ବୟନ ଓ ବୈଷୟିକ ବୟନ, ଇଲେକ୍ଟ୍ରୋନିକ୍ସ, ଆଇଟି ଓ ଡାଟା ସେଣ୍ଟର ସମେତ ପ୍ରମୁଖ ଓ ଉଦୀୟମାନ କ୍ଷେତ୍ରଗୁଡ଼ିକରେ ନିବେଶ ପାଇଁ ଶିଳ୍ପପତିମାନେ ବିଶେଷ ଆଗ୍ରହ ଦେଖାଇଛନ୍ତି। ବିବିଧତା ଉପରେ ରାଜ୍ୟର ଧ୍ୟାନ ଉପରେ ଗୁରୁତ୍ୱାରୋପ କରିବା ସହ ମୁଖ୍ୟମନ୍ତ୍ରୀ କ୍ଷେତ୍ର-ନିର୍ଦ୍ଦିଷ୍ଟ ନୀତି, ଶିଳ୍ପ ପାର୍କ ଓ ନିବେଶ ସୁବିଧା ବ୍ୟବସ୍ଥା ଦ୍ୱାରା ସମର୍ଥିତ ମୂଲ୍ୟଯୁକ୍ତ ଉତ୍ପାଦନ ଏବଂ ଉଦୀୟମାନ ଶିଳ୍ପ ଦ୍ୱାରା ଓଡ଼ିଶାର ଅଭିବୃଦ୍ଧି କ୍ରମଶଃ ପରିଚାଳିତ ହେଉଛି ବୋଲି କହିଛନ୍ତି। ସେହିପରି ସମାବେଶରେ ଯୋଗଦେଇଥିବା ଶିଳ୍ପ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଓଡ଼ିଶା ନିବେଶକ ସମ୍ମିଳନୀର ଦୃଢ଼ ପ୍ରତିକ୍ରିୟା ଓଡ଼ିଶାର ନୀତି ଢାଞ୍ଚା ଏବଂ ଶାସନ ମଡେଲ ପ୍ରତି ଶିଳ୍ପର ବିଶ୍ୱାସକୁ ଦର୍ଶାଉଛି। ନିବେଶକମାନଙ୍କ ପାଇଁ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ, ନିରନ୍ତର ସମ୍ପୃକ୍ତି ଏବଂ ସୁଗମ ସୁବିଧା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ପ୍ରତିବଦ୍ଧ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

ଏହି ସମ୍ମିଳନୀରେ ଶିଳ୍ପ ପ୍ରତିନିଧିମାନେ ଓଡ଼ିଶାର ସ୍ୱଚ୍ଛ ନୀତି, ପ୍ରତିଯୋଗିତାମୂଳକ ପରିଚାଳନା ପରିବେଶ ଓ ଭିତ୍ତିଭୂମିର ଉନ୍ନତିକୁ ସ୍ୱୀକାର କରି ଦୀର୍ଘକାଳୀନ ନିବେଶ ଗନ୍ତବ୍ୟସ୍ଥଳ ଭାବେ ସମ୍ଭାବନାକୁ ଉଲ୍ଲେଖ କରିଛନ୍ତି। ସମ୍ମିଳନୀଟି ସ୍ଥାୟୀ ଶିଳ୍ପ ସଂଯୋଗ ଓ ସହଭାଗୀତା-ଚାଳିତ ଅଭିବୃଦ୍ଧି ପ୍ରତି ରାଜ୍ୟର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିବା ସହ ଦେଶର ଭବିଷ୍ୟତ ଶିଳ୍ପ ଓ ଅର୍ଥନୈତିକ ପ୍ରସାରରେ ଓଡ଼ିଶାକୁ ଏକ ପ୍ରମୁଖ ଅବଦାନକାରୀ ଭାବେ ସ୍ଥାନିତ କରିଛି।

ବ୍ୟାପକ...

କାର୍ଯ୍ୟାଳୟ ଜାଳିପୋଡ଼ି ପାଉଁଶ କରିଦେଇଛନ୍ତି। ଏଥିସହ ହିଂସାକାଣ୍ଡ ଭିଆଇଥିବା ଲୋକେ ଜଣେ ହିନ୍ଦୁ ଯୁବକଙ୍କୁ ଅତି ଅମାନବୀୟ ଭାବେ ହତ୍ୟା କରିଛନ୍ତି। ଅଶାନ୍ତ ମୈମନସିଂ ଜିଲ୍ଲାରେ ଏକ କପଡ଼ା କାରଖାନାରେ କାର୍ଯ୍ୟ କରୁଥିବା ଦୀପୁ ଚନ୍ଦ୍ର ଦାସ ନାମକ ଉକ୍ତ ଯୁବକକୁ ଉତ୍ତ୍ୟକ୍ତ ଲୋକେ ପ୍ରଥମେ ପିଟି ପିଟି ହତ୍ୟା କରିଥିଲେ। ପରେ ସେମାନେ ତାଙ୍କ ମୃତଦେହକୁ ଗଛରେ ଟାଙ୍ଗି ସେଥିରେ ନିଆଁ ଲଗାଇଦେଇଥିଲେ। ସୋସିଆଲ୍ ମିଡିଆରେ ଏପରି ଏକ ବିଚଳିତ କରିବା ଭଳି ଦୃଶ୍ୟ ଭାଇରାଲ୍ ହେଉଛି। ତୁରନ୍ତ ହଦିଙ୍କ ହତ୍ୟାକାରୀଙ୍କୁ ଗିରଫ କରିବା ସକାଶେ ଆନ୍ଦୋଳନକାରୀମାନେ ଦାବି ଏପରି ହିଂସାକାଣ୍ଡ ଘଟାଇଛନ୍ତି। ୩୨ ବର୍ଷୀୟ ହଦି ଭାରତ ବିରୋଧୀ ଭାବେ ଜଣାଶୁଣା ଥିବା ବେଳେ ତାଙ୍କୁ ଗତ ୧୨ ତାରିଖରେ ମୋଟର ସାଇକେଲ୍‌ରେ ଆସି ଜଣେ ଦୁର୍ବୃତ୍ତ ଗୁଳି କରିଥିଲା। ସେ ସିଙ୍ଗାପୁରରେ ଉନ୍ନତ ମାନର ଚିକିତ୍ସା ପାଉଥିଲେ ହେଁ ଗତକାଲି ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିଲା।

ସେହିପରି ବିକ୍ଷୋଭକାରୀମାନେ ଦେଶର ଦୁଇଟି ପ୍ରମୁଖ ଖବରକାଗଜ କାର୍ଯ୍ୟାଳୟକୁ ଜାଳିଦେଇଛନ୍ତି। ଏହି ଦୁଇଟି କାର୍ଯ୍ୟାଳୟ ମଧ୍ୟରୁ ଗୋଟିଏ ବଙ୍ଗଳା ଭାଷା ଖବରକାଗଜ 'ପ୍ରଥମ ଆଲୋଇ'ର ହୋଇଥିବା ବେଳେ ଅନ୍ୟଟି ଇଂରାଜୀ ଖବରକାଗଜ 'ଦି ଷ୍ଟାର୍'ର ବୋଲି ଜଣାପଡ଼ିଛି। ଉକ୍ତ ଦୁଇ ଖବରକାଗଜ ମୁସଲିମ୍‌ବହୁଳ ରାଷ୍ଟ୍ରରେ ଭାରତ ସପକ୍ଷରେ ଖବର ଛାପୁଥିବା ଅଭିଯୋଗ କରି ଆନ୍ଦୋଳନକାରୀମାନେ ଏପରି ପଦକ୍ଷେପ ନେଇଛନ୍ତି। ସେହିପରି ଶତାଧିକ ବିକ୍ଷୋଭକାରୀ ବାଂଲାଦେଶ ପାଇଁ ଭାରତର ଡେପୁଟି ଆମ୍ବାସାଡର୍‌ଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଉଦ୍ୟମ କରିଥିଲେ ହେଁ ସେମାନଙ୍କୁ ପୁଲିସ୍ ଘଉଡ଼ାଇଦେଇଛି। ବିକ୍ଷୋଭକାରୀମାନଙ୍କୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିବେଦନ କରିବା ସହ ଆସନ୍ତାକାଲି ରାଷ୍ଟ୍ରୀୟ ଶୋକ ପାଳନ ହେବ ବୋଲି ଦେଶର କାମଚଳା ସରକାରଙ୍କ ମୁଖ୍ୟ ମହମ୍ମଦ ୟୁନୁସ୍ ଏକ ଟେଲିଭିଜନ୍ ବାର୍ତ୍ତାରେ ଘୋଷଣା କରିଛନ୍ତି।

୯୩ କୋଟିର...

କେନ୍ଦ୍ରରେ ନିର୍ମିତ ଚିପ୍ ଅଟୋମୋବାଇଲ, ମହାକାଶ, ପ୍ରତିରକ୍ଷା, ବୈଦ୍ୟୁତିକ ବାହନ, ଡାଟା ସେଣ୍ଟର, ଇଲେକ୍ଟ୍ରୋନିକ୍ସ ଉପକରଣ ଆଦିରେ ଉପଯୋଗ କରାଯିବ। ଆହୁରି ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ୍ସ ଓ ଆଇଟି (ଏନଆଇଇଏଲଆଇଟି) ଭୁବନେଶ୍ୱର ଓ ବାଲେଶ୍ୱରେ ଦୁଇଟି କେନ୍ଦ୍ର ପ୍ରତିଷ୍ଠା କରିବା ସହ ୩୫ଟି କେନ୍ଦ୍ରକୁ ମାନ୍ୟତା ପ୍ରଦାନ କରିଛି। ଏସବୁ କେନ୍ଦ୍ରରେ ୨୫ ହଜାରୁ ଅଧିକ ପ୍ରାର୍ଥୀଙ୍କୁ ତାଲିମ ଦିଆଯାଇଥିବା ଶ୍ରୀ ପ୍ରସାଦ କହିଛନ୍ତି।

ଓଡ଼ିଶାରେ ଉଦ୍ୟୋଗ ବିକାଶ ଲାଗି ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ ଦ୍ୱାରା ଇଲେକ୍ଟ୍ରୋପ୍ରିନର୍ ପାର୍କ ସ୍ଥାପନ କରାଯାଇଛି। ଟ୍ରିପଲ୍ ଆଇଟି ଭୁବନେଶ୍ୱର ଓ ଇଣ୍ଡିଆନ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ସେମି କଣ୍ଡକ୍ଟର ଆସୋସିଏସନ ସହଭାଗିତାରେ ଏହାକୁ ବିକଶିତ କରାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି, ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଡିଜାଇନ୍ ଓ ଉତ୍ପାଦନକୁ ପ୍ରୋତ୍ସାହନ ଦେବା। ବର୍ତ୍ତମାନ ସୁଦ୍ଧା ଏଥିରେ ୩୭ଟି ଷ୍ଟାର୍ଟଅପ୍ ସାମିଲ ହୋଇଛନ୍ତି। ଏହାଛଡ଼ା ଓଡ଼ିଶା ସରକାରଙ୍କ ସହଭାଗିତାରେ ଭର୍ଚୁଆଲ ଓ ଏକ୍ସଟେଣ୍ଡେଡ୍ ରିୟଲିଟି ଉଦ୍ୟମିତା କେନ୍ଦ୍ର ସ୍ଥାପନ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ସୃଜନଶୀଳ ପ୍ରଯୁକ୍ତି କ୍ଷେତ୍ରରେ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ପ୍ରୋତ୍ସାହନ ଦେବା। ଏବେ ସୁଦ୍ଧା ଏଥିରେ ୨୫ଟି ଷ୍ଟାର୍ଟଅପ୍ ସାମିଲ ହୋଇଛନ୍ତି। ସେହିପରି ଓଡ଼ିଶା ସରକାର, ବିପିୟୁଟି, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଓ ଆଇଆଇଟି ଭୁବନେଶ୍ୱର ସହଭାଗିତାରେ ଉଦ୍ୟମିତା ପାଇଁ ଇଏମ୍ ଟେକ୍ ସେଣ୍ଟର୍‌ର ବିକଶିତ କରାଯାଇଛି। ଏହା ଅଧୀନରେ ୨୯ଟି ଷ୍ଟାର୍ଟଅପ୍ ସାମିଲ୍ ହୋଇଛନ୍ତି।

ଯୁଦ୍ଧଂଦେହି...

ତେଣୁ ହାରିଯାଇଥିବା ନେତାମାନେ ଏବେ ପରସ୍ପରର ଶକ୍ତି ହେବେ। ନିର୍ବାଚନମଣ୍ଡଳୀ ହେଉ କି ରାଜ୍ୟସ୍ତରୀୟ, ଏହି ୬୦ ନେତାଙ୍କ ମଧ୍ୟରୁ କାହାର କିଛି ବି ସମସ୍ୟା ହେଲେ ସମସ୍ତେ କାନ୍ଧକୁ କାନ୍ଧ ମିଳାଇବାକୁ ଆଜିର ଭୋଜିରେ ଶପଥ ନେଇଛନ୍ତି। ବର୍ତ୍ତମାନ ବିଜେଡିରେ ହାରିଯାଇଥିବା ପ୍ରାର୍ଥୀମାନଙ୍କ ପାଇଁ ଦଳ ଛିଡ଼ା ହେଉନି। ଯେଉଁଥିପାଇଁ ଏହି ୬୦ ନେତା ଏଭଳି ନିଷ୍ପତ୍ତି ନେଇଛନ୍ତି। ବିଜୁ ଲିଗାସୀ ନେତାମାନଙ୍କର ଏହି ପ୍ରାକ-ନୂଆବର୍ଷ ଭୋଜିକୁ ନେଇ ରାଜନୈତିକ ମହଲରେ ଅନେକ ଚର୍ଚ୍ଚା ହେଉଥିଲେ ବି ସେମାନେ ନିଜକୁ ବିଜେଡିର ଶକ୍ତି ବୋଲି ଦାବି କରୁଛନ୍ତି।

ଏଭଳି ଆୟୋଜନର ମୁଖ୍ୟ ପୁରୋଧା ସାଜିଥିଲେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ରୁଦ୍ର ମହାରଥୀ, ସମ୍ବିତ ରାଉତରାୟ, ବିଷ୍ଣୁବ୍ରତ ରାଉତରାୟ, ଚନ୍ଦ୍ରସାରଥୀ ବେହେରା ଓ ଅଂଶୁମାନ ମହାନ୍ତି। ଏଥିରେ ପୂର୍ବତନ ବିଧାୟକ ପ୍ରଭୁ ଜାନୀ, ଲତିକା ପ୍ରଧାନ, ମହେଶ ସାହୁ, କିଶୋର ତରାଇ, ମହିଧର ରଣା, ରାଜେନ୍ଦ୍ର ସାହୁ, ଦେବେଶ ଆଚାର୍ଯ୍ୟ, ଉମାକାନ୍ତ ସାମନ୍ତରାୟ, ପ୍ରୀତିରଞ୍ଜନ ଘଡେଇ, ସ୍ୱରୂପ ଦାସ, ସୁଶାନ୍ତ ନାୟକ, ପୁଷ୍ପେନ୍ଦ୍ର ସିଂହଦେଓ ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କିଶୋର ତରାଇ କହିଛନ୍ତି ଯେ ପଞ୍ଚାୟତ ସ୍ତରରେ ନେତାମାନେ ବିଜେଡି ଛାଡୁଛନ୍ତି। ସେମାନଙ୍କୁ କିଭଳି ରୋକାଯାଇପାରିବ, ସେନେଇ ସମସ୍ତେ ଉଦ୍ୟମ କରିବେ। ଗତ ନିର୍ବାଚନରେ କିଛି ନିର୍ବାଚନମଣ୍ଡଳୀରେ ବାହାରର ଲୋକଙ୍କୁ ଆଣି ପ୍ରାର୍ଥୀ କରାଗଲା, ଯାହା ଦଳ ପାଇଁ ବୁମେରାଂ ହେଲା। ଯେଉଁମାନେ ଦଳ ପାଇଁ ମାଡ଼, ଗାଳି ଖାଇ ଆଗରେ ଛିଡ଼ା ହେଉଥିଲେ, ସେମାନଙ୍କୁ ଅଣଦେଖା କରାଗଲା। ସେହିଭଳି ସମ୍ବିତ ରାଉତରାୟ କହିଛନ୍ତି ଯେ କିଛି ଲୋକ ଟ୍ରାକରେ ପଥର ରଖି ବିଜେଡି ଇଞ୍ଜିନକୁ ଡିରେଲ କରିବାକୁ ଚାହୁଁଥିଲେ। ଏବେ କିନ୍ତୁ ଆଉ ସେୟା ହେବନି। ବିଜେଡି ସେଇ ଇଞ୍ଜିନରେ ହିଁ ଆଗକୁ ବଢ଼ିବ।

ଜାତୀୟ କଣ୍ଢେଇ ନାଟ ଉତ୍ସବ ଉଦ୍‌ଯାପିତ

ମନୋରଞ୍ଜନ ସହ ସାମାଜିକ ବାର୍ତ୍ତା ପ୍ରଦାନ କରେ

ଭୁବନେଶ୍ୱର, ୧୯।୧୨ (ସଂଚାର ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ହେଉଥିବା ଜାତୀୟ କଣ୍ଢେଇ ନାଟ ଉତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ଭଞ୍ଜକଳା ମଣ୍ଡପରେ ଆୟୋଜିତ ହୋଇଥିବା ଆଜିର ଉଦ୍‌ଯାପନୀ ସମାରୋହରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ଯେ, କଣ୍ଢେଇ ନାଟ ଆମ ପିଲାଦିନର ସ୍ମୃତିକୁ ଉଜ୍ଜୀବିତ କରିଥାଏ। କଣ୍ଢେଇ ତିଆରି କରିବା, ନାଟକରେ କଣ୍ଢେଇର ଜୀବନ୍ୟାସ ହେବା ଏବଂ ନାଟକ ମାଧ୍ୟମରେ ସାମାଜିକ ବାର୍ତ୍ତା ପ୍ରଦାନ କରିବାର ଏକ ଅଭିନବ ସୃଜନ ହେଉଛି କଣ୍ଢେଇ ନାଟ। ଜାତୀୟ କଣ୍ଢେଇ ନାଟ ଉତ୍ସବରେ ଓଡ଼ିଶା ଏବଂ ଓଡ଼ିଶା ବାହାରୁ ଆସିଥିବା ସମସ୍ତ କଳାକାରମାନଙ୍କୁ ମୁଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଆମ ଲୋକକଳା ହିଁ ଆମ ପରିଚୟ। ତେଣୁ କଣ୍ଢେଇ ନାଟକକୁ ଆଜିର ଯୁବପିଢ଼ି ମଧ୍ୟରେ ଲୋକପ୍ରିୟ କରିବା ନିମନ୍ତେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଏହି ଯୁଗୋପଯୋଗୀ ଓ ସାରସ୍ୱତ ପ୍ରୟାସ ପ୍ରଶଂସନୀୟ। କାର୍ଯ୍ୟକ୍ରମରେ ଉପସ୍ଥିତ ରହି କଣ୍ଢେଇ ନାଟକ ଦେଖିବା ସହ ଏହି ଜାତୀୟ କଣ୍ଢେଇ ନାଟ ଉତ୍ସବରେ ଅଂଶଗ୍ରହଣ କରିଥିବା ସମସ୍ତ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ପ୍ରକାଶ ଯୋଗ୍ୟ ଯେ, ଡିସେମ୍ବର ୧୮ ଓ ୧୯ ତାରିଖ ଦୁଇ ଦିନ ଧରି ଭଞ୍ଜକଳା ମଣ୍ଡପ ଠାରେ କଣ୍ଢେଇ ନାଟ ଉତ୍ସବର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶାରେ ଆଠଗୋଟି ଓ ଭାରତବର୍ଷର କେରଳ, କର୍ଣ୍ଣାଟକ, ରାଜସ୍ଥାନ ଓ ପଶ୍ଚିମବଙ୍ଗ ରାଜ୍ୟର ପାଞ୍ଚଗୋଟି କଣ୍ଢେଇନାଟ ଦଳ ଅଂଶଗ୍ରହଣ କରିଥିଲେ। ଆଜିର ଉଦ୍‌ଯାପନୀ ସମାରୋହରେ ଡ଼ଲ୍ସ ଥିଏଟର ଓ କଣ୍ଢେଇ ଘର ପକ୍ଷରୁ ସମକାଳୀନ କଣ୍ଢେଇ ନାଟ, ଜୟ ଭାରତ କଣ୍ଢେଇ କଳା ପରିଷଦ ପକ୍ଷରୁ ସୁତା କଣ୍ଢେଇ ନାଟ, ରାବଣ ଛାୟା ନାଟ୍ୟ ସଂସଦ ଓ ଥୋଲପଭାକୁଥୁ, କେରଳ ପକ୍ଷରୁ ଛାୟା ନାଟକ ପରିବେଷଣ କରାଯାଇଥିଲା।



ଶତଦ୍ରୁ ଦତ୍ତଙ୍କ ଘରେ ପୁଲିସ ଚଢ଼ାଉ

କୋଲକାତା,୧୯।୧୨(ସଂଚାର ବ୍ୟୁରୋ): ଯୁବଭାରତୀ ଷ୍ଟାଡିୟମରେ ଭଙ୍ଗାରୁଜା ଘଟଣାରେ ବିଧାନନଗର ପୁଲିସ ଆଉ ତିନି ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା ୯ ରେ ପହଞ୍ଚିଛି। ଶୁକ୍ରବାର, ପୁଲିସ ମେସିଙ୍କ କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ଶତଦ୍ରୁ ଦତ୍ତଙ୍କ ଘରେ ମଧ୍ୟ ଚଢ଼ାଉ କରିଥିଲା। ବିଧାନନଗର ଦକ୍ଷିଣ ଥାନାର ଜଣେ ମହିଳା ପୁଲିସ ଅଧିକାରୀଙ୍କ ସମେତ ପାଞ୍ଚଜଣ ଅଧିକାରୀ ରିଷିଡା ଥାନାର ପୁଲିସ ସହିତ ଶତଦ୍ରୁଙ୍କ ଘରେ ପହଞ୍ଚିଥିଲେ। ତେବେ, ଚାକରାଣୀ ବ୍ୟତୀତ ଘରେ କେହି ନଥିଲେ। ତାଙ୍କ ସହିତ କଥା ହେବା ସହିତ, ଅଧିକାରୀମାନେ ବିଳାସପୂର୍ଣ୍ଣ ଘରର ପ୍ରତ୍ୟେକ କୋଠରୀ ଯାଞ୍ଚ କରିଥିଲେ। ଶତଦୃଙ୍କ କୌଣସି ସମ୍ପତ୍ତି ଏପର୍ଯ୍ୟନ୍ତ ଜବତ କରାଯାଇ ନାହିଁ।

ଟ୍ରକ ମୁହାଁମୁହିଁ: ୨ ମୃତ

କୋଲକାତା,୧୯।୧୨(ସଂଚାର ବ୍ୟୁରୋ): ଉତ୍ତର ବଙ୍ଗରେ ଏକ ମର୍ମନ୍ତୁଦ ଦୁର୍ଘଟଣା। କୋଚବିହାରର ମାଥାଭାଙ୍ଗାରେ ଦୁଇଟି ଟ୍ରକ ମୁହାଁମୁହିଁ ଧକ୍କା ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଛି ଆଉ ଦୁଇଜଣ ଗୁରୁତର ଆହତ ହୋଇ ମାଥାଭାଙ୍ଗା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ମୃତକଙ୍କ ନାମ ହେଉଛି ଫିରଦୌସ ହକ୍ ଓ ଅମିର ହୋସେନ। ସେମାନେ ଦୁଇଟି ଗାଡ଼ିର ଡ୍ରାଇଭର ଥିଲେ। ଉଭୟ ଗାଡ଼ିର ହେଲପରା ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଶୁକ୍ରବାର ସକାଳେ କୋଚବିହାରର ୧୬ ନମ୍ବର ରାଜ୍ୟ ରାଜପଥର ଅଶୋକବାଡି ଅଞ୍ଚଳରେ ଦୁଇଟି ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଥିଲା।

ଡ୍ରଗ୍ସ ଚୋରାଚାଲାଣ, ଅଭିଯୁକ୍ତ ଗିରଫ

କୋଲକାତା,୧୯।୧୨(ସଂଚାର ବ୍ୟୁରୋ): କୋଲକାତାରୁ ଓଡ଼ିଶାକୁ ନିଷିଦ୍ଧ ଡ୍ରଗ୍ସ ଚୋରାଚାଲାଣ ପାଇଁ ଗୁରୁବାର ରାତିରେ ଚଢ଼ାଉ କରି ଜଣେ ଚୋରାଚାଲାଣକାରୀଙ୍କୁ ଗିରଫ କରାଯାଇଛି। ପୁଲିସ ତାଙ୍କୁ ବାବୁଘାଟ ବସ୍ ଷ୍ଟାଣ୍ଡରୁ ଗିରଫ କରିଛି । ଗିରଫ ବ୍ୟକ୍ତିଙ୍କଠାରୁ ନିଷିଦ୍ଧ ଡ୍ରଗ୍ସ ଜବତ କରାଯାଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗିରଫ ବ୍ୟକ୍ତିଙ୍କ ନାମ ବାପି ଠାକୁର ଓରଫ ଦୁଧନାଥ ଠାକୁର। ସେ ଚିତପୁର ଥାନା ଅଞ୍ଚଳର ବାସିନ୍ଦା । ଗିରଫ ବ୍ୟକ୍ତି ଗୁରୁବାର ଗଭୀର ରାତିରେ ବାବୁଘାଟ ବସ୍ ଷ୍ଟାଣ୍ଡକୁ ଆସିଥିଲେ। ସେଠାରୁ ତାଙ୍କୁ ଓଡ଼ିଶା ଯିବାକୁ ବସ୍ ଧରିବାର ଥିଲା। ବାପି ସେହି ଓଡ଼ିଶାର ପାରାଦୀପକୁ ଡ୍ରଗ୍ସ ଚୋରା ଚାଲାଣ କରିବାକୁ ଯୋଜନା କରିଥିଲା। ଏକ ଗୁପ୍ତ ସୂତ୍ରରୁ ସୂଚନା ପାଇ, ମୈଦାନ ଥାନାର ପୁଲିସ ଗୁରୁବାର ରାତି ପ୍ରାୟ ଅଢେଇଟା ସମୟରେ ଚଢ଼ାଉ କରିଥିଲା। ଗିରଫ ବ୍ୟକ୍ତିଙ୍କଠାରୁ ତଦନ୍ତକାରୀମାନେ ୧୦୩ ଗ୍ରାମ ହଳଦିଆ ପାଉଡର ଡ୍ରଗ୍ସ ଜବତ କରିଥିଲେ।

ବିଳମ୍ବିତ ରାତିରେ ନୀଳଗିରି ସହରରେ ବୁଲିଲା ଦନ୍ତା



ନୀଳଗିରି,୧୯।୧୨ (ସଂଚାର ବ୍ୟୁରୋ): ଗତ ୧୮ ତାରିଖ ଗୁରୁବାର ରାତି ପ୍ରାୟ ରାତି ୩ ଘଟିକା ସମୟରେ କୁଳଡିହାରୁ ଦୁଇଟି ଦନ୍ତା ହାତୀ ନୀଳଗିରି ସହରରେ ବୁଲିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ହାତୀ କିଛି କ୍ଷୟକ୍ଷତି କରିନଥିବା ଜଣାପଡ଼ିଛି।

ସୂଚନା ଯୋଗ୍ୟ କୁଳଡିହା ଜଙ୍ଗଲରୁ ଦୁଇଟି ଦନ୍ତା ଆସି କୁଳଡିହା ପାଦଦେଶ ମିରିଗିଣି ଗ୍ରାମ ପାର ହୋଇ ପ୍ରଥମେ କଦମସାହି ଛକରେ ପହଞ୍ଚିଥିଲେ। ପରେ ସେଠାରୁ ଗୋଟିଏ ଦନ୍ତା କଦମସାହି ଛକରେ ବୁଲୁଥିବାର ପଥଚାରି ଦେଖି ଭୟଭୀତ ହୋଇପଡ଼ିଥିଲେ। ଅନ୍ୟ ଦନ୍ତା ବାଇପାସ ରୋଡ ମହିଳା ମହାବିଦ୍ୟାଳୟ ଦେଇ ସ୍ୱର୍ଗତ ହରିହର ମହାପାତ୍ରଙ୍କ ବାଡ଼ି ଭିତରେ ପଶି ଷ୍ଟେଟ ବ୍ୟାଙ୍କ, କଦବର୍ତ୍ତୀ ପୋଖରୀ ଠାରେ ପହଞ୍ଚି, ପୋଖରୀ କଡ଼ ଦେଇ ଧୀର ବିଶ୍ୱାଳ ବାଡ଼ିରେ ପଶି ତାଙ୍କ ସ୍କୁଟି, ବାଇକ ଭେଲିଭେରିଥିବା ବେଳେ କଡ଼ମଡ କରି ବାଡ଼ ଭାଙ୍ଗିଥିଲା। ହାତୀ ଶବ୍ଦ ଶୁଣି ଧୀର ବିଶ୍ୱାଳ ବିଛଣାରୁ ଉଠିପଡ଼ିଥିଲେ। ହାତୀଙ୍କ ଘରପାଖରାରୁ ବୁଦ୍ଧିଆ ମିଶ୍ର ବାଡ଼ି ଦେଇ କଦମସାହି ଛକ ପାର ହୋଇ ଦୁଇ ଦନ୍ତା କୁଳଡିହା ଜଙ୍ଗଲକୁ ପଳାଇ ଯାଇଥିଲେ।

ମଧୁବାବୁ ପେନସନ ଯୋଜନା କାହା ପାଇଁ?

ପରିଣତ ବୟସରେ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ବୃଦ୍ଧ

କାକଟପୁର/ଅସ୍ତରଙ୍ଗ,୧୯।୧୨ (ସଂଚାର ବ୍ୟୁରୋ): ମଧୁବାବୁ ପେନସନ ଯୋଜନାରେ ବରିଷ୍ଠ ନାଗରିକ, ଭିନ୍ନକ୍ଷମ, ବିଧବା ଏବଂ ବିଭିନ୍ନ ଦୁରାରୋଗରେ ପୀଡ଼ିତ ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ମାସିକ ଭତ୍ତା ପ୍ରଦାନ କରାଯାଉଛି। ଏହି ଯୋଜନାରେ ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଞ୍ଚାୟତର ନେତ୍ରାନନ୍ଦ ଜେନା (୮୫ରୁ ଉର୍ଦ୍ଧ୍ୱ ବୟସ) ଦୀର୍ଘଦିନ ହେବ ଲାଭ ପାଉଥିଥିଲେ। କିନ୍ତୁ କିଛି ବ୍ୟକ୍ତିଙ୍କ ହେତୁ ବୃଦ୍ଧ ୩୦ମାସ ହେବ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ମିଳୁନି। ଫଳରେ ଏଭଳି ଗରିବ ଲୋକଙ୍କୁ ଜୀବନର ଶେଷ ପରିଣତ ସମୟରେ ଦୁଃଖରେ କାଳ କାଟୁଛନ୍ତି। ଏ ନେଇ ଅସ୍ତରଙ୍ଗ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ କର୍ଣ୍ଣପାତ କରୁନଥିବା ବୃଦ୍ଧଙ୍କ ନାତୁଣୀ ବୋହୂ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ଗ୍ରାମ ପଂଚାୟତ ଅଧୀନ ମାଣ୍ଡୁକି ଗ୍ରାମର ନେତ୍ରାନନ୍ଦ ଜେନା (୯୦ଶହ ବର୍ଷରୁ ଊର୍ଦ୍ଧ୍ୱ) ଦୀର୍ଘ ୩୦ମାସ ହେବ ବାର୍ଦ୍ଧକ୍ୟ ଜନିତ ଭତ୍ତା ପାଉନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ନେତ୍ରାନନ୍ଦଙ୍କ ପୁଅ ଦିନ ମଜୁରିଆ, ସେ ପେଟିକି

୩୦ ମାସର ଭତ୍ତା ଟଙ୍କା ମିଳିବ କେବେ?

ଟଙ୍କା ରୋଜଗାର କରନ୍ତି ସେଥିରେ କୁଟୁମ୍ବ ଚଳିବା କଷ୍ଟକର ହୁଏ। ଅନ୍ୟପଟେ ବାର୍ଦ୍ଧକ୍ୟ ଜନିତ ଆଣ୍ଠୁ ଗଣ୍ଠି ସମସ୍ୟାରେ ବୃଦ୍ଧ ଶଯ୍ୟାଶାୟୀ ଥିବାରୁ ମାସକୁ ମାସ ଔଷଧ ପାଇଁ ଟଙ୍କା ଖର୍ଚ୍ଚ ହୁଏ। ଭତ୍ତା ଟଙ୍କାରେ ଔଷଧ ଖର୍ଚ୍ଚ ଉଠି

ଯାଉଥିଲା। ହେଲେ ଗତ ୩୦ମାସ ହେବ ଭତ୍ତା ନ ମିଳିବାରୁ ସେ କଷ୍ଟରେ ଥିବା କହିଛନ୍ତି।

ଏ ନେଇ ବୃଦ୍ଧଙ୍କ ଭତ୍ତା ଟଙ୍କା ସମସ୍ୟା ସମ୍ପର୍କରେ ଅସ୍ତରଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରୀଣୀ ସୁଶ୍ରୀ ସସ୍ମିତା ବେହେରା କହିଛନ୍ତି ଯେଉଁ ବ୍ୟକ୍ତି ୩ ମାସ ଭତ୍ତା ନେଇ ନଥାନ୍ତି, ଟଙ୍କା ନବୀକରଣ ପାଇଁ ଯାଞ୍ଚ କରାଯାଏ। ବୃଦ୍ଧଙ୍କ ପରିବାର ଦୀର୍ଘ ୨୯ମାସ ମଧ୍ୟରେ ପ୍ରଶାସନ ପାଖରେ ପହଂଚି ନାହାନ୍ତି। ତେଣୁ ତାଙ୍କ ଭତ୍ତାକୁ ଦୀର୍ଘ ଅନୁପସ୍ଥିତ ନିୟମ ଅନୁଯାୟୀ ବନ୍ଦ କରାଯାଇଛି। ଏଣୁ ପୁନଃ ଆବେଦନ କରିବା ପାଇଁ ହିତାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର, ପୁରୀ ଜିଲ୍ଲାପାଳ ଘଟଣା ଓ ସମସ୍ୟାକୁ ଗୁରୁତର ସହ ନେଇ ବୃଦ୍ଧଙ୍କୁ ବକେୟା ଭତ୍ତା ପ୍ରଦାନ କରିବାର ବ୍ୟବସ୍ଥା କଲେ ପରିଣତ ବୟସରେ ବୃଦ୍ଧ ଉପକୃତ ହୋଇପାରନ୍ତେ।

ଘରୋଇ ଫାଇନାନ୍ସ କମ୍ପାନୀର ଜୁଲମ

ମହିଳାଙ୍କୁ ଲୋନ୍ ଦେବାରେ ହେଉଛି ଆଧାର କାର୍ଡ ଜାଲିଆତି

ଆନନ୍ଦପୁର,୧୯।୧୨ (ସଂଚାର ବ୍ୟୁରୋ): ଗ୍ରାମାଞ୍ଚଳରେ ମହିଳାମାନଙ୍କୁ ଉଚ୍ଚ ସୁଧ ହାରରେ ଋଣ ଯୋଗାଉଥିବା ବିଭିନ୍ନ ଫାଇନାନ୍ସ ସଂସ୍ଥା ଋଣ ନାମରେ ମହିଳା ଗୋଷ୍ଠୀମାନଙ୍କୁ ମାନସିକ ଯନ୍ତ୍ରଣା ଦେବା ସହ ଅସହ୍ୟ ଜୁଲମ କରୁଥିବା ଅଭିଯୋଗ ହୋଇଛି। ବ୍ୟାଙ୍କର ଗାଇଡ ଲାଇନକୁ ଖାତିର ନକରି ଫାଇନାନ୍ସ ସଂସ୍ଥା ଚଢ଼ା ସୁଧ ହାରରେ ଋଣ ପ୍ରଦାନ କରୁଥିବା ବେଳେ ପ୍ରତି ସପ୍ତାହରେ ଏଜେଣ୍ଟଙ୍କ ଜରିଆରେ ଘରକୁ ଘର ବୁଲି ଋଣ ଅର୍ଥ ଅସୁଲି ପାଇଁ ଚାପ ଓ ବଳ ପ୍ରୟୋଗ କରୁଥିବା ମଧ ଅଭିଯୋଗ ହୋଇଛି। ବିଭିନ୍ନ ଘରୋଇ ଫାଇନାନ୍ସ କର୍ମଚାରୀ ମାନଙ୍କ ବଳପୂର୍ବକ ଅର୍ଥ ଅସୁଲି କାରଣରୁ ଗ୍ରାମ ତଥା ସେମାନଙ୍କ ପରିବାରରେ ଅଶାନ୍ତି ଲାଗି ରହୁଛି। ଗ୍ରାମାଞ୍ଚଳରେ ଘରୋଇ ଫାଇନାନ୍ସ ସଂସ୍ଥାମାନଙ୍କ ଜୋର ଜୁଲୁମ

ସରକାରୀ ନିର୍ଦ୍ଦେଶ ନାମାର ଖୋଲାଖୋଲି ଉଲ୍ଲଙ୍ଘନ କରୁଛି। ଏଣୁ ଘରୋଇ ଫାଇନାନ୍ସ ସଂସ୍ଥା ମାନଙ୍କ କାର୍ଯ୍ୟଶୈଳୀକୁ ନେଇ ଏବେ ପ୍ରଶ୍ନ ଉଠିଛି।

ଘରୋଇ ଫାଇନାନ୍ସ ସଂସ୍ଥା ଗାଁ ଗାଁରେ ମହିଳାମାନଙ୍କୁ ମେଳି କରି ଲୋନ୍ ଦେଇ ସ୍ୱାବଲମ୍ବୀ କରିବା ଏକ ପ୍ରକାର ପ୍ରହସନ ବୋଲି ଅଭିଯୋଗ ହୋଇଛି। ଆଧାର କାର୍ଡ ଖଣ୍ଡେରେ ମହିଳାଙ୍କୁ ଲୋନ ଦେଇ ନିଜ କାମ ସାରି ଦେଉଚି ଫାଇନାନ୍ସ ସଂସ୍ଥା। ପର ମୁହୂର୍ତ୍ତରେ ମହିଳାଙ୍କୁ ବିଭିନ୍ନ ଆଳରେ ହଇରାଣ କରୁଛି।

ଭବିଷ୍ୟତରେ ବ୍ୟାଙ୍କରୁ ଋଣ ଆଣିବା ପାଇଁ ମହିଳାଟିଏ ଚେଷ୍ଟା କଲେ ବି ତୁମର ସିବିଲ ଖରାପ ଅଛି କହୁଛି ବ୍ୟାଙ୍କ ମ୍ୟାନେଜର। ଏଭଳି ପରିସ୍ଥିତିରେ ମହିଳାମାନେ ନର୍କରେ ଘାଣ୍ଟି ହେଲା ପରି ମନେ କରୁଛନ୍ତି। କିଛି ସ୍ଥାନରେ ମଧ ମହିଳାଙ୍କୁ ଲୋନ୍ ଦେବାରେ ହେଉଛି ଆଧାର କାର୍ଡ ଜାଲିଆତି। ଏହି ସବୁ ସମସ୍ୟା ଉପରେ ରାଜ୍ୟ ସରକାର ଦୃଷ୍ଟି ଦେଇ ସମାଧାନ କରିବା ସହ ନିୟମ ଉଲଘଂନ ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହିଳା ସଂଗଠନ ଦାବି କରିଛି।

ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ

ବାଲିଅନ୍ତା,୧୯।୧୨ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଅଧୀନ ଝିଙ୍କି ଶାସନ ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ସରକାରୀ କର୍ମଚାରୀ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ବିଜୟ କୁମାର ସାମଲ (ବିଜୁ) ୪୮ ବର୍ଷ। ପରିବାର ଲୋକ ଗୁରୁତର ଅବସ୍ଥାରେ ବିଜୟଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ । ହେଲେ ଡାକ୍ତର ସେଠାରେ ବିଜୟଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁସାରେ ବିଜୟ ପଞ୍ଚାୟତ ବିଭାଗରେ କାର୍ଯ୍ୟରତ। ଆଜି ସକାଳ ସାଢ଼େ ୭ଟା ସମୟରେ ଗାଧୋଇବା ପାଇଁ ପାଣି ମୋଟର ଚାଲୁ କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ସଂଜ୍ଞାଶୂନ୍ୟ ହୋଇପଡିଥିଲେ। ପରିବାର ଲୋକ ବିଜୟଙ୍କୁ ପ୍ରଥମେ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ। ସେଠାରେ ଡାକ୍ତର ବିଜୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଲିପାଟଣା ପୁଲିସ ମେଡିକାଲରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅପରାହ୍ନରେ ଗ୍ରାମ ଶ୍ମଶାନରେ ବିଜୟଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ବିଜୟଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗିପଡିଛନ୍ତି। ଏନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ବାଲି ଚୋରାଚାଲାଣ ରୋକିବାକୁ ଜିଲ୍ଲା ପ୍ରଶାସନର କଠୋର ପଦକ୍ଷେପ

ଯାଜପୁର,୧୯।୧୨ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାରେ ଅବୈଧ ଭାବେ ବାଲି ଉତ୍ତୋଳନ ଓ ଚୋରାଚାଲାଣ ସମ୍ବନ୍ଧୀୟ ଅଭିଯୋଗକୁ ଜିଲ୍ଲା ପ୍ରଶାସନ ଗୁରୁତ୍ୱର ସହ ଗ୍ରହଣ କରିଛି। ବିଶେଷକରି ବାଲି ଭର୍ତ୍ତି ଚାଲାଣଙ୍କୁ ଜିଲ୍ଲା ବାହାରକୁ ଓ ରାଜ୍ୟ ବାହାରକୁ ପଠାଯାଉଥିବା ଅଭିଯୋଗକୁ ଗୁରୁତର ଅପରାଧ ଭାବେ ଦେଖାଯାଉଛି। ଏହି ପ୍ରକାର ଅବୈଧ କାର୍ଯ୍ୟକଳାପ ଓଡ଼ିଶା ଖଣିଜ ଉନ୍ନୟନ, ନିୟମନ ଓ ପ୍ରତିଷେଧ ଆଇନ ଓ ନିୟମାବଳୀର ସ୍ପଷ୍ଟ ଉଲ୍ଲଂଘନ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାପଡ଼ିଛି। ଏହା ଦ୍ୱାରା ସରକାରୀ ରାଜସ୍ୱର ହାନି ସହିତ ପରିବେଶୀୟ ସନ୍ତୁଳନ ଉପରେ ମଧ କୁପ୍ରଭାବ ପଡୁଛି।

ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶ ଅନୁଯାୟୀ ତହସିଲଦାର, ବ୍ୟାସନଗର ପୌର ପାଳିକା/ବିଂଝାରପୁର, ଜନିଷ୍ଟ ଖଣି ଅଧିକାରୀ, ବ୍ୟାସନଗର ପୌର ପାଳିକା/ବିଂଝାରପୁର ଓ ସମ୍ପୃକ୍ତ ଅଧିକାରୀମାନଙ୍କୁ ତହସିଲ ସ୍ତରୀୟ ଟାସ୍କ ଫୋର୍ସକୁ ନେଇ ଏକ ବୈଠକ ଡାକି ନିୟମିତ ଯାଞ୍ଚ, ଚଢ଼ାଉ ଓ କଠୋର ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନଧିକୃତ ବାଲି ଚାଲାଣରେ ସଂଲଗ୍ନ ଗାଡ଼ି, ଯନ୍ତ୍ରପାତି ଓ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଯାଇଛି।

ମଣ୍ଡିରେ ଧାନକ୍ରୟ ପ୍ରକ୍ରିୟାରୁ ବାଦ ପଡ଼ିବେ ମହିଳା ଏସ୍‌ଏଚ୍‌ଜି

ବୋରିଗୁମ୍ମା/ଜୟପୁର,୧୯।୧୨ (ସଂଚାର ବ୍ୟୁରୋ): ରାଜ୍ୟରେ ଚାଷୀଙ୍କ ଦ୍ୱାରା ଅମଳ ଧାନ କ୍ରୟ ନିମନ୍ତେ ସମବାୟ ସଂସ୍ଥା ଭାବେ ଲ୍ୟାମ୍ପ, ପାଣି ପଞ୍ଚାୟତ ଏବଂ ମହିଳା ସ୍ୱୟଂସହାୟକ ଗ୍ରୁପ୍‌ଙ୍କୁ ନିଯୁକ୍ତି ଦିଆଯାଉଛି। କିନ୍ତୁ ଚଳିତ ବର୍ଷ ସରକାରଙ୍କ ନୂଆ ଗାଇଡ୍ ଲାଇନ୍‌କୁ କଡ଼ାକଡି ପାଳନ ନେଇ ନିଷ୍ପତି କରାଯାଇଛି। ଏଥିରେ ମୁଖ୍ୟତଃ ମହିଳା ଏସ୍‌ଏଚ୍‌ଜିମାନେ ଏହି ଗାଇଡ୍‌ଲାଇନ ୨୪ଟି ନିୟମାବଳୀ ଅନୁଯାୟୀ କଡାକଡି ପାଳନ କରିବା ନେଇ କଡ଼ା ନିର୍ଦ୍ଦେଶ ରହିଛି। ଏହି ସମସ୍ତ ନିୟମକୁ ପାଳନ କରିବା କୌଣସି ମହିଳା ଏସ୍‌ଏଚ୍‌ଜି ପକ୍ଷରେ ସମ୍ଭବ ନୁହେଁ ବୋଲି କୁହାଯାଉଛି । ତେଣୁ ପରୋକ୍ଷରେ ମହିଳା ଏସଏଚଜିମାନେ ଚଳିତ ବର୍ଷ ଧାନ କ୍ରୟ ପ୍ରକ୍ରିୟାରେ ସାମିଲ ହେବା ନେଇ ଅନିଶ୍ଚିତା ଦେଖାଦେଇଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଆକ୍ରୋଶମୂଳକ ଭାବେ ଏସଏଚଜି ମାନଙ୍କୁ ଧାନମଣ୍ଡି କ୍ରୟ ପ୍ରକ୍ରିୟାରୁ ବାଦ ଦେବାକୁ ଷଡଯନ୍ତ୍ର କରୁଛନ୍ତି ବୋଲି ମହାସଂଘ ପକ୍ଷରୁ ଅଭିଯୋଗ ନେଇ ଗତ ସୋମବାର ଦିନ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଚାଷୀଙ୍କ ଅମଳ ଧାନକୁ ମହିଳା ଏସଏଚଜି ଜରିଆରେ ଗତ ୨୦୧୯ ମସିହା ଠାରୁ ତତକାଳୀନ ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ ଏବଂ ଆତ୍ମନିର୍ଭରଶୀଳ ଯୋଜନା ମାଧ୍ୟମରେ ଆର୍ଥିକ ବିକାଶ ନିମନ୍ତେ ଉଭୟ ଖରିଫ ଓ ରବିଧାନ ମଣ୍ଡିରେ ଧାନକ୍ରୟ ପ୍ରକ୍ରିୟାରେ ସାମିଲ କରାଯାଇଥିଲା। ଏଥିରେ ସମୁଦାୟ କ୍ରୟ ଟଙ୍କାର ୧ ପ୍ରତିଶତ ଟଙ୍କା ମହିଳା ଏସଏଚଜିଙ୍କୁ ପାରିଶ୍ରମିକ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ପ୍ରଦାନ କରାଯାଉଥିଲା।

ଶ୍ରମଦାନ ଦିବସରେ କାଠ କାରିଗର ସଂଘର ନିଆରା ଅଭିଯାନ

ମାଗଣା ସଜାଡ଼ିଲେ କାଠ ଉପକରଣ

ବ୍ରହ୍ମପୁର,୧୯।୧୨ (ସଂଚାର ବ୍ୟୁରୋ): ବୃକ୍ଷ ସୁରକ୍ଷା ଅଭିଯାନକୁ ନେଇ ଗଂଜାମ ଜିଲ୍ଲା କାଠ କାରିଗରୀ ଓ ଫେବିକୋଲ କ୍ଲବ ପକ୍ଷରୁ ଆଜି ହିଲପାଟନା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶ୍ରମଦାନ ଦିବସ ପାଳିତ ହୋଇଯାଇଛି। ସମ୍ପ୍ରତି ଆଧୁନିକ ଯୁଗରେ ଲୁହା ଓ ପ୍ଲାଷ୍ଟିକ ଚେୟାର ଟେବୁଲ୍ ର ଚାହିଦା ରହିଥିବାବେଳେ ଅଧିକାଂଶ ସରକାରୀ ବିଦ୍ୟାଳୟ ଗୁଡିକରେ କାଠର ପୁରାତନ ଚେୟାର ଟେବୁଲ୍ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ବ୍ୟବହାରରେ ଲାଗି ରହିଛି। ଯେଉଁ ସବୁ ପୁରାତନ ଚେୟାର ଟେବୁଲ୍ ଭାଙ୍ଗି ନଷ୍ଟ ହୋଇଯାଇଛି ତାହାକୁ ପୁନର୍ବାର ଯେପରି ବ୍ୟବହାର କରାଯାଇ ପାରିବ ତାହାକୁ ଦୃଷ୍ଟିରେ ରଖି କାଠ କାରିଗର ସଂଘ ଏହାର ପୁନର୍ବାର ମରାମତି କରିବା ସହ ବ୍ୟବହାର ଉପଯୋଗୀ କରାଇଛନ୍ତି। ଯାହା ଫଳରେ ଆଉ କାଠରେ ନିର୍ମିତ ନୂଆଁ ଚେୟାର ଟେବୁଲ୍‌ର ଆବଶ୍ୟକତା ପଡ଼ିବ ନାହିଁ। ଯାହାଦ୍ୱାରା କାଠ ଅବା ବୃକ୍ଷ ଏକ ପ୍ରକାର ସୁରକ୍ଷିତ ହୋଇପାରିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏଭଳି କାର୍ଯ୍ୟ ପ୍ରତ୍ୟେକ ବର୍ଷ ଆବଶ୍ୟକୀୟ ଅନୁଷ୍ଠାନ ଗୁଡ଼ିକୁ ଗଞ୍ଜାମ ଜିଲ୍ଲା କାଠ କାରିଗର ସଂଘ ଶ୍ରମଦାନ ଦିବସରେ ମାଗଣାରେ ଏହି ସେବା ଯୋଗାଇଥାନ୍ତି। ଆଜିର କାର୍ଯ୍ୟକ୍ରମରେ ବିଦ୍ୟାଳୟର କାଠ ସାମଗ୍ରୀରେ ବ୍ୟବହୃତ ଯଥା ଟେବୁଲ, ଚେୟାର ଓ ଅନ୍ୟନ୍ୟ ଆସବାବ ପତ୍ର ମାନଙ୍କୁ ସଜଡା ଯାଇଥିଲା। ଏଥିରେ ଫେବିକୋଲ କ୍ଲବର ସମସ୍ତ ପଦାଧିକାରୀଙ୍କ ସହ କାରିଗରୀ ସଂଘର ସଦସ୍ୟ ନାରାୟଣ ମହାରଣା, ଭଗବାନ ମହାରଣା, ଗଣେଷ ମହାରଣା, ଅଜିତ ମହାରଣା, ଜଗନ୍ନାଥ ମହାରଣା, ସୁରଜ ଦୋରା, ନିରଞ୍ଜନ ମହାରଣା ପ୍ରଶାନ୍ତ ମହାରଣା ମନୁ ମହାରଣା ହରିଶ ମହାରଣା, ଏସ୍.କେ ମୋତି, ପ୍ରମୋଦ ରଞ୍ଜନ ମହାରଣା, ସୂର୍ଯ୍ୟ ନାରାୟଣ ମହାରଣା ଓ ବିଦ୍ୟାଧର ମହାରଣା ସମେତ କମ୍ପାନୀର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ପ୍ରକାର କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ କାରିଗରୀ ଭାଇ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

ବିଦ୍ୟାଳୟର ଯାତାୟାତ ରାସ୍ତାକୁ ଖୋଳିଦେଲେ ମୁଷ୍ଟିମେୟ

ଯାତାୟାତରେ ସମସ୍ୟା ଭୋଗୁଛନ୍ତି ଛାତ୍ରଛାତ୍ରୀ

କାକଟପୁର/ଅସ୍ତରଙ୍ଗ, ୧୯।୧୨ (ସଂଚାର ବ୍ୟୁରୋ): ବିଦ୍ୟାଳୟକୁ ଯାତାୟାତ ବାଟକୁ କୌଣସି ମୁଷ୍ଟିମେୟ ବ୍ୟକ୍ତି ବିଶେଷ ଜେସିବି ଲଗାଇ ଖୋଳିଦେବାରୁ କୁନି କୁନି ଛାତ୍ରଛାତ୍ରୀ ବିଦ୍ୟାଳୟ ଯିବାକୁ ସମସ୍ୟା ସୃଷ୍ଟି ହୋଇଛି।

ଖବର ମୁତାବକ, ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବନ୍ତିଲୋ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ବେଳେ ମାଣ୍ଡୁକି ମୌଜାର ଖାତା ନଂ ୨୫୭/୮୮ରେ ପ୍ଲଟ ନଂ ୧୫୬୦/୨୦୬୪ଜମିର ଘରବାରି ପ୍ଲଟ ଉପରେ ବିଦ୍ୟାର ମନ୍ଦିର ବିଦ୍ୟାଳୟ ୧୨ବର୍ଷ ହେବ ଚାଲୁରହିଛି। କିନ୍ତୁ ମୁଖ୍ୟ ରାସ୍ତାରୁ ବିଦ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟ ପ୍ରବେଶ ପଥରେ ୨ଟି ସ୍ଥାନରେ ବେଆଇନ ଭାବେ ଜେସିବି ଦ୍ୱାରା ୪ଫୁଟର ଲମ୍ବା ଗର୍ତ୍ତ ଖୋଳିବା ଫଳରେ କୋମଳମତି ଶିଶୁମାନେ ବିଦ୍ୟାଳୟକୁ ଯିବାଆସିବାରେ ସମସ୍ୟା ଭୋଗୁଛନ୍ତି।

ଏ ନେଇ ବିଦ୍ୟାଳୟର ସମ୍ପାଦିକା ମମତା ବାରିକ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ ଦେବା ପରେ ଶୁକ୍ରବାର ପୂର୍ବାହ୍ନ ସମୟରେ ଅସ୍ତରଙ୍ଗ ଥାନାଧିକାରୀ ଦୁର୍ଗା ଚରଣ ମହାପାତ୍ର ଓ ଅନ୍ୟ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଂଚି ସ୍ଥିତି ଅନୁଧାନ କରିଥିଲେ। ଏ ନେଇ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଘଟଣା ଜାଣିବା ପରେ ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ଜମିର ସ୍ଥିତି ଅନୁଧାନ କରିବା ସହ ଆସନ୍ତା ସୋମବାର ଜମିର ସୀମା ଚିହ୍ନଟ ମାପଚୁପ ସରିଲେ ସମସ୍ୟା ସମାଧାନ ହୋଇଯିବ ବୋଲି ମତ ଦେଇଛନ୍ତି।

ସାଂସଦ ଖେଳ ମହୋତ୍ସବ ପାଇଁ ମଶାଲ୍ ଶୋଭାଯାତ୍ରା

ଡାବୁଗାଁ,୧୯।୧୨ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀଙ୍କ ନୂତନ ପ୍ରୟାସ ସାଂସଦ ଖେଳ ଇଣ୍ଡିଆ ଅନ୍ତର୍ଗତ ସାଂସଦ ଖେଳ ମହୋତ୍ସବ ମାଧ୍ୟମରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର କ୍ରୀଡ଼ାରେ ପ୍ରତିଭା ସମ୍ପନ୍ନ ଯୁବକ ଯୁବତୀ ମାନଙ୍କୁ ଲୋକ ଲୋଚନକୁ ଆଣି ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଲକ୍ଷ୍ୟ ରଖା ଯାଇଥିବା ସ୍ଥଳେ, ଆଜି ଡାବୁଗାଁରେ ଏହାର ଶୁଭାରମ୍ଭ କରା ଯାଇଛି। ମାଁ ଠାକୁରାଣୀଙ୍କ ପୂଜା ଅର୍ଚ୍ଚନା ପରେ ମୋଶାଲ୍ ପ୍ରଜ୍ଜ୍ୱଳିତ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ବ୍ଲକ ଅଧକ୍ଷା ବୀଣା ମାଝୀ, ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ, ବରିଷ୍ଠ ଆଇନଜୀବି

ଜୟନ୍ତ କୁମାର ପାତ୍ର ଓ ରାଜେନ୍ଦ୍ର ବିଶୋଇ, ବିଜେପିର ବରିଷ୍ଠ ନେତା ଜେ. ରାଜଶେଖର ରାଓ, କଂଗ୍ରେସ ସଭାପତି ଜି ସାଇ ରାଜୁ, ବିଜେଡିର ବରିଷ୍ଠ ନେତା ଏମ ଆପା ରାଓ, ବିଜେପି ଡାବୁଗାଁ ମଣ୍ଡଳ ସଭାପତି ମନୋଜ ପାତ୍ର, ଜି କିରଣ ସମେତ ବିଭିନ୍ନ ଅନୁଷ୍ଠାନର ଛାତ୍ରମାନେ ମାଁ ଠାକୁରାଣୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ଭୈରବ ମହାବିଦ୍ୟାଳୟ ପଡିଆ ପର୍ଯ୍ୟନ୍ତ ଯାଇଥିଲେ। ବିଏସ୍‌ଏସ୍ ଓ ଯତୀନ ପାଣିଗ୍ରାହୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ଡବ୍ଲୁଇଓ ଆଦିର୍ଯ୍ୟ ନାରାୟଣ ରଥ ଓ ଡାବୁଗାଁ ବ୍ଲକରେ କାର୍ଯ୍ୟରତ କର୍ମଚାରୀମାନେ ଆୟୋଜନର ତଦାରଖ କରିଥିଲେ। ସୂଚନାଯୋଗ୍ୟ ଯେ, ଦୁଇଦିନ ବ୍ୟାପୀ ବିଭିନ୍ନ କ୍ରିଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ ।

ଭିଟାମାଟି ଓ ଜୀବନଜୀବିକା ସୁରକ୍ଷାମଞ୍ଚ ପକ୍ଷରୁ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

ପ୍ରଶାସନର ମନମୁଖି ପଦକ୍ଷେପର ପ୍ରତିବାଦ

ନୀଳଗିରି,୧୯।୧୨ (ସଂଚାର ବ୍ୟୁରୋ): କୁଲଡିହା ଅଭୟାରଣ୍ୟରେ ବସବାସ କରୁଥିବା ଲୋକମାନଙ୍କୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ନୋଟିସ କରାଯାଉଛି। ଲୋକମାନେ ଏହାଦ୍ୱାରା ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବନବିଭାଗ ପକ୍ଷରୁ ସାଧାରଣ ଲୋକଙ୍କ ଉପରେ ଜୁଲମ୍ କରାଯାଇଛି। ଏପରିକି ସାଧାରଣ ଲୋକ ମାନଙ୍କୁ ବିନାକାରଣରେ ଘରୁ ଧରିଆଣି ଅତ୍ୟାଚାର କରାଯାଉଛି। ଅଭାୟରଣ୍ୟ ସୀମା ବାବଦରେ ଉଚ୍ଚନ୍ୟାୟାଳୟରେ ଭିଟାମାଟି ଓ ଜୀବନଜୀବିକା ସୁରକ୍ଷାମଞ୍ଚ ପକ୍ଷରୁ ମୋକଦ୍ଦମା ଚାଲୁଥିବା ବେଳେ ସରକାରଙ୍କ ଏଭଳି ପଦକ୍ଷେପକୁ ବିରୋଧ କରାଯାଇଛି।

ଆଜି ଭିଟାମାଟି ଓ ଜୀବନଜୀବିକା ସୁରକ୍ଷାମଞ୍ଚର ଆବାହକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାରେ ଲୋକ ଜଗନ୍ନାଥମନ୍ଦିର ଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବାପରେ ନୀଳଗିରି ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଉପଲକ୍ଷେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପାଞ୍ଚହଜାରରୁ ଉର୍ଦ୍ଧ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥଙ୍କୁ ଦିଆଯାଇଛି।

ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ବୋରିଗୁମ୍ମା,୧୯।୧୨ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲାର ଶଶାହାଣ୍ଡି ଠାରେ ଆଜି ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସାଂସଦ ପ୍ରତିନିଧି ଜେ. ଶ୍ରୀନିବାସ ରାଓ, କୋଟପାଡ଼ ବିଧାୟକ ପ୍ରତିନିଧି ରାମକୃଷ୍ଣ ଭତ୍ରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସାଂସଦ ଖେଳ ଉତ୍ସବ ଶୁଭାରମ୍ଭ କରିଛନ୍ତି। ବୋରିଗୁମ୍ମା ଏବିଡ଼ିଓ ମାଧୁରୀ ଆଚାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ମଙ୍ଗଳ ଅଧିକାରୀ ସନାଲି ନାୟକ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସ୍ୱାଗତିକା ଗୋପାଳ, ଏପିଓ ରଜନୀକାନ୍ତ ବେହେରା, ସାଂସଦ ଖେଳ ମହୋତ୍ସବର, କୋର୍ କମିଟି ସଦସ୍ୟ ମହେନ୍ଦ୍ର ପଣ୍ଡା ସମେତ ଅନ୍ୟାନ୍ୟ ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ୨ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଖେଳ ମହୋତ୍ସବରେ କ୍ରିକେଟ, ଫୁଟବଲ, ଭଲିବଲ, ୧୦୦ ମିଟର, ୨୦୦ ମିଟର ଦୌଡ଼, କବାଡି,ଖୋକ, କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ।

୨୩ରେ ଚଉଷଠୀ ଯୋଗିନୀ ମହୋତ୍ସବ

ବାଲିଅନ୍ତା,୧୯।୧୨ (ସଂଚାର ବ୍ୟୁରୋ): ଡ଼ିସେମ୍ବର ୨୩ ତାରିଖ ଠାରୁ ଆରମ୍ଭ ହୋଇ ୨୫ ତାରିଖରେ ଶେଷ ହେବ ହିରାପୁରର ୧୯ତମ ଅନ୍ତର୍ଜାତୀୟ ୬୪ ଯୋଗୀନି ମହୋତ୍ସବ। ଏହି ଉପଲକ୍ଷେ ମହୋତ୍ସବ କମିଟିର ଆୟୋଜକ ନୃତ୍ୟ ପ୍ରତିଭା ଅନୁଷ୍ଠାନ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଚଳିତ ବର୍ଷ ମହୋତ୍ସବରେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଇଲିଆନା ସୀତାରିଷ୍ଟଙ୍କୁ ୬୪ ଯୋଗୀନି ନୃତ୍ୟ ପ୍ରତିଭା ସମ୍ମାନ, ଡ଼ଃ ଆଦ୍ୟାଶା ଦାସଙ୍କୁ ୬୪ ଯୋଗୀନି ସଂଗିତ ସମ୍ମାନ, ସିନେ ଅଭିନେତା ତଥା ନାଟ୍ୟଗୁରୁ ଅଶ୍ରୁମୋଚନ ମହାନ୍ତିଙ୍କୁ ୬୪ ଯୋଗୀନି ନାଟ୍ୟ ସମ୍ମାନ , ଡଃ ଇତିରାଣୀ ସାମନ୍ତଙ୍କୁ ସୁରେସବଳବନ୍ତରାୟଙ୍କ ସ୍ମୃତିରେ ୬୪ ଯୋଗୀନି ସାହିତ୍ୟ ସମ୍ମାନ, ସ୍ତମ୍ଭକାର ଶୃତିକିର୍ତ୍ତୀ ତ୍ରୀପାଠୀ ଙ୍କୁ ୬୪ ଯୋଗୀନି ଯୁବ ସାହିତ୍ୟ ସମ୍ମାନ ଓ ଇଂ ଶ୍ରୀନିବାସ ଘଟୁଆରୀଙ୍କୁ ୬୪ ଯୋଗୀନୀ ଯୁବ ନୃତ୍ୟ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି।

ନିମ୍ନମାନର ରାସ୍ତା କାମକୁ ନେଇ ତାତିଲେ ଅଞ୍ଚଳବାସୀ

ଏସଡ଼ିଓଙ୍କୁ ଅଟକ ରଖିଲେ ଆନ୍ଦୋଳନକାରୀ

ପଦାରେ ପଡିଲା ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା

ଫୁଲବାଣୀ,୧୯।୧୨ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାରେ ନିମ୍ନମାନର ରାସ୍ତା କାମ ନିର୍ମାଣକୁ ନେଇ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଛନ୍ତି ଅଞ୍ଚଳବାସୀ । କେବଳ ଆନ୍ଦୋଳନ କରିନାହାନ୍ତି ରାସ୍ତା କାମ ଦାୟିତ୍ୱରେ ଥିବା ବିଭାଗୀୟ ଏସଡ଼ିଓଙ୍କୁ କିଛି ସମୟ ଧରି ଅଟକ ରଖିବା ସହ କାମ ଠିକ୍‌ଠାକ୍ ନକଲେ କାମ ବନ୍ଦ କର ନଚେତ ପରିସ୍ଥିତି ଭୟବହ ହେବ ବୋଲି ମଧ ଚେତାବନୀ ଦେଇଛନ୍ତି । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ପବିଙ୍ଗିଆ ପଞ୍ଚାୟତର ମଗମୁଣ୍ଡା ଗାଁ ନିକଟରେ।

ସୂଚନାଯୋଗ୍ୟ ଯେ, ଗତ ଦୁଇବର୍ଷ ହେବ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରାୟ ତିନି କୋଟିରୁ ଉର୍ଦ୍ଧ୍ୱଚ ଟଙ୍କା ବ୍ୟୟ ଅଟକଳରେ ପବିଙ୍ଗିଆ ପଞ୍ଚାୟତର ସାଇତିଙ୍ଗିଆ ଠାରୁ ଫୁଲବାଣୀ ସଦର ବ୍ଲକ ଅଧୀନରେ ଥିବା ମିଣିଆ ପଞ୍ଚାୟତର ଅଡିଗାର ଭାୟା ମଗମୁଣ୍ଡାକୁ ପ୍ରାୟ ୭ କିଲୋମିଟର ଦୂରତା ବିଶିଷ୍ଟ ଏକ ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ନିର୍ମାଣ ଚାଲିଛି । ସରକାରୀ ନିୟମକୁ ଖୋଲାଖୋଲି ଉଲଂଘନ କରି ସମ୍ପୃକ୍ତ ଠିକା ସଂସ୍ଥା କୌଣସି ଜାଗାରେ ସୂଚନା ଫଳକ ଲଗେଇନାହିଁ। ଏହି ରାସ୍ତାର ନିର୍ମାଣ କାମ ଆରମ୍ଭରୁ ନିମ୍ନମାନର ହେଉଥିବା ବେଳେ ଏହାକୁ ନେଇ ବାରମ୍ବାର ଅଭିଯୋଗ କରିବା ପରେ ମଧ ଅଞ୍ଚଳବାସୀଙ୍କ କୌଣସି କଥାକୁ ସମ୍ପୃକ୍ତ ଠିକା ସଂସ୍ଥା ଭୃକ୍ଷେପ କରୁନାହିଁ । ଅନ୍ୟପଟେ ରାସ୍ତା କାମ ହେବା ଦ୍ୱାରା ଠିକା ସଂସ୍ଥାର ଭୁଲ ପାଇଁ ସାଇତିଙ୍ଗିଆ ଅଂଚଳର କିଛି ଚାଷୀଙ୍କ ଚାଷ ଜମିକୁ ପାଣି ଯାଉନଥିବାରୁ ଦୀର୍ଘ ଦୁଇ ବର୍ଷ ହେବ ଚାଷ କାମ ହୋଇ ପାରୁନଥିବା ସ୍ଥାନୀୟ ଅଞ୍ଚଳରେ କିଛି ଚାଷୀ ଅଭିଯୋଗ କରିଛନ୍ତି ।

ତେବେ ଗତ କିଛିଦିନ ହେଲା ଏହି ରାସ୍ତାରେ ସମ୍ପୃକ୍ତ ଠିକସଂସ୍ଥା ପିଚୁ କାମ ଆରମ୍ଭ କରିଛି । କିନ୍ତୁ କାମଟି ଏତେ ନିମ୍ନମାନର ହେଉଛି ଯେ ଗୋଟେ ପଟେ ପିଚୁ ପଡିପଡ଼ି ଚାଲିଥିବା ବେଳେ ଅନ୍ୟପଟେ ପିଚୁ ଉଠିଉଠି ଯାଉଛି । ଏହି ଦୃଶ୍ୟକୁ ଦେଖି ନଦେଖିଲା ପରି ବିଭାଗୀୟ ଅଧିକାରୀ ଚୁପ ହୋଇ ବସିରହିଛନ୍ତି ।

ଗୁରୁବାର ଦିନ ରାସ୍ତା କାମ ତଦାରଖ କରିବାକୁ ବିଭାଗୀୟ ଏସଡ଼ିଓ ଶୁସିଲ କୁମାର ମହାନ୍ତି କାମ ଜାଗାକୁ ଯାଇଥିବା ବେଳ ସ୍ଥାନୀୟ ଅଂଚଳର ଶତାଧିକ ମହିଳା ଓ ପୁରୁଷ ଏସଡିଓଙ୍କୁ କିଛି ସମୟ ଧରି ଅଟକ ରଖିବା ସହ ଉତ୍ତ୍ୟକ୍ତ ହୋଇ ଉଠିଥିଲେ । କିଛିସମୟ ପାଇଁ କାମ ଜାଗାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ପରେ ଅଞ୍ଚଳବାସୀଙ୍କ ଦାବିକୁ ସମର୍ଥନ ଜଣାଇ କାମ ଠିକ ଠାକ ଚଳିବ ଓ ଚାଷୀ ମାନଙ୍କ ଜମିକୁ ପାଣି ଯିବାର ବନ୍ଦୋବସ୍ତ କରିବା ପାଇଁ ପ୍ରତିଶୃତି ଦେବାପରେ ଉତ୍ତେଜନା ଶାନ୍ତ ପଡିଥିଲା ।

ସୋଆ ସୁରକ୍ଷିତ, ସମ୍ମାନଜନକ ଏବଂ ଆବେଗପୂର୍ଣ୍ଣ କ୍ୟାମ୍ପସ ବାତାବରଣକୁ ଗୁରୁତ୍ୱ ଦିଏ: ଉପସଭାପତି

ଭୁବନେଶ୍ୱର,୧୯।୧୨ (ସଂଚାର ବ୍ୟୁରୋ): ଛାତ୍ରଛାତ୍ରୀମାନେ ଶୈକ୍ଷିକ ଦାୟିତ୍ୱ ଓ ଶୃଙ୍ଖଳା ପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ ଯାହାଦ୍ୱାରା କି ବିଶ୍ୱବିଦ୍ୟାଳୟର ସମ୍ମାନ ଉର୍ଦ୍ଧ୍ୱକୁ ଯିବ ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ(ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ।

ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨, ଫୁଲନଖରାର ପ୍ରଥମ ବାର୍ଷିକ ଉତ୍ସବ 'ଏନିଗ୍‌ମା ୨୦୨୫'ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ କହିଛନ୍ତି ଯେ, ରାଗିଂ ଏକ ଧର୍ତବ୍ୟ ଅପରାଧ। ଆମ ଶିକ୍ଷାନୁଷ୍ଠାନ ଏଭଳି ଅପରାଧିକ କାର୍ଯ୍ୟକଳାପକୁ କେବେ ବି ସମର୍ଥନ କରେ ନାହିଁ। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ-୨ ଭଳି ନୂତନ ମେଡିକାଲ୍ କଲେଜର ଶୈକ୍ଷିକ ଯାତ୍ରା ବେଶ ସୁଦୃଢ଼ ହେବ ବୋଲି ଆଶା ବ୍ୟକ୍ତ କରିଛନ୍ତି।

ଦୁଇ ଦିନ ଧରି ଆୟୋଜିତ ହେଉଥିବା ଏହି ବାର୍ଷିକ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ୨୦୨୪ ଏବଂ ୨୦୨୫ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ସୂଚନା ଦେଇଥିଲେ। ଏହି ଅବସରରେ ମେଡିକାଲ କଲେଜର କୃତି ଛାତ୍ରଛାତ୍ରୀଙ୍କୁ ସୋଆ ଉପସଭାପତି ପୁରସ୍କୃତ କରିଥିଲେ।

କୃତ୍ରିମ ବୁଦ୍ଧିମତ୍ତା ମିଶନ ପୋର୍ଟାଲ ଲୋକାର୍ପିତ

ଭୁବନେଶ୍ୱର, ୧୯।୧୨ (ସଂଚାର ବ୍ୟୁରୋ): ପ୍ରଶାସନ, ବିକାଶ ଏବଂ ସାର୍ବଜନୀନ ହିତ ପାଇଁ ଏଆଇକୁ ଆଗକୁ ବଢାଇବା ଉପରେ କେନ୍ଦ୍ରିତ ଏକ ଉଚ୍ଚସ୍ତରୀୟ ଦୁଇଦିନିଆ କୃତ୍ରିମ ବୁଦ୍ଧିମତା ସମ୍ମିଳନୀ ଆଜି ଲୋକସଭା ଭବନରେ ଉଦଘାଟନ ହୋଇଛି।



ଆଭାସୀ ମାଧ୍ୟମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଭାରତ ସରକାରଙ୍କ ଯୁଗ୍ମ ସଚିବ, ମେଇଟିୱାଇ, ସୁଦୀପ ଶ୍ରୀବାସ୍ତବ, ଇଜିପ୍ଟର ଏଆଇ ଶାସନ ବିଶେଷଜ୍ଞ ଡକ୍ଟର ଅହମ୍ମଦ ହେଫନାୱି ଏବଂ ନୀତି ଫ୍ରଣ୍ଟିୟର୍ ଟେକ୍ ହବ୍ ମୁଖ୍ୟ ସ୍ଥପତି ଦେବଜାନୀ ଘୋଷ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ମନୋଜ ଆହୁଜା, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟିର ପ୍ରମୁଖ ସଚିବ ବିଶାଳ ଦେବ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟିର ସ୍ୱତନ୍ତ୍ର ସଚିବ ମାନସ ପଣ୍ଡା ମଧ ସମାବେଶକୁ ସମ୍ବୋଧିତ କରିଥିଲେ।

ଏକ ଭର୍ଚୁଆଲ୍ ସମ୍ବୋଧନ ମାଧ୍ୟମରେ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏଆଇ-ନେତୃତ୍ୱାଧୀନ ଶାସନ ଏବଂ ନାଗରିକ-କୈନ୍ଦ୍ରିକ ନବସୃଜନ ପ୍ରତି ଓଡ଼ିଶାର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, "ମେ କେବଳ ଏଆଇ ଗ୍ରହଣ କରୁନାହୁଁ, ଆମେ ଏକ ଏଆଇ-ଚାଳିତ ଓଡ଼ିଶାର ମୂଳଦୁଆ ନିର୍ମାଣ କରୁଛୁ ଏହା ଶାସନ, ସେବା ପ୍ରଦାନର ଗତିକୁ ସୁଦୃଢ଼ କରିବ ଏବଂ ନାଗରିକମାନଙ୍କୁ ସଶକ୍ତ କରିବ ଭାରତ ଏକ ଐତିହାସିକ ବୈଷୟିକ ପରିବର୍ତ୍ତନ ଦେଇ ଗତି କରୁଛି ଏବଂ ଓଡ଼ିଶା ଏହି ଜାତୀୟ ଆନ୍ଦୋଳନରେ ଏକ ସକ୍ରିୟ ଏବଂ ମହତ୍ୱାକାଂକ୍ଷୀ ଅଂଶୀଦାର ହେବ ବୋଲି କହିଥିଲେ। ଓଡ଼ିଶା କୃତ୍ରିମ ବୁଦ୍ଧିମତ୍ତା ମିସନ ପୋର୍ଟାଲ ଲୋକାର୍ପିତ କରି ଡକ୍ଟର ମୁକେଶ ମହାଲିଙ୍ଗ ଭାରତ ଏଆଇ ଇମ୍ପାକ୍ଟ ଶିଖରର ନୀତି - ତିନୋଟି ସୂତ୍ର ଏବଂ ସାତ ଚକ୍ର ସହିତ ସମ୍ମିଳନୀର ସମନ୍ୱୟ ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ସମସ୍ତଙ୍କ ପାଇଁ କୃତ୍ରିମ ବୁଦ୍ଧିମତା, କୃତ୍ରିମ ବୁଦ୍ଧିମତା ସରକାରୀ ଏବଂ ଅନ୍ୟ ସମସ୍ତ କାର୍ଯ୍ୟରେ କିପରି ସଠିକ ବ୍ୟବହାର ହେବ। କୃତ୍ରିମ ବୁଦ୍ଧିମତା ଟୁଲ ମାଧ୍ୟମରେ ସୁଭଦ୍ରା , ଧାନ କିଣାରେ ଇନପୁଟ ସବସିଡିକୁ ସକ୍ଷମ କରାଯାଇଛି ବୋଲି ସେ କହିଥିଲେ।

ବିକଶିତ ଓଡ଼ିଶା ଗଠନ ଲାଗି କର୍ମଶାଳା

ଶୈକ୍ଷିକ ସମାଜର ଭୂମିକା ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୧୯।୧୨ (ସଂଚାର ବ୍ୟୁରୋ): ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭କୁ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟର କୁଳପତି, ମହାବିଦ୍ୟାଳୟର ଅଧକ୍ଷ ଓ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନଙ୍କ ପାଇଁ ଆଜି ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ନିର୍ମାଣର ଲକ୍ଷ୍ୟ ସାଧନ କରିବାରେ ଉଚ୍ଚଶିକ୍ଷାନୁଷ୍ଠାନ ମାନଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଓଡ଼ିଶାରେ ଉଚ୍ଚଶିକ୍ଷାର ବିକାଶକୁ ନେଇ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ରେ ୪ଟି ପ୍ରମୁଖ ମାନଦଣ୍ଡକୁ ସ୍ଥାନିତ କରାଯାଇଛି। ଓଡ଼ିଶାରେ ଉଚ୍ଚଶିକ୍ଷାରେ ୨୦୩୬ ମସିହା ସୁଦ୍ଧା ୫୦ % ଓ ୨୦୪୭ ମସିହା ସୁଦ୍ଧା ୬୦% ସାମଗ୍ରିକ ଶିକ୍ଷା ଅନୁପାତକୁ ସୁନିଶ୍ଚିତ କରିବା ସହ ଶିକ୍ଷାନୁଷ୍ଠାନମାନଙ୍କରେ ଲିଙ୍ଗଗତ ସମାନତା ଓ ପଛୁଆ ବର୍ଗରୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ଭୁକ୍ତିକରଣ ଉପରେ ପ୍ରାଧାନ୍ୟ ଦେବା, ସ୍ନାତକ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀଙ୍କୁ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ପ୍ରଦାନ କରିବା, ୨୦୩୬ ମସିହା ସୁଦ୍ଧା ଓଡ଼ିଶାର ୨ଟି ଶିକ୍ଷାନୁଷ୍ଠାନ ଯେପରି ବିଶ୍ୱର ଶ୍ରେଷ୍ଠ ୫୦୦ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନିତ ହୋଇପାରିବ ତାହାକୁ ସୁନିଶ୍ଚିତ କରିବା ଏବଂ ଓଡ଼ିଶାର ପ୍ରତିଟି ବ୍ଲକରେ ୨ଟି ଉଚ୍ଚଶିକ୍ଷାନୁଷ୍ଠାନ ଓ ପ୍ରତି ଜିଲ୍ଲାରେ ଅନ୍ତତଃ ଗୋଟିଏ ବହୁ ବିଷୟକ ଗବେଷଣା ଭିତ୍ତିକ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି।

ସମସ୍ତଙ୍କ ପାଇଁ ଶିକ୍ଷା, ସମସ୍ତଙ୍କ ପାଇଁ ଉଚ୍ଚଶିକ୍ଷା" ହେଉଛି ଆମର ଲକ୍ଷ୍ୟ। ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଗଠନ କରିବାର ଲକ୍ଷ୍ୟ ପୂରଣ କରିବା ନିମନ୍ତେ ଆମ ଶୈକ୍ଷିକ ସମାଜ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି, ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ କୁଳପତି ଓ ଅଧକ୍ଷମାନଙ୍କୁ ଉଦ୍‌ବୋଧନ ପ୍ରଦାନ କରିଥିଲେ।

ସୋସିଆଲ ମିଡିଆ ଚାପରେ ଚେପା ବିଜେଡି

ଭୁବନେଶ୍ୱର,୧୯।୧୨ (ସଂଚାର ବ୍ୟୁରୋ): ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ବର୍ଦ୍ଧିତ ଦରମା ଓ

- ବର୍ଦ୍ଧିତ ଦରମାର ପୁନର୍ବିଚାର ପାଇଁ ଦାବି
- ଲୋକଲଜ୍ଜାକୁ ଡରି ନିଷ୍ପତ୍ତି ବଦଳାଇଲା ଦଳ

ଭତ୍ତା ନେବାକୁ ମନାକରିବା ପରେ ମଧ ବିଜେଡି ବିଧାୟକମାନେ ତାଙ୍କୁ ଅନୁକରଣ କରିନଥିଲେ। ଖୋଲାଖୋଲି କହିଥିଲେ ସେମାନଙ୍କୁ ବର୍ଦ୍ଧିତ ଦରମା ଓ ଭତ୍ତାର ଆବଶ୍ୟକତା ରହିଛି। ଗତକାଲି ବିଜେପି ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ବର୍ଦ୍ଧିତ ଦରମା ଓ ଭତ୍ତା ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବିକରିବା ପରେ ଆଜି ବିଜେଡିର ଜ୍ଞାନ ଉଦୟ ହୋଇଛି। ଏକ ସାମ୍ବାଦିକ ସମ୍ମିଳନୀରେ ସେମାନେ ଦରମା ଓ ଭତ୍ତା ବୃଦ୍ଧିର ପୁନର୍ବିଚାର ପାଇଁ ଦାବି କରିଛନ୍ତି। ଆଜି ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ ଓ ପ୍ରତାପ ଦେବ ଏକ ଯୁଗ୍ମ ସାମାଦିକ ସମ୍ମିଳନୀରେ ସରକାର ନିଜ ନିଷ୍ପତ୍ତି ବଦଳାଇବାକୁ ଦାବି କରିଥିଲେ। ଗତ ୯ ତାରିଖରେ ବିଧାନସଭାରେ ସର୍ବସମ୍ମତ କ୍ରମେ ଦରମା ଓ ଭତ୍ତା ବୃଦ୍ଧି ସମ୍ପର୍କିତ ଚାରୋଟି ବିଲ ବିଧାନସଭାର ଅନୁମୋଦନ ଲାଭ କରିଥିଲା। ସେ ସମୟରେ ଜଣେ ହେଲେ ବିଜେଡି ବିଧାୟକ ଏହାକୁ ବିରୋଧ କରିନଥିଲେ କି ପ୍ରଶ୍ନ ଉଠାଇନଥିଲେ। ହେଲେ ଏବେ ଏହାକୁ ନେଇ ସୋସିଆଲ ମିଡିଆରେ ଜୋରଦାର ସମାଲୋଚନା ହେବା ପରେ ବିରୋଧୀ ଦଳ ନେତା ଆଗ ନିଜଆଡୁ ବର୍ଦ୍ଧିତ ଦରମା ଓ ଭତ୍ତା ନେବେନି ବୋଲି ଘୋଷଣା କରିଥିଲେ। ସେ ସମୟରେ ଜଣେ ହେଲେ ବିଜେଡି ବିଧାୟକ ନବୀନଙ୍କୁ ଅନୁକରଣ କରି ବର୍ଦ୍ଧିତ ଦରମା ନେବାକୁ ମନା କଲେନାହିଁ। ବରଂ କିଛି ନେତା ଖୋଲାଖୋଲି କହିଲେ ନବୀନଙ୍କୁ ଆବଶ୍ୟକ ନଥିବ ସେ ନେବେ ନାହିଁ। ଦଳ ତରଫରୁ ବିଧାୟକଙ୍କୁ ମଧ କିଛି କୁହାଯାଇ ନଥିଲା। ଗତକାଲି ବିଜେପି ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବି କରିବା ପରେ ଏବେ ବିଜେଡି ନେତାମାନେ ନିନ୍ଦା ଓ ଅପବାଦ ଭୟରେ ଦଳର ସୁପ୍ରିମୋଙ୍କ ପଦାଙ୍କ ଅନୁସରଣ କରିଛନ୍ତି।

ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଖଇରା,୧୯।୧୨ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକରେ ଏକ ଜଙ୍ଗଲୀ ଦନ୍ତା ହାତୀ ଉପଦ୍ରବ ମଚାଇ ଆଜି ସକାଳେ ଜଣେ ଜଣେ ବୃଦ୍ଧଙ୍କ ଜୀବନ ନେଇଛି। ହାତିଟି ଏବେ ଜନବସତି ଅଭିମୁଖୀ ହେଉଥିବା ବେଳେ ଦନ୍ତାକୁ ନେଇ ଭୟର ବାତାବରଣ ଖେଳିଯାଇଛି। କୁଳଡିଆ ଅଭୟାରଣ୍ୟ ହଦଗଡ଼ ରେଞ୍ଜ ଜଙ୍ଗଲରୁ ୨ ଟି ହାତୀ କୁପାରୀ ଶାରୀଶୁଆ ପାହାଡ଼ ପାଦଦେଶରେ ଥିବା ବାଗେଇପୁର ଗ୍ରାମକୁ ପଶିଥିଲେ। ଖବର ପାଇ କୁପାରୀ ବନ କର୍ମଚାରୀମାନେ ତାଙ୍କୁ ଘଉଡ଼ାଇବା ଆରମ୍ଭ କରିଥିଲେ। ମାତ୍ର ଗୋଟେ ହାତୀ ପୁନର୍ବାର ଜଙ୍ଗଲ ଫେରିଯାଇଥିବା ବେଳେ ଆଉ ଗୋଟେ ଦନ୍ତା ହାତୀ ଫସଲ ବାଡ଼ ଆଦି ନଷ୍ଟ କରି ପାହାଡ଼ରୁ ୨୦ କିଲୋମିଟର ଦୂରରେ ଥିବା ଶୁଣ୍ଢୀରା ଗଣ୍ଡିବେଡ଼ ପଞ୍ଚାୟତ ଅଧୀନସ୍ଥ ନୂଆସାହି ପୂର୍ବପଡା ଗ୍ରାମର ସୁରେନ୍ଦ୍ର ପ୍ରସାଦ ଦାସଙ୍କ (୬୩) ଜୀବନ ନେଇଛି। ଶ୍ରୀ ଦାସ ସକାଳେ ଘର ପାଖରେ ଛିଡ଼ା ହୋଇଥିବା ବେଳେ କିଛି ଲୋକ ହାତୀକୁ ଦେଖି ପାଟି କରିବାରୁ ସେ ବୁଲି ଯାଇ ତାଙ୍କୁ ତଳେ ପକାଇ ଦଳି ଦେଇଥିଲା। ଗ୍ରାମବାସୀ ଘଉଡ଼ାଇବାରୁ ହାତୀଟି ପଳାଇଥିଲା। ତୁରନ୍ତ ଘରଲୋକମାନେ ସୁରେନ୍ଦ୍ରଙ୍କୁ ଉଠାଇ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

କେନ୍ଦ୍ର ରେଳମନ୍ତ୍ରୀଙ୍କୁ ପ୍ରଫୁଲ୍ଲ ଘଡାଇଙ୍କ ଚିଠି

ଯାଜପୁର ରୋଡ-ଧାମରା ପ୍ରକଳ୍ପ ପାଇଁ ଦାବି

ଭୁବନେଶ୍ୱର,୧୯।୧୨ (ସଂଚାର ବ୍ୟୁରୋ): ରାଜ୍ୟର ବିଭିନ୍ନ ରେଳପଥର ବିକାଶ ଏବଂ ନୂଆ ଲାଇନ ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଇ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। କିନ୍ତୁ ଯାଜପୁର କେନ୍ଦୁଝର

ଅନୁଗୁଳ ଓ ସୁକିନ୍ଦା ମଧ୍ୟରେ ଚାଲୁ ଯାତ୍ରୀବାହୀ ଟ୍ରେନ



ରୋଡ-ଧାମରା ରେଳପଥ ପାଇଁ ରେଳ ମନ୍ତ୍ରଣାଳୟର ବୈମାତୃକ ମନୋଭବ ନେଇ ଉଦବେଗ ପ୍ରକାଶ କରିଛନ୍ତି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ। ଏହି ରେଳପଥର ବିକାଶ କରାଗଲେ ତିନି ଜିଲ୍ଲାର ଲକ୍ଷାଧିକ ଲୋକ ଉପକୃତ ହେବା ସହ ଏହା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ମଧ ସହାୟକ ହେବ। ତେଣୁ ଯାଜପୁର ରୋଡ କେନ୍ଦୁଝର-ଧାମରା। ରେଳ ଲାଇନ ସହ ଅନୁଗୁଳ ଓ ସୁକିନ୍ଦା ମଧ୍ୟରେ ଯାତ୍ରୀବାହୀ ଟ୍ରେନ ଚଳାଚଳ ଦାବି କରି ପୂର୍ବତନ ଅର୍ଥମନ୍ତ୍ରୀ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖିଛନ୍ତି।

୧୦୧ କିଲୋମିଟର ଲମ୍ବା ଏହି ରେଳଲାଇନ ପାଇଁ ଦୀର୍ଘବର୍ଷ ଧରି ଦାବି ହୋଇଆସୁଛି। ଏହି ରେଳଲାଇନ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡାର ବିରଜା କ୍ଷେତ୍ର, ଆରଡି ପୀଠ ଓ ଭିତରକନିକା ଜାତୀୟ ଉଦ୍ୟାନ ଦେଇ ଧାମରା ପୋର୍ଟକୁ ସଂଯୋଗ କରିବ। ପ୍ରଧାନମନ୍ତ୍ରୀ ଗତି ଶକ୍ତି ଯୋଜନାରେ ଏହି ରେଳପଥ ସଡକ ଓ ବନ୍ଦର ଭିତ୍ତିଭୂମି ବୃଦ୍ଧିରେ ମଧ ସହାୟକ ହେବ। ତିନି ଜିଲ୍ଲାରେ ଏହାଦ୍ୱାରା ଶିଳ୍ପ ଓ ପର୍ଯ୍ୟଟନ ଅର୍ଥନୀତିର ବିକାଶ ହୋଇପାରିବ ବୋଲି ଶ୍ରୀ ଘଡାଇ ଉଲ୍ଲେଖ କରିଛନ୍ତି।

୨୨ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

ଭୁବନେଶ୍ୱରତା,୧୯।୧୨(ସଂଚାର ବ୍ୟୁରୋ): ଆସନ୍ତା ସୋମବାର ଡିସେମ୍ବର ୨୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି' ବନ୍ଦରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

୮ ବିଦ୍ୟୁତ୍ ତାର ଚୋର ଗିରଫ

ଖପ୍ରାଖୋଲ,୧୯।୧୨(ସଂଚାର ବ୍ୟୁରୋ): ଚୋରି ବିଦ୍ୟୁତ ତାରରୁ ଆଲୁମିନିୟମ ବାସନ ସାମଗ୍ରୀ କାରଖାନା ଠାବ। ବିଦ୍ୟୁତ୍ ତାର ଚୋରି ରାକେଟର ପର୍ଦାଫାସ କଲା ଖପ୍ରାଖୋଲ ପୁଲିସ। ସୂଚନା ଅନୁସାରେ କିଛି ଦିନ ପୂର୍ବେ ଖପ୍ରାଖୋଲ ଥାନା ଅଞ୍ଚଳରେ ବିଦ୍ୟୁତ ତାର ଚୋରି ହେଉଥିବା ଦେଖାଯାଉଥିଲା। ଏନେଇ ଖପ୍ରାଖୋଲ ପୁଲିସ ତତ୍ପରତା ପ୍ରକାଶ କରି ଥାନା ଅଧିକାରୀ ନରେନ୍ଦ୍ର ଛତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି କଣ୍ଟାବାଞ୍ଜି ଅଞ୍ଚଳରୁ ଆଠ ଜଣ ଚୋରଙ୍କୁ ଗିରଫ କରିଥିଲା। ଖାଲି ସେତିକି ନୁହେଁ, ଚୋରି ବିଦ୍ୟୁତ ତାରରୁ ଆଲୁମିନିୟମ ବାସନ ସାମାଗ୍ରୀ ନିର୍ମାଣ ହେଉଥିବା କାରଖାନା ଠାବ କରି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ କରିବା ସହ ଚୋରି ବିଦ୍ୟୁତ ତାର କିଣିଥିବା କାରଖାନା ମାଲିକ ପ୍ରକାଶ ବେହେରାଙ୍କୁ ମଧ ଗିରଫ କରିଥିବା ଜଣାପଡିଛି । ଧରାପଡ଼ିଥିବା ଚୋରମାନେ କଣ୍ଟାବାଞ୍ଜି ଅଞ୍ଚଳର ଅଶୋକ ମଲ୍ଲିକ, ନୃପ ବଗର୍ତି, ପ୍ରଶାନ୍ତ ବଗର୍ତି, ରୋହିତ କୁମ୍ବାର, ଭରତ କୁମ୍ବାର, ମୁକେଶ ନାଏକ ଓ ସଞ୍ଜୟ ତାଣ୍ଡି ବୋଲି ଜଣା ପଡିଛି । ଚୋରମାନଙ୍କଠାରୁ ତିନିଟି ବାଇକ୍, ଗୋଟିଏ ଚାରି ଚକିଆ, ପିକଅପ ଓ ଆଠଟି ମୋବାଇଲ ଏବଂ ନଗଦ ୧୫ ହଜାର ଟଙ୍କା ଜବତ କରାଯାଇଛି। ଏଥିସହିତ ଚୋରି ବିଦ୍ୟୁତ ତାର ମଧ ଜବତ କରିଥିବା ବେଳେ ଆଗକୁ ତଦନ୍ତ ଜାରି ଥିବା ପୁଲିସ ସୂଚନା ଦେଇଛି ।

୧୦ ଗାଡ଼ିକୁ ଧକ୍କାଦେଲା ଟ୍ରକ, ଚାଳକ ଗୁରୁତର

କୋରାପୁଟ,୧୯।୧୨(ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ସୁନାବେଡ଼ା ୨୬ ନମ୍ବର୍ ଜାତୀୟ ରାଜପଥର ଆଞ୍ଚଳିକ ପରିବହନ କାର୍ଯ୍ୟଳୟ ନିକଟରେ ଆଲିସନ ହୋଟେଲ ଡାଉନ ନିକଟରେ ଘଟିଛି ବଡ଼ ଦୁର୍ଘଟଣା। ଟ୍ରକର ବ୍ରେକ ଫେଲ ହେଇଥିବାରୁ ଟ୍ରକ ଆଗରେ ଯାଉଥିବା ଦୁଇଟି ଚାରିଚକିଆ ପିକଅପ ଗାଡ଼ିକୁ ଧକ୍କାଦେବା ସହ ଆଠଟି ବାଇକକୁ ଧକ୍କା ଦେଇଥିଲା ଟ୍ରକ୍। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବିଦ୍ୟୁତ୍ ପୋଲ ବି ଛିଣ୍ଡିପଡ଼ିଲା। ଏଟିଏମ ଭ୍ୟାନ ଓଲଟି ପଡ଼ିଲା। ଚାରି ଚକିଆ ଗାଡ଼ିର ଡ୍ରାଇଭର ଗୁରୁତର ହୋଇଥିବାରୁ ତାଙ୍କୁ କୋରାପୁଟ ବଡ଼ ମେଡ଼ିକାଲ୍ ରେ ଭର୍ତ୍ତି କରାଯାଇଛି। ଆଠଟି ଯାକ ବାଇକ୍ ଭାଙ୍ଗି ଚୁରମାର୍ ହୋଇଯାଇଛି। ଘଟଣା ସ୍ଥଳରେ କୋରାପୁଟ ସଦର ପୁଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଜାତୀୟ ରାଜପଥକୁ ସ୍ୱାଭାବିକ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି।

ଜଳିଗଲା ୬ ଏକର ଜମିର ଧାନଖରୀ

ବଲାଙ୍ଗୀର ୧୯।୧୨(ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ସାଲେଭଟାରେ ଭୟଙ୍କର ଅଗ୍ନିକାଣ୍ଡ। ନିଆଁର ଆଁରେ ଜଳିଗଲା ଦେଢ ଏକର ଧାନ ଜମି। ପୋଡ଼ି ପାଉଁଶ ହୋଇଯାଇଛି ଏକର ଏକର ଫସଲ। ଅଗ୍ନିକାଣ୍ଡର ଖବର ପାଇଁ ଅଗ୍ନିଶମ ବାହିନୀ ପହଞ୍ଚିଥିଲା। ହେଲେ ସେତେବେଳକୁ ସବୁକିଛି ଶେଷ ହୋଇଯାଇଥିଲା। ସୂଚନା ଥାଉକି, ଗୁରୁବାର ରାତିରେ ଚନ୍ଦ୍ରଶେଖର ସାହୁଙ୍କ ଦେଢ଼ ଏକର, ବରୁଣ ସାହୁଙ୍କ ୩ ଏକର, ସୀତାକାନ୍ତ ଭୁଏଁଙ୍କ ୨ ଏକର ଜମିର ମୁଣ୍ଡାପଡା ନିକଟରେ ଗଦା ହୋଇଥିବା ମୋଟ ସାଢେ ୬ ଏକର ଜମିର ଧାନ ଖରୀରେ ଜଳି ପୋଡି ପାଉଁଶ ହୋଇଥିଲା। କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ଅନୁମାନ କରାଯାଉଛି। ପ୍ରାୟ ୪୦୦ ବସ୍ତା ଧାନ ପୋଡି ନଷ୍ଟ ହୋଇଯାଇଛି। ମୁଣ୍ଡାପଡା ଠାରୁ ଖେତ ପର୍ଯ୍ୟନ୍ତ ରାସ୍ତା ଖରାପ ଯୋଗୁଁ ଛୋଟ ଗାଡି ଆସି ନିଆଁକୁ ଆୟତ୍ତ କରିଥିଲା। ଋଣ କରଜ କରି ଚାଷ କାର୍ଯ୍ୟ କରିଥିବାରୁ ଉକ୍ତ ଚାଷୀ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ଘଟଣା ପ୍ରଘଟ ହେବା ପରେ ବହୁଚାଷୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ନିରପେକ୍ଷ ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତି ପୂରଣ ଯୋଗାଇଦେବାକୁ ଦାବି କରିଥିଲେ।

● ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ନୂଆବର୍ଷ କ୍ୟାଲେଣ୍ଡର

ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ଭୁବନେଶ୍ୱରତା, ୧୯।୧୨ (ସଂଚାର ବ୍ୟୁରୋ): ପୁ ର । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା ପ୍ରମୁଖ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢ଼ୀ ଆଜି ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଲୋକସେବା ଭବନ ସ୍ଥିତ କାର୍ଯ୍ୟାଳୟରେ ସାକ୍ଷାତ କରି ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ନୂଆବର୍ଷ କ୍ୟାଲେଣ୍ଡର-୨୦୨୬ କୁ ପ୍ରଦାନ କରିଛନ୍ତି। ଏହି କ୍ୟାଲେଣ୍ଡରରେ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପବିତ୍ର ଫଟୋଚିତ୍ର ସହିତ ଶ୍ରୀମନ୍ଦିରର ବାର୍ଷିକ ନୀତିକାନ୍ତି ଓ ଉତ୍ସବର ତାରିଖ, ରଥଯାତ୍ରା, ସ୍ନାନଯାତ୍ରା, ଚନ୍ଦନଯାତ୍ରା ଭଳି ପ୍ରମୁଖ ପର୍ବପର୍ବାଣି ଏବଂ ଶ୍ରୀମନ୍ଦିର ସହ ସମ୍ପୃକ୍ତ ବିଭିନ୍ନ ପରମ୍ପରା ଓ ସଂସ୍କୃତି ସମ୍ବନ୍ଧୀୟ ସଂକ୍ଷିପ୍ତ ତଥ୍ୟ ଓ ଅନ୍ୟାନ୍ୟ ଧାର୍ମିକ ତିଥି ଆଦି ଓଡ଼ିଆ ପଞ୍ଜିକା ଅନୁସାରେ ସ୍ଥାନିତ ହୋଇଛି।

ଥଣ୍ଡାରେ ଥରୁଛି ଘୁ.ଉଦୟଗିରି

୪.୩ ଡିଗ୍ରିକୁ ଖସିଲା ତାପମାତ୍ରା

ଘୁ.ଉଦୟଗିରି,୧୯।୧୨ (ସଂଚାର ବ୍ୟୁରୋ): ଓଡ଼ିଶାର ଶୀତର ସହର ଭାବେ ପରିଚିତ କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରିରେ ଏବେ ପ୍ରବଳ ଶୀତ ଲହରୀ ଜାରି ରହିଛି। ଦିନକୁ ଦିନ ପାରଦ ତଳମୁହାଁ ହେଉଥିବା ବେଳେ ସାରା ଅଞ୍ଚଳ ଅସହ୍ୟ ଜାଡ଼ରେ ଥରୁଛି। ଗତକାଲି ସହରର ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରି ସେଲସିଅସ୍ ଥିଲା, ଯାହା ଆଜି ଆହୁରି ଖସି ୪.୩ ଡିଗ୍ରି ସେଲସିଅସ୍ ରେକର୍ଡ କରାଯାଇଛି। ଗତ ତିନି ଦିନ ଧରି ବିଭିନ୍ନ ସ୍ଥାନରେ ତୁଷାରପାତ ଜାରି ରହିଥିବା ବେଳେ ଲୋକେ ନିଆଁ ସାହାରାରେ ରାତି କାଟୁଛନ୍ତି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଆଗାମୀ ଦୁଇ ସପ୍ତାହ ଅର୍ଥାତ ନୂଆବର୍ଷ ପର୍ଯ୍ୟନ୍ତ ଏହିଭଳି ଶୀତ ଲହରୀ ଜାରି ରହିପାରେ। ଏହା ଫଳରେ ଘୁ.ଉଦୟଗିରି ସହ ଆସପାସ ଅଞ୍ଚଳରେ ଶୀତର ପ୍ରଭାବ ଆହୁରି ବଢ଼ିବାର ଆଶଙ୍କା ରହିଛି।



ଜାଲ୍ ଜାତି ପ୍ରମାଣପତ୍ର ଦେଇ ଛାତ୍ରବୃତ୍ତି ଅର୍ଥ ହଡ଼ପ

୧୪୯ ଛାତ୍ରୀଛାତ୍ରଙ୍କ ବିରୋଧରେ ମାମଲା

ଖୋର୍ଦ୍ଧା, ୧୯।୧୨ (ସଂଚାର ବ୍ୟୁରୋ): ମେଧାବୃତ୍ତି ଯୋଜନାରେ ଛାତ୍ରବୃତ୍ତି ହାସଲ କରିବା ଅଭିଯୋଗରେ ୧୪୯ ଛାତ୍ରଛାତ୍ରୀ ଓ ୭ଟି ଶିକ୍ଷାନୁଷ୍ଠାନ ବିରୋଧରେ ମାମଲା ହୋଇଛି। ଏଭଳି ଘଟଣା ଘଟିଛି ଖୋର୍ଦ୍ଧା ଜିଲ୍ଲାରେ। ଏହି ଛାତ୍ରଛାତ୍ରୀମାନେ ମିଥ୍ୟା ଆୟ ପ୍ରମାଣପତ୍ର ଏବଂ ଜାଲ ଜାତି ପ୍ରମାଣପତ୍ର ଦେଇ ଛାତ୍ରବୃତ୍ତି ଅର୍ଥ ହଡ଼ପ କରିଥିବା ଅଭିଯୋଗ ରହିଛି। ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ୧୪୯ ଛାତ୍ରୀଛାତ୍ରଙ୍କ ବିରୋଧରେ ଜିଲ୍ଲା ମଙ୍ଗଳ ଅଧିକାରୀ ଗତ ନଭେମ୍ବର ୧୩ରେ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ମାମଲା (ନଂ.୪୮୭/୨୫) ରୁଜୁ କରିଛି। ମହାଲେଖାପାଳ, ଓଡ଼ିଶାଙ୍କ ଦ୍ୱାରା ଖୋର୍ଦ୍ଧା ଜିଲାରେ ମାଟ୍ରିକ ପରବର୍ତ୍ତୀ ଯୋଜନାର କାର୍ଯ୍ୟାନ୍ୱୟନ ୨୦୧୭ରୁ ୨୦୨୦ ଅବଧି ସମୀକ୍ଷା କରାଯାଇଥିଲା। ଏହି ସମୀକ୍ଷା ରିପୋର୍ଟରେ ପ୍ରକାଶ ପାଇଛି ଯେ, ଏହି ଅବଧି ମଧ୍ୟରେ ମୋଟ ୧୪୯ ଆବେଦନକାରୀ ଛାତ୍ରୀଛାତ୍ର ମିଥ୍ୟା ଆୟ ପ୍ରମାଣପତ୍ର ଏବଂ ଜାତି ପ୍ରମାଣପତ୍ର ଦାଖଲ କରି ମାଟ୍ରିକ ପରବର୍ତ୍ତୀ ମେଧାବୃତ୍ତି ଯୋଜନା ମାଧ୍ୟମରେ ଛାତ୍ରବୃତ୍ତି ହାସଲ କରିବାରେ ସକ୍ଷମ ହୋଇଥିଲେ।

ଡିଜିଟାଲ ଆରେଷ୍ଟ: ୧୨ ଲକ୍ଷରୁ ଉର୍ଦ୍ଧ୍ୱ ହରାଇଲେ ମହିଳା ଡାକ୍ତର

ରାୟଗଡା,୧୯।୧୨(ସଂଚାର ବ୍ୟୁରୋ): ଡିଜିଟାଲ ଆରେଷ୍ଟ ହୋଇ ସାଇବର କ୍ରାଇମରେ ଫସିଛନ୍ତି ରାୟଗଡାର ଜଣେ ମହିଳା ଡାକ୍ତର। ସୂଚନାରୁ ଜଣାପଡିଛି ଯେ, ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟକରୁଥିବା ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମମତା ଚୌଧୁରୀ ଡିଜିଟାଲ ଆରେଷ୍ଟର ଶିକାର ହୋଇଛନ୍ତି। ଏନେଇ ଡାକ୍ତର ଚୌଧୁରୀ ରାୟଗଡା ଥାନାରେ ଏତଲା ଦେଇଥିବା ଜଣାପଡିଛି। ସୂଚନା ଅନୁସାରେ, କିଛି ଦିନ ତଳେ ତାଙ୍କୁ ଏକ ଫୋନ୍ କଲ ଆସିଥିଲା। ବ୍ୟକ୍ତି ଜଣକ ଏକ କୋରିୟର ଅଫିସ୍‌ରୁ କହୁଥିବା ପରିଚୟ ଦେଇ ମମତାଙ୍କ ଆଧାର କାର୍ଡ ସହ ଲିଙ୍କ୍ ଥିବା ଏକ ସନ୍ଦେହଜନକ ବ୍ୟାଗ୍ ଆସିଥିବା କହିବା ସହ ଆପଣଙ୍କ ନାମରେ ସଂଗିନ ଅଭିଯୋଗ ଅଛି ବୋଲି କହିଥିଲେ। ସଙ୍ଗେ ସଙ୍ଗେ କଲ୍ ନକଲି ପୁଲିସ ଅଫିସରଙ୍କ ନିକଟକୁ ଟ୍ରାନ୍ସଫର ମଧ ହୋଇଥିଲା। ଭେରିଫିକେସନ ଶେଷ ନ ହେବା ପର୍ଯ୍ୟନ୍ତ ଘରୁ ନ ବାହାରିବାକୁ ସାଇବର ଫ୍ରଡ ଜଣକ ଡାକ୍ତର ମମତାଙ୍କୁ କହିଥିଲେ। ନଚେତ ତାଙ୍କୁ ଗିରଫ କରାଯିବ ବୋଲି ଧମକ ଦେଇଥିଲେ। ଏଥିରେ ସହଯୋଗ ନ କଲେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ତାଙ୍କୁ ଧମକା ଯାଇଥିଲା।

ଦୁଇ ଦିନ ମଧ୍ୟରେ ଡାକ୍ତର ମମତା ଡିଜିଟାଲ ଆରେଷ୍ଟର ଶିକାର ହୋଇ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇର ଶିକାର ହୋଇଥିଲେ। ଡାକ୍ତର ମମତାଙ୍କ ଅଭିଯୋଗ କ୍ରମେ ରାୟଗଡା ପୁଲିସ ଏବଂ ପୁଲିସର ସାଇବର ସେଲ ବିଭାଗ ଘଟଣାର ତଦନ୍ତ କରୁଥିବା ଜଣାପଡିଛି। ଡାକ୍ତର ମମତାଙ୍କୁ ଫୋନ ଯୋଗେ ପଚାରିବାରୁ କୌଣସି ସୂଚନା ଦେଇନଥିଲେ।

ହାତୀ ହାଡ଼ରେ ନକଲି ହାତୀଦାନ୍ତ ତିଆରି ଘଟଣା

ପୁଣି ୪ ଶିକାରୀ ଗିରଫ

ନୀଳଗିରି,୧୯।୧୨(ସଂଚାର ବ୍ୟୁରୋ): ହାତୀଦାନ୍ତ ଟସ୍କରୀ ଅଭିଯୋଗରେ କୁଲଡ଼ିହା ବନବିଭାଗ ଗତ ୧୭ ତାରିଖରେ ୯ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ପୁଣି ଆଜି ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହ ଗିରଫ ସଂଖ୍ୟା୧୩ ପହଞ୍ଚିଛି। ଘଟଣା ପର୍ଦ୍ଦାଫାସ ପାଇଁ କୁଲଡିହା ବନ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ

- ଗିରଫ ସଂଖ୍ୟା ୧୩ରେ ପହଞ୍ଚିଲା
- ଏଆଇ କ୍ୟାମେରାରୁ ଖୋଲିଲା ଗୁମର

ଜାରି ରଖିଛି। ଗିରଫ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

ସୂଚନା ଯୋଗ୍ୟ ଗତ ନଭେମ୍ବର ୨୯ତାରିଖ ଦିନ କୁଳଡ଼ିହା ଅଭୟାରଣ୍ୟରେ ଏକ ମାଈ ହାତୀର ପ୍ରାଣହାନି ଘଟିଥିବା ବେଳେ ବନ ବିଭାଗର ପକ୍ଷରୁ ମୃତ ହାତୀକୁ ଜଙ୍ଗଲରେ ପୋତି ଦେଇଥିଲେ। କୁଳଡ଼ିହା ଅଭୟାରଣ୍ୟରେ ଏ ଆଇ କ୍ୟାମେରା ଲାଗିଥିବା ବେଳେ କିଛି ଶିକାରୀ ମୃତ ହାତୀକୁ ଖୋଳି ତା'ର ଜଙ୍ଘ ଏବଂ ଶରୀରର ଅନ୍ୟାନ୍ୟ ବଡ଼ ବଡ଼ ହାଡ଼କୁ ଆଣି ନକଲି ହାତୀଦାନ୍ତ ତିଆରି କରୁଥିଲେ।

ପ୍ରଥମ ପର୍ଯ୍ୟାୟରେ କୁଲଡ଼ିହା ବନ ବିଭାଗ ଏହି ଘଟଣାରେ ତିନି ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ବହୁ ମାରଣାସ୍ତ୍ର ସହ ଜଙ୍ଗଲୀ ମଲା ଜନ୍ତୁ ଜବତ କରିଥିଲେ। ପୁଣି ମଙ୍ଗଳବାର ଦୁଇ ଶିକାରୀଙ୍କୁ ଗିରଫ କରାଯାଇଛି। ଗିରଫ ପାଞ୍ଚ ଜଣ ଶିକାରୀଙ୍କ ମୋବାଇଲ୍ କୁ ଟ୍ରାକ୍ କରି କୁଲଡ଼ିହା ବନ ବିଭାଗ ବୁଧବାର ପୁଣି ଗିରଫ ୪ ଶିକାରୀଙ୍କୁ ମିଶାଇ ସମୁଦାୟ ୯ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ବଜ୍ରକାପ୍ତା, ବିଭିନ୍ନ ବନ୍ୟଜନ୍ତୁ ଶିକାର ସହିତ ମୂଲ୍ୟବାନ ଚମଡା, ଦାନ୍ତ, ଝିଙ୍କ କାଠି, ମାଂସ ଚୋରା ଚାଲାଣ ଅଭିଯୋଗରେ ଆଜି ପୁଣି ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି।

ଚାଷୀ ସଂଗଠନ ପକ୍ଷରୁ ସମ୍ବଲପୁର ବନ୍ଦ

ସମ୍ବଲପୁର,୧୯।୧୨(ସଂଚାର ବ୍ୟୁରୋ): ଟୋକନ୍ ସମସ୍ୟା ସମାଧାନ ଦାବିରେ ଚାଷୀ ସଂଗଠନ ପକ୍ଷରୁ ଆଜି ୧୨ ଘଣ୍ଟିଆ ସମ୍ବଲପୁର ବନ୍ଦ ପାଳିତ ହୋଇଛି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ଏହାର ନେତୃତ୍ୱ ନେଉଛନ୍ତି। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଅଶୋକ ପ୍ରଧାନ, ମୁଖପାତ୍ର ସରୋଜ ମହାନ୍ତି ଓ ଚାଷୀ ନେତା ବ୍ୟୋମକେଶ ଠାକୁର ଏବଂ ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଏହାର ନେତୃତ୍ୱ ନେଉଛନ୍ତି। ଏହାର ପ୍ରଭାବରେ ବସ୍ ଚଳାଚଳ ବନ୍ଦ ରହିଛି। ଦୋକାନବଜାର ସକାଳୁ ଖୋଲିନାହିଁ। ତେବେ ଅନ୍ୟାନ୍ୟ ବ୍ୟବସ୍ଥା ସ୍ୱାଭାବିକ ରହିଛି। ଏହା ପୂର୍ବରୁ ୧୬ ତାରିଖରେ ଅଭିନବ ପ୍ରତିବାଦ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସହଯୋଗ ପାଇଁ ଶ୍ରମିକ, ବ୍ୟବସାୟିକ, ପରିବହନ ସହିତ ସଂପୃକ୍ତ ଅନୁଷ୍ଠାନ, ସାମାଜିକ ଏବଂ ସାଂସ୍କୃତିକ ସଙ୍ଗଠନଗୁଡ଼ିକୁ ଅନୁରୋଧ କରାଯାଇଥିଲା। ସଙ୍ଗଠନ ପକ୍ଷରୁ ଆଜି ବରେଇପାଲି ମଣ୍ଡିରେ ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। କୃଷକ ସଙ୍ଗଠନର କହିବା ମୁତାବକ ଟୋକନ୍ ଦାବି ନେଇ ଚାଷୀମାନେ ରାଜପଥ ଅବରୋଧ କରିଥିଲେ। ହେଲେ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଓଲଟା ଚାଷୀଙ୍କୁ ଗିରଫ କଲା ପ୍ରଶାସନ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୪,୧୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୩,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୪,୧୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୩,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୪,୧୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୩,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୪,୩୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୩,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୫,୦୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୩,୮୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୪,୧୮୦ ଓ ୧,୨୩,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୦୯,୦୦୦ ଟଙ୍କା ହୋଇଛି।

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

ଦ୍ରୁତଗତିରେ ସେୟାର ବିକ୍ରି କରୁଛନ୍ତି ଓଲା ମାଲିକ

ନୂଆଦିଲ୍ଲୀ, ୧୯।୧୨: ଓଲା ଇଲେକ୍ଟ୍ରିକ୍ ମୋବିଲିଟି ପ୍ରମୋଟର ଭାବିଶ ଅଗ୍ରୱାଲ କମ୍ପାନୀର ସେୟାରକୁ ଦ୍ରୁତ ଗତିରେ ବିକ୍ରି କରୁଛନ୍ତି। ଓଲା ଇଲେକ୍ଟ୍ରିକ୍ ପ୍ରମୋଟର ଭାବିଶ ଅଗ୍ରୱାଲ ଏକ ବଲ୍କ ଡିଲ୍ ମାଧମରେ କମ୍ପାନୀର ୨.୮୩ କୋଟିର ସେୟାର ବିକ୍ରି କରିଛନ୍ତି। ଭାବିଶ ଅଗ୍ରୱାଲ ୩୧.୬୦ ଟଙ୍କା ପ୍ରତି ସେୟାରର ଦାମ୍‌ରେ ଏହି ସେୟାର ବିକ୍ରି କରିଛନ୍ତି। ଏହି ଟ୍ରାଞ୍ଜାକ୍ସନର ମୋଟ ମୂଲ୍ୟ ୯୦.୨୭ କୋଟି ଟଙ୍କା ରହିଥିଲା। ଏହି କଥା ଏକ୍ସଚେଞ୍ଜ ତଥ୍ୟରୁ ସାମ୍ନାକୁ ଆସିଛି। ଓଲା ଇଲେକ୍ଟ୍ରିକ୍ ମୋବିଲିଟିର ସେୟାର ଗୁରୁବାର ବିଏସଇରେ ୫ ପ୍ରତିଶତର ହ୍ରାସର ସହ ୩୧.୨୮ ଟଙ୍କାରେ ବନ୍ଦ ହୋଇଛି। ଓଲା ଇଲେକ୍ଟ୍ରିକ୍ ମୋବିଲିଟିର ଫାଉଣ୍ଡର ଓ ପ୍ରମୋଟର ଭାବିଶ ଅଗ୍ରୱାଲ ବୁଧବାର କମ୍ପାନୀର ୪.୨ କୋଟି ସେୟାର ବିକ୍ରି କରିଛନ୍ତି। ଏହି ଟ୍ରାଞ୍ଜାକ୍ସନର ମୂଲ୍ୟ ୧୪୨ କୋଟି ଟଙ୍କା ଥିଲା। ଏହା ପୂର୍ବରୁ , ଭାବିଶ ଅଗ୍ରୱାଲ ମଙ୍ଗଳବାର ଦିନ ଓଲା ଇଲେକ୍ଟ୍ରିକ ମୋବିଲିଟିର ୨.୬ କୋଟି ସେୟାର ପାଖାପାଖି ୯୧ କୋଟି ଟଙ୍କାରେ ବିକ୍ରି କରିଥିଲେ। ଓଲା ଇଲେକ୍ଟ୍ରିକର ପ୍ରମୋଟର ୩ ଦିନରେ ୯.୬୩ କୋଟି ସେୟାର ବିକ୍ରି କରି ଦେଇଛନ୍ତି। ବିକ୍ରି ହୋଇଥିବା ସେୟାରର ମୂଲ୍ୟ ଏବେ ୩୨୪ କୋଟି ଟଙ୍କା ରହିଛି। ଏହି କଥା ଇକୋନୋମିକ୍ ଟାଇମ୍ସର ଏକ ରିପୋର୍ଟରେ କୁହାଯାଇଛି। ଡିସକ୍ଲୋଜରଙ୍କ ମୁତାବିକ, ୩୦ ସେପ୍ଟେମ୍ବର ୨୦୨୫ ସୁଦ୍ଧା ଇଲେକ୍ଟ୍ରିକ୍ ଟୁ-ହ୍ୱିଲର କମ୍ପାନୀରେ ଭାବିଶ ଅଗ୍ରୱାଲଙ୍କ ୩୦.୦୨ ପ୍ରତିଶତ ଅଂଶଧନ ଥିଲା, ତାଙ୍କ ପାଖରେ ୧୩୨ କୋଟିରୁ ଅଧିକ ଇକ୍ୱିଟି ସେୟାର ଥିଲା।

ଗତ ଗୋଟିଏ ବର୍ଷ ମଧରେ ଓଲା ଇଲେକ୍ଟ୍ରିକ୍ ସେୟାର ୬୭% ରୁ ଅଧିକ ହ୍ରାସ ପାଇଛି। ୧୮ ଡିସେମ୍ବର ୨୦୨୪ ରେ କମ୍ପାନୀର ସେୟାର ୯୬.୪୨ ଟଙ୍କାରେ ଥିଲା। ୧୮ ଡିସେମ୍ବର ୨୦୨୫ରେ ଓଲା ଇଲେକ୍ଟ୍ରିକ୍ ସେୟାରରେ ବିଏସଇରେ ୩୧.୨୮ ଟଙ୍କାରେ ବନ୍ଦ ହୋଇଥିଲା। ଏହି ବର୍ଷ ଏପର୍ଯ୍ୟନ୍ତ ଓଲା ଇଲେକ୍ଟ୍ରିକ୍ (ଓଲା ଇଲେକ୍ଟ୍ରିକ) ସେୟାରରେ ୬୩% ରୁ ଅଧିକ ହ୍ରାସ ଦେଖିବାକୁ ମିଳିଛି। ଅନ୍ୟପଟେ, ଗତ ୬ ମାସରେ, କମ୍ପାନୀର ସେୟାର ୩୨% ରୁ ଅଧିକ ହ୍ରାସ ପାଇଛି। ଗତ ଏକ ମାସରେ ଓଲା ଇଲେକ୍ଟ୍ରିକ୍ ସେୟାର ୨୫% ରୁ ଅଧିକର ହ୍ରାସ ଘଟିଛି। କମ୍ପାନୀର ସେୟାରର ୫୨ ସପ୍ତାହର ସର୍ବୋଚ୍ଚ ସ୍ତର ୯୯.୯୦ ଟଙ୍କା ଥିବାବେଳେ କମ୍ପାନୀର ସେୟାରର ୫୨ ସପ୍ତାହର ସର୍ବନିମ୍ନ ସ୍ତର ୩୦.୭୯ ଟଙ୍କା ରହିଛି।

୧,୦୩୭ ଅନ୍ତର୍ଜାତୀୟ ପେଟେଣ୍ଟ ଦାଖଲ ସହ ଜିଓ ସରକାରୀ ପେଟେଣ୍ଟ ରିପୋର୍ଟରେ ସବୁଠୁ ଆଗରେ

ନୂଆଦିଲ୍ଲୀ. ୧୯।୧୨: ଭାରତ ସରକାରଙ୍କ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ଥିବା ପେଟେଣ୍ଟ, ଡିଜାଇନ୍ ଏବଂ ଟ୍ରେଡ୍ ମାର୍କ କଣ୍ଟ୍ରୋଲର ଜେନେରାଲଙ୍କ ୨୦୨୪-୨୫ ବାର୍ଷିକ ରିପୋର୍ଟରେ ଜିଓ ପ୍ଲାଟଫର୍ମସକୁ ଭାରତର ସର୍ବବୃହତ ବିଶ୍ୱସ୍ତରୀୟ ପେଟେଣ୍ଟ ଦାଖଲକାରୀ ଭାବରେ ଦର୍ଶାଯାଇଛି। ଏହି ବାର୍ଷିକ ରିପୋର୍ଟ ଅନୁଯାୟୀ, ଜିଓ ପ୍ଲାଟଫର୍ମସ ଗୋଟିଏ ବର୍ଷରେ ୧,୦୩୭ ଆନ୍ତର୍ଜାତୀୟ ପେଟେଣ୍ଟ ଦାଖଲ କରିଛି।

ଏହି ସଂଖ୍ୟା ଦ୍ୱିତୀୟରୁ ଦଶମ ସ୍ଥାନ ମଧ୍ୟରେ ରହିଥିବା ସମସ୍ତ ଭାରତୀୟ କମ୍ପାନୀ ଏବଂ ପ୍ରତିଷ୍ଠାନ ଦ୍ୱାରା ଦାଖଲ କରାଯାଇଥିବା ମୋଟ ପେଟେଣ୍ଟର ଦୁଇଗୁଣରୁ ଅଧିକ ରହିଛି। ଟିଭିଏସ ମୋଟର୍ (୨୩୮), ସିଏସଆଇଆର (୭୦), ଆଇଆଇଟି ମାଡ୍ରାସ (୪୪), ଏବଂ ଓଲା ଇଲେକ୍ଟ୍ରିକ (୩୧) ଭଳି ନାମ ଏହି ଦୌଡ଼ରେ ବହୁ ପଛରେ ରହିଛନ୍ତି।

ଭାରତୀୟ ପେଟେଣ୍ଟକୁ ଯୋଡ଼ିଲେ ଜିଓ ୨୦୨୪-୨୫ ରେ ମୋଟ ୧,୬୫୪ ଟି ପେଟେଣ୍ଟ ଆବେଦନ ଦାଖଲ କରିଛି। ମାର୍ଚ୍ଚ ୩୧, ୨୦୨୫ ସୁଦ୍ଧା କମ୍ପାନୀ ପାଖରେ ୪୮୫ ଟି ସ୍ୱୀକୃତ ପେଟେଣ୍ଟ ରହିଥିଲା, ଯାହାର ଏକ ବଡ଼ ଅଂଶ ୫ଜି, ୬ଜି ଏବଂ ନେଟୱାର୍କ ପ୍ରଯୁକ୍ତି ସହିତ ଜଡିତ। ଏହି ସଂଖ୍ୟାଗୁଡ଼ିକ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଜିଓ ଏବେ କେବଳ ଏକ ଟେଲିକମ୍ ଅପରେଟର ନୁହେଁ, ବରଂ ଭାରତର ପ୍ରମୁଖ ଡିପ୍-ଟେକ୍ କମ୍ପାନୀଗୁଡ଼ିକ ମଧ୍ୟରେ ନିଜର ଦୃଢ଼ ଉପସ୍ଥିତି ସ୍ଥାପନ କରିସାରିଛି।

ସରକାରୀ ତଥ୍ୟ ସହିତ, ଉଦ୍ୟୋଗ ଜଗତ ମଧ୍ୟ ଜିଓକୁ ଏକ ଶକ୍ତିଶାଳୀ ବିଶ୍ୱସ୍ତରୀୟ ଆଇପି ପ୍ଲେୟାର ଭାବରେ ମାନ୍ୟତା ଦେଇଛି। ନିକଟରେ ସିଆଇଆଇ ଇଣ୍ଡଷ୍ଟ୍ରିଆଲ ଇନୋଭେସନ ପୁରସ୍କାର ୨୦୨୫ ରେ ଜିଓ ପ୍ଲାଟଫର୍ମସକୁ ଭାରତର ଶ୍ରେଷ୍ଠ ୨୦ ଟି ଇନୋଭେଟିଭ କମ୍ପାନୀ ମଧ୍ୟରେ ସାମିଲ କରାଯାଇଥିଲା ଏବଂ ବଡ଼ ଆଇସିଟି ବର୍ଗରେ 'ଶ୍ରେଷ୍ଠ ପେଟେଣ୍ଟ ପୋର୍ଟଫୋଲିଓ' ପାଇଁ ରନର୍ସ-ଅପ୍ ପୁରସ୍କାର ମଧ୍ୟ ମିଳିଥିଲା। ପେଟେଣ୍ଟ ଦାଖଲ ପଛରେ ଦୃଢ଼ ଗବେଷଣା ଏବଂ ବିକାଶ (ଆରଏଣ୍ଡଡି) ପାଇଁ ନିବେଶ ମଧ୍ୟ ଏକ ପ୍ରମୁଖ କାରଣ। ରିଲାଏନ୍ସ ୨୦୨୫ ଆର୍ଥିକ ବର୍ଷରେ ଗବେଷଣା ଓ ବିକାଶ ଉପରେ ୪,୧୮୫ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରିଥିଲା, ଯାହା ପୂର୍ବ ବର୍ଷ ତୁଳନାରେ ପ୍ରାୟ ୧୫ ପ୍ରତିଶତ ଅଧିକ ରହିଥିଲା। ଗତ ତିନି ବର୍ଷ ମଧ୍ୟରେ କମ୍ପାନୀର ବାର୍ଷିକ ଗବେଷଣା ଓ ବିକାଶ (ଆରଏଣ୍ଡଡି) ନିବେଶ ୧,୫୦୦ କୋଟି ଟଙ୍କାରୁ ଅଧିକ ବୃଦ୍ଧି ପାଇଛି।

ବଦଳିଲା ଏସବିଆଇର ନିୟମ: ଶସ୍ତା ହେଲା ଗୃହ ଋଣ

ହାଇଦ୍ରାବାଦ୧୯।୧୨: ଦେଶର ସବୁଠାରୁ ବଡ଼ ବ୍ୟାଙ୍କ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ନିଜର ବିଭିନ୍ନ ଦରରେ ସଂଶୋଧନ ଆଣିଛି। ଯାହା ଫଳରେ ଲୋନ ନେବା ଓ ଡିପୋଜିଟ କରିବା ଦରରେ ସଂଶୋଧନ କରାଯାଇଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିଜର ମନିଟାରୀ ପଲିସିରେ ପରିବର୍ତ୍ତନ କରିବା ପରେ ଏସବିଆଇ ଏପରି ପରିବର୍ତ୍ତନ ଆଣିଛି। ବ୍ୟାଙ୍କ ନିଜର ଏକ୍ସଟରନାଲ ବେଞ୍ଚ ମାର୍କ ଲିଙ୍କଡ ରେଟ(ଇବିଏଲଆର)ରେ ୨୫ବେସିସ୍ ପଏଣ୍ଟ କମ୍ କରାଯାଇଛି। ଯାହା ଦ୍ୱାରା ବର୍ତ୍ତମାନ ଋଣନେଇଥିବା ବ୍ୟକ୍ତି ଓ ନୂଆ ଲୋନ ନେବାକୁ ଯାଉଥିବା ଲୋକଙ୍କୁ କମ୍ ଟଙ୍କା ଦେବାକୁ ପଡ଼ିବ। ଏସବିଆଇ କହିଛି, ଏବେ ବ୍ୟାଙ୍କର ଇବିଏଲଆର ୭.୯୦ ପ୍ରତିଶତ ହେବ। ଯାହା ଆଗରୁ ୮.୧୫ ପ୍ରତିଶତ ଥିଲା। ଏହାଦ୍ୱାରା ମାର୍ଜିନାଲ କଷ୍ଟ ଅଫ୍ ଫଣ୍ଡସ୍ ବେସଡ୍ ଲେଣ୍ଡିଂ ରେଟ୍(ଏମସିଏଲଆର)ରେ ମଧ୍ୟ ସମସ୍ତ କ୍ୟାଟେଗୋରୀରେ ୫ ବେସିସ୍ ପଏଣ୍ଟରେ ହ୍ରାସ ଘଟିବ। ପ୍ରଥମ ବର୍ଷର ଏମସିଏଲଆର ଏବେ ୮.୭୦ ପ୍ରତିଶତ ରହିବ ଯାହା ଆଗରୁ ୮.୭୫ ପ୍ରତିଶତ ଥିଲା। ଏହି ପରିବର୍ତ୍ତନର ଫାଇଦା ସିଧାସଳଖ ହୋମ ଲୋନ, ପର୍ସନାଲ ଲୋନ, ଏମଏସଏମଇ ଲୋନ ଓ ଅନ୍ୟ ରିଟେଲ କ୍ରେଡିଟ୍ ନେଉଥିବା ଗ୍ରାହକଙ୍କ ଉପରେ ପଡ଼ିବ। ବ୍ୟାଙ୍କ କହିଛନ୍ତି, ସମସ୍ତ ରିଟେଲ ଓ ଏମଏସଏମଇ ଲୋନର ଦର ସ୍ଥିର କରାଯିବ। ତେଣୁ ଏହାର ସକାରତ୍ମକ ପ୍ରଭାବ ଇଏମଆଇ

ଉପରେ ପଡିବ। ଲୋନ ଦର କମ୍ କରିବା ସହିତ ବ୍ୟାଙ୍କ ଫିକ୍ସଡ ଡିପୋଜିଟ ଉପରେ ମିଳୁଥିବା ସୁଧର ଦରରେ ମଧ୍ୟ ସଂଶୋଧନ ଆଣିଛନ୍ତି। ଟର୍ମ ଡିପୋଜିଟ ପାଇଁ ୨-୩ ବର୍ଷରୁ ପ୍ରଚଳିତ ଦାମ୍‌ରେ ୫ ବେସିସ୍ ପଏଣ୍ଟ କମ୍ କରାଯାଇଛି। ଯାହା ଆଗରୁ ୬.୪୫ ପ୍ରତିଶତରୁ ୬.୪୦ ପ୍ରତିଶତ କରାଯାଇଛି। ଅନ୍ୟ ମାଚ୍ୟୁରିଟି ବକେଟର ଦରରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏହା ବ୍ୟତୀତ ବ୍ୟାଙ୍କର ସ୍ୱତନ୍ତ୍ର ୪୪୪ ଦିନର ଅମୃତ ବୃଷ୍ଟି ସ୍କିମ୍ ଉପରେ ମିଳୁଥିବା ସୁଧ ଦରରେ ୧୫ ବେସିସ୍ ପଏଣ୍ଟ କମ୍ କରାଯାଇଛି। ଯାହା ଦ୍ୱାରା ଏହା ୬.୬୦ ପ୍ରତିଶତରୁ ୬.୪୦ ପ୍ରତିଶତ ହୋଇଯାଇଛି। ଯାହା ଫଳରେ ଏକ ବର୍ଷର ମ୍ୟାଚୁରିଟି ପରେ ସୁଧର ଦର ୮.୭୫ ପ୍ରତିଶତରୁ ୮.୭୦ ପ୍ରତିଶତ ହୋଇଯାଇଛି। ଏସବିଆଇ କହିଛି ଏହି ନୂଆ ସୁଧର ଦର ଆସନ୍ତା ୧୫ ଡିସେମ୍ବରରୁ ଲାଗୁ ହେବ। ବ୍ୟାଙ୍କର ଏହି ପଦକ୍ଷେପ, ଆରବିଆଇ ମନିଟାରି ପଲିସିରେ ପରିବର୍ତ୍ତନ ଆଣିବା ପରେ ଗ୍ରାହକଙ୍କୁ ବହୁ ଫାଇଦା ଦେବ। ଏସବିଆଇ ଭଳି ବଡ଼ ବ୍ୟାଙ୍କ ଏପରି ଦର କମ୍ କରିବା ଯୋଗୁଁ କ୍ରେଡିଟ୍ ନେବା ପାଇଁ ମୂଲ୍ୟରେ ହ୍ରାସ ଆସିବ। ଯାହା ଫଳରେ ଋଣଗ୍ରହିତାଙ୍କ ଉପରୁ ଋଣ ବୋଝ କମ୍ ହେବ। ଏହା ହେବା ଫଳରେ ହୋମ୍ ଲୋନ ଓ ପର୍ସନାଲ ଲୋନ ନେବା ସହଜ ହେବ। ହେଲେ ଫିକ୍ସଡ ଡିପୋଜିଟ ଉପରେ ସୁଧହାର କମ୍ ହେବା କାରଣରୁ ଏଥିରୁ ଆୟ କରୁଥିବା ବ୍ୟକ୍ତିଙ୍କ ଉପରେ ସାମାନ୍ୟ ପ୍ରଭାବ ପଡିବ।

୨୦% ଖାଦ୍ୟ-ପାନୀୟ ଅପମିଶ୍ରିତ

ନୂଆଦିଲ୍ଲୀ,୧୯।୧୨: ଦେଶରେ ଖାଦ୍ୟ ପାନୀୟ ସାମଗ୍ରୀର ମିଶ୍ରଣ ଖବର ଏବେ ସାଧାରଣ ପାଲଟିଛି। ପ୍ରତିଦିନ ଖବରକାଗଜରେ ଏଭଳି ଅନେକ ଖବର ଆସୁଛି, ଯେଉଁଥିରେ ଖାଦ୍ୟ ଅପମିଶ୍ରଣର ବିକୃତ ଚିତ୍ର ଦେଖିବାକୁ ମିଳୁଛି। ସରକାରୀ ତଥ୍ୟ ମୁତାବକ, ଗତ ୫ ବର୍ଷରେ ଖାଦ୍ୟ ପାନୀୟ ସାମଗ୍ରୀର ଯେତିକି ନମୂନା ଯାଞ୍ଚ ହୋଇଛି, ସେଥିମଧ୍ୟରୁ ପ୍ରତି ୫ରୁ ଗୋଟିଏରେ ଅପମିଶ୍ରଣ ସାମ୍ନାକୁ ଆସିଛି। ଅର୍ଥାତ ୨୦ ପ୍ରତିଶତ ଖାଦ୍ୟ, ପାନୀୟରେ ଅପମିଶ୍ରଣ ହୋଇଛି। ରାଜ୍ୟସଭାରେ ଉପସ୍ଥାପିତ ସରକାରୀ ତଥ୍ୟ ଅନୁସାରେ, ଗତ ୫ ବର୍ଷରେ ୧.୭ ଲକ୍ଷରୁ ଅଧିକ ଖାଦ୍ୟ ନମୂନା ଅସୁରକ୍ଷିତ ମିଳିଛି। ଅପମିଶ୍ରଣରେ ଜଡ଼ିତ ଲୋକଙ୍କ ଉପରେ ୨୫୭ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଜରିମାନା ବି ଲଗାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରାଳୟ ମୁତାବକ, ଖାଦ୍ୟ ସୁରକ୍ଷା ଆଇନକୁ ଲାଗୁ କରିବା ପାଇଁ ଏବେ ଅଧିକ କଡ଼ା ପଦକ୍ଷେପ ନିଆଯାଉଛି।

ବିଶେଷକରି ଉକ୍ତ ଖାଦ୍ୟପାନୀୟ ସାମଗ୍ରୀଗୁଡ଼ିକ ଉପରେ ଯଥେଷ୍ଟ ଧ୍ୟାନ ଦିଆଯାଉଛି, ଯେଉଁଥିରେ ଅପମିଶ୍ରଣ ଆଶଙ୍କା ଅଧିକ ରହିଥାଏ। ଏଥିମଧ୍ୟରେ ଦୁଗ୍ଧ ଏବଂ ଦୁଗ୍ଧଜାତ ସାମଗ୍ରୀ ଓ ରେଡି ଟୁ ଇଟ୍ ଫୁଡ୍‌ସ ସାମିଲ୍ ଅଛି। ଏହି ସାମଗ୍ରୀଗୁଡ଼ିକ ସହରରେ ଅଧିକ ବିକ୍ରି ହୋଇଥାଏ। ତଥ୍ୟ ଅନୁସାରେ, ଗତ ୫ ବର୍ଷରେ ସମଗ୍ର ଦେଶରେ ପ୍ରାୟ ୮.୭ ଲକ୍ଷ ଖାଦ୍ୟ ନମୂନା ଯାଞ୍ଚ ହୋଇଛି। ଏଥିମଧ୍ୟରୁ ୧.୭୪ ଲକ୍ଷରୁ ଅଧିକ ନମୂନା ସୁରକ୍ଷା ଏବଂ ଗୁଣବତ୍ତାର ଧାର୍ଯ୍ୟ ମାନକରେ ଫେଲ୍ ହୋଇଛି। ଏହି ଅପମିଶ୍ରଣ ଯୋଗୁ ପ୍ରାୟ ୪୮୦୦ ଲୋକଙ୍କୁ ଦଣ୍ଡ ହୋଇଛି ଏବଂ ସେମାନଙ୍କ ଉପରେ ମୋଟା ଆକାରରେ ଜରିମାନା ବି ଲଗାଯାଇଛି। ଯଦି ଏ ବର୍ଷ କଥା ବିଚାରକୁ ନିଆଯାଏ ତେବେ ଏଯାବତ୍ ୧.୭ ଲକ୍ଷ ନମୂନା ଯାଞ୍ଚ କରାଯାଇଛି, ଯେଉଁଥିରୁ ୩୪,୦୦୦ରୁ ଉର୍ଦ୍ଧ୍ୱ ନମୂନା ସୁରକ୍ଷା ମାନକଗୁଡ଼ିକୁ ଅନୁପାଳନ କରି ନ ଥିବା ଜଣାପଡ଼ିଛି। ମନ୍ତ୍ରାଳୟ ବି ଏହା ସ୍ପଷ୍ଟ କରିଛି ଯେ, ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା କେନ୍ଦ୍ର ଏବଂ ରାଜ୍ୟ ଉଭୟଙ୍କ ଦାୟିତ୍ୱ। ଏବେ 'ରିସ୍କ-ଭିତ୍ତିକ ଯାଞ୍ଚ ବ୍ୟବସ୍ଥା' ଜରିଆରେ ଅଧିକରୁ ଅଧିକ ତ୍ରୁଟି ଚିହ୍ନଟ କରାଯାଉଛି। ଏହି ବ୍ୟବସ୍ଥାରେ ଖାଦ୍ୟ ବ୍ୟବସାୟ କରୁଥିବା ସଂସ୍ଥାଗୁଡ଼ିକୁ ରିସ୍କ ସ୍ତର ଆଧାରରେ ଯାଞ୍ଚ କରାଯାଇଥାଏ। ସହରାଞ୍ଚଳ ବଜାରଗୁଡ଼ିକ ଉପରେ ଅଧିକ ଧ୍ୟାନ ଦିଆଯାଉଛି କାରଣ ଏଠାରେ ଖାଦ୍ୟର ଚାହିଦା ଅଧିକ ରହିଥାଏ ଏବଂ ଯୋଗାଣ ଶୃଙ୍ଖଳ ବି ଅଧିକ ଜଟିଳ ହୋଇଥାଏ। ସରକାରଙ୍କ କହିବାନୁସାରେ, ବଡ଼ ସଂଖ୍ୟାରେ ଗଡ଼ବଡ଼ି ଚିହ୍ନଟ କରାଯିବା ଏହାର ପ୍ରମାଣ ଯେ, ଯାଞ୍ଚ ମଜଭୁତ ହୋଇଛି। ସରକାର ଆଶ୍ୱସ୍ତ କରିଛନ୍ତି ଯେ, ଉପଭୋକ୍ତାଙ୍କ ପର୍ଯ୍ୟନ୍ତ ସୁରକ୍ଷିତ ଏବଂ ପୁଷ୍ଟିକର ଖାଦ୍ୟ ପହଞ୍ଚିବ, ସେଥିପାଇଁ ଏକତ୍ର ହୋଇ କାର୍ଯ୍ୟ ଜାରି ରଖାଯିବ।

୫ ବର୍ଷରେ ୪,୮୦୦ ଲୋକଙ୍କୁ ଦଣ୍ଡ

ଗ୍ରୀନଟେକ୍ ସେଫ୍ଟି ପୁରସ୍କାରରେ ଏନଟିପିସି ଡୁଲଙ୍ଗା ସୁରକ୍ଷା ଉତ୍କର୍ଷତା ପାଇଁ ସ୍ୱର୍ଣ୍ଣ ପୁରସ୍କାର

ସୁନ୍ଦରଗଡ଼,୧୯।୧୨(ସଂଚାର ବ୍ୟୁରୋ): ୨୩ତମ ଗ୍ରୀନଟେକ୍ ସେଫ୍ଟି, ଅଗ୍ନି ଏବଂ ସୁରକ୍ଷା ପୁରସ୍କାର ସମାରୋହ ୨୦୨୫ରେ ଏନଟିପିସି ଡୁଲଙ୍ଗା କୋଇଲା ଖଣି ପ୍ରକଳ୍ପକୁ ସୁରକ୍ଷା ଉତ୍କର୍ଷତା ପାଇଁ ପ୍ରତିଷ୍ଠିତ ବିଜେତା ସ୍ୱର୍ଣ୍ଣ ପୁରସ୍କାରରେ ସମ୍ମାନିତ କରାଯାଇଛି। ଗ୍ରୀନଟେକ୍ ଫାଉଣ୍ଡେସନ୍‌ର ବିଶିଷ୍ଟ ଜୁରି ସଦସ୍ୟଙ୍କ ସମ୍ମୁଖରେ ଏକ ବିସ୍ତୃତ ଉପସ୍ଥାପନା ସହିତ ଏକ କଠୋର ଦୁଇ-ସ୍ତରୀୟ ମୂଲ୍ୟାଙ୍କନ ପ୍ରକ୍ରିୟା ପରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଡୁଲଙ୍ଗା କୋଇଲା ଖଣି ପ୍ରକଳ୍ପର ଅନୁକରଣୀୟ ସୁରକ୍ଷା ପରିଚାଳନା ପ୍ରଣାଳୀ ଏବଂ ସୁରକ୍ଷା ପାଇଁ ସହଭାଗୀ ଦାୟିତ୍ୱର ସଂସ୍କୃତି ମାଧ୍ୟମରେ ଶୂନ୍ୟ ଆଘାତ ହାସଲ କରିବା ପାଇଁ ଏହାର ପ୍ରଦର୍ଶିତ ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇ ଏହି ମାନ୍ୟତା ପ୍ରଦାନ କରାଯାଇଛି।

ମଣ୍ଡି ନଥିବାରୁ ଅଡୁଆରେ ମକା ଚାଷୀ

ଆଇପିଏଲ କମ୍ପାନୀର ଦୋମୁହାଁ ନୀତି

କଳାହାଣ୍ଡି, ୧୯।୧୨(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ତଳକାରିଙ୍ଗ ଠାରେ ଅବସ୍ଥାପିତ ଆଇପିଏଲ୍ କମ୍ପାନୀ ଇଥାନଲ ପ୍ରକଳ୍ପ ପାଇଁ ଜିଲାର ଚାଷୀମାନଙ୍କୁ ୨୦୨୩ରୁ ପ୍ରୋତ୍ସାହନ ଦେଇ ବିହନଠାରୁ ଆରମ୍ଭକରି ଅନ୍ୟାନ୍ୟ ଆନୁସଙ୍ଗିକ ସହଯୋଗ କରିବା ପରେ ମକା ଉତ୍ପାଦନ ବୃଦ୍ଧି ପାଇଥିଲା। ବର୍ତ୍ତମାନ ମକା ଅମଳ ପରେ କମ୍ପାନୀ ମୁହଁ ମୋଡିବାରୁ ଦୋ ଛକିରେ ପଡ଼ିଛନ୍ତି ମକା ଚାଷୀ। ପ୍ରକାଶ ଯେ, ଜୁନାଗଡ଼ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତର ବହୁ ଚାଷୀ ଜାରିଙ୍ଗସ୍ଥିତ ଆଇପିଏଲ୍ କମ୍ପାନୀର ପ୍ରୋତ୍ସାହନ କ୍ରମେ ପ୍ରାୟ ୧୫୦ ହେକ୍ଟର ଜମିରେ ମକା ଚାଷ କରିଥିଲେ। ଜୁନାଗଡ଼ ବ୍ଲକରେ ମଧ୍ୟ ୨୦୦ ହେକ୍ଟରରୁ ଅଧିକ ଜମିରେ ମକା ଚାଷ ହୋଇଛି। ଚାଷୀମାନେ ଧାନ, କପା ଓ ଅନ୍ୟ ଫସଲ କରି ଗୁଜୁରାଣ ମେଣ୍ଟାଉଥିଲେ। କମ୍ପାନୀ ସେମାନଙ୍କୁ ଅଧିକ ଆର୍ଥିକ ରୋଜଗାର ଲୋଭ ଦେଖାଇ ଚାଷୀଙ୍କୁ ସହଯୋଗ କରିଥିଲା। ଏ ନେଇ କୃଷି ବିଭାଗ ପକ୍ଷରୁ ମଧ୍ୟ ଧାନର ବିକଳ୍ପ ଭାବରେ ମକା ଚାଷକୁ ଉତ୍ସାହିତ କରାଯାଇଥିଲା। ଏପରି କି ଇଥାନଲ କମ୍ପାନୀ ଏକ ସମାବେଶ କରି ୨ଗୁଣା ପ୍ରାପ୍ୟ ମକା ଚାଷରେ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ଚାଷୀଙ୍କୁ ବିହନ ଦେବା ସହିତ କିଭଳି ଚାଷ କରାଯିବ ସେ ନେଇ ବିହନ ରୋଇବା ମେଶିନ ମଧ୍ୟ ଯୋଗାଇ ଦେଇଥିଲା। ଜୁନାଗଡ଼ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତ ବୋରଗୁଡାର ଲର୍ଜିତ ଧରୁଆ ଓ ହରେକୃଷ୍ଣ ମାଝୀଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ମକା ଅମଳ ହୋଇ ଦେଢ ମାସ ବିତିଲେ ମଧ୍ୟ ଆଇପିଏଲ୍ କମ୍ପାନୀ ଧରାଛୁଆଁ ଦେଉନାହିଁ। ଏଭଳି ଶତାଧିକ ଚାଷୀ ମକା ଉତ୍ପାଦନ କରି ଅଡୁଆରେ ପଡିଛନ୍ତି। ଧାର କରଜ କରି ମକା ଚାଷ କରିବା ପରେ ଗୋଟିଏ ପଟେ ଜିଲାରେ ମଣ୍ଡି ନ ଥିବାବେଳେ ଅନ୍ୟପଟେ କମ୍ପାନୀ ଚୁପ ପଡ଼ିବା ନେଇ ଚାଷୀମାନଙ୍କ ମଧ୍ୟରେ ଭାଲେଣି ପଡ଼ିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆଇପିଏଲ୍ କମ୍ପାନୀର ପ୍ରକଳ୍ପ ମୁଖ୍ୟ ଦୁର୍ଗା ପ୍ରସାଦ ଦ୍ୱିବେଦୀଙ୍କୁ ଯୋଗାଯୋଗ କରାଯାଇ ଥିଲେ ତାଙ୍କ ଠାରୁ କିଛି ପ୍ରତିକ୍ରିୟା ମିଳିପାରି ନାହିଁ।

ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି ବୈଠକ

ବାଲିକୁଦା,୧୯।୧୨(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ଆମ୍ବଶାଳ କଲ୍ୟାଣ ମଣ୍ଡପ ଠାରେ ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ସାରଦା ପ୍ରସାଦ ଜେନାଙ୍କ ନେତୃତ୍ୱରେ ବାଲିକୁଦା ବ୍ଲକରେ ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ ପାଳନକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ପ୍ରସ୍ତୁତି ବୈଠକରେ ବାଲିକୁଦା ବ୍ଲକର ଚାରି ଗୋଟି ଜିଲ୍ଲାପରିଷଦ ଜୋନର ଜିଲ୍ଲା ପରିଷଦ ସଭ୍ୟ, ସଭ୍ୟା ଯଥା ଜଟାଧାରୀ ଦାସ, ଡଲି ପଣ୍ଡା, ତଟିନା ସ୍ୱାଇଁ, ରୁନୁ ଲତା ବେହୁରା ଏବଂ ପଞ୍ଚାୟତ ସମିତି ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ପଞ୍ଚାୟତ ସମିତି ଉପାଧାକ୍ଷା ପ୍ରିୟମ୍ବଦା ପଲାଉରୀ ଯୋଗ ଦେଇଥିବା ବେଳେ ବାଲିକୁଦା ପଞ୍ଚାୟତ ସମିତି ର ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ସମେତ ବିଜୁ ଜନତା ଦଳର ଶତାଧିକ କର୍ମୀମାନେ ଉପସ୍ଥିତ ଥିଲେ। ଏବଂ ଆଗକୁ ଥିବା ଦଳର ପ୍ରତିଷ୍ଠା ଦିବସ ପାଳନ କିପରି ସଫଳ ହେବ ସେ ବିଷୟରେ ବିଧାୟକ ସାରଦା ପ୍ରସାଦ ଜେନା ଉପସ୍ଥିତ ଥିବା ଦଳୀୟ କର୍ମୀ ମାନଙ୍କୁ ଅବଗତ କରିଥିଲେ।

ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା

ବାଲିକୁଦା,୧୯।୧୨ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ସଂଗ୍ରାମପୁରୁ ପଞ୍ଚାୟତ ଅଧୀନ ରେ ଥିବା ବେଳବଣ ଉଚ୍ଚ ବିଦ୍ୟାଳୟ ରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ପ୍ରଥମେ ଶ୍ରୀ ଜଗନ୍ନାଥ ଙ୍କ ଫଟୋ ଚିତ୍ରରେ ମାଲ୍ୟା ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ ହୋଇଥିଲା। ଏହି ସଭାରେ ସଭାପତିତ୍ୱକରିଥିଲେ ପ୍ରଧାନ ଶିକ୍ଷୟିତ୍ରୀ ବନଲତା ପଣ୍ଡା, ଏଥିରେ ମୁଖ୍ୟ ଅତିଥି ସଂଗ୍ରାମପୁର ପଞ୍ଚାୟତ ସରପଞ୍ଚ ମୋନାଲିସା ତରାଇ, ସମ୍ମାନୀୟ ଅତିଥି ସଂଗ୍ରାମପୁର ର ସମିତି ସଭ୍ୟ ଶ୍ରୀଯୁକ୍ତ ନାଥ କାଣ୍ଡି, ବିଦ୍ୟାଳୟ ଆଲୁମିନୀ କମିଟିର ସଭାପତି ଅର୍ଜୁନ ମୁଦୁଲି, ବିଦ୍ୟାଳୟର ମୁଖ୍ୟ ପରିଚାଳନା କମିଟିର ସଭାପତି ସଞ୍ଜୟ ଭାରତୀ ଯୋଗଦେଇଥିଲେ। ଏହି ବାର୍ଷିକ କ୍ରୀଡା ପ୍ରତିଯୋଗୀତା କୁ ହାଇସ୍କୁଲ ର କ୍ରୀଡା ଶିକ୍ଷକ ରମେଶ ଚନ୍ଦ୍ର ମହାନ୍ତି ଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନ ରେ କରାଯାଉଥିବେଳେ, ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ହାଇସ୍କୁଲ ର ସମସ୍ତ ପରିଚାଳନା କମିଟିର ସଦସ୍ୟ ମାନେ ସହଯୋଗ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତା ତା ୨୦/୧୨/୨୦୨୫ରିଖ ସମାପ୍ତ ହୋଇ କ୍ରୀଡା ରେ ସର୍ବଶ୍ରେଷ୍ଠ ପଦର୍ଶନ କରିଥିବା କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଉଦଯାପନୀ ଉତ୍ସବରେ ସନ୍ମାନିତ କରାଯିବ ବୋଲି ସ୍କୁଲ ପକ୍ଷରୁ ପ୍ରଧାନ ଶିକ୍ଷୟତ୍ରୀ ବନଲତା ପଣ୍ଡା ପ୍ରକାଶ କରିଛନ୍ତି।

ବିଦ୍ୟାଳୟରେ ବାର୍ଷିକ କ୍ରୀଡା ସହିତ ପ୍ରତିଷ୍ଠା ଦିବସ ପାଳନ

ସୁନ୍ଦରଗଡ଼,୧୯।୧୨(ସଂଚାର ବ୍ୟୁରୋ): ହେମଗିରି ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କନକତୁରା ଠାରେ ୧୭ ଡିସେମ୍ବର ବୁଧବାର ଠାରୁ ୧୯ ଡିସେମ୍ବର ୨୦୨୫ ଶୁକ୍ରବାର ପର୍ଯ୍ୟନ୍ତ ବିଦ୍ୟାଳୟର ଅଧକ୍ଷ ତେଜରାମ ସାହୁଙ୍କ ଅଧକ୍ଷତାରେ ବାର୍ଷିକ କ୍ରୀଡା ଉତ୍ସବ ସହ ବିଦ୍ୟାଳୟ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଅଛି। ଶୁକ୍ରବାର ଦିନ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ମୁରଲୀଧର ବେହେରା ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କ ଉତ୍ତରୋତ୍ତର କାମନା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ କ୍ରୀଡା ଉପରେ ବିଭିନ୍ନ ଉଦାହରଣ ଦେଇ ଭବିଷ୍ୟତରେ ଜାତୀୟ ସ୍ତରରେ ଅଂଶ ଗ୍ରହଣ କରି ଜିଲ୍ଲାର ଗର୍ବ ଆଣିବା ପାଇଁ ଅଭିଭାଷଣ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ଡ଼ୋଲାମଣୀ ପଟେଲ, ସମ୍ମାନିତ ଅତିଥି ହେମଗିରି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ଅର୍କ, ପୂର୍ବତନ ପ୍ରଧାନ ଶିକ୍ଷକ ମିତ୍ରଭାନୁ ନାଏକ, ବିଶିଷ୍ଟ କ୍ରୀଡା ଅନୁଭବୀ ସୁଶାନ୍ତ ପଟେଲ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାଜେଶ ଓରାମ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ ।

ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

ବାଲିପାଟଣା,୧୯।୧୨(ସଂଚାର ବ୍ୟୁରୋ): ସିଦ୍ଧିବିନାୟକ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଆଜି ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ବନମାଳୀପୁର ଭାକର ସାହି ଓ ପଇଡ଼ ପାଟଣା ଗ୍ରାମରେ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଶୀତ ର ପ୍ରକୋପ ଜାରି ରହିଥିବା ବେଳେ ଆଜି ତିନି ଶହରୁ ଉର୍ଦ୍ଧ୍ୱ ବୃଦ୍ଧ, ବୃଦ୍ଧାଙ୍କୁ କମଳ ବଣ୍ଟନ

କରାଯାଇଛି।ସିଦ୍ଧି ବିନାୟକ ଚାରିଟେବୁଲ୍ ଟ୍ରଷ୍ଟ ଅଧ୍ୟକ୍ଷ ସତ୍ୟପ୍ରିୟ ବେହେରା ଙ୍କ ନେତୃତ୍ୱରେ କମଳ ବଣ୍ଟନ କରାଯାଇଛି। ବିଜୟ ପ୍ରଧାନ ଏହାର ନେତୃତ୍ୱ ନେଇଥିଲେ। ଆଗ୍ରାମୀ ଦିନରେ ଜୟଦେବ ନିର୍ବାଚନ ମଣ୍ଡଳୀରେ ଟ୍ରଷ୍ଟ ପକ୍ଷରୁ ରେ ଏପରି ଜନହିତକର କାର୍ଯ୍ୟ ଜାରୀ ରହିବ ବୋଲି ଅଧକ୍ଷ ଶ୍ରୀ ବେହେରା କହିଛନ୍ତି। ଅକ୍ଷୟ ସାହୁ, ବିଜୟ ପ୍ରଧାନ, ରାଜ କିଶୋର ପ୍ରଧାନ, ସାମ୍ବାଦିକ ବସନ୍ତ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ।

ହାଇସ୍କୁଲରେ ରକ୍ତଦାନ ଶିବିର

ନର୍ଲା,୧୯।୧୨(ସଂଚାର ବ୍ୟୁରୋ): ଡିସେମ୍ବର ୨୦ ଓ ୨୧ ଦୁଇଦିନ ଧରି ସରିଆଁ ହାଇସ୍କୁଲରେ ପାଳିତ ହେବ ରଜତ ଜୟନ୍ତୀ ସମାରୋହ। ଏହାର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ଦିନ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାଧୁରମ ଭୋଇଙ୍କ ତତ୍ତ୍ୱାବଧାନରେ ଏନେଇ

ଆୟୋଜିତ ଶିବିରରେ ମୋଟ ୪୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେସିଙ୍ଗା ବ୍ଲକ ଉପାଧକ୍ଷା ରାଜଲକ୍ଷ୍ମୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ନର୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି ସୁବୋଧ କୁମାର ମିଶ୍ର, ବିଶିଷ୍ଟ ସମାଜସେବୀ ମନୋଜ କୁମାର ପଟ୍ଟନାୟକ, ସମାଜସେବିକା ଶାନ୍ତି ମାଝୀ, ଶିକ୍ଷାବିତ ସରତ ଚନ୍ଦ୍ର ଭୋଇ, ସରିଆଁ ନୋଡାଲ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ଟଙ୍କଧର ସା, ସମାଜସେବୀ ବିଜୟ ଭୋଇ, ଆଲୁମିନି କମିଟିର ଉପଦେଷ୍ଟା ବିନାୟକ ମହନ୍ତ, ଯୁବ ନେତା ବିଜୟ ଧଙ୍ଗଡ଼ାମାଝୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ।

ବାପା, ଗର୍ଭବତୀ ସ୍ତ୍ରୀକୁ ଛାଡ଼ି ଆରପାରିରେ ଦୀପକ

ଦାଦନ ଖଟିବାକୁ ଯାଇ ଶବହୋଇ ଫେରିଲେ

ଧାମନଗର,୧୯।୧୨(ସଂଚାର ବ୍ୟୁରୋ): ଧାମନଗର ବ୍ଲକ ଅନ୍ତର୍ଗତ କଲ୍ୟାଣୀ ଗାଁର ସୁରେନ୍ଦ୍ର ବାରିକଙ୍କ ପୁଅ ଦୀପକ ବାରିକ (୩୨) ଜୀବନ ଜୀବିକା ନିମନ୍ତେ ହାଇଦ୍ରାବାଦର ରଂଗାରେଡ଼ି ଜିଲ୍ଲା ମାଲାପୁର ଅଞ୍ଚଳର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ତେବେ ଦୀପକ ଦାଦନ ଖଟିବାକୁ ଯାଇଥିଲେ ଶବ ହୋଇ ଘରକୁ ଫେରିଲେ। ଅନ୍ଧ ବାପା ଓ ଅସୁସ୍ଥ ମା'ଙ୍କ ଔଷଧ ଖର୍ଚ୍ଚ, ସହ ଘରର ସମସ୍ତ ଦାୟିତ୍ୱ ତାଙ୍କ ଉପରେ ଥିଲା। ଏହି କାରଣରୁ ସେ ଦୀର୍ଘବର୍ଷ ଧରି ପ୍ରବାସୀ ଶ୍ରମିକ ଭାବେ କାମ କରୁଥିଲେ।ଗରିବୀର, ଅଭାବ ହଟାଇବା ଓ ପରିବାରକୁ ସୁଖ ଦେବା ସ୍ୱପ୍ନ ନେଇ ଦୂର ପ୍ରଦେଶକୁ ଦାଦନ ଖଟିବାକୁ ଯାଇଥିବା ଜଣେ ଯୁବ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଧାମନଗର ଅଞ୍ଚଳକୁ ଶୋକାକୁଳ କରିଦେଇଛି। ଏହି ଅକାଳ ମୃତ୍ୟୁ ସହିତ ଏକ ଅସହାୟ ପରିବାରର ସମସ୍ତ ସ୍ୱପ୍ନ ଭାଙ୍ଗି ପଡ଼ିଛି। ଗତ ୧୩ ତାରିଖରେ ଦୀପକ ରହୁଥିବା ଘରେ କାନ୍ଥରେ ଲାଗିଥିବା ପିରିଖ ମଧ୍ୟରେ ଗାମୁଛା ଲଗାଇ ଝୁଲୁଥିବା ଅବସ୍ଥାରେ ମିଳିଥିଲେ। ସହକର୍ମୀମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ମେଡିକାଲକୁ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ସମ୍ବାଦ ଗାଁକୁ ପହଞ୍ଚିବା ସହିତ ସମଗ୍ର କଲ୍ୟାଣୀ ଗାଁରେ ଶୋକର ଛାୟା ଖେଳିଯାଇଛିଥିଲା। ଘରେ ଅନ୍ଧ ବାପା ପୁଅର ନାମ ଡାକିଡାକି କାନ୍ଦୁଥିବା ବେଳେ, ଗର୍ଭବତୀ ସ୍ତ୍ରୀ ଆଗାମୀ ଦିନର ଚିନ୍ତାରେ ଭାଙ୍ଗିପଡ଼ିଛନ୍ତି। ମା'ଙ୍କ ଆଖିରୁ ଲୁହ ଶୁଖୁନି। ମାତ୍ର ୯ ମାସ ପୂର୍ବରୁ ଉକ୍ତ ବ୍ଲକ ଅଧିନ ଭଗବାନପୁର ପଞ୍ଚାୟତ ପଳିକିରି ଗ୍ରାମରେ ଦୀପକଙ୍କ ବିବାହ ହୋଇଥିଲା। ନୂଆ ସଂସାରର ସ୍ୱପ୍ନ ଏବେ ଅଧୁରା ରହିଗଲା। ପ୍ରବାସୀ ଓଡ଼ିଆମାନଙ୍କ ସହଯୋଗରେ ଶବକୁ ସୋମବାର ଜନ୍ମ ସ୍ଥାନକୁ ଆଣି ଗ୍ରାମର ଏକ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ସ୍ୱଚ୍ଛତାକୁ ନେଇ ଆକ୍ସନ ମୁଡ଼ରେ ପୌରପରିଷଦର ନିର୍ବାହୀ ଅଧିକାରୀ

ଯାଜପୁର ରୋଡ଼,୧୯।୧୨(ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଅଞ୍ଚଳ ସହରକୁ ସ୍ୱଚ୍ଛମୟ, ସରସ ସୁନ୍ଦର କରିବା ପାଇଁ ଏବେ ଆକ୍ସନ ମୁଡ଼ରେ ରହିଥିବା ବ୍ୟାସନଗର ପୌରପରିଷଦର ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଦୀପ ପାଢ଼ୀ'ଙ୍କୁ ଦେଖିବାକୁ ମିଳୁଛି। ସହରର ପରିମଳ ବ୍ୟବସ୍ଥାକୁ ନିଜେ ତଦାରଖ କରିବା ସହରର ବିଭିନ୍ନ ଡ୍ରେନ ଉପରେ ଥିବା ଉଠା ଦୋକାନୀଙ୍କୁ ରାସ୍ତା ଉପରକୁ ନଆସିବା ପାଇଁ ମଧ ତାଗିଦ କରୁଛନ୍ତି। ଏହି ସହରର ଗୋପବନ୍ଧୁ ଛକ ଠାରୁ ଚୋରଦା ଛକ ପର୍ଯ୍ୟନ୍ତ ସମସ୍ତ ଡ୍ରେନକୁ ସଫା କରିବା ସହିତ ତାର ମରାମତି କରାଯିବା ନେଇ ସୂଚନା ଦେଇଛନ୍ତି। ଦୀର୍ଘ ବର୍ଷ ଧରି ଅବହେଳିତ ହୋଇ ପଡ଼ିରହିଥିବା ଏହି ଡ୍ରେନ ଗୁଡିକୁ ସଫା କରିବା ସହିତ ସେଥିରେ ଭରପୁର ଥିବା ଅଳିଆ ଆବର୍ଜନା କୁ ମଧ ସଫା କରିଥିବା ଦେଖିବାକୁ ମିଳିଥିଲା। ନିର୍ବାହୀ ଅଧିକାରୀ ଶ୍ରୀ ପାଢ଼ୀ ଓ ପରିମଳ ଅଧିକାରୀ ଶ୍ରୀ ମାଣିକରଞ୍ଜନ ନାୟକ'ଙ୍କ ସମେତ ପୌରାଧକ୍ଷ ଶ୍ରୀ ସୁବାସ ଚନ୍ଦ୍ର ବଳ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ନିର୍ବାହୀ ଅଧିକାରୀଙ୍କ ଏପରି କାର୍ଯ୍ୟପନ୍ଥାକୁ ନେଇ ଏବେ ସହରବାସି ମାନେ ପ୍ରଶଂସା କରୁଛନ୍ତି।

୯ ଦଫା ଦାବି ନେଇ ଗଣଧାରଣା ଦେଲେ ପାଚିକା ସଂଘ

କେସିଙ୍ଗା,୧୯।୧୨ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ପାଚିକା ଓ ସହାୟିକା ମଜଦୁର ସଂଘ ସଭାନେତ୍ରୀ ରଶ୍ମିତା ହେର୍ନାଙ୍କ ନେତୃତ୍ୱରେ ୯ ଦଫା ଦାବି ନେଇ ଶୁକ୍ରବାର ସହର ପରିକ୍ରମା କରାଯାଇ ଥିଲା। ପରେ ବ୍ଲକ କାର୍ଯ୍ୟାଳୟରେ ପୂର୍ବାହ୍ନ ସାଢ଼େ ୧୦ଟାରେ ଗଣଧାରଣା ଦିଆଯାଇଥିଲା। ସମଗ୍ର କେସିଙ୍ଗା ବ୍ଲକର ସମସ୍ତ ସ୍କୁଲର ପାଚିକା ଦୀର୍ଘ ୧୫ ବର୍ଷ ହେଲା ୧ ଶହ ଟଙ୍କାରେ କାମ କରି ଆସୁଛନ୍ତି। ବର୍ତ୍ତମାନ ମାସିକ ୩ ହଜାର ଟଙ୍କା ଦିଆଯାଉଛି। କିନ୍ତୁ ପ୍ରତ୍ୟେକ ମାସରେ ଦେଉ ନାହାନ୍ତି। ରାଜ୍ୟ ସରକାର ଦୈନିକ ସର୍ବନିମ୍ନ ମଜୁରି ୪୬୨ଟଙ୍କାରୁ ୫୫୦ ଟଙ୍କା ଯାଏ ବିଭିନ୍ନ କୁଶଳୀ, ଅଣ କୁଶଳୀ ଶ୍ରମିକଙ୍କ ଦୈନିକ ଦେବା ପାଇଁ ଘୋଷଣା କରିଛନ୍ତି। ମାତ୍ର ପାଚିକାମାନଙ୍କ କାହିଁକି ପାରିଶ୍ରମିକ ବୃଦ୍ଧି କରାଯାଉ ନାହିଁ ବୋଲି ଶୁକ୍ରବାର କେସିଙ୍ଗା ବ୍ଲକ ସମ୍ମୁଖରେ ଏକ ଗଣଧାରଣା ଦେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ୯ ଦଫା ଦାବିପତ୍ର କେସିଙ୍ଗା ବିଡିଓଙ୍କୁ ପ୍ରଦାନ କରିଥିଲେ।

ମହିଳାଙ୍କ ଉପରେ, ମାଡ଼ିଗଲା ଟ୍ରାକ୍ଟର

ଚାନ୍ଦବାଲି,୧୯।୧୨(ସଂଚାର ବ୍ୟୁରୋ): ଘର ଉପରେ ମାଡ଼ିଗଲା ଟ୍ରାକ୍ଟର। ଫଳରେ ଜଣେ ମହିଳା ଟ୍ରାକ୍ଟର ତଳେ ଚାପିହୋଇ ଗୁରୁତର ହୋଇଛନ୍ତି। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ଭଦ୍ରକ ଜିଲା ଚାନ୍ଦବାଲି ଏନ୍ଏସି ଅନ୍ତର୍ଗତ ବାଲିଗାଁ ୧୧ ନମ୍ବର ଓ୍ୱାର୍ଡରେ। ବାସନ୍ତୀ ଦାସଙ୍କ ଘର ଉପରକୁ ମାଡ଼ି ଯାଇ ଥିଲା ଟ୍ରାକ୍ଟର। ସେ ଗୁରୁବାର ଘର ଲିପୁଥିବା ବେଳେ ଟ୍ରାକ୍ଟରଟି ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇ ଚାଳ ଘର ଉପରେ ମାଡ଼ି ଯାଇଥିଲା। କିଛି ସମୟ ଖୋଜାଖୋଜି ପରେ ଚାଳଘର କୁଟା ମଧ୍ୟରୁ ବାସନ୍ତୀଙ୍କୁ ଉଦ୍ଧାର କରାଯାଇ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ବାସନ୍ତୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବାବେଳେ ଟ୍ରାକ୍ଟରକୁ ପୋଲିସ ଜବତ କରିଛି।

ଝିଅକୁ ପୋଡ଼ି ମାରିଦେଇଥିବା ମାର ଥାନାରେ ଅଭିଯୋଗ

କଣାସ,୧୯।୧୨(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କଣାସ ବ୍ଲକ ଗୋପୀନାଥପୁର ଗ୍ରାମପଞ୍ଚାୟତର କଳାପଦର ଗ୍ରାମର ଅଛବ ସାହୁଙ୍କ କନ୍ୟା ସୁଜତା ସାହୁଙ୍କୁ ତାର ଶାଶୁ ଘର ଲୋକ ପେଟ୍ରୋଲ ଢାଳି ପୋଡି ମାରି ଦେଇଥିବା ସୁଜତାର ମାତା କମଳନୀ ସାହୁ ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିବା ପରେ ଗଡ଼ିଶାଗୋଦା ଥାନା ଆଇଆଇସି ସୁଧିର କୁମାର ଦାସ ଏତଲା ପାଇ ସୁଜତା ବିବାହ ହୋଇଥିବା ତଇଲା ଗ୍ରାମର ଅନନ୍ତ ମାଝୀଙ୍କ ଘରେ ପହଁଚି ସୁଜତାର ଅର୍ଦ୍ଧ ଦଗଧ ଶରୀରକୁ ଚିକିତ୍ସା ପାଇଁ ପ୍ରଥମେ ଭୁବନେଶ୍ୱର ପରେ କଟକ ବଡ ଡାକ୍ତରଖାନାକୁ ପାଠାଇଥିଲେ। ଗଡ଼ିଶାଗୋଦା ଆଇଆଇସି ଗଡ଼ିଶାଗୋଦା ଥାନା କେସ ନମ୍ବର ୨୦୨ /୨୦୨୫ ଏକ ମକଦମା ରୁଜ କରି ସୁଜତାର ସ୍ୱାମୀ ସୁଜତ ମାଝୀ ଓ ଶାଶୁକୁ ଗଡ଼ିଶାଗୋଦାଥାନାରେ ଅଟକ ରଖିଛନ୍ତି। ସୁଜତା ଚିକିତ୍ସା ହେଉଥିବା ଅବସ୍ଥାରେ କଟକ ଡାକ୍ତରଖାନାରେ ମୃତ୍ୟୁବରଣ କରିବାରୁ ମଙ୍ଗଳାବାଗ ଥାନା ପୁଲିସ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜ କରିଛନ୍ତି। ସୁଜତାର ଶବକୁ କାଲି କଟକଠାରେ ବ୍ୟବଚ୍ଛେଦ କରାଯିବ। ଖବର ନେବାରେ ଜଣାପଡ଼ିଛି ଅଛବ ସାହୁଙ୍କ କନ୍ୟା ସୁଜତା ସାହୁ ଠିକ ଛଅ ମାସ ତଳେ ୧୯/୬/୨୦୨୫ ତାରିଖରେ ଅନନ୍ତ ମାଝୀଙ୍କ ସାନପୁଅ ସୁଜିତ ମାଝୀଙ୍କୁ ବିବାହ କରିଥିଲେ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସପ୍ତ ଶକ୍ତି ସଂଗମ କାର୍ଯ୍ୟକ୍ରମ

ଯୋଡ଼ା,୧୯।୧୨(ସଂଚାର ବ୍ୟୁରୋ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଲେଇପଦାରେ ମାତୃମଣ୍ଡଳୀଙ୍କୁ ନେଇ ପ୍ରଥମ ପର୍ଯ୍ୟାୟ ସପ୍ତଶକ୍ତି ସଂଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମାକୁମାରୀ ଜୟନ୍ତୀ ଏବଂ ମୁଖ୍ୟ ବକ୍ତା ରୂପେ ଶ୍ରୀମତୀ ବର୍ଷା ବୈଶାଳୀ (ପ୍ରଧାନ ଶିକ୍ଷୟିତ୍ରୀ, ଆଦର୍ଶ ବିଦ୍ୟାଳୟ, ଲହଣ୍ଡା) ଆଧୁନିକ ଭାରତ ଗଠନରେ ମାଆଙ୍କ ଭୂମିକା ସମ୍ବନ୍ଧରେ ମାତୃ ମଣ୍ଡଳୀଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏଥି ସହିତ ମାତୃଭାରତୀ ପ୍ରମୁଖ ଗୁରୁମା ସ୍ୱାଗତିକା ପତିଙ୍କ ଦ୍ୱାରା ପର୍ଯ୍ୟାବରଣ ସୁରକ୍ଷା ଓ କୁଟୁମ୍ବ ପ୍ରବୋଧନ ଆଜି ବିଷୟ ଉପରେ ମାତୃ ମଣ୍ଡଳୀଙ୍କୁ ଉଦବୋଧନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ମାତୃ ମଣ୍ଡଳୀଙ୍କୁ ନେଇ ପ୍ରଶ୍ନୋତ୍ତର, ଖେଳ ଆଦି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଯାଇଥିଲା। ଏହାପରେ କୃତୀ ମାତୃମଣ୍ଡଳୀ ଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

ଚାଷୀଙ୍କ ଚେତାବନୀ: ୨୦ ସୁଦ୍ଧା ସମସ୍ତ ଟୋକନ ନ ଆସିଲେ ଆନ୍ଦୋଳନ ତୀବ୍ରତର

ଅତାବିରା/ଗୋଡ଼ଭଗା,୧୯।୧୨(ସଂଚାର ବ୍ୟୁରୋ): ଧାନର ଅଭାବୀ ବିକ୍ରି ସହ ୪ ଦଫା ଦାବି ନେଇ ରାଜ୍ୟ କୃଷକ ସଂଗଠନ ଗତ ୯ ତାରିଖ ଏନ୍ଏଚ୍ ୫୩ ଗୋଡ଼ଭଗାଠାରେ ୩ଘଣ୍ଟା ଧରି ଧାନ ରଖି ଆନ୍ଦୋଳନ କରିଥିଲା। ପ୍ରଶାସନ ପକ୍ଷରୁ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ, ଏସିଏସ୍ଓ ବ୍ୟୋମକେଶ ମାଝୀ ଓ ମିଲର୍ ସଂଘର ରାଜ୍ୟ ସମ୍ପାଦକ ନିତେଶ ବଂଶଲ ଯୋଗ ଦେଇଥିଲେ। ଦୀର୍ଘ ସମୟ ଧରି ଆନ୍ଦୋଳନକାରୀଙ୍କ ସହ ଆଲୋଚନା ହୋଇଥିଲା। ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନ ସମସ୍ତ ଚାଷୀଙ୍କ ଟୋକନ ୨୦ ତାରିଖ ମଧ୍ୟରେ ଆସିବା ବ୍ୟବସ୍ଥା କରିବା, ଜାନୁଆରୀ ୧୫ ତାରିଖ ସୁଦ୍ଧା ଧାନ କିଣାବିକା ସରିବା ବ୍ୟବସ୍ଥା କରିବା, ପଞ୍ଜୀକରଣ କରିଥିବା ସମସ୍ତ ଜମିର ଟୋକନ ତୁରନ୍ତ ଜେନେରେଟ କରିବା, କ୍ୱାଲିଟି ଟେଷ୍ଟ ମାର୍କେଟ ପଏଣ୍ଟରେ ଆରଏମ୍ସି ଓ ପ୍ୟାକ୍ସ କର୍ମଚାରୀଙ୍କ ଉପସ୍ଥିତିରେ ନିର୍ଦ୍ଧାରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ବିଗତ ଫସଲରେ କ୍ୱାଲିଟି ନାଁରେ ପ୍ୟାକେଟ ପିଛା ୧ କେଜିରୁ ୫ କେଜି ପର୍ଯ୍ୟନ୍ତ ଅଧିକାଂଶ ମିଲର କାଟିବାରୁ ଚାଷୀମାନେ ବହୁ କ୍ଷତି ସହୁଥିବାରୁ କୁଇଣ୍ଟାଲ ପ୍ରତି ସର୍ବାଧିକ ୧ କେଜି କଟ୍‌ନିଛଟ୍‌ନୀରେ ସୀମିତ ରଖିବାକୁ ତ୍ରିପାକ୍ଷିକ ଆଲୋଚନା ଅଣଔପଚାରିକ ଭାବେ ସହମତି ପ୍ରକାଶ ପାଇଥିଲା।

ମନରେଗାରେ ବ୍ୟାପକ ଦୁର୍ନୀତି, ଜିଲ୍ଲାପାଳଙ୍କୁ ଅଭିଯୋଗ

ବୈଶିଙ୍ଗା,୧୯।୧୨(ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମହାତ୍ମାଗାନ୍ଧି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବେ ବାଟବଣା ସାଜିଛି। ପ୍ରତି ପଞ୍ଚାୟତରେ ଜାଲ୍ ଜବକାର୍ଡଧାରୀ ଙ୍କ ନାମରେ ମଜୁରୀ ବିଲ ଉଠାଯାଉଥିବା ର ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଏହାର ଏକ ଉଦାହରଣ ପାଲଟିଛି ବେତନଟୀ ବ୍ଲକ ଅନ୍ତର୍ଗତ ସନ୍ତୁରା ପଞ୍ଚାୟତ ରେ। ଏହି ପଞ୍ଚାୟତ ଅଧିନ କୁଶୁଦା ଗ୍ରାମର ଅଙ୍ଗନବାଡ଼ି ର ଖେଳ ପଡ଼ିଆ ନିର୍ମାଣ ପାଇଁ ଏକ ଲକ୍ଷ ଟଙ୍କା ମନରେଗା ଯୋଜନାରେ କାର୍ଯ୍ୟକାରୀ କରିବା ସଂଯୋଜକକୁ ଦାୟିତ୍ୱ ଦିଆଗଲା। ମାତ୍ର ଜବକାର୍ଡଧାରୀଙ୍କ ବଦଳ ରେ ଜେସିବି ରେ ନିକଟସ୍ଥ ପଡ଼ିଆରୁ ମାଟି ଉତ୍ତୋଳନ କରି ଟ୍ରାକ୍ଟର ଜରିଆ ରେ ଖେଳ ପଡ଼ିଆ ରେ ପକାଇ ଦିଆଗଲା। ଏହା ଦେଖି ଗ୍ରାମବାସୀ ମାନେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଅଭିଯୋଗରେ ଦୁର୍ନୀତି ସମ୍ପର୍କରେ ଜଣାଇଲେ। ଏହାର କପି ଜିଲ୍ଲା ଶ୍ରମ ଉନ୍ନୟନ ବିଭାଗ, ରାଜ୍ୟ ପଞ୍ଚାୟତ ରାଜ ଅଧିକାରୀ ଏବଂ ବେତନଟୀ ବିଡିଓ ଙ୍କୁ ପ୍ରଦାନ କରିଥିଲେ। ଏହାର ପରଦିନ ଲାଗିଥିବା ଫଳକ ରେ ନାମ ପରିବର୍ତ୍ତନ ହୋଇଗଲା। ପ୍ରଥମ ଫଳକରେ କାର୍ଯ୍ୟନିର୍ବାହୀ ଭାବେ ପଞ୍ଚାୟତ ସମିତି ଲେଖାଯାଇଥିବା ବେଳେ ବଦଳାଯାଇଥିବା ଫଳକ ରେ ପଞ୍ଚାୟତ ଅଧିକାରୀ ବୋଲି ଲେଖାଗଲା। ଏଥିସହିତ ପ୍ରକୃତ ଜବ କାର୍ଡ ଧାରୀ ମାନେ କାର୍ଯ୍ୟ ନ ପାଇ ଦୁଃଖ ଅନୁଭବ କରୁଥିବା ବେଳେ ପଞ୍ଚାୟତ ଅଧିକାରୀ ଜାଲ୍ ଜବକାର୍ଡରେ ଡିମାଣ୍ଡ ପକାଇ ୨୬ହଜାର ଦୁଇ ଶହ ଟଙ୍କା ପଇଠ କରିଦେଲେ । ଏ ବାବଦରେ ସନ୍ତରା ସରପଞ୍ଚଙ୍କୁ ମଧ ଏକ ଅଭିଯୋଗ ଗ୍ରାମବାସୀ ଙ୍କ ତରଫରୁ ପ୍ରଦାନ କରାଗଲା । ଆମ୍ଭ ପ୍ରତିନିଧି ସରପଞ୍ଚ ଙ୍କୁ ଏହି କାର୍ଯ୍ୟ ବିଷୟରେ ପଚାରିଥିଲେ ମଧ ସେ ଏ ବିଷୟରେ ଜାଣି ନାହାନ୍ତି ବୋଲି କହିଥିଲେ । ତେବେ ବିଡିଓ ଙ୍କ ଜ୍ଞାତସାରରେ ପଞ୍ଚାୟତ ଅଧିକାରୀ ଏବଂ ଠିକାଦାର ଏଭଳି ଦୁର୍ନୀତି କରୁଥିବାର ଅଭିଯୋଗ ହେଉଛି ।

ବେପାରୀଙ୍କ ଠାରୁ ଦୁର୍ବୃତ୍ତ ଗୁଳି ଫୁଟାଇ ଲୁଟିନେଲେ ଗହଣା ବ୍ୟାଗ

ବାରିପଦା,୧୯।୧୨(ସଂଚାର ବ୍ୟୁରୋ): ଜଣେ ବେପାରୀଙ୍କ ପାଖରୁ ଦୁର୍ବୃତ୍ତମାନେ ବନ୍ଧୁକରୁ ଫାଙ୍କା ଗୁଳି ଫୁଟାଇ ଭୟଭୀତ କରି ଲୁଟିନେଲେ ଗହଣା ବ୍ୟାଗ। ଏହିଭଳି ଏକ ଘଟଣା ଘଟିଅଛି ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅଞ୍ଚଳରେ।

ଉଦଳା ବଜାରରେ ଗହଣା ଦୋକାନ କରିଥିବା ହରିଶ ଜୁଏଲାରୀ ର ମାଲିକ ହରିଶ ରଣା ସାଳଚୁଆ ସାପ୍ତାହିକ ହାଟକୁ ବ୍ୟବସାୟ କରିବାକୁ ଯାଇ ଉଦଳା କୁ ଫେରୁଥିବା ସମୟରେ ବାଟରେ ସଲଗଡ଼ିଆ ଛକ ନିକଟରେ ଛଅ ଜଣ ଦୁର୍ବୃତ୍ତ ଦୁଇ ଗୋଟି ବାଇକରେ ଆସି ତାଙ୍କୁ ଅଟକାଇଥିଲେ। ଏହାପରେ ଜଣେ ଦୁର୍ବୃତ୍ତ ପାଖରେ ଥିବା ବନ୍ଧୁକରୁ ଦୁଇ ରାଉଣ୍ଡ ଉପରକୁ ଫାଙ୍କା ଗୁଳିଚାଳନା କରିଥିଲା। ଫଳରେ ହରିଶ ଭୟଭୀତ ହୋଇପଡ଼ିଥିଲେ। ତାଙ୍କ ବାଇକରେ ଥିବା ଗହଣା ବ୍ୟଗକୁ ଦୁର୍ବୃତ୍ତ ମାନେ ଟାଣି ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଉକ୍ତ ବ୍ୟାଗରେ ପାଖା ପାଖୀ ପାଞ୍ଚରୁ ଛଅ ଲକ୍ଷ ଟଙ୍କାର ସୁନା ଓ ରୁପାର ଗହଣା ଥିବାର ହରିଶ ପ୍ରକାଶ କରିଛନ୍ତି। ଏ ବାବଦରେ ହରିଶ କପ୍ତିପଦା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରିରହିଅଛି।

SANCHAR
ସଂଚାର
ଶନିବାର ୨୦ ଡିସେମ୍ବର ୨୦୨୫
ସ୍ୱାସ୍ଥ୍ୟ

ଶୀତଦିନେ ଜୁସ୍‌ରୁ ମିଳେ ନ୍ୟାଚୁରାଲ ଗ୍ଲୋଇଂ ସ୍କିନ୍

ଶୀତଦିନ ଆସିବା ମାତ୍ରେ ସାଧାରଣତଃ ଆମ ତ୍ୱଚା ଶୁଷ୍କ ହୋଇଯାଏ। କାରଣ ଥଣ୍ଡା ପବନ ତ୍ୱଚାର ମଶ୍ଚରାଇଜ ଗୁଣକୁ ଖରାପ କରି ଦେଇଥାଏ। ଯାହାଦ୍ୱାରା ତ୍ୱଚା ଶୁଷ୍କ ଏବଂ ରୁକ୍ଷ ହୋଇଯାଏ। ଏହି ଋତୁରେ ମିଳୁଥିବା ଫଳ ଏବଂ ପନିପରିବା ଆମ ଚର୍ମ ଏବଂ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ପ୍ରମାଣିତ ହୋଇଛି। ତେଣୁ ଯଦି ଆପଣ ନିଜର ସ୍କିନରେ ଗ୍ଲୋ ଆଣିବାକୁ ଚାହୁଁଛନ୍ତି, ତେବେ ଆପଣଙ୍କୁ ଆମେ ଏକ ସହଜ ଉପାୟ ବତାଇବୁ । ଏପରି କିଛି ଡ୍ରିଙ୍କସ ରହିଛି ଯାହା ଆମ ସ୍ୱାସ୍ଥ୍ୟ ଏବଂ ସ୍କିନ୍ ଉଭୟ ପାଇଁ ଫଳପ୍ରଦ ହୋଇଥାଏ। ଆମେ ଆପଣଙ୍କୁ ଏପରି ହେଲ୍ଦି ଡ୍ରିଂକ୍ସ ବିଷୟରେ କହିବୁ ଯାହା ଆପଣଙ୍କ ସ୍ୱାସ୍ଥ୍ୟ ତଥା ତ୍ୱଚା ପାଇଁ ଖୁବ ଲାଭଦାୟକ ହେବ। ପ୍ରତିଦିନ ଏହାକୁ ପିଇଲେ ଆପଣଙ୍କ ତ୍ୱଚାରେ ନ୍ୟାଚୁରାଲ ଗ୍ଲୋ ଆସିବ। ତେବେ ଆସନ୍ତୁ ଏହି ସବୁ ଜୁସ ବିଷୟରେ ଜାଣିବା।

ବିଟରୁଟ ଜୁସ୍: ବିଟ୍ ଶୀତଦିନେ ଆସୁଥିବା ହେଲ୍ଦି ପନିପରିବା ମଧ୍ୟରେ ଅନ୍ୟତମ। ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ମଧ୍ୟ ଏହାର ଅନେକ ଲାଭ ମଧ୍ୟ ରହିଛି। ଏହି ଜୁସ ବ୍ଲଡ ପ୍ରେସର କମ କରିବା ସହିତ ଷ୍ଟାମିନା ଏବଂ ମସଲ୍ସ ମାସ ମଧ୍ୟ ବଢ଼ାଇଥାଏ। ଏହା ବ୍ୟତୀତ ଏହି ଜୁସ ଆପଣଙ୍କ ଓଜନକୁ ନିୟନ୍ତ୍ରଣରେ ରଖିବ। ଏହା ତ୍ୱଚାକୁ ପ୍ରାକୃତିକ ଭାବରେ ଚମକାଇଥାଏ ଏବଂ ପ୍ରତିଦିନ ଏହାର ରସ ପିଇବା ଦ୍ୱାରା ତ୍ୱଚାର ରଙ୍ଗ ମଧ୍ୟ ଉନ୍ନତ ହୋଇଥାଏ।

ଗାଜର ଜୁସ୍: ଗାଜର ମଧ୍ୟ ଏକ ହେଲ୍ଦି ଶୀତକାଳୀନ ପରିବା, ପ୍ରତିଦିନ ଏହାର ରସ ପିଇବା ଦ୍ୱାରା ତ୍ୱଚା ପ୍ରାକୃତିକ ଭାବରେ ସୁସ୍ଥ ରହିଥାଏ। ଗାଜରରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ସି ଏବଂ ବିଟା-କାରୋଟିନ୍ ଭରପୂର ମାତ୍ରାରେ ଥାଏ ଏବଂ ଆପଣମାନେ ତ ଜାଣିଥିବେ ଭିଟାମିନ୍ ସି ଆମ ତ୍ୱଚା ପାଇଁ କେତେ ଲାଭଦାୟକ। ଏହା ଆମ ତ୍ୱଚାରେ ନ୍ୟାଚୁରାଲ ଗ୍ଲୋ ଆଣିଥାଏ ଏବଂ ଚର୍ମକୁ ବାହ୍ୟ ଡ୍ୟାମେଜରୁ ମଧ୍ୟ ରକ୍ଷା କରିଥାଏ। ଏଥିସହ ଏହାର ଦୈନନ୍ଦିନ ବ୍ୟବହାର ହଜମ ପ୍ରକ୍ରିୟାକୁ ଉନ୍ନତ କରିଥାଏ ଏବଂ ଆପଣଙ୍କ ୱେଟ ମେଣ୍ଟେନ ରହିଥାଏ।

କାକୁଡି ଜୁସ୍: କାକୁଡି ପ୍ରତ୍ୟେକ ଋତୁରେ ଖୁବ୍ ସହଜରେ ମିଳିଯାଇଥାଏ। ଏଥିରେ ପ୍ରଚୁର ପରିମାଣର ଜଳ ରହିଛି। ଯାହା ଆପଣଙ୍କ ତ୍ୱଚାକୁ ହାଇଡ୍ରେଟ୍ କରିଥାଏ। ଏହାର ଜୁସ ପିଇବା ଦ୍ୱାରା ଏହା ତ୍ୱଚାର ଡ୍ରାଏନେସ ଦୂର କରିଥାଏ ଏବଂ ସ୍କିନରେ ଏକ୍ସଟ୍ରା ଅଏଲ ରହେନାହିଁ ଯାହା ଦ୍ୱାରା ପିମ୍ପଲ୍ସ ହୋଇନଥାଏ। ଏହା ପେଟ ମଧ୍ୟ ସଫା ରଖିଥାଏ ଏବଂ ସ୍କିନ ନ୍ୟାଚୁରାଲ ଭାବରେ ଗ୍ଲୋ କରେ।

ପାଳଙ୍ଗ ଜୁସ୍: ପାଳଙ୍ଗ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର। ଏହି ପରିବା ଆମ ତ୍ୱଚା ପାଇଁ ମଧ୍ୟ ବହୁତ ଲାଭଦାୟକ। ଏହାର ରସ ପିଇବା ଦ୍ୱାରା ସ୍କିନ ଡ୍ୟାମେଜ ହୁଏ ନାହିଁ, ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ସି ରହିଥାଏ ଯାହା ଆମ ତ୍ୱଚାରେ ପ୍ରାକୃତିକ ଚମକ ଆଣିଥାଏ।

ଟମାଟୋ ଜୁସ୍: ଟମାଟୋରେ ଭିଟାମିନ୍ ସି ପ୍ରଚୁର ପରିମାଣରେ ମିଳିଥାଏ। ଏଥିରେ ଥିବା ଭିଟାମିନ୍ ସି ଆମ ସ୍କିନ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଏହା ଦ୍ୱାରା ଆମ ତ୍ୱଚା ଡ୍ରାଏ ହୋଇନଥାଏ ଏବଂ ଏହା ଆମ ଚର୍ମକୁ ସୂର୍ଯ୍ୟର କ୍ଷତିକାରକ କିରଣରୁ ମଧ୍ୟ ରକ୍ଷା କରିଥାଏ। ଯାହାଦ୍ୱାରା ସ୍କିନ ନ୍ୟାଚୁରାଲ ଗ୍ଲୋ କରିଥାଏ।

ପୁଦିନା ଏବଂ ଲେମ୍ବୁ ରସ: ପୁଦିନା ଗ୍ୟାସ୍ ଏବଂ ଏସିଡିଟି ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ। ଲେମ୍ବୁ ଭିଟାମିନ୍ ସିର ଏକ ଉତ୍ସ ହୋଇଥିବାରୁ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରି ରକ୍ତକୁ ପରିଷ୍କାର କରିବାରେ ସାହାଯ୍ୟ କରେ। ଏହି ସବୁ ଜୁସ ଆମ ଶରୀର ପାଇଁ ବରଦାନ ସଦୃଶ ହୋଇଥାଏ।

ଶୀତଦିନରେ ହୃଦଘାତର ଆଶଙ୍କା ଅଧିକ

ଶୀତଦିନ ଆସିବା ମାତ୍ରେ ହାର୍ଟ (ହୃତପିଣ୍ଡ) ସ୍ୱାସ୍ଥ୍ୟ ପାଇଁ ଅନେକ ବିପଦ ସୃଷ୍ଟି ହୁଏ। ବିଶେଷକରି ହୃଦରୋଗ ସମସ୍ୟା ଥିବା ଲୋକଙ୍କ ପାଇଁ ବେଶୀ ବିପଦ। ତାପମାତ୍ରା ହ୍ରାସ ହୃଦରୋଗ ଉପରେ ଅତିରିକ୍ତ ଚାପ ପକାଇପାରେ। ହୃଦ ରୋଗୀ ଏବଂ ଅନ୍ୟ ଲୋକଙ୍କ ପାଇଁ ସତର୍କ ରହିବା ଗୁରୁତ୍ୱପୂର୍ଣ୍ଣ। ଡାକ୍ତରମାନେ ସତର୍କ କରାଇ ଦେଇଛନ୍ତି ଯେ, ଶୀତଦିନେ ଶାରୀରିକ ଚାପ ଏବଂ ଥଣ୍ଡା ପାଗ ଯୋଗୁଁ ଜୀବନଶୈଳୀରେ ପରିବର୍ତ୍ତନ ଆସିବା ହେତୁ ହୃଦଘାତର ଆଶଙ୍କା ବହୁତ ବଢ଼ିଯାଏ। ବିଶେଷଜ୍ଞମାନେ କହିଛନ୍ତି ଯେ, ତାପମାତ୍ରା ହ୍ରାସ ହାର୍ଟ ଉପରେ ଅତିରିକ୍ତ ଚାପ ପକାଇଥାଏ। ବିଶେଷକରି ବୟସ୍କ ଏବଂ ଉଚ୍ଚ ରକ୍ତଚାପ, ମଧୁମେହ ଏବଂ କରୋନାରୀ ରୋଗ ଥିବା ଲୋକଙ୍କୁ ବେଶୀ କ୍ଷତି କରେ। ଶୀତଦିନେ ହୃଦଘାତ କାହିଁକି ବୃଦ୍ଧି ପାଏ, ତାର କାରଣ ସଂପର୍କରେ ବିଏମ୍ ବିର୍ଲା ହସ୍ପିଟାଲର ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଜୟ ଶୋମ କହିଛନ୍ତି, 'ଶୀତଦିନ ହୃଦଘାତ ପାଇଁ ଏକ ଉଚ୍ଚ ବିପଦପୂର୍ଣ୍ଣ ସମୟ। ଥଣ୍ଡା ପାଗ ଶରୀରରେ ଅନେକ ଚାପ ସୃଷ୍ଟି କରେ। କମ ତାପମାତ୍ରା ରକ୍ତବାହୀ ନଳୀଗୁଡ଼ିକୁ ସଙ୍କୁଚିତ କରିଦିଏ, ଯାହା ରକ୍ତଚାପ ବୃଦ୍ଧି କରେ ଏବଂ ହାର୍ଟର କାର୍ଯ୍ୟଭାରକୁ ବୃଦ୍ଧି କରେ। ସେହି ସମୟରେ, ରକ୍ତ ସାମାନ୍ୟ ଘନ ହୋଇଯାଏ, ଯାହା ଜମାଟ ବାନ୍ଧିବାର ସମ୍ଭାବନାକୁ ଅଧିକ କରିଥାଏ। ଏହି ମିଶ୍ରଣ ହୃଦଘାତକୁ ତ୍ୱରାନ୍ୱିତ କରିପାରେ, ବିଶେଷକରି ଉଚ୍ଚ ରକ୍ତଚାପ, ମଧୁମେହ, କରୋନାରୀ ଅବରୋଧ ଥିବା ଲୋକଙ୍କଠାରେ ବେଶୀ ବିପଦ ଥାଏ। ପ୍ରଚୁର ଖାଦ୍ୟ, ଅତ୍ୟଧିକ ଲୁଣ ଏବଂ ମଦ୍ୟପାନ, ଶାରୀରିକ କାର୍ଯ୍ୟକଳାପ ହ୍ରାସ, ଖରାପ ନିଦ୍ରା ଏବଂ ଭାବପ୍ରବଣ ଚାପ ବିପଦକୁ ଆହୁରି ବୃଦ୍ଧି କରେ। ବିଶେଷକରି ସକାଳେ ଚାଲିବା କିମ୍ବା ଗାଧୋଇବା ସମୟରେ ହଠାତ୍ ଥଣ୍ଡା ସଂସ୍ପର୍ଶରେ ଆସିବା ଫଳରେ ହୃଦ ସମସ୍ୟା ବଢ଼ିପାରେ।

ଜୟପୁରର ସିକେ ବିର୍ଲା ହସ୍ପିଟାଲର ହୃଦରୋଗ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ରାହୁଲ ଶର୍ମା କହିଛନ୍ତି, 'ଥଣ୍ଡା ଯୋଗୁଁ ହେଉଥିବା ଅନେକ ଶାରୀରିକ ଏବଂ ଜୀବନଶୈଳୀ କାରଣରୁ ଶୀତଦିନେ ହୃଦଘାତ ବୃଦ୍ଧି ପାଏ। କମ୍ ତାପମାତ୍ରା ଯୋଗୁଁ ରକ୍ତବାହୀ ନଳୀ ସଂକୁଚିତ ହେବା ରକ୍ତଚାପ ବୃଦ୍ଧି କରେ ଏବଂ ହୃତପିଣ୍ଡକୁ ଅଧିକ କାମ କରିବାକୁ ବାଧ କରେ। ଏହା ସହିତ, ଥଣ୍ଡାର ସଂସ୍ପର୍ଶରେ ଆସିବା ଦ୍ୱାରା ଚାପ ହରମୋନ ବୃଦ୍ଧି ପାଏ, ଯାହା ରକ୍ତ ଜମାଟ ବାନ୍ଧିବାର ବିପଦ ବଢ଼ାଇପାରେ। ଏହା ହୃଦଘାତର ମୁଖ୍ୟ କାରଣ ମଧ୍ୟରୁ ଗୋଟିଏ। ଶୀତଦିନେ ପ୍ରାୟତଃ ଓଜନ ବୃଦ୍ଧି, ଖରାପ ଖାଦ୍ୟପେୟ, ଶାରୀରିକ କାର୍ଯ୍ୟକଳାପ ହ୍ରାସ ଏବଂ ଶ୍ୱାସକ୍ରିୟା ସଂକ୍ରମଣ ବୃଦ୍ଧି ପାଏ, ଯାହା ହାର୍ଟ ଉପରେ ଚାପ ପକାଇଥାଏ। ବୟସ୍କ ବ୍ୟକ୍ତି ଏବଂ ପୂର୍ବରୁ ହୃଦରୋଗ ଥିବା ବ୍ୟକ୍ତିମାନେ ଉଷ୍ମ ରହିବା, ବାରମ୍ବାର ବ୍ୟାୟାମ କରିବା, ରକ୍ତଚାପ ଏବଂ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବା ଦରକାର। ଯଦି ସେମାନଙ୍କର ଛାତି ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଯାଏ ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।'

ଗରମ ମସଲା ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ

ଖାଦ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଜରୁରୀ ହୋଇଥାଏ। କିନ୍ତୁ କେବେ ଆପଣଙ୍କ ମନରେ ପ୍ରଶ୍ନ ଉଠିଛି କି ଆମେ କେଉଁ ପ୍ରକାରର ଖାଦ୍ୟ ଖାଇବା ଆମ ସ୍ୱାସ୍ଥ୍ୟ ପାଇଁ ଠିକ୍ ହୋଇଥାଏ। ତେବେ ଆମ ରୋଷେଇ ଘରେ ବିଭିନ୍ନ ପ୍ରକାରର ମସଲା ରହିଥାଏ। ତାମଧ୍ୟରୁ ଗରମ ମସଲା ଏକ ଭିନ୍ନ ମସଲା ହୋଇଥାଏ। କିନ୍ତୁ ଗରମ ମସଲା ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ କି ? ସେଥିପାଇଁ ଆମେ ଆଜି ଆପଣଙ୍କୁ ଏହି ବିଷୟରେ କିଛି ବିଶେଷ କଥା ଜଣାଇବୁ। ଯେପରି ଶୀତଦିନେ ଆମେ କିପରି ଗରମ ମସଲା ବ୍ୟବହାର କରିପାରିବା ? ଶୀତଦିନେ ଗରମ ମସଲା ଖାଇବାର ଅନେକ ଲାଭ ମିଳିଥାଏ। ଗରମ ମସଲାକୁ ଅନେକ ପ୍ରକାରର ଔଷଧ ତିଆରି କରିବାରେ ବ୍ୟବହାର କରାଯାଏ। ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଗରମ ମସଲା ଶରୀରର ବିଭିନ୍ନ ଅଙ୍ଗରେ ଭିନ୍ନ ଭାବରେ କାମ କରେ। ଏଥିରେ ଉଭୟ ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଉପାଦାନ ମିଳିଥାଏ। ଯାହା ଶରୀରର ଯନ୍ତ୍ରଣାକୁ କମ୍ କରିଥାଏ। ତେବେ ଶୀତଦିନେ ଆପଣ ଅନେକ ଉପାୟରେ ଗରମ ମସଲା ଖାଇପାରିବେ। ଏହାର ଲାଭ ଜାଣିବା ପୂର୍ବରୁ, ଆମେ ଆଜି ଆପଣଙ୍କୁ ଏହି ବିଷୟରେ କିଛି ବିଶେଷ କଥା ଜଣାଇବୁ ଯେ ଏହି ଗରମ ମସଲା କିପରି ତିଆରି କରାଯାଏ। ତେବେ ବିଭିନ୍ନ ପ୍ରକାରର ମିଶ୍ରଣରେ ଗରମ ମସଲା ତିଆରି କରାଯାଏ। ଯେପରି ଗୋଟା ଧନିଆ, ଜିରା, ଗୁଜୁରାତି, ଅଳେଇଚ, ଚିନାବାଦାମ, ଲବଙ୍ଗ, ପାନମଧୁରୀ, ବିରିୟନି ଫୁଲ, ଜାଇଫଳ, ଜାୟତ୍ରୀ ଫୁଲ ଏବଂ ତେଜପତ୍ର ଏହି ସବୁ ଜିନିଷକୁ ମିଶାଇ ଗରମ ମସଲା ତିଆରି କରାଯାଏ।

ଇମ୍ୟୁନିଟି ବୁଷ୍ଟର୍: ଗରମ ମସଲା ଏକ ପ୍ରକାର ଇମ୍ୟୁନିଟି ବୃଦ୍ଧିକାରୀ ମସଲା। ଏହା ଅନେକ ରୋଗରୁ ରକ୍ଷା କରିବା ପାଇଁ କାମ କରେ। ଏହାକୁ ଖାଇବା ଦ୍ୱାରା, ଥଣ୍ଡା ଏବଂ କାଶର ସମସ୍ୟାରୁ ମୁକ୍ତି ମିଳିଥାଏ। କାଶ ସମସ୍ୟାରୁ ମୁକ୍ତି ପାଇବାରେ ଏହା ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥାଏ।

ଫୁଲାକୁ କମ୍ କରେ: ଶରୀରରେ ଯନ୍ତ୍ରଣା ଏବଂ ଫୁଲା କମାଇବା ପାଇଁ ଗରାମ ମସଲା ଭଲ କାମ କରେ। ଏଥିରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି ଯାହା ଅନେକ ପ୍ରକାରର ସମସ୍ୟାରୁ ମୁକ୍ତି ଦେଇଥାଏ। ଏହା ହାଡକୁ ସୁସ୍ଥ କରିଥାଏ ଏବଂ ଗଣ୍ଠି ଯନ୍ତ୍ରଣାକୁ ଭଲ କରିଥାଏ। ଏଥି ସହିତ ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ମଧ୍ୟ ହୋଇଥାଏ।

ହଜମ ପ୍ରକ୍ରିୟା ପାଇଁ ଲାଭଦାୟକ: ଗରମ ମସଲା ହଜମ ପ୍ରକ୍ରିୟା ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଏହି ମସଲା ପେଟକୁ ସୁସ୍ଥ ରଖିବା ସହିତ ମେଟାବୋଲିକ୍ କାର୍ଯ୍ୟକଳାପକୁ ଭଲ କରିଥାଏ। ଶୀତଦିନେ ଗରମ ମସଲା ଖାଇବା ଶରୀରକୁ ଗରମ କରିଥାଏ। ଏହା ଦ୍ୱାରା ଆପଣ ବହୁତ ସୁସ୍ଥ ମଧ୍ୟ ରହିଥାନ୍ତି। ସେଥିପାଇଁ ଆପଣ ନିଜ ଖାଦ୍ୟରେ ପ୍ରତିଦିନ ଗରମ ମସଲା ସାମିଲ କରିପାରିବେ।

ଲେମ୍ବୁ ଗ୍ଲିସେରିନ ଓ ଗୋଲାପ ଜଳ ଆଣେ ମୁହଁର ସୌନ୍ଦର୍ଯ୍ୟ

ଆଜିକାଲି ସମସ୍ତେ ମେକଅପ୍ ବିନା ମଧ୍ୟ ଚମକଦାର ଏବଂ କୋମଳ ତ୍ୱଚା ପାଇବାକୁ ଚାହିଁଥାଆନ୍ତି। ତଥାପି ପ୍ରଦୂଷଣ, ଏବଂ ସୂର୍ଯ୍ୟର ପ୍ରଖର କିରଣ ତ୍ୱଚାରେ ମଳିନତା ସୃଷ୍ଟି କରିଥାଏ। ଏପରି ସ୍ଥିତିରେ ଘରୋଇ ଉପଚାର ହେଉଛି ସବୁଠାରୁ ସୁରକ୍ଷିତ ବିକଳ୍ପ। ଯଦି ଆପଣ ଲେମ୍ବୁ, ଗ୍ଲିସେରିନ୍ ଏବଂ ଗୋଲାପ ଜଳକୁ ନିଜ ତ୍ୱଚାରେ ସଠିକ ଭାବରେ ବ୍ୟବହାର କରନ୍ତି, ତେବେ ଆପଣଙ୍କୁ କୌଣସି କ୍ରିମ୍ କିମ୍ବା ଲୋସନର ଆବଶ୍ୟକତା ପଡ଼ିବ ନାହିଁ। ଏହା ବ୍ୟତୀତ ଏହି ମିଶ୍ରଣ ଆପଣଙ୍କ ତ୍ୱଚାକୁ ଭିତରୁ ପୋଷଣ ଯୋଗାଇବାରେ ସାହାଯ୍ୟ କରିଥାଏ। ନିୟମିତ ଏହାକୁ ବ୍ୟବହାର କରିବା ଦ୍ୱାରା ବିନା ମେକଅପରେ ଆପଣଙ୍କ ତ୍ୱଚା କୋମଳ ସହ ଉଜ୍ଜ୍ୱଳ ମଧ୍ୟ ଦେଖାଯାଇଥାଏ।

ଆବଶ୍ୟକୀୟ ଉପକରଣ: ଲେମ୍ବୁ ରସ: ୧ରୁ ୨ଚାମଚ, ଗ୍ଲିସେରିନ୍: ୧ଚାମଚ, ଗୋଲାପ ଜଳ: ୨ ଚାମଚ, ଛୋଟ ପାତ୍ର ଏବଂ ଚାମଚ: ମିଶ୍ରଣ ତିଆରି କରିବା ପାଇଁ।

ପ୍ରସ୍ତୁତି ପ୍ରଣାଳୀ: ଏହି ମିଶ୍ରଣକୁ ତିଆରି କରିବା ପାଇଁ ପ୍ରଥମେ ଏକ ଛୋଟ ପାତ୍ରରେ ଅଧ ଚାମଚ ଲେମ୍ବୁ ରସ ଢାଳନ୍ତୁ। ତାପରେ ଏଥିରେ ଗୋଟିଏ ଚାମଚ ଗ୍ଲିସେରିନ୍ ମିଶାନ୍ତୁ। ପରେ ଦୁଇ ଚାମଚ ଗୋଲାପ ଜଳ ମିଶାଇ ସବୁକିଛି କୁ ଭଲ ଭାବରେ ଫେଣ୍ଟି ଦିଅନ୍ତୁ। ଏହାପରେ ଆପଣଙ୍କ ଘରୋଇ ଫେସପ୍ୟାକ ପ୍ରସ୍ତୁତ ହୋଇଯିବ।

କିପରି କରିବେ ବ୍ୟବହାର: ଏହି ଘରୋଇ ଫେସପ୍ୟାକକୁ ବ୍ୟବହାର କରିବା ଆଗରୁ ପ୍ରଥମେ ଆପଣଙ୍କ ମୁହଁକୁ ଉଷୁମ ପାଣିରେ ଭଲ ଭାବରେ ଧୋଇ ଦିଅନ୍ତୁ। ତା'ପରେ, ଲେମ୍ବୁ, ଗ୍ଲିସେରିନ୍ ଏବଂ ଗୋଲାପ ଜଳର ମିଶ୍ରଣକୁ ଆପଣଙ୍କ ମୁହଁ ଏବଂ ବେକରେ ଧୀରେ ଧୀରେ ଲଗାନ୍ତୁ। ଏହାକୁ ୧୦ ରୁ ୧୫ ମିନିଟ୍ ପାଇଁ ମୁହଁରେ ଲଗାଇ ଶୁଖିବା ପାଇଁ ଛାଡି ଦିଅନ୍ତୁ। ଏହି ସମୟ ଭିତରେ ପ୍ୟାକଟି ଆପଣଙ୍କ ମୁହଁକୁ ପୋଷଣ ଯୋଗାଇବା ସହ ଆର୍ଦ୍ରତା ଦୂର କରିବାର କାର୍ଯ୍ୟ କରିଥାଏ। ମିଶ୍ରଣ ବା ପ୍ୟାକଟି ଶୁଖିଗଲା ପରେ ଉଷୁମ ପାଣିରେ ଆପଣଙ୍କ ମୁହଁ ଏବଂ ବେକକୁ ଭଲ ଭାବରେ ଧୋଇ ଦିଅନ୍ତୁ।ଏହାପରେ ସଫା ତଉଲିଆ ବା ରୁମାଲ ସାହାଯ୍ୟରେ ମୁହଁକୁ ଭଲଭାବରେ ପୋଛନ୍ତୁ। ଏହି ପ୍ରକ୍ରିୟାକୁ ସପ୍ତାହରେ ୨ରୁ ୩ ଥର କରନ୍ତୁ ଯାହାଫଳରେ ବିନା ମେକଅପରେ ମଧ୍ୟ ଆପଣଙ୍କ ମୁହଁ ଉଜ୍ଜ୍ୱଳ ଦେଖାଯିବ। ଏହି ପ୍ରାକୃତିକ ଉପଚାର ଗ୍ରହଣ କରି ଆପଣ ମହଙ୍ଗା ମେକଅପ୍ ଉପରେ ନିର୍ଭର ନକରି ମୁହଁରେ କୋମଳତା ଏବଂ ଚମକ ହାସଲ କରିପାରିବେ। ସନ୍ତୁଳିତ ଖାଦ୍ୟ, ପର୍ଯ୍ୟାପ୍ତ ପାଣି ଏବଂ ସୂର୍ଯ୍ୟ କିରଣରୁ ରକ୍ଷା ପାଇଲେ ଆପଣ ଆପଣଙ୍କ ମୁହଁରେ ଭଲ ଫଳାଫଳ ପାଇପାରିବେ।

ଶୀତରେ କାହିଁକି ବଢେ ଅଳସପଣ



ଆପଣଙ୍କୁ ଶୀତଦିନେ ସାରାଦିନ ଅଳସୁଆ ଅନୁଭବ ହେଉଛି କି? ଅବଶ୍ୟ ପ୍ରାୟ ଲୋକ ଏହି ଋତୁରେ ଅଳସୁଆ ଅନୁଭବ କରିଥାନ୍ତି। କିଛି ଲୋକ ରେଜେଇ ବା କମ୍ବଳ ଭିତରୁ ବାହାରିବାକୁ ଇଚ୍ଛା କରି ନଥାନ୍ତି। ଯଦିଓ ବାହାରକୁ ଯିବାକୁ ବାଧ ହୋଇଥାନ୍ତି, ତେବେ ଗରମ ଚା' କିମ୍ବା ସୁପ୍ ପିଇବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। କିନ୍ତୁ କେବେ ଭାବିଛନ୍ତି କି କେବଳ ଶୀତ ଋତୁରେ ଏପରି କାହିଁକି ହୁଏ? ଚାଲନ୍ତୁ ଜାଣିବା ଏହାର କାରଣ ଓ ଦୂର କରିବାର ଉପାୟ। ଶୀତଦିନେ ଅଳସ ଅନୁଭବ ହେବାର ଅନେକ କାରଣ ରହିଛି। ପ୍ରାୟତଃ ଶୀତ ଋତୁରେ ଦିନ ଛୋଟ ଓ ରାତି ବଡ଼ ହୋଇଥାଏ। ଫଳରେ ସୂର୍ଯ୍ୟକିରଣ କମ୍ ମିଳିଥାଏ। ଯେପରିକି-

ଭିଟାମିନ୍-ଡି'ର ଅଭାବ: ସୂର୍ଯ୍ୟକିରଣ ଅଭାବରୁ ଶରୀରରକୁ କମ୍ ଭିଟାମିନ୍-ଡି' ମିଳିଥାଏ। ଭିଟାମିନ୍-ଡି'ର ଅଭାବ ଶରୀରକୁ ପ୍ରଭାବିତ କରିଥାଏ। ଏହାଦ୍ୱାରା ହର୍ମୋନଜନିତ ଅସନ୍ତୁଳନ ଦେଖିବାକୁ ମିଳିଥାଏ। ଶରୀରରେ ମେଲାଟୋନିନ୍ ହର୍ମୋନ୍ ବଢ଼ିଚାଲେ। ଫଳରେ ଶରୀରରେ ଅସ୍ୱସ୍ତି ଅନୁଭବ ହୋଇଥାଏ। ମେଲାଟୋନିନ୍ ନିଦ ପାଇଁ ଏକ ଜରୁରି ହର୍ମୋନ୍। ଶରୀରରେ ଏହାର ମାତ୍ରା ବଢ଼ିବା ଦ୍ୱାରା ନିଦ, ଥକ୍କାପଣ ଓ ଅଳସ ଆଦି ବଢ଼ିଥାଏ। ଏହା କେବଳ ମାଂସ ହାଡ଼କୁ ମଜବୁତ୍ କରିନଥାଏ ବରଂ ଶରୀରକୁ ଭରପୂର ଶକ୍ତି ମଧ୍ୟ ଦେଇଥାଏ। ତେଣୁ ଭିଟାମିନ୍-ଡି'ର ଅଭାବ ଯୋଗୁ ମଧ୍ୟ ଅସ୍ୱସ୍ତି ଅନୁଭବ ହୋଇଥାଇପାରେ।

କଫ ବଢ଼ିଲେ: ଆୟୁର୍ବେଦ ଅନୁସାରେ ଶୀତଦିନେ ଶରୀରରେ କଫର ମାତ୍ରା ବଢ଼ିଯାଇଥାଏ। କଫ ବଢ଼ିବା ଦ୍ୱାରା ଶରୀର ଓଜନିଆ ଓ ଅଳସୁଆ ଲାଗିଥାଏ। ଅଳସପଣ କ୍ରମଶଃ ମାନ୍ଦାରେ ପରିଣତ ହୋଇଥାଏ। ତେଣୁ କୌଣସି କାମ କରିବାକୁ ଇଚ୍ଛା ହୋଇନଥାଏ।

କେମିତି ଦୂର କରିପାରିବେ ଅଳସପଣ: ଶୀତଦିନେ ହାଲ୍କା ଉଷୁମ ପାଣି ପିଇବାକୁ ଚେଷ୍ଟାକରନ୍ତୁ। ଏହା ଶରୀରକୁ ଜଳାଭାବରୁ ଦୂରେଇ ରଖିବ। ଏହା ସହିତ ନଡ଼ିଆ ପାଣି, ସୁପ୍ ଓ ଜୁସ୍ ଆଦ ପିଇବାକୁ ଭୁଲନ୍ତୁ ନାହିଁ। କମ୍ ସମୟ ପାଇଁ ହେଲେ ମଧ୍ୟ ସୂର୍ଯ୍ୟକିରଣରେ ନିଶ୍ଚୟ ବସନ୍ତୁ। ସତେଜ ଅନୁଭବ କରିବେ। ଡାଏଟ୍‌ରେ ଅଧିକରୁ ଅଧିକ ଶାଗ, ସବୁଜ ପନିପରିବା ଓ ଫଳମୂଳକୁ ସାମିଲ୍ କରନ୍ତୁ। ମଇଦା ଓ ବେସନ୍‌ଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ। ତ୍ୱଚାକୁ ମଧ୍ୟ ପ୍ରାକୃତିକ ଉପାୟରେ ସ୍କ୍ରବ୍ କରନ୍ତୁ। ଏହାଦ୍ୱାରା ତ୍ୱଚାରେ ରକ୍ତ ସଞ୍ଚାଳନ ବଢ଼ିବା ସହ ସତେଜ ଅନୁଭବ ହୋଇଥାଏ। ଏହି ଋତୁରେ ଅଧିକ ଖାଇବାଠାରୁ ଦୂରେଇ ରୁହନ୍ତୁ। ନଚେତ୍ ଅଳସୁଆ ଲାଗିବା ସ୍ୱାଭାବିକ୍। ଅଟା,ଚାଉଳ ଓ ବାଜରା କମ୍ ଖାଇବା ସହ ପନିପରିବାର ମାତ୍ରା ବଢ଼ାନ୍ତୁ। ଶୀତରେ ମିଠା କମ୍ ଖାଇବା ଓ କଫି କମ୍ ପିଇବାକୁ ଚେଷ୍ଟା କରନ୍ତୁ। ଏହା ପରିବର୍ତ୍ତେ ହର୍ବାଲ ଟି'ଓ ସୁପ୍ ଆଦି ପିଇବା ଉଚିତ୍।

● କୁଚବେହାର ଟ୍ରଫି କ୍ରିକେଟ ଚତୁର୍ଥ ଦିବସ ଅନ୍ତିମ ମ୍ୟାଚ

ଓଡ଼ିଶା ବନାମ ହିମାଚଳ ପ୍ରଦେଶ ଫଳାଫଳ

ବଲାଙ୍ଗିର,୧୯।୧୨ (ସଂଚାର ବ୍ୟୁରୋ): ଓଡ଼ିଶା କ୍ରିକେଟ ଏସୋସିଏସନ ଓ ଜିଲ୍ଲା କ୍ରୀଡା ସଂସଦ ବଲାଙ୍ଗିର ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଚାରି ଦିବସୀୟ କୁଚ ବେହାର ଟ୍ରଫି କ୍ରିକେଟ ର ଆଜି ଅନ୍ତିମ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ଦିନର ଅସମାପ୍ତ ଖେଳ ୩ ୱିକେଟ ୨୧୨ ରନ୍ ରୁ ଆରମ୍ଭ କରି ସମୁଦାୟ ୩୪୨ ରନ୍ ସଂଗ୍ରହ ପୂର୍ବକ ହିମାଚଳ ପ୍ରଦେଶ ଦଳ ନିଜର ସମସ୍ତ ୱିକେଟ ହରାଇଥିଲା। ଓଡ଼ିଶା ଦଳ ତରଫରୁ ସଫଳ ବୋଲର ଭାବେ ସୟେଦ ଟଫେଲ ଅହମ୍ମଦ ସର୍ବାଧିକ ୬ ଗୋଟି ୱିକେଟ ଓ ପ୍ରୀୟାଂଶୁ ମହାନ୍ତି ୨ ଗୋଟି ୱିକେଟ ଅକ୍ତିୟାର କରିଥିଲେ। ଫଳତଃ ଓଡ଼ିଶା କୁ ବିଜୟୀ ହେବା ପାଇଁ ୧୬୫ ରନ୍ ସଂଗ୍ରହର ଆବଶ୍ୟକତା ଥିଲା। ହେଲେ ଉଭୟ ଦଳର କ୍ୟାପଟେନ୍ ପରସ୍ପର ଆଲୋଚନା ପୂର୍ବକ ଖେଳ ଆଗକୁ ଜାରି ନ ରଖିବା ପାଇଁ ନିଷ୍ପତ୍ତି ନେଇ ଅମ୍ପେୟାରଙ୍କୁ ଜଣାଇଥିଲେ। ବିଚାର ବିମର୍ଶ ପରେ ମ୍ୟାଚର ଫଳାଫଳ ଅମିମାଂସୀତ ଘୋଷିତ ହେଲା। ପ୍ରଥମ ଇନିଂସ ଅଗ୍ରଣୀ ଯୋଗୁଁ ଓଡ଼ିଶାକୁ ୩ ପଏଣ୍ଟ ଓ ହିମାଚଳ ପ୍ରଦେଶ କୁ ୧ ପଏଣ୍ଟ ମିଳିଛି।

ଆଜି କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୁଜାରୀ, ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ, ଶତୃଘନ ସିଂହ, କୋଷାଧକ୍ଷ ହେମନ୍ତ କୁମାର ବେହେରା, କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର, ଫୁଟବଲ ସମ୍ପାଦକ ଶରତ ନନ୍ଦ, କ୍ରୀଡା ସମ୍ପାଦକ ବିଭୁତି ପଣ୍ଡା, ବରିଷ୍ଠ ସଭ୍ୟ ରମେଶ ଚନ୍ଦ୍ର ପୁରୋହିତ, ରମାକାନ୍ତ ସେଟ, ସୁଧୀର ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର କୁମାର ମିଶ୍ର, ଗୌ÷ର ଚନ୍ଦ୍ର ପ୍ରଧାନ, ସିଦ୍ଧେଶ୍ୱର ମିଶ୍ର, କୋଚ ଅରୁଣ କୁମାର ନାୟକ, ପୃଥ୍ୱୀରାଜ ମିଶ୍ର, ସୂର୍ଯ୍ୟ ମିଶ୍ର, ଚେତନାନନ୍ଦ ପଣ୍ଡା, ଶ୍ରୀକାନ୍ତ ରାଉତ, ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଷୀ ପ୍ରମୁଖ ଷ୍ଟଡିୟମ ରେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟନ

ସୁନ୍ଦରଗଡ଼,୧୯।୧୨ (ସଂଚାର ବ୍ୟୁରୋ): ଡିସେମ୍ବର ୧୯ ତାରିଖ ଶୁକ୍ରବାର ଦିନ ଯଶୋଦା ବିଷ୍ଣୁ ସ୍ନାତକ ମହା ବିଦ୍ୟାଳୟ ସରଧାପାଲିରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍ଘାଟନ ହୋଇ ଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଅଞ୍ଜଳି ପଟେଲଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଯୋଗୀମାଲ ଗ୍ରାମ ପଞ୍ଚାୟତର ସରପଞ୍ଚ ସୌଦାମିନୀ ଭୋଇ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ଶାନ୍ତି ଶୃଙ୍ଖଳାର ସହ ଖେଳିଥିଲେ। ଖେଳ ଶିକ୍ଷକ ସୁକାନ୍ତ ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଖେଳ ପରିଚାଳନା କରିଥିଲେ। ବିଭିନ୍ନ କ୍ରୀଡା ପ୍ରତିଯୋଗୀତାରେ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧାପକ ଜଗନ୍ନାଥ ଠାକୁର, କୁଞ୍ଜ ବିହାରି ସାହୁ, ନିର୍ମଳ ବରିହା, ଅଶୋବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗୀମାଲ ଯଶୋଦା ବିଷ୍ଣୁ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ କିଶୋର କୁମାର ରାଉତ ଯୋଗଦାନ କରି କ୍ରୀଡାର ଉପଯୋଗୀତା ସମ୍ପର୍କରେ ବକ୍ତବ୍ୟ ରଖି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିକ ରାଏକେଡିଆ, ଅଧାପିକା ପ୍ରତିମା ନାୟକ, କବିତା ଚୌଧୁରୀ, କୌଶଲ୍ୟା ରାଣୀ ହୋତା, କର୍ମଚାରୀ ସୁଶ୍ରୀ ପଟେଲ, ଝରଣା ପଟେଲ, ପ୍ରଭାତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଏମାନଙ୍କ ପାଇଁ ଯୋଜନ ଯୋଜନ ଦୂରରେ ଯୋଜନା

ନା ଅଛି ପାନୀୟ ଜଳ, ନା ମୋବାଇଲ ନେଟୱର୍କ

ଢେଙ୍କାନାଳ,୧୯।୧୨ (ସଂଚାର ବ୍ୟୁରୋ): ନା ଶୁଦ୍ଧ ପାନୀୟ ଜଳ ମିଳୁଛି ନା ମୋବାଇଲ ନେଟୱର୍କ। ନାହିଁ ନାହିଁରେ ବଞ୍ଚୁଛନ୍ତି ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ମଝିକା ଗାଁର ଲୋକମାନେ। ଆକାଂକ୍ଷୀ ବ୍ଲକ ପାଇଁ ସରକାର ଯୋଜନା ପରେ ଯୋଜନା କରୁଥିବା ବେଳେ ଏଠି କିନ୍ତୁ ଅନେକ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ରାଜପଥଠାରୁ ମାତ୍ର ୩ କିଲୋମିଟର ଦୂରରେ ରହିଛି ଗାଁ, କିନ୍ତୁ ସରକାରୀ ସୁବିଧାରୁ ବଞ୍ଚିତ। କଙ୍କଡ଼ାହାଡ଼ ବ୍ଲକ ଘାଗରାମୁଣ୍ଡା ପଂଚାୟତ ମଝିକା ଗାଁରେ ୭୦ ପରିବାରର ଲୋକ ବସବାସ କରୁଥିବା ବେଳେ ଆଜି ବି ଅବହେଳିତ ହୋଇ ରହିଛି ପୂରା ଗାଁ। ଗାଁରେ ୩ଟି ନଳକୂପ ଥିବା ବେଳେ ୨ଟି ଅଚଳ। ବାକି ଗୋଟିଏରୁ ନାଲିଆ ପାଣି ବାହାରୁଥିବା ବେଳେ ତାକୁ ପାନୀୟ ଜଳ ଭାବରେ ବ୍ୟବହାର କରିବାକୁ ବାଧ ହେଉଛନ୍ତି ଗାଁର ଲୋକେ। ଆଜି ଯାଏଁ ଗାଁକୁ ପାଇପ୍ ପାଣି ଆସିପାରିନି। ନଳକୂପ ପାଖରେ ସକାଳୁ ଭିଡ଼ ଲାଗୁଛି ଲୋକଙ୍କର। ଯାହାକୁ ଯେତେ ଅଭିଯୋଗ କରିବା ପରେ ମଧ ନିରାଶ ହୋଇ ସେହି ପାଣିକୁ ବ୍ୟବହାର କରୁଛନ୍ତି ସ୍ଥାନୀୟ ଲୋକ । ଖାଲି ପାଣି ଅସୁବିଧା ନୁହେଁ, ଏଠାରେ ମୋବାଇଲ ନେଟୱର୍କ ବି ଅପହଞ୍ଚ। ଜାତୀୟ ରାଜପଥ ୧୪୯ ଠାରୁ ମାତ୍ର ୩କିମି ଭିତରେ ଥିବା ଏହି ଗାଁକୁ କୌଣସି ମୋବାଇଲ ନେଟୱର୍କ ପହଞ୍ଚିପାରିନି। ଫଳରେ ଜରୁରୀକାଳୀନ ସେବା ଆମ୍ବୁଲାନ୍ସ ଠାରୁ ଆରମ୍ଭ କରି ସରକାରଙ୍କର ରାସନ ଚାଉଳ ପାଇଁ ମଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟବାସିନ୍ଦା। ଖାଲି ମଝିକା ନୁହେଁ, ପାଖ ଗାଁ ସୁନ୍ଦରମୁଣ୍ଡି, ବାଲିଝରଣ, ଭେଜିଆ ଭଳି ଗାଁରେ ମଧ ଠିକରେ ମୋବାଇଲ ନେଟୱର୍କ ଆସୁନାହିଁ । ଅନେକ ସମୟରେ ଗାଁରେ ଥିବା ଏକ ଗଛ ଉପରେ ଚଢ଼ିଲେ ମଝିରେ ମଝିରେ ଅଳ୍ପ ନେଟୱର୍କ ଆସୁଥିବା ବେଳେ ବିପଦ ପୂର୍ଣ୍ଣ ଭାବରେ ସେହିଭଳି କରିବାକୁ ବାଧ ହେଉଛନ୍ତି ଗାଁ ଲୋକ। ଏନେଇ ଉପଜିଲ୍ଲାପାଳଙ୍କୁ ପଚାରିବାରୁ ବିଡିଓଙ୍କ ସହିତ ଆଲୋଚନା କରି ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବେତନଟୀ,୧୯।୧୨ (ସଂଚାର ବ୍ୟୁରୋ): ଶୁକ୍ରବାର ଦିନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଧନପୁର ପ୍ରାଙ୍ଗଣରେ ବାର୍ଷିକ କ୍ରୀଡା ଉତ୍ସବ ଅତ୍ୟନ୍ତ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ରୀଡା ମଇଦାନକୁ ରଙ୍ଗିନ ପତାକା ଓ ବ୍ୟାନର୍‌ରେ ସୁନ୍ଦର ଭାବେ ସଜାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଓ ଆଗ୍ରହ ଦେଖିବାକୁ ମିଳିଥିଲା। କ୍ରୀଡା ଉତ୍ସବର ଆରମ୍ଭ ପ୍ରାର୍ଥନା ସହିତ ହୋଇଥିବା

ବେଳେ ମୁଖ୍ୟ ଅତିଥି ତଥା ସଠିଲୋ କ୍ଲଷ୍ଟର ସି ଆର ସିସି ସଞ୍ଜୟ କୁମାର ପଣ୍ଡିତ ଙ୍କ ଦ୍ୱାରା କ୍ରୀଡା ଉତ୍ସବର ଉଦ୍ଘାଟନ କରାଯାଇଥିଲା। ତାଙ୍କ ଭାଷଣରେ ସେ ଶାରୀରିକ ଓ ମାନସିକ ବିକାଶରେ କ୍ରୀଡାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏଥି ସହିତ ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଭବାନୀ ଶଙ୍କର ମହାନ୍ତି ପିଲାମାନଙ୍କ ଉଦେଶ୍ୟ ରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ତତ ପରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ନମିତା ମାଝୀ ବାର୍ଷିକ କ୍ରୀଡା ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଶାଳଗାଁର ରୌପ୍ୟ ଜୟନ୍ତୀ ସମାରୋହ

ବେତନଟୀ,୧୯।୧୨ (ସଂଚାର ବ୍ୟୁରୋ): ବଡସାହି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଶାଳଗାଁରେ ରୌପ୍ୟ ଜୟନ୍ତୀ ସମାରୋହକୁ ମୁଖ୍ୟ ଅତିଥି ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ମୟୂରଭଞ୍ଜ ଆନୁଷ୍ଠାନିକ ଭାବରେ ଜଗନ୍ନାଥଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଉଦ୍ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା ସଭାପତିତ୍ୱ କରିଥିଲେ। ସହ ଶିକ୍ଷକ ପ୍ରଭାସ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ୱତନ୍ତ୍ର ଅତିଥି ଶଶିଧର ସିଂ, ଅତିରିକ୍ତ ଶିକ୍ଷା ଅଧିକାରୀ, ମୁଖ୍ୟବକ୍ତା ଡ଼. ଗୋପାଳ କୁମାର, ଅଧକ୍ଷ ଫକୀରମୋହନ ସାହିତ୍ୟ ସଂସଦ ସ୍ୱତନ୍ତ୍ରବକ୍ତା ଡ଼. ଭାଗବତ ଦାସ, ଓଡ଼ିଆ ସାହିତ୍ୟ ଏକାଡେମୀ ସଦସ୍ୟ ତଥା ସାହିତ୍ୟିକ ଗବେଷକ, ସମ୍ମାନୀୟ ଅତିଥି ମୀନତି ସିଂ, ଅଧକ୍ଷା ବଡସାହି ବ୍ଲକ, ପର୍ଶୁରାମ ସାହୁ, କଇଁଫୁଲର ସଂପାଦକ, ପ୍ରଫୁଲ୍ଲ କୁମାର ମହାଳିକ, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ, ଉମାକାନ୍ତ ଦ୍ୱିବେଦୀ, ସମାଜସେବୀ ତଥା ଜଗନ୍ନାଥ ପ୍ରେମୀ, ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ ଭଲ ମଣିଷ ହୋଇ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ବିଦ୍ୟାଳୟର ଅବଦାନ ଅବିସ୍ମରଣୀୟ ହୋଇରହୁ ବୋଲି ମତବ୍ୟକ୍ତ କରିଥିଲେ। ମଞ୍ଚକୁ ଶିକ୍ଷକ ଜଗନ୍ନାଥ ମିଶ୍ର ମଞ୍ଚ ପରିଚାଳନା କରୁଥିଲେ ଅତିଥି ବୃନ୍ଦ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିବା ସହିତ ଗ୍ରାମର କେତେକ ମହାନ ବ୍ୟକ୍ତି ମାନଙ୍କୁ ମାନ ପତ୍ର ସହ ଉପ ଢ଼କନ ପ୍ରଦନ କରିଥିଲେ। ଆଗାମୀ ୨୦ ଓ ୨୧ ତାରିଖ ଦୁଇଦିନ ରୋପ୍ୟ ଜୟନ୍ତୀ ପାଳନ ହେବ। ଆଜି ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଙ୍ଗୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

ଗଛରେ ଝୁଲୁଛି ଯୁବକଙ୍କ ମୃତଦେହ

ବଲାଙ୍ଗୀର,୧୯।୧୨(ସଂଚାର ବ୍ୟୁରୋ): ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ମାୟାବରା ଗାଁର ଅନତି ଦୂରରେ ଥିବା ଏକ କୁକୁଡା ଫାର୍ମର ପଛପଟ ଏକ ଗଛରେ ଜଣେ ଯୁବକଙ୍କର ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଛି । ମୃତ ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ଅକ୍ଷୟ ସୁନା (୨୦)। ମୃତ୍ୟୁର କାରଣ ଅସ୍ପଷ୍ଟ ଥିଲେ ମଧ ଗାଁରେ ମୃତ୍ୟୁକୁ ନେଇ ଭିନ୍ନ ଆଲୋଚନା ହେଉଛି। ପ୍ରେମ ସମ୍ପର୍କକୁ ନେଇ ମାଡ଼ପିଟ କାରଣରୁ ଏହି ଘଟଣା ଘଟିଥିବା ଗାଁରେ ଆଲୋଚନା ହେଉଛି । ତେବେ ଯୁବକଙ୍କ ମୃତ୍ୟୁର ସଠିକ କାରଣ ଜଣାପଡିନାହିଁ। ବଲାଙ୍ଗୀର ସଦର ଥାନା ପୋଲିସ ଗାଁରେ ପହଞ୍ଚିନଥିବା ଜଣାପଡିଛି। ମୃତ ଯୁବକଙ୍କ ପରିବାର ଲୋକେ ବଲାଙ୍ଗୀର ସଦର ଥାନାକୁ ଆସି ହତ୍ୟା ହୋଇଥିବା ଅଭିଯୋଗ କରି ତଦନ୍ତ କରିବାକୁ କହିଛନ୍ତି । ସେପଟେ ଘଟଣାସ୍ଥଳରେ ପୋଲିସ ଏବଂ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଚଳାଇଛନ୍ତି।

ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ବୈଶିଙ୍ଗା,୧୯।୧୨ (ସଂଚାର ବ୍ୟୁରୋ): ବେତନଟୀ ବ୍ଲକ ଅନ୍ତର୍ଗତ ବାଛୁରୀପଡା କ୍ଲଷ୍ଟରର ହରିପୁର ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ରାଜେଶ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମଶାଲ ଶୋଭାଯାତ୍ରା ଓ କ୍ରୀଡା ପତାକା ଉତ୍ତୋଳନ ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆରସିସି ରାଜେଶ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ କ୍ରୀଡା ମନସ୍କ ହେବାକୁ ଆହ୍ୱାନ ଦେଇଥିଲେ। କରକଚିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ବନ ସନ୍ଦେଶ ପତ୍ରିକାର ସଂପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଭିନ୍ନ କ୍ରୀଡାରେ ସଫଳତା ହାସ କରିଥିବା ଖେଳାଳିମାନଙ୍କ ଉଦାହରଣ ଦେଇ କ୍ରୀଡାକୁ ମଧ ବୃତ୍ତି ଭାବେ ଗ୍ରହଣ କରାଯାଇ ପାରିବ ବୋଲି ଉଲ୍ଲେଖ କରିଥିଲେ। କେଶୁରା ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃତ୍ତିବାସ ପଡ଼ିଆରୀ, ଦୁର୍ଗାସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବର୍ଷାପ୍ରିୟଦର୍ଶନୀ ଦାସ, ରାଧିକା ମହାନ୍ତ, ଜ୍ୟୋସ୍ନାରାଣୀ ମହାନ୍ତ ଓ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଯତୀନ୍ଦ୍ର ମହାନ୍ତ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

ତାଲା ପକାଇ ଧାରଣାରେ ବସିଲେ ଛାତ୍ରୀଛାତ୍ର, ଅଭିଭାବକ

ପାଟଣା,୧୯।୧୨ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲା ପାଟଣା ବ୍ଲକ ଚାଖୁଣ୍ଡାପାଳ ପଞ୍ଚାୟତ ସାନଗମ୍ଭାରିଆ ପ୍ରାଥମିକ ବିଦ୍ୟାଳୟରେ ଅଗଷ୍ଟ ମାସ ଠାରୁ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନ ଭୋଜନରେ ଭାତ ସହ କେବଳ ବୋଇତାଲୁ ତରକାରୀ ଦିଆଯାଉଥିବା ଅଭିଯୋଗ ହୋଇଛି। ଛାତ୍ରୀଛାତ୍ରମାନେ ଏହାକୁ ପ୍ରତିବାଦ କରିବାରୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମାନିନୀ ସେଠୀ ପିଲାଙ୍କୁ ଆକ୍ରୋଶ ରଖି ଗାଳି ଗୁଲଜ କରି ଶୌଚାଳୟ ସଫେଇ କାର୍ଯ୍ୟ କରାଉଛନ୍ତି ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି।

ତୁରନ୍ତ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି ଦାବି କରି ଅଭିଭାବକ, ଛାତ୍ରୀଛାତ୍ର ଅଭିଯୋଗ କରି ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି।

ଘଟଣାସ୍ଥଳରେ ପାଟଣା ବିଇଓ ପୂର୍ଣ୍ଣ ଚନ୍ଦ୍ର ଅମାତ ପହଞ୍ଚି ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ବୁଝାସୁଝା କରିବା ସହ ଏକ ସପ୍ତାହ ମଧ୍ୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରିବା ନେଇ ପ୍ରତିଶ୍ରୁତି ଦେବା ପରେ ଅଭିଭାବକ ଓ ଛାତ୍ରୀଛାତ୍ର ଧାରଣାରୁ ଉଠିଛନ୍ତି।

ସଶକ୍ତ ସମୃଦ୍ଧ କରିବା କେବିକେର ଲକ୍ଷ

ଭଞ୍ଜନଗର,୧୯।୧୨ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରରେ ଶୁକ୍ରବାର ଜିଲାର ଅଗ୍ରଣୀ ଚାଷୀ ଏବଂ କୃଷକ ଉତ୍ପାଦକ ସଂଘର କର୍ମକର୍ତ୍ତାମାନଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସେମାନଙ୍କୁ ସଶକ୍ତ ଓ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ଏହି ଶିବିର ହୋଇଥିଲା। ଶିବିରରେ ଜିଲାର ୧୦ ଟି କୃଷକ ଉତ୍ପାଦକ ସଂଘର ୨୫ ଜଣ କର୍ମକର୍ତ୍ତା ଯୋଗ ଦେଇଥିଲେ। ଜିଲାରେ କୃଷକ ଉତ୍ପାଦକ ସଂଘ ମାନଙ୍କର କୃଷିଭିତ୍ତିକ ଦକ୍ଷତା ବୃଦ୍ଧି କରିବା, ସଂଘବଦ୍ଧ ବଜାର, ରଣନୀତି ପ୍ରସ୍ତୁତି କରିବା। ବଜାର ସଂଯୋଗ କରିବା ଓ ବ୍ୟବସାୟିକ ଯୋଜନା ପ୍ରସ୍ତୁତ କରିବା ନେଇ ଜ୍ଞାନକୌଶଳ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୃଷକ ଉତ୍ପାଦକ ସଂଘର ପରିଚାଳନା, ବ୍ୟବସାୟିକ ଯୋଜନା ପ୍ରସ୍ତୁତି ଓ ମାର୍କେଟ ରିସର୍ଚ୍ଚ ଆଦି ବିଷୟବସ୍ତୁ ଉପରେ ତାଲିମ ପ୍ରଦାନ କରାଯାଇଥିଲା।

କିଡ୍‌ସ ପବ୍ଲିକ୍ ସ୍କୁଲରେ ବିଜ୍ଞାନ ମେଳା ପ୍ରଦର୍ଶନୀ

କେନ୍ଦୁଝର,୧୯।୧୨ (ସଂଚାର ବ୍ୟୁରୋ): କେନ୍ଦୁଝର ଷ୍ଟେସନ ରୋଡ ସ୍ଥିତ କିଡ଼ସ୍ ପବ୍ଲିକ୍ ସ୍କୁଲରେ ବିଜ୍ଞାନ ମେଳା ପ୍ରଦର୍ଶନୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଉନ୍ନୟନ ଅତିରିକ୍ତ ଶିକ୍ଷା ଅଧିକାରୀ କପିଳ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ବିଜୟଲକ୍ଷ୍ମୀ ପଟ୍ଟନାୟକ ଓ କପିଳ ଚନ୍ଦ୍ର ମିଶ୍ର ଦୀପ ପ୍ରଜ୍ୱଳନ କରିଥିଲେ। ବିଦ୍ୟାଳୟର ଅଧକ୍ଷ ସୁରେନ୍ଦ୍ର କୁମାର ଆଚାର୍ଯ୍ୟ ବିଜ୍ଞାନ ମେଳା ପ୍ରଦର୍ଶନୀର ସ୍ୱାଗତ ଭାଷଣ ଦେଇ ପିଲାମାନଙ୍କୁ ପ୍ରତିଯୋଗିତା ପୂର୍ବରୁ ଶୁଭକାମନା ଜଣେଇଥିଲେ। ପରବର୍ତ୍ତୀ ସମୟରେ ମୁଖ୍ୟଅତିଥି କପିଳ ଚନ୍ଦ୍ର ମିଶ୍ର ବିଜ୍ଞାନ ପ୍ରଦର୍ଶନୀର ଉପାଦେୟତା ସମ୍ପର୍କରେ ପିଲାମାନଙ୍କୁ ଉଦବୋଧନ ଦେଇଥିଲେ। ବିଜ୍ଞାନ ମେଳାର ମୁଖ୍ୟ ବିଚାରକ ଭାବେ ଡ଼ିଡ଼ି କଲେଜର ବିଜ୍ଞାନ ଅଧାପକ ଡଃ. ମାନସ ରଞ୍ଜନ ମହାନ୍ତି, ଓୟୁଏଟି ଆର.ଆର ଟି.ଏସ କେ କେନ୍ଦୁଝରର ଓଆଇସି ବୈଜ୍ଞାନିକ ଡ଼. ମୋନିକା ର ରାୟ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରୁ ପିଲାମାନେ ବିଜ୍ଞାନ ମେଳା ଦେଖିବା ପାଇଁ ଆସିଥିଲେ।

ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

ବାରିପଦା,୧୯।୧୨ (ସଂଚାର ବ୍ୟୁରୋ): ବାରିପଦା ସ୍ଥିତ ଛଉ ପଡ଼ିଆ ଠାରେ ଆଜି ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାର ଶୁଭ ଉଦଘାଟନ ହୋଇଯାଇଛି। ଜିଲ୍ଲା ମତ୍ସ୍ୟ ସମ୍ପଦ ଓ ପ୍ରାଣୀ ସମ୍ପଦ କାର୍ଯ୍ୟାଳୟର ମିଳିତ ସହଯୋଗ ତଥା ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା. ରମଣୀ ରଞ୍ଜନ ବିଶ୍ୱାଳ, ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ମାନସ ରଞ୍ଜନ ସାହୁ, ଶାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସଙ୍ଘମିତ୍ରା ପଟ୍ଟନାୟକ, ଏସ ଡି ଭି ଓ ରାଇରଙ୍ଗପୁର ସୁଶାନ୍ତ କୁମାର ସିଂ ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସକ ଡା. ବିଶ୍ୱାଳ ସ୍ୱାଗତ ଭାଷଣ ଦେବା ସହ ତା'ଙ୍କ ବକ୍ତବ୍ୟରେ କହିଥିଲେ ଯେ ତୃଣ ମୂଳ ସ୍ତରରେ ଲୋକମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇବା ଏବଂ ଯୋଗ୍ୟ ହିତାଧିକାରୀ କିପରି ଏହାର ସୁଯୋଗ ନେଇ ଲାଭାନ୍ୱିତ ହୋଇପାରିବେ ବିଶେଷ କରି ଗ୍ରାମାଞ୍ଚଳ ଚାଷୀ ମାନଙ୍କ ଆୟ କିପରି ଦ୍ୱିଗୁଣିତ ହେବ ଏବଂ ଆୟରେ ସ୍ଥାୟୀତ୍ୱ ରହିବ ଯଦ୍ୱାରା ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବି ହେବେ ସେଇ ବିଷୟରେ ଲୋକଙ୍କୁ ସଚେତନ କରାଇବା ହେଉଛି ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଉଦେଶ୍ୟ ଏବଂ ଏହି ମେଳା ୨ ଦିନ ଧରି ଚାଲିବ ବୋଲି ଉଲ୍ଲେଖ କରିଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ସାହୁ ଚାଷୀମାନଙ୍କ ପାଇଁ ଉଦିଷ୍ଟ ବିଭାଗର ବିବିଧ ଜନ କଲ୍ୟାଣକାରି ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ଏଗୁଡିକର ସୁଯୋଗ ନେବାପାଇଁ ଆହ୍ୱାନ ଜଣାଇଥିଲେ। ସେହିପରି ମୁଖ୍ୟ ଅତିଥି ଶ୍ରୀମତୀ ହାଁସଦା ତାଙ୍କ ବ୍ୟକ୍ତବ୍ୟରେ କହିଥିଲେ।

ରାଜ୍ୟସ୍ତରୀୟ କନିଷ୍ଠ ବାଳକ ବାଳିକା ସିପକଟାକ୍ରୋ ତାଲିମ ଶିବିରରେ ବିଧାୟକ

ସୁନ୍ଦରଗଡ଼,୧୯।୧୨ (ସଂଚାର ବ୍ୟୁରୋ): ଯୋଗୀମାଲ ଗ୍ରାମ ପଞ୍ଚାୟତ ନିକଟସ୍ଥ ତେନ୍ତୁଳିଢିପା ହନୁମାନ ମନ୍ଦିର ପ୍ରାଙ୍ଗଣରେ ରାଜ୍ୟ ସ୍ତରୀୟ କନିଷ୍ଠ ବାଳକ ବାଳିକା ସିପକଟାକ୍ରୋ ତାଲିମ ଶିବିର ଡ଼ିସେମ୍ବର ୮ ତାରିଖରୁ ଚାଲିଛି। ଏହି ଅବସରରେ ଶୁକ୍ରବାର ସନ୍ଧ୍ୟା ୬.୩୦ ଘଟିକା ସମୟରେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂ ଯୋଗଦାନ କରି ସମସ୍ତ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ତାଙ୍କ ବକ୍ତବ୍ୟରେ କହିଥିଲେ ଗ୍ରାମାଞ୍ଚଳରେ ଜାତୀୟ ସ୍ତରୀୟ ଖେଳାଳି ମାନଙ୍କ ତାଲିମ ଶିବିର ଚାଲିଥିବାରୁ ଆୟୋଜକ ଅନୁଷ୍ଠାନକୁ ସାଧୁବାଦ୍ ଜଣାଇଥିଲେ। ତା ସହିତ ନିଜ ନିର୍ବାଚନ ମଣ୍ଡଳୀରେ ଜାତୀୟ ଖେଳାଳି ମାନଙ୍କ ତାଲିମ୍ ଶିବିର ଚାଲିଥିବାରୁ ଓଡ଼ିଶା ସିପକଟାକ୍ରୋ ସଂଘ ସାଧାରଣ ସମ୍ପାଦକଙ୍କୁ ଧନ୍ୟବାଦ୍ ଜଣାଇ ଥିଲେ। ଜାତୀୟ ସ୍ତରୀୟ ଖେଳାଳି ମାନଙ୍କ ସିପକଟାକ୍ରୋ ତାଲିମ ଶିବିର ହେଉଥିବାରୁ ନିଜକୁ ମୁଁ ଗର୍ବ ଅନୁଭବ କରୁଛି ଏବଂ ଖେଳାଳି ମାନଙ୍କ ଉତ୍ତୋରତ୍ତର କାମନା କରୁଛି। ଖେଳାଳି ମାନେ ଜାତୀୟ ସ୍ତରରେ ପଦକ ହାସଲ କରି ରାଜ୍ୟର ଗର୍ବ ଆଣନ୍ତୁ ବୋଲି କହିଥିଲେ।

ମହିଳାଙ୍କୁ ଯୌନ ଉତ୍ପୀଡନରୁ ରକ୍ଷା କରିବା ସମସ୍ତଙ୍କ ଦାୟିତ୍ୱ

ଦିଗପହଣ୍ଡି,୧୯।୧୨ (ସଂଚାର ବ୍ୟୁରୋ): ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟ ରାସ୍ତାକଡ଼ରେ ଥିବା ପଦ୍ମନାଭପୁର ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାମନ୍ଦିର ପରିସରରେଠାରେ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଯୌନ ଉତ୍ପୀଡନରୁ ସୁରକ୍ଷା, ନିଷିଦ୍ଧ ଓ ପ୍ରତିକାର ଆଇନ-୨୦୧୩ ସମ୍ପର୍କରେ ଆୟୋଜିତ ସଚେତନତା ସଭାରେ ଦିଗପହଣ୍ଡିସ୍ଥିତ ସିଭିଲ କୋର୍ଟ ସିନିୟର ଡିଭିଜନର ମାଜିଷ୍ଟ୍ରେଟ ମହାଶ୍ୱେତା ପରିଜା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିଳିମା ଷଡ଼ଙ୍ଗୀ, ଖେମୁଣ୍ଡି ଓକିଲ ସଂଘର ପୂର୍ବତନ ସଭାପତି ହରପ୍ରସାଦ ରଥ, ଉଚ୍ଚ ମାଧ୍ୟମିକ ବିଦ୍ୟାମନ୍ଦିର ପରିଚାଳନା ସମିତି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାସ, ଓକିଲ ସଂଘର ଉପସଭାପତି ସନ୍ତୋଷ କୁମାର ସାହୁ, ସମ୍ପାଦକ ପ୍ରଦୀପ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଛାତ୍ରୀ, ଅଧାପିକା, ଅଧାପକ ଏବଂ କର୍ମଚାରୀମାନଙ୍କୁ ଆଇନ ସମ୍ପର୍କରେ ସଚେତନ କରାଇଥିଲେ।

ମାଲବୋଝେଇ

୬ ମାସରେ ୪ ଥର କାମୁଡ଼ିଛି ସାପ

ଦେଶୀ ଚିକିତ୍ସା କରି ବଞ୍ଚାଇଛନ୍ତି ଜୀବନ

ଦାରିଙ୍ଗବାଡି,୧୯।୧୨(ସଂଚାର ବ୍ୟୁରୋ): ୬ ମାସ ରେ ୪ ଥର ସାପ କାମୁଡ଼ିବା ଓ କାମୁଡ଼ିବା ପରେ ବଞ୍ଚିବା ତାହା ପୁଣି ଦେଶୀ ଚିକିତ୍ସା ଭରସାରେ କଥାଟା ଶୁଣିଲାବେଳେ ଅଡୁଆ ଲାଗୁଛି। କିନ୍ତୁ ଘଟଣାଟି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଦୁର୍ଗମ ବାଡାବାଙ୍ଗା ପଞ୍ଚାୟତ ଅଞ୍ଚଳରେ।

ପ୍ରକାଶ ଯେ, ଗତ ବର୍ଷା ଦିନ ଆରମ୍ଭରେ ଜଣେ ମହିଳା ଗୁଞ୍ଜ ପ୍ରଧାନ ନିଜ ବାଡ଼ିରେ ଘାସ ଉପାଡୁଥିବା ସମୟରେ ସାପଟି ମହିଳାଙ୍କ ବାମ ହାତକୁ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଦେଶୀ ଚିକିତ୍ସକ ନିକଟକୁ ପରିବାର ଲୋକ ନେଇଥିଲେ ଓ ସେ ଚେର ମୂଳି ଖାଇ ସୁସ୍ଥ ହୋଇଥିଲେ। କିଛି ଦିନ ବ୍ୟବଧାନରେ ସେ ତାଙ୍କ ଘରେ ଲୁଗା ସଫା କରି ଶୁଖାଉଥିବା ସମୟରେ ସାପଟି ପୁଣି ଦିତୀୟଥର କାମୁଡ଼ିଥିଲା। ପୁଣି ସେ ସେହି ଦେଶୀ ଚିକିତ୍ସକ ନିକଟରେ ଚିକିତ୍ସିତ ହୋଇ ସୁସ୍ଥ ହୋଇଥିଲେ। ସେହିପରି ତୃତୀୟ ଥର ପୁଣି ଛେଳି ଗୁହାଳରେ କାର୍ଯ୍ୟ କରୁଥିବା ଦୁଇ ଦୁଇ ଥର ବିଭିନ୍ନ ସମୟରେ ସାପ କାମୁଡର ଶିକାର ହୋଇଥିଲେ ଓ ସେହି ଦେଶୀ ଚିକିତ୍ସା ବଳରେ ସେ ସୁସ୍ଥ ହେଉଥିବା ଗୁଞ୍ଜ କହିଛନ୍ତି।

ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କଣାସ,୧୯।୧୨(ସଂଚାର ବ୍ୟୁରୋ): କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମପଞ୍ଚାୟତର ତ୍ରିଲୋଚନପୁର ଗ୍ରାମରେ ପ୍ରତିଷ୍ଠିତବହୁ ପୁରାତନ ତ୍ରିଲୋଚନପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ବିଷ୍ଣୁପ୍ରିୟା ରଥଙ୍କ ଅଧକ୍ଷତାରେ ବାର୍ଷିକ ପୁରସ୍କାର ବରଣୀ ସଭାରେ କଣାସ ବ୍ଲକ ସହଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ ସହ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପୂର୍ଣ୍ଣ ଚନ୍ଦ୍ର ଦାସ, ସିଆରସିସି ଭୂପତିଭୂଷଣ ତ୍ରିପାଠୀ, ସ୍ଥାନୀ ୟସରପଞ୍ଚଙ୍କ ପ୍ରତିନିଧି ଗୁଣନିଧି ପାତ୍ର, ନାଏବ ସରପଞ୍ଚ ବସନ୍ତ କୁମାର ଆଚାର୍ଯ୍ୟ, ପ୍ରାକ୍ତନ ସହ ଶିକ୍ଷା ଅଧିକାରୀ ଶ୍ୟାମସୁନ୍ଦର ଦାସ, ଶିକ୍ଷାବିତ କେଶବ ଚନ୍ଦ୍ର ଦାସ, ବିଦ୍ୟାଳୟ ସମିତିର ଅଧକ୍ଷ ସଂଗ୍ରାମ କେଶରୀ ବରାଳ ପ୍ରମୁଖ ଅତିଥୀଭାବେ ଯୋଗଦେଇ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପାଚିକା ଓ ସହାୟକା, ଅଙ୍ଗନବାଡି କର୍ମୀ, ଆଶାକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅଜୟ କୁମାର ପରିଡ଼ାଙ୍କ ସଂଯୋଜନା ଓ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ସହ ଯୋଗରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ କରିଥିଲେ।

ଟ୍ରେନ ଦୁର୍ଘଟଣା ଗ୍ରସ୍ତ

କେନ୍ଦୁଝର,୧୯।୧୨ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ସୀମାନ୍ତ ଖଣି ଅଞ୍ଚଳ ବଲାଣି ଖାଦାନ ରେଳ ଷ୍ଟେସନ ର ରୁଙ୍ଗଟା ପ୍ରାଇଭେଟ୍ ସାଇଡିଂରେ ଶୁକ୍ରବାର ଦିନ ସକାଳୁ ଏକ ମାଲବୋଝେଇ ଟ୍ରେନ ଲାଇନରୁ ଖସିପଡ଼ି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଟ୍ରେନଟି ବିନା ଇଞ୍ଜିନ ସାହାଯ୍ୟରେ ଗଡ଼ିଯିବାରୁ ଚକ ଲାଇନ ବାହାରକୁ ଚାଲିଯାଇଥିଲା ଫଳରେ ଟ୍ରେନର ବ୍ରେକଭେନ୍ ସହ ଦୁଇଟ୍ରେନ୍ ବଗି ଲାଇନଚ୍ୟୁତ ହୋଇଥିଲା।ସୂଚନା ଯୋଗ୍ୟ ଯେ ଚକ୍ରଧରପୁର ଡିଭିଜନରେ ଥିବା ବଲାଣି ଖଦାନର ରୁଙ୍ଗଟା ପ୍ରାଇଭେଟ୍ ସାଇଡିଂରେ କିଛିଦିନ ପୂର୍ବେ ଟ୍ରେନଟି ଲୌହଗୁଣ୍ଡ କଞ୍ଚାମାଲ ବୋଝେଇ ହୋଇ ଛିଡ଼ା ହୋଇଥିଲା।